# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୭/୨୦୧୮ (୨୦ ପୃଷ୍ଠା+ ଛୁଟିଦିନ) Sambalpur, Sunday, October 7/ 2018 ★★

୧୪ଶ ଭାଗ ୨୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-








Cheil-1618/18

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୭/୨୦୧୮ | Sambalpur, Sunday, October 7/ 2018 | ପୃଷ୍ଠା-୧




**ବିଭିନ୍ନ ଦେଶରେ ରିଲିଜ ହେଉ 'ମଣ୍ଟୋ': ନନ୍ଦିତା ଦାସ**

ପାକିସ୍ତାନ ସମେତ ବିଶ୍ୱର ବିଭିନ୍ନ ଦେଶରେ ତାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ମଣ୍ଟୋ' ରିଲିଜ ହେବା ଚାହାନ୍ତି ଅଭିନେତ୍ରୀ-ନିର୍ଦ୍ଦେଶିକା ନନ୍ଦିତା ଦାସ। ୧୦

୧୬ **କୁଲଦୀପଙ୍କ ସଫଳତା**

ଭାରତୀୟ ଯୁବ ସ୍ପିନର କୁଲଦୀପ ଯାଦବ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି।








# ଖାତକୁ ଖସିଲା ମିନିବସ୍: ୨୨ ମୃତ



ଦୁର୍ଘଟଣାଗ୍ରସ୍ତ ମିନିବସ୍।

**ବନିହାଲ୍/ଜମ୍ମୁ,୬।୧୦(ପି.ଟି.)**

ଜମ୍ମୁ-କଶ୍ମୀରର ରାମବନ ଜିଲା ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଶନିବାର ଏକ ମିନିବସ୍ ଖାତକୁ ଖସିଯିବା ଫଳରେ ୨୨ ଜଣ ପ୍ରାଣ ହରାଇଛନ୍ତି। ଏଥିରେ ଅନ୍ୟ ୧୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଫଳରେ ମୃତ୍ୟୁସଂଖ୍ୟା ବୃଦ୍ଧିପାଇପାରେ ବୋଲି ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ୪ ମହିଳା ଥିବାବେଳେ ଦୁର୍ଘଟଣାରେ ☞ପୃଷ୍ଠା-୨

■ ତାରିଖ ଘୋଷଣା କଲେ ସିଇସି

# ୫ ରାଜ୍ୟରେ ନିର୍ବାଚନୀ ବିଗୁଲ୍

**ନୂଆଦିଲ୍ଲୀ, ୬।୧୦(ପି.ଟି.)**

ଊଣେଇଶ ମହାସମର ପୂର୍ବରୁ ଦେଶରେ ରାଜନୈତିକ ବାତାବରଣ ଉଷ୍ମ ରହିଥିବାବେଳେ ଶନିବାର ୫ ରାଜ୍ୟରେ ବାଜିଛି ନିର୍ବାଚନୀ ବିଗୁଲ୍। ମଧ୍ୟପ୍ରଦେଶ (ଏମ୍‌ପି), ରାଜସ୍ଥାନ, ଛତିଶଗଡ଼, ତେଲେଙ୍ଗାନା ଏବଂ ମିଜୋରାମ୍‌ରେ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା ହୋଇଛି। ନଭେମ୍ବର ୧୨ରୁ ଡିସେମ୍ବର ୭ ମଧ୍ୟରେ ଏ ସମସ୍ତ ରାଜ୍ୟରେ ମତଦାନ ପ୍ରକ୍ରିୟା ଶେଷ ହେବ। ଚାରୋଟି ରାଜ୍ୟରେ ଗୋଟିଏ ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବାବେଳେ କେବଳ ଛତିଶଗଡ଼ରେ ଦୁଇ ପର୍ଯ୍ୟାୟରେ ମତଦାନ ହେବ ବୋଲି ନିର୍ବାଚନ କମିଶନ (ଇସି) ଘୋଷଣା କରିଛନ୍ତି। ଡିସେମ୍ବର ୧୧ରେ ଭୋଟ ଫଳାଫଳ ପ୍ରକାଶ ପାଇବ। ତେବେ ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଏହି ଭୋଟ ଜିତିବା ଉଭୟ ଭାଜପା ଏବଂ କଂଗ୍ରେସ ପାଇଁ ସମ୍ମାନର ବିଷୟ।




ସିଇସି ଓ.ପି. ରାୱତ୍।

ଏମ୍‌ପି, ରାଜସ୍ଥାନ ଏବଂ ଛତିଶଗଡ଼ରେ ଲୋକଙ୍କ ଆସ୍ଥା ଜିଣି ପୁନଃ କ୍ଷମତା ଦଖଲ କରିବା ଭାଜପା ପାଇଁ ସବୁଠୁ ବଡ଼ ପରୀକ୍ଷା।

ମୁହାଁମୁହିଁ ହେବା ପାଇଁ ପ୍ରସ୍ତୁତ ହୋଇରହିଛି ନିର୍ବାଚନୀ କ୍ଷେତ୍ର। କେବଳ ☞ପୃଷ୍ଠା-୨

**ବିଧାନସଭା ନିର୍ବାଚନ ୨୦୧୮**

| ରାଜ୍ୟ | ଆସନ | ଭୋଟ ତାରିଖ |
|---|---|---|
| ଛତିଶଗଡ | ୯୦ | ୧ମ ପର୍ଯ୍ୟାୟ (୧୮) ନଭେମ୍ବର ୧୨<br>୨ୟ ପର୍ଯ୍ୟାୟ (୭୨) ନଭେମ୍ବର ୨୦ |
| ମଧ୍ୟପ୍ରଦେଶ | ୨୩୦ | ନଭେମ୍ବର ୨୮ |
| ମିଜୋରାମ | ୪୦ | ନଭେମ୍ବର ୨୮ |
| ରାଜସ୍ଥାନ | ୨୦୦ | ଡିସେମ୍ବର ୭ |
| ତେଲେଙ୍ଗାନା | ୧୧୯ | ଡିସେମ୍ବର ୭ |

୫ ରାଜ୍ୟରେ ଭୋଟ ଗଣତି ଡିସେମ୍ବର ୧୧

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ବଡ଼ ସଫଳତା

**ଆଜିର ମନ୍ତବ୍ୟ**

"ଅର୍ଥନୈତିକ ସନ୍ତୁଳନ ବିନା ରାଜନୈତିକ ସ୍ଥିରତା ଅସମ୍ଭବ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ










## ୨ଚୋରା ମଦ ବେପାରୀ ଗିରଫ

ନୀଳଗିରି , ୬।୧୦ (ଡି.ଏନ.ଏ.): ନୀଳଗିରି ଅବକାରୀ ବିଭାଗ କର୍ମଚାରୀ ବିଭିନ୍ନ ସ୍ଥାନରେ ଶନିବାର ଚଢାଉ କରି ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ତାଙ୍କଠାରୁ ସମୁଦାୟ ୮୦ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଧୋବଶିଳା ଗାଁର ଚିନ୍ତାମଣି ସ ଓ ନୂଆସାହି ଗାଁର ବାଙ୍ଗୁର ସିଂ।

NATIONAL EGG CO-ORDINATION COMMITTEE 06.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 60 | 106 | 116 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 63 | 110 | 120 |
| ANG | 62 | 109 | 119 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers




FEW SEATS LEFT
Hurry-Up !!
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
PGDCA, BCA, MCA, MSW, B.BA, MBA, BLib,MLib, MEd., MPhil, Ph.D
Regular & Distance at lower rate
Approved by UGC, NCTE & Equivalent to Odisha Board & University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436

# ବିଜେଡି ଛାଡିଲେ ପୂର୍ବତନ ଏମପି ଲକ୍ଷ୍ମଣ ଟୁଡୁ

**ବାରିପଦା ଅଫିସ,୬।୧୦**

ମୟୂରଭଞ୍ଜର ପୂର୍ବତନ ଲୋକସଭା ସଦସ୍ୟ ଲକ୍ଷ୍ମଣ ଟୁଡୁ ଶନିବାର ଇସ୍ତଫା ଦେଇଛନ୍ତି। ଦଳ ଛାଡିବା କାରଣ ସମ୍ପର୍କରେ ସେ କିଛି ସ୍ପଷ୍ଟ କରିନାହାନ୍ତି। ଶନିବାର ଡାକ ଯୋଗେ ତାଙ୍କ ଇସ୍ତଫାପତ୍ର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା କହିଛନ୍ତି।



ପୂର୍ବତନ ଏମପି ଲକ୍ଷ୍ମଣ ଟୁଡୁ

ଲକ୍ଷ୍ମଣ ୨୦୦୯ରେ ମୟୂରଭଞ୍ଜ ଲୋକସଭା ଆସନରୁ ବିଜେଡି ଏମ୍‌ପି ଭାବେ ବିଜୟୀ ହୋଇଥିଲେ । ୨୦୧୪ରେ ହୋଇଥିବା ନିର୍ବାଚନରେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ସେହିପରି ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ସେ ରାଜ୍ୟ ଯୁବ ଜନତା ଦଳର ଉପସଭାପତି ଥିଲେ। ୧୯୯୮ରୁ ୨୦୦୬ ପର୍ଯ୍ୟନ୍ତ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ଏବଂ ୨୦୦୬ରୁ ୨୦୦୯ ଯାଏ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଦାୟିତ୍ୱରେ ରହିଥିଲେ। ଏହା ପରେ ଦଳ ପକ୍ଷରୁ ତାଙ୍କୁ ମୟୂରଭଞ୍ଜ ଜିଲା ସଭାପତି ଭାବେ ସଙ୍ଗଠନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରେ ତାଙ୍କୁ ଦାୟିତ୍ୱରୁ ହଟାଇ ମୋରଡା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କୁ ଜିଲା ସଭାପତି କରାଯାଇଥିଲା। ସେବେଠୁ ଲକ୍ଷ୍ମଣଙ୍କୁ କୌଣସି ଦାୟିତ୍ୱ ଦିଆଯାଇ ନ ଥିଲା। ବିଗତ କିଛି ଦିନ ଧରି ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁ ନ ଥିଲା। ଦଳ ପକ୍ଷରୁ ତାଙ୍କୁ ଅଣଦେଖା କରାଯାଇଥିବାରୁ ସେ ଇସ୍ତଫା ଦେଇଥିବା ତାଙ୍କ ସମର୍ଥକ ମହଲ ଚର୍ଚ୍ଚା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଲକ୍ଷ୍ମଣ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ କିଛି ଚିନ୍ତା କରି ନ ଥିବା କହିଛନ୍ତି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }







# Ex-showroom price of XL100 Comfort variant. ##Finance at the sole discretion of the financier. Finance scheme mentioned is for XL100 Comfort only. ** Cashback+vouchers worth ₹6000/- only through Paytm at select dealership only. Offers cannot be clubbed. T&C apply.

TVS 3 YEAR WARRANTY

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042.

dentsuindia/dhr sam/33/18

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଅକ୍ଟୋବର ୭/୨୦୧୮



ପଞ୍ଜାବ ଆସିଷ୍ଟାଣ୍ଟ ଇନସ୍ପେକ୍ଟର ଜେନେରାଲ(କ୍ରାଇମ) ରଣଧିର ସିଂ ଉପ୍ପଲଙ୍କ ନାଁରେ ଆସିଛି ଏକ ସଙ୍ଗୀନ ଅଭିଯୋଗ। ଜଣେ ଆଇନ ଛାତ୍ରୀଙ୍କୁ ସେ ବାରମ୍ବାର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉପ୍ପଲଙ୍କ ନାଁରେ ଏକ ମାମଲା ରୁଜୁ ହୋଇଛି। ତେବେ ଘଟଣାର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଆଡିଶନାଲ ଡେପୁଟି କମିଶନର ଅଫ୍ ପୋଲିସ ଲଖବୀର ସିଂ ।



## ସଂକ୍ଷେପରେ

### ରାଜ୍ୟ ସରକାରୀ କର୍ମଚାରୀଙ୍କୁ ପୂଜା ଅଗ୍ରିମ ୨୦ ହଜାର

ଭୁବନେଶ୍ୱର, ୬।୧୦(ବ୍ୟୁରୋ):ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଚଳିତ ବର୍ଷ ପୂଜା ଅଗ୍ରିମ ବାବଦକୁ ୨୦ ହଜାର ଟଙ୍କା ମିଳିବ। ଅର୍ଥ ବିଭାଗ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଶନିବାର ଅନୁମୋଦନ କରିଛି। ପୂର୍ବରୁ ପୂଜା ଅଗ୍ରିମ ବାବଦକୁ ୧୫ ହଜାର ଟଙ୍କା ମିଳୁଥିଲା। ସପ୍ତମ ବେତନ କମିଶନ ସୁପାରିସ ଅନୁସାରେ ରାଜ୍ୟ ପେ-ମାଟ୍ରିକ୍ସ ଅନୁଯାୟୀ ପେ-ଲେଭଲ ୯ କିମ୍ବା ତା'ତଳକୁ ଥିବା କର୍ମଚାରୀ ଏହି ଅଗ୍ରିମ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏହି ଅଗ୍ରିମ ପରବର୍ତ୍ତୀ ମାସର ଦରମାରୁ ୧୦ଟି ସମାନ କିସ୍ତିରେ ପରିଶୋଧ କରାଯିବ। ଯେଉଁ କର୍ମଚାରୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଗ୍ରିମ ପରିଶୋଧ କରିପାରିବେ ନାହିଁ, ସେମାନେ ଋଣ ସମ୍ପୂର୍ଣ୍ଣ ପରିଶୋଧ ନ କରିପାରିବା ପର୍ଯ୍ୟନ୍ତ ପରବର୍ତ୍ତୀ ବର୍ଷ ପୂଜା ଅଗ୍ରିମ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

■ ଛାତ୍ରଙ୍କୁ ପାଣି ବୁହାଇବା ମହଙ୍ଗା ପଡ଼ିଲା

### ପ୍ରଧାନଶିକ୍ଷକ ନିଲମ୍ବିତ

ବାସୁଦେବପୁର, ୬।୧୦(ଡି.ଏନ.ଏ.): ସ୍କୁଲ ବାହାରକୁ ଛାତ୍ରଙ୍କୁ ପଠାଇ ପିଇବା ପାଣି ବୁହାଇବା ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଚାରିବାଟିଆ ୟୁଜିଏମଇ ସ୍କୁଲର ପ୍ରଧାନଶିକ୍ଷକ ବିଷ୍ଣୁମୋହନ ସୂତାରଙ୍କୁ ଭାରି ପଡ଼ିଛି। ତଦନ୍ତ ପରେ ବ୍ଲକ ଶିକ୍ଷାଧିକାରୀ(ବିଇଓ) ରବୀନ୍ଦ୍ର ନାରାୟଣ ମଲିକ ଶନିବାର ଅପରାହ୍ନରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏନେଇ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା (ଚିଠି ନଂ. ୨୭୨୮/ ୬।୧୦।୧୮) ପ୍ରକାଶ ପାଇଛି। ନିଲମ୍ବିତ ଶିକ୍ଷକଙ୍କୁ ବିଇଓଙ୍କ ମୁଖ୍ୟ ଦପ୍ତରରେ ଅବସ୍ଥାପିତ କରାଯାଇ ତାଙ୍କ ସ୍ଥାନରେ ଶିକ୍ଷକ ଦିଲୀପ ମହାଳିକଙ୍କୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବରେ ଦାୟିତ୍ୱ ଦିଆଯାଇଛି। ସ୍କୁଲର ନଳକୂପରେ ଲୁଣିପାଣି ବାହାରୁଥିବାରୁ ଗତ ୩ତାରିଖରେ କେତେ ଜଣ ଛାତ୍ରଙ୍କୁ ସ୍କୁଲ ବାହାରେ ଥିବା ଏକ ନଳକୂପରୁ ବାଲ୍ଟିରେ ପାଣି ବୋହି ଆଣିବା ଲାଗି ପଠାଯାଇଥିଲା। ଏନେଇ ଅଭିଯୋଗ ହେବାପରେ ବିଇଓ ମଲିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି।

# 'ନିର୍ମାଣ କୁସୁମ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ନିର୍ମାଣ ଶ୍ରମିକଙ୍କ ପିଲାମାନଙ୍କ ବୈଷୟିକ ଶିକ୍ଷା ପାଇଁ 'ନିର୍ମାଣ କୁସୁମ' ଯୋଜନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଶୁଭାରମ୍ଭ କରିଛନ୍ତି। ସୂଚନାଭବନଠାରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରୀ କଲେଜରେ ଆଇଟିଆଇ, ପଲିଟେକ୍ନିକ୍ ଓ ଡିପ୍ଲୋମା କରିବା ପାଇଁ ଶତ ପ୍ରତିଶତ ଆର୍ଥିକ ସୁବିଧା ଦିଆଯିବ। ଏହି ଯୋଜନାରେ ନିର୍ମାଣ

■ ନିର୍ମାଣ ଶ୍ରମିକ ପିଲାଙ୍କ ବୈଷୟିକ ଶିକ୍ଷା ପାଇଁ ଦିଆଯିବ ଆର୍ଥିକ ସହାୟତା

■ ୨ଗୁଣ ବଢ଼ିଲା ମୃତ୍ୟୁକାଳୀନ ଅନୁକମ୍ପା ରାଶି

ଶ୍ରମିକଙ୍କ କନ୍ୟା ସନ୍ତାନମାନଙ୍କ ଶିକ୍ଷା ପାଇଁ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ସ୍ନାତକୋତ୍ତର ଶିକ୍ଷା ପର୍ଯ୍ୟନ୍ତ ପ୍ରତି ସ୍ତରରେ ସହାୟତା ରାଶିର ପରିମାଣକୁ




'ନିର୍ମାଣ କୁସୁମ' ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଅନ୍ୟମାନେ ।

୨୦ ପ୍ରତିଶତ ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଇଟିଆଇ ଶିକ୍ଷା ପାଇଁ ୨୩,୬୦୦ ଟଙ୍କା ଓ ଡିପ୍ଲୋମା ଶିକ୍ଷା ପାଇଁ ୨୬,୩୦୦ ଟଙ୍କାର ଆର୍ଥିକ ସୁବିଧା ପ୍ରଦାନ କରାଯାଉଛି। ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ୧୮୭୮ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ୧.୦୯ କୋଟି ଟଙ୍କାର ସହାୟତା ଜମା କରାଯାଇଛି। ଏଥି ସହିତ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରକୁ ସହାୟତା ରାଶିର ପରିମାଣକୁ ମଧ୍ୟ ଦୁଇଗୁଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିର୍ମାଣ ଶ୍ରମିକଙ୍କ ସ୍ୱାଭାବିକ ମୃତ୍ୟୁକ୍ଷେତ୍ରରେ ସେମାନଙ୍କ ପରିବାରକୁ ଅନୁକମ୍ପା ରାଶିର ପରିମାଣକୁ ୧ଲକ୍ଷରୁ ୨ଲକ୍ଷ ଏବଂ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସହାୟତା ରାଶିର ପରିମାଣ ୨ଲକ୍ଷରୁ ୪ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସମସ୍ତଙ୍କ ଭଳି ନିର୍ମାଣ ଶ୍ରମିକଙ୍କର ମଧ୍ୟ ସ୍ୱପ୍ନ ରହିଛି ଯେ ସେମାନଙ୍କ ପିଲା ଭଲ ମଣିଷ ହେବେ ଓ ସୁଖରେ ରହିବେ। ରାଜ୍ୟ ସରକାରଙ୍କ ଏହି ଯୋଜନା ନିର୍ମାଣ ଶ୍ରମିକଙ୍କ ସେହି ସ୍ୱପ୍ନକୁ ପୂରଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ ପୌରୋହିତ୍ୟ କରି କହିଲେ, ରାଜ୍ୟର ୩୦ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୪ଲକ୍ଷ ୩୭ହଜାର ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ଏହା ୨୫ଲକ୍ଷରେ ପହଞ୍ଚିବ। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶ୍ରମ କମିଶନର ଅଞ୍ଜନ କୁମାର ମାଣିକ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ବଲୱନ୍ତ ସିଂ, ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ସଞ୍ଜୟ କୁମାର ସିଂ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରମିକମାନଙ୍କ ଝିଅପୁଅଙ୍କୁ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନରେ ଆଇଟିଆଇ ଏବଂ ଡିପ୍ଲୋମା ଶିକ୍ଷାରେ ଅଧ୍ୟୟନ ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ସ୍ୱାସ୍ଥ୍ୟସେବା ପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ସ୍ୱୀକୃତି ପୁରସ୍କାର

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ସ୍ୱୀକୃତି ପୁରସ୍କାର ମିଳିଛି। ଏହି ପୁରସ୍କାର ନୂଆଦିଲ୍ଲୀରେ ଇଣ୍ଡିଆନ୍ ଏକ୍ସପ୍ରେସ୍ ଗ୍ରୁପ୍ ପକ୍ଷରୁ ଆୟୋଜିତ ହେଲ୍‌ଥକେୟାର ସଭାରେ ପ୍ରଦାନ କରାଯାଇଛି। ଅନୁଷ୍ଠିତ ସଭାରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ହରପ୍ରସାଦ ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଭିନ୍ନ ସୂଚକାଙ୍କରେ ଓଡ଼ିଶା ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଦର୍ଶିତ ଉପଲବ୍ଧିକୁ ଆଧାର କରି ଏହି ପୁରସ୍କାର ପ୍ରଦାନ କରାଯାଇଛି। ତେବେ ଏଥିରେ ଝାଡଖଣ୍ଡ, ତାମିଲନାଡୁ, ଆସାମ ସହିତ ଓଡ଼ିଶାକୁ ପୁରସ୍କୃତ କରାଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସୂଚକାଙ୍କରେ ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିଥିବାରୁ ଏହି ପୁରସ୍କାର ପାଇଛି। ସଭାରେ ନୀତି ଆୟୋଗ ସଦସ୍ୟ ତଥା ଭାରତୀୟ ମେଡିକାଲ କାଉନସିଲର ପରବର୍ତ୍ତୀ ଅଧ୍ୟକ୍ଷ ଡ. ଭି.କେ. ପଲ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ।

## ଜଗା ବଳିଆଙ୍କୁ ଭେଟିଲେ କନ୍ଧମାଳ ଏମ୍‌ପି

ଭୁବନେଶ୍ୱର, ୬।୧୦ (ବ୍ୟୁରୋ)

ଜଗା ବଳିଆଙ୍କୁ ଏମସ୍‌ରେ ଭେଟିଛନ୍ତି କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ। ଶନିବାର ଏମ୍‌ପି ଏମସ୍ ଯାଇ ଜଗା ବଳିଆଙ୍କୁ ଦେଖିବା ସହିତ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସାକ୍ଷାତ କରି ଦୁଇଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏମ୍‌ପି ଏମ୍‌ସ ଗଲାବେଳେ ଜଗା ବଳିଆଙ୍କ ପାଇଁ ସାଙ୍ଗରେ ଫଳ ମଧ୍ୟ ନେଇଥିଲେ। ଜଗା ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ବଳିଆକୁ ଜ୍ୱର ହେଉଥିଲା। ବଳିଆଠାରୁ ୩ରୁ ୪ ଦିନ ହେବ ଜ୍ୱର ଛାଡିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ପୂର୍ବରୁ ଜଗାର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ବେଳେ ବଳିଆର ସ୍ୱାସ୍ଥ୍ୟାବସ୍ଥାରେ ଆଖିଦୃଷ୍ଟିଆ ସୁଧାର ଆସି ପାରୁ ନ ଥିଲା। ଏହାପରେ ରାଜ୍ୟ ସରକାର ଜଗା ବଳିଆ ସମ୍ପୂର୍ଣ୍ଣ ସୁସ୍ଥ ହେବାଯାଏ ଦିଲ୍ଲୀ ଏମସ୍‌ରେ ରଖାଯାଇ ଚିକିତ୍ସା କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ।

# ରାଜ୍ୟର ୧୦୦ ସ୍ଥାନରେ ଏଲପିଜି ପଞ୍ଚାୟତ

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ଓଡ଼ିଶାର ୧୦୦ ସ୍ଥାନରେ ଶନିବାର ଆୟୋଜିତ ହୋଇଥିଲା ଏଲପିଜି ପଞ୍ଚାୟତ। ଏଥିରେ ସାମିଲ ହୋଇଥିଲେ ଉଜ୍ଜ୍ୱଳା ଯୋଜନାର ୧୮ହଜାରରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ। ସେମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭାବବିନିମୟ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଧର୍ମେନ୍ଦ୍ର କହିଥିଲେ ଯେ, ଗରିବ ମା'ଭଉଣୀମାନଙ୍କ ସେବା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ପ୍ରତିଶ୍ରୁତି କେବଳ ଭାଷଣ ନ ଥିଲା, ତାହା ଥିଲା ଏକ ଦାୟିତ୍ୱ। ଉଜ୍ଜ୍ୱଳା ଯୋଜନାରେ ଏଲପିଜି ସଂଯୋଗ ପହଞ୍ଚାଇ ମା'ଆଖିରୁ ଲୁହ ପୋଛି ସେ ତାଙ୍କ ପ୍ରତିଶ୍ରୁତିକୁ କାମରେ ପରିଣତ କରିଛନ୍ତି।

କେନ୍ଦ୍ରରେ ଏନ୍‌ଡିଏ ସରକାର ଆସିବା ପରେ ରାଜ୍ୟର ୫୩ ଲକ୍ଷ ପରିବାରକୁ ନୂଆ ଏଲ୍‌ପିଜି ସଂଯୋଗ ଦିଆଯାଇଛି। ତନ୍ମଧ୍ୟରୁ ୩୪ ଲକ୍ଷ ଉଜ୍ଜ୍ୱଳା ଯୋଜନା ଜରିଆରେ ସଂଯୋଗ କରାଯାଇଛି। ରାଜ୍ୟରେ ଥିବା ପ୍ରାୟ କୋଟିଏ ପରିବାର ମଧ୍ୟରୁ ୨୦୧୪ ସୁଦ୍ଧା ୨୦ ଲକ୍ଷ ଘରେ ଗ୍ୟାସ ସଂଯୋଗ ହୋଇଥିଲା, ଯାହା ବର୍ତ୍ତମାନ ପ୍ରାୟ ୭୩ ଲକ୍ଷରେ ପହଞ୍ଚିଛି। ଧର୍ମେନ୍ଦ୍ର କହିଛନ୍ତି ଯେ, ୨୦୧୪ ସୁଦ୍ଧା ଦେଶରେ ୧୩ କୋଟି ଏଲ୍‌ପିଜି ସଂଯୋଗ ଦିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହା ୨୩ କୋଟିରେ ପହଞ୍ଚିଛି। ଉଜ୍ଜ୍ୱଳା ମାଧ୍ୟମରେ




ଭିଡିଓ କନଫରେନ୍ସ ଜରିଆରେ ଉଜ୍ଜ୍ୱଳା ଯୋଜନାର ମହିଳା ହିତାଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭାବ ବିନିମୟ।

■ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ଭାଷଣ ନୁହେଁ, ଏକ ଦାୟିତ୍ୱ: ଧର୍ମେନ୍ଦ୍ର

■ ୧୮ ହଜାର ମହିଳାଙ୍କ ସହ କଥା ହେଲେ କେନ୍ଦ୍ରମନ୍ତ୍ରୀ

ଦେଶର ୫ କୋଟିରୁ ଅଧିକ ପରିବାରକୁ ମାଗଣା ଗ୍ୟାସ ସଂଯୋଗ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯୋଜନା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ମୟୂରଭଞ୍ଜ, କୋରାପୁଟ, ଅନୁଗୋଳ, ସମ୍ବଲପୁର ଓ ଗଞ୍ଜାମ ଜିଲାରେ ୨୫ ହିତାଧିକାରୀଙ୍କ ସହ ସିଧା ଆଲୋଚନା କରି କେନ୍ଦ୍ରମନ୍ତ୍ରୀ ପ୍ରଧାନ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ମହିଳାମାନେ ଉଜ୍ଜ୍ୱଳା ବ୍ୟବହାର କରି ସମୟ ବଞ୍ଚାଇ ପାରିବା ସହ କ୍ଷତିକାରକ ଧୂଆଁରୁ ରକ୍ଷା ପାଇ ପାରୁଥିବା ମତବ୍ୟକ୍ତ କରିଛନ୍ତି। ଶେଷରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ମା' ଭଉଣୀଙ୍କ ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ। ଉଜ୍ଜ୍ୱଳା ଯୋଜନାରେ କୌଣସି ଅଧିକାରୀ ଲାଞ୍ଚ ମାଗୁଥିଲେ, ତୁରନ୍ତ ଜଣାନ୍ତୁ। କୌଣସି ବିତରକ ଦଲାଲି କଲେ ତାଙ୍କୁ ଜେଲ୍ ପଠାଯିବ। ଯୋଜନାର ସଫଳତା ପାଇଁ ନାଗରିକଙ୍କ ସହଯୋଗର ଆବଶ୍ୟକତା ରହିଛି। ସେହିପରି ଏଲ୍‌ପିଜି ବ୍ୟବହାର ସମୟରେ ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦେବାକୁ ସେ ମହିଳା ହିତାଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ତୈଳ ଦର ବୃଦ୍ଧିକୁ ନେଇ ଅମୁନି ରାଜନୀତି

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

କେନ୍ଦ୍ର ସରକାର ଦୈନିକ ତୈଳ ଦର ବୃଦ୍ଧି ଓ ହ୍ରାସକୁ ନେଇ ଦ୍ୱନ୍ଦ୍ୱ ଓ କୁହେଳିକା ସୃଷ୍ଟି କରୁଥିବା ଅଭିଯୋଗ ଆଣିଛନ୍ତି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା । ତେଲରୁ ଭାଟ୍ ହ୍ରାସ ନେଇ ରାଜ୍ୟକୁ କେନ୍ଦ୍ରର ପ୍ରସ୍ତାବ ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ରଖି ଶନିବାର ଏପରି ମନ୍ତବ୍ୟ ରଖିଛନ୍ତି ।

ଶଶିଭୂଷଣ କହିଛନ୍ତି ଯେ, ତେଲରୁ ଭାଟ୍ କମାଇବା ପାଇଁ କେନ୍ଦ୍ରର ପ୍ରସ୍ତାବକୁ ନେଇ ତର୍ଜମା ଚାଲିଛି । ସମସ୍ତ ଦିଗରୁ ତର୍ଜମା ପରେ ନିଷ୍ପତ୍ତି ନିଆଯିବ । ହେଲେ ୧୨ଟି ରାଜ୍ୟରେ ଓଡ଼ିଶାଠାରୁ ଅଧିକ ଦାମ୍‌ରେ ପେଟ୍ରୋଲ ବିକ୍ରି ହେଉଛି । ୨୦୧୪ରେ କେନ୍ଦ୍ର ଟିକସ ବାବଦକୁ ଲିଟର ପିଛା ୯ଟଙ୍କା ୪୭ ପଇସା ନେଉଥିଲା । ବିଗତ ୪ ବର୍ଷ ମଧ୍ୟରେ ୯ଥର ଦର ବୃଦ୍ଧି କରି ୧୯ ଟଙ୍କାରୁ ଅଧିକ ନେଲାଣି। ଏବେ ରାଜ୍ୟଗୁଡ଼ିକ ତୈଳରୁ ୯୬ ହଜାର କୋଟି ଟଙ୍କା ଟିକସ ପାଉଛି । ତେବେ କେନ୍ଦ୍ର ସରକାର ତୈଳ ବାବଦ ଟିକସ ଅଢେଇ ହଜାର କୋଟି ଟଙ୍କା ନେଉଥିବା ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ଶଶିଭୂଷଣ କେନ୍ଦ୍ରୀୟ ଟିକସ ହ୍ରାସ ପରେ କେନ୍ଦ୍ର ଏବଂ ରାଜ୍ୟର ଭାଗ ନେଇ ମଧ୍ୟ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଲିଟର ପିଛା ୧ଟଙ୍କା ୯୬ ପଇସା ହ୍ରାସ କରିଥିବାବେଳେ ରାଜ୍ୟର ପୂର୍ବାପେକ୍ଷା ୫୧ ପଇସା କମିଛି। ଆମେ ୫ ଟଙ୍କା ଟିକସ ହ୍ରାସ କରିବା ପାଇଁ ଦାବି କରିଥିଲୁ । କେନ୍ଦ୍ର ୫ଟଙ୍କା କମାଇଥିଲେ ଆମେ ୧ଟଙ୍କା ୩୦ ପଇସା ଛାଡିଥାନ୍ତୁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।



ଶଶିଭୂଷଣ ବେହେରା



ସଜ୍ଜନ ଶର୍ମା

■ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି କେନ୍ଦ୍ର : ଶଶିଭୂଷଣ

■ ରାଜ୍ୟ ସରକାରଙ୍କ ଅସଲ ମୁଖା ପଦାରେ ପଡିଛି : ସଜ୍ଜନ

ଅର୍ଥମନ୍ତ୍ରୀଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି ଭାଜପା ମୁଖପାତ୍ର ସଜ୍ଜନ ଶର୍ମା। ସେ କହିଛନ୍ତି ଯେ, କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ୨.୫୦ ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିସାରିଛନ୍ତି। ସଂଖ୍ୟାଧିକ ରାଜ୍ୟ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକ୍ରମେ ଶୁଳ୍କ ହ୍ରାସ କରିଛନ୍ତି। ହେଲେ ଓଡ଼ିଶା ସରକାର ଏହା କରିନାହିଁ। ଏତେବେଳ ଯାଏ ଶୁଳ୍କ ହ୍ରାସ ନେଇ ନିଷ୍ପତ୍ତି ନ ନେବା ସରକାରଙ୍କ ଅସଲ ମୁଖାକୁ ପଦାରେ ପକାଇଥିବା ସଜ୍ଜନ କହିଛନ୍ତି।

## ପୁରୀ ହିଂସା : ଆମିକସ୍ କ୍ୟୁରିଙ୍କୁ ରିପୋର୍ଟ ଦେଲେ ମୁଖ୍ୟ ପ୍ରଶାସକ

ପୁରୀ ଅଫିସ, ୬।୧୦: ପୁରୀ ବନ୍ଦ ବେଳେ ଶ୍ରୀମନ୍ଦିର ବ୍ୟାରିକେଡ, ବାଇଶିପାହାଚ, ସୂଚନା କେନ୍ଦ୍ର, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା ହୋଇଥିଲା। ଶ୍ରୀମନ୍ଦିର ସଂସ୍କାର ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରି ଏହି ହିଂସାକାଣ୍ଡର ରିପୋର୍ଟ ମାଗିଥିଲେ। ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କ ପାଖକୁ ରିପୋର୍ଟ ପଠାଇଛନ୍ତି। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ପୁରୀ ବନ୍ଦ ବେଳେ ଉପରୋକ୍ତ ସ୍ଥାନରେ ହୋଇଥିବା ହିଂସାକାଣ୍ଡର ଭିଡିଓ, ସିସିଟିଭି ଫୁଟେଜ ଏବଂ ଫଟୋଗ୍ରାଫି ଆମିକସ୍ କ୍ୟୁରିଙ୍କ ପାଖକୁ ପଠାଯାଇଛି। ସେ ଖୁବ୍ ଶୀଘ୍ର ପୁରୀ ଗସ୍ତରେ ଆସିବେ। ସୂଚନାଥାଉ କି, ଆସନ୍ତା ୨୩ ତାରିଖରେ ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି ସୁପ୍ରିମ୍‌କୋର୍ଟରେ ରହିଛି। ତେଣୁ ଘଟଣାର ସିସିଟିଭି ଓ ଭିଡିଓ ଫୁଟେଜ ଏବଂ ମୁଖ୍ୟ ପ୍ରଶାସକଙ୍କ ରିପୋର୍ଟକୁ ଆମିକସ୍ କ୍ୟୁରି ସୁପ୍ରିମ୍‌କୋର୍ଟରେ ଦାଖଲ କରିବେ ବୋଲି କୁହାଯାଉଛି।

### ପୁରୀ ଲୋକ ସଭା ଆସନରୁ ମୋଦିଙ୍କ ପ୍ରାର୍ଥିତ୍ୱ ପ୍ରସଙ୍ଗ

## ପ୍ରଧାନମନ୍ତ୍ରୀ, ସଂସଦୀୟ ବୋର୍ଡ ନିଷ୍ପତ୍ତି ନେବେ: ଅରୁଣ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଲୋକ ସଭା ଆସନରୁ ପ୍ରାର୍ଥୀ ହେବା ପ୍ରସଙ୍ଗରେ ଶନିବାର ମତ ରଖିଛନ୍ତି ରାଜ୍ୟ ଭାଜପା ପ୍ରଭାରୀ ଅରୁଣ ସିଂ। ପୁରୀରୁ ପ୍ରାର୍ଥୀ ହେବା ନେଇ ନିଜେ ପ୍ରଧାନମନ୍ତ୍ରୀ ଓ ଭାଜପା ସଂସଦୀୟ ବୋର୍ଡ ଚୂଡାନ୍ତ ନିଷ୍ପତ୍ତି ନେବ। ଓଡ଼ିଶାରେ ଭାଜପା ଏକତରଫା ବିଜୟ ହାସଲ କରିବ । ଆମେ ମିଶନ ୧୨୦+ ଲକ୍ଷ୍ୟରେ ଆଗକୁ ବଢୁଛୁ ବୋଲି ଅରୁଣ କହିଛନ୍ତି। ଭାଜପା ପ୍ରଭାରୀଙ୍କ ଏପରି ଦୃଢୋକ୍ତି ଉପରେ ମତ ରଖିଛନ୍ତି ପୁରୀ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ସେ କହିଛନ୍ତି ଯେ, ବିଜୁ ଜନତା ଦଳର ଚେର ତଳକୁ ଯାଇଛି। ପୁରୀ

**ପ୍ରଭାବ ପଡିବନି : ମହେଶ୍ୱର**



ଅରୁଣ ସିଂ

ଲୋକ ସଭା ଆସନରୁ ମୋଦି ଛିଡ଼ା ହେଲେ କିଛି ଅସୁବିଧା ହେବ ନାହିଁ। କିଏ କେଉଁଠି ଛିଡ଼ା ହେବେ, ତାହା ତାଙ୍କ ଅଧିକାର ଓ ପସନ୍ଦ । ବିଜେଡି ପ୍ରତି ଲୋକଙ୍କ ଭଲପାଇବା ଓ ସମର୍ଥନ ରହିଛି। ଭାଜପା ଲୋକଙ୍କୁ ଅଯଥା ବିଭ୍ରାନ୍ତ କରି ଗୋଳିଆ ପାଣିରୁ ଫାଇଦା ନେବାକୁ ଚେଷ୍ଟା କରୁଛି ବୋଲି ମହେଶ୍ୱର କହିଛନ୍ତି ।

# ରିହାତି ଆଳରେ ଭେଳିକି

ବରଗଡ଼ ଅଫିସ,୬।୧୦

ବରଗଡ଼ ଜିଲାରେ ଖରିଫ ଧାନ ଫସଲରେ ଚକଡ଼ା ରୋଗପୋକ ଉପଦ୍ରବ ଦେଖାଦେଇଛି । ଚକଡ଼ା ଦମନ ପାଇଁ ୫୦ ପ୍ରତିଶତ ରିହାତିରେ କୀଟନାଶକ ଯୋଗାଣ ବ୍ୟବସ୍ଥା କରାଯାଇଛି ବୋଲି କୃଷିବିଭାଗ ଲିଫ୍‌ଲେଟ୍, ବ୍ୟାନର ମାଧ୍ୟମରେ ପ୍ରଚାର କରୁଛି । ମାତ୍ର ସେହି ରିହାତି ଚାଷୀଙ୍କ ପାଇଁ ଭେଳିକିରେ ପରିଣତ ହୋଇଛି । ଚାହିଦା ମୁତାବକ କୀଟନାଶକ ଦିଆଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । କୀଟନାଶକରେ ୫୦ ପ୍ରତିଶତ ରିହାତି ନୁହେଁ, ଜଣେ ଚାଷୀଙ୍କୁ କେବଳ ସର୍ବାଧିକ ୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଥିବା ଜଣାପଡ଼ିଛି । ଏହାକୁ ନେଇ ଜିଲାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

କୃଷିବିଭାଗର ଆକଳନ ରିପୋର୍ଟ ଅନୁସାରେ ଚକଡ଼ା ରୋଗପୋକ ଉପଦ୍ରବ ନିୟନ୍ତ୍ରଣାଧୀନ ରହିଛି । ମାତ୍ର ବାସ୍ତବତା ଭିନ୍ନ ଅଟେ । ଚକଡ଼ା ରୋଗପୋକ ଦିନକୁ ଦିନ ବ୍ୟାପିବାରେ ଲାଗିଛି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି । ସରକାରୀ ଆକଳନ ଅନୁସାରେ ଗତ ସପ୍ତାହରେ ଜିଲାରେ ୨୨୪୨ ହେକ୍ଟର ଧାନ ଫସଲ ଚକଡ଼ା ପ୍ରଭାବିତ ଫସଲ ଥିଲା । କିନ୍ତୁ ଚଳିତ ସପ୍ତାହ ତଥା ଶନିବାର ସୁଦ୍ଧା ତାହା ୧୭୪୫ ହେକ୍ଟରକୁ ଖସିଥିବା କୃଷି ବିଭାଗ ଆକଳନ କରିଛି ।



ବରଗଡ଼ ଜିଲାରେ ଜଣେ ଚାଷୀ କ୍ଷେତରେ କୀଟନାଶକ ସିଞ୍ଚନ କରୁଛନ୍ତି ।

■ ଚାହିଦା ମୁତାବକ ଚାଷୀଙ୍କୁ ମିଳୁନି କୀଟନାଶକ

■ ୫୦ପ୍ରତିଶତ ରିହାତିକୁ ନେଇ ଦ୍ୱନ୍ଦ୍ୱ

■ ସର୍ବାଧିକ ୫୦୦ ଟଙ୍କାରେ ସୀମିତ ରିହାତି

ଜଣେ ଛୋଟ ଅବା ବଡ଼ ଚାଷୀ ହେଉ, ତାଙ୍କୁ କେବଳ ୧୦୦ ଗ୍ରାମର ଗୋଟିଏ ପ୍ୟାକେଟ୍ ଚକଡ଼ା ଦମନ ପାଇଁ ଉଦ୍ଦିଷ୍ଟ କୀଟନାଶକ (ଅସିନ) ଦିଆଯାଉଛି। ସେହି କୀଟନାଶକର ଦର ୭୩୭ ଟଙ୍କା ୫୫ ପଇସା ଥିବାବେଳେ ଚାଷୀଙ୍କୁ ତାହା ୩୬୯ ଟଙ୍କାରେ ମିଳୁଛି । କାଣ୍ଡବିନ୍ଧା ରୋଗ ପାଇଁ ଉଦ୍ଦିଷ୍ଟ କୀଟନାଶକ କାଟା ହାଇଡ୍ରୋ କ୍ଲୋରାଇଡ୍‌ର ଦାମ କେଜି ପ୍ରତି ୮୬୯ ଟଙ୍କା ୮୫ ପଇସା ରହିଛି। ଚାଷୀଙ୍କୁ ଏହା ୪୩୫ ଟଙ୍କାରେ ଯୋଗାଇ ଦିଆଯାଉଛି । ସେହିପରି ଶଢ଼ାରୋଗ ପାଇଁ ଉଦ୍ଦିଷ୍ଟ କୀଟନାଶକର ଦର ୫୦୦ମିଲି ପ୍ରତି ୫୨୮ ଟଙ୍କା ୯୮ ପଇସା ରହିଥିବାବେଳେ ଚାଷୀଙ୍କୁ ତାହା ୨୬୪ ଟଙ୍କାରେ ମିଳୁଛି । ଜଣେ ଚାଷୀ ଚକଡ଼ା ଦମନ ପାଇଁ ୨ପ୍ୟାକେଟ୍ କୀଟନାଶକ ନେବାକୁ ଚାହିଁଲେ, ତାଙ୍କୁ ସେହି ହାରରେ ରିହାତି ମିଳିବା ତ ଦୂରର କଥା, କୀଟନାଶକ ଯୋଗାଇ ଦିଆଯାଉନାହିଁ। ଯଦି ଜଣେ ଚାଷୀଙ୍କୁ କୀଟନାଶକ ବାବଦକୁ ୫୦୦ ଟଙ୍କା ରିହାତି ମିଳି ସାରିଛି, ତାଙ୍କୁ ଅନ୍ୟ କୀଟନାଶକରେ ଆଉ ରିହାତି ଦିଆଯାଉନାହିଁ ।

ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଦିନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଥିଲେ, କୃଷି ବିଭାଗର ରାଜ୍ୟସ୍ତରୀୟ ବୈଷୟିକ କମିଟି ସେହି କୀଟନାଶକର ଦର ଏବଂ ରିହାତି ନିର୍ଦ୍ଧାରଣ କରିଛନ୍ତି । ତଦନୁଯାୟୀ ଜଣେ ଚାଷୀଙ୍କୁ କୀଟନାଶକରେ ସର୍ବାଧିକ ୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଛି । ଏହି କ୍ରମରେ ଏପର୍ଯ୍ୟନ୍ତ ଜିଲାରେ ୩୭୩୫ ହେକ୍ଟର ଧାନ ଜମି ପାଇଁ ରିହାତି ଦରରେ ଚାଷୀଙ୍କୁ କୀଟନାଶକ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ସେହିପରି ଚକଡ଼ା ଦମନ ପାଇଁ ଜିଲାପାଳଙ୍କ ଅନୁମୋଦନ କ୍ରମେ ଇତିମଧ୍ୟରେ ୬୦ଟି ସଚେତନତା ଶିବିର କରାଯାଇଛି । ଆହୁରି ୩ହଜାର ହେକ୍ଟର ଚାଷଜମି ପାଇଁ ରିହାତି ଦରରେ କୀଟନାଶକ ଏବଂ ୬୦୦ଟି ହସ୍ତଚାଳିତ ସିଞ୍ଚନ ଯନ୍ତ୍ର ସକାଶେ ଆବଶ୍ୟକ ପାଣ୍ଠି ଯୋଗାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧୀ କହିଥିଲେ । ସୂଚନାଯୋଗ୍ୟ, ୨୦୧୭ ଖରିଫରେ ଜିଲାରେ ୧୯ହଜାର ୫୩୪ ହେକ୍ଟର ଧାନ ଫସଲ ଚକଡ଼ା ପ୍ରଭାବିତ ହୋଇ ଉଜୁଡ଼ି ଯାଇଥିଲା ।



“ ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।

- ଭଗବତୀ ଚରଣ ପାଣିଗ୍ରାହୀ

## ■ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଆଗ୍ରା, ମଥୁରା ଗଲେ ୯୬୪ ତୀର୍ଥଯାତ୍ରୀ

**ଭୁବନେଶ୍ୱର (ବ୍ୟୁରୋ)/ ବାଲେଶ୍ୱର ଅଫିସ, ୬।୧୦**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସଚିବାଳୟଠାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବାଲେଶ୍ୱରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୭ମ ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଏଥିରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଜିଲାର ୯୬୪ ତୀର୍ଥଯାତ୍ରୀ ଆଗ୍ରା-ଫତେପୁର, ସିକ୍ରି-ମଥୁରା ଅଭିମୁଖେ ଯାତ୍ରା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତୀର୍ଥଯାତ୍ରୀମାନଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ। ତୀର୍ଥଯାତ୍ରୀମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେମାନଙ୍କ ଖୁସି ବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଉପକାର କେବେ ବି ଭୁଲିପାରିବେ ନାହିଁ ବୋଲି ରାସବିଦ୍ୟାଧରପୁରର ତୀର୍ଥଯାତ୍ରୀ ଅମ୍ବିକା ମହାନ୍ତି କହିଥିଲେ। ୨୬ ଜଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଜିଲାରୁ ୩୦୫, ଭଦ୍ରକ ଜିଲାରୁ ୧୭୯, ମୟୂରଭଞ୍ଜ ଜିଲାରୁ ୨୭୦ ଏବଂ ଯାଜପୁର ଜିଲାରୁ ୨୧୦ ତୀର୍ଥଯାତ୍ରୀ ଟ୍ରେନରେ ଯାତ୍ରା କରିଛନ୍ତି। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ବର୍ଷକୁ ୩ଟି ଟ୍ରେନ୍‌ରେ ପ୍ରାୟ ୩ ହଜାର ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯାଉଛନ୍ତି। ଚଳିତବର୍ଷଠାରୁ ୬ଟି ଟ୍ରେନ୍‌ରେ ୬ହଜାର ଯାତ୍ରୀ ତୀର୍ଥଯାତ୍ରା କରିବା ବ୍ୟବସ୍ଥା ହୋଇଛି। ପୂର୍ବରୁ ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରୁ ତୀର୍ଥଯାତ୍ରା ଟ୍ରେନ ବାହାରୁଥିଲା। ଚଳିତବର୍ଷଠାରୁ ବାଲେଶ୍ୱର ସମେତ ଟିଟିଲାଗଡ଼ ଓ ରାୟଗଡ଼ାରୁ ମଧ୍ୟ ତୀର୍ଥଯାତ୍ରୀମାନେ ଟ୍ରେନ୍ ଯୋଗେ ଯାତ୍ରା କରିବେ। ସଚିବାଳୟଠାରେ ଶୁଭାରମ୍ଭ ଅବସରରେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ଏବଂ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

### ■ ଚଳିତବର୍ଷ ଟିଟିଲାଗଡ଼, ରାୟଗଡ଼ାରୁ ଗଡ଼ିବ ଟ୍ରେନ





ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଜନାର ଶୁଭାରମ୍ଭ କରୁଛନ୍ତି।

ସେହିପରି ବାଲେଶ୍ୱରଠାରେ ଶିକ୍ଷ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ସୋର ବିଧାୟକ ପର୍ଶୁରାମ ଧଡ଼ା, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ଜିଲା ପରିଷଦ ସଭାପତି ନିବେଦିତା ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଗିରିଶ ଚନ୍ଦ୍ର ଦାଶ, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପଜିଲାପାଳ ନୀଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୁଷେ ବରଷେ ସର୍ବନାଶେ,**
**ମାଘେ ବରଷେ ସୁନା ଖସେ,**
**ଚଷାଭାଇ କିରି କିରି ହସେ।**

ଉତ୍ତମ ଚାଷ ପାଇଁ ଭଲ ବର୍ଷାର ଆବଶ୍ୟକତା ରହିଥାଏ। ଉଚିତ ସମୟରେ ସଠିକ୍ ପରିମାଣର ବର୍ଷା ହେଲେ ଚାଷକାର୍ଯ୍ୟ ଭଲ ହୋଇପାରିଥାଏ ଓ ସେହି ଅନୁସାରେ ଫସଲ ମଧ୍ୟ ଅଧିକ ମିଳିଥାଏ। ସାଧାରଣତଃ ପୌଷ ମାସରେ ଅଧିକ ବର୍ଷା ନଈବଢ଼ିର ଆଶଙ୍କାକୁ ବଢ଼ାଇ ଦେଇଥାଏ, ଯାହାକି ଚାଷ ପାଇଁ ସର୍ବନାଶର କାରଣ ପାଲଟି ଯାଇଥାଏ। ପରନ୍ତୁ ମାଘମାସରେ ବର୍ଷାର ପରିମାଣ ଅଧିକ ହେଲେ ଚାଷ ପାଇଁ ତାହା ବେଶ୍ ଉପଯୋଗୀ ବା ବରଦାନ ସାବ୍ୟସ୍ତ ହୋଇପାରିଥାଏ। ଏପରିସ୍ଥଳେ ମାଘମାସରେ ହେଉଥିବା ବର୍ଷା ଚାଷୀ ମନରେ ଖୁସି ଓ ଆନନ୍ଦ ଭରି ଦେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପେଚା ବୋବାଏ ଯାହାର ବାଡ଼ି,**
**ତା'ଘରେ ପଶଇ କଳି ଧୋକଡ଼ି।**

ପେଚା ପକ୍ଷୀର ରାବକୁ ଅଶୁଭର ପ୍ରତୀକ ବୋଲି ଧରାଯାଇଥାଏ। ଯାହାଘରେ ବା ବାଡ଼ି ବଗିଚାରେ ପେଚା ବୋବାଏ ତା' ଘରେ ଅକାରଣରେ କଳିଝଗଡ଼ା ସୃଷ୍ଟି ହେବା ସହ କିଛି ଅମଙ୍ଗଳ ଘଟିବାର ଆଶଙ୍କା ବଢ଼ିଯାଉଥିବା ନେଇ ମନରେ ଅନ୍ଧବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.





ସିପେଟ୍ ମହାନିର୍ଦ୍ଦେଶକ ଡ.ସଞ୍ଜୟ କୁମାର ନାୟକ (ମଝି)ଙ୍କୁ ସମ୍ମାନିତ କରାଯାଉଛି।

# ସିପେଟ୍ ମହାନିର୍ଦ୍ଦେଶକଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

**ଭୁବନେଶ୍ୱର,୬।୧୦(ବ୍ୟୁରୋ)**

ବିଶିଷ୍ଟ ଓଡ଼ିଆ ବୈଜ୍ଞାନିକ ତଥା ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍)ର ମହାନିର୍ଦ୍ଦେଶକ ପ୍ରଫେସର ଡ.ସଞ୍ଜୟ କୁମାର ନାୟକଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ମୁମ୍ବାଇରେ ଅକ୍ଟୋବର ୪ରୁ ୬ ତାରିଖ ଯାଏ ଅନୁଷ୍ଠିତ 'ଇଣ୍ଡିଆ କେମ୍-୨୦୧୮'ରେ ତାଙ୍କୁ ସମ୍ମାନିତ କରଯାଇଛି। ପ୍ଲାଷ୍ଟିକ ଶିଳ୍ପକୁ ବିଶେଷ ଅବଦାନ ଲାଗି ଡ. ନାୟକଙ୍କୁ ଏହି ଆୱାର୍ଡ ମିଳିଥିବା ବେଳେ ଓଡ଼ିଶା ଗୌରବାନ୍ୱିତ ହୋଇଛି।

**ଓଡ଼ିଶା ଗୌରବାନ୍ୱିତ**

ସେ ଏକା ଧାରାରେ ଜଣେ ଶିକ୍ଷାବିତ୍, ପ୍ରଶାସକ, ବାଣିଜ୍ୟ ବିକାଶକ, ଶିଳ୍ପ ପରାମର୍ଶଦାତା, ଉଚ୍ଚକୋଟୀର ଗବେଷକ ଅଟନ୍ତି। ଭାରତ ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନ ରସାୟନ ଏବଂ ପେଟ୍ରୋ ରସାୟନ ବିଭାଗ ସମେତ ଶିଳ୍ପ ସଂଘ ଫିକି (ଏଫ୍‌ଆଇସିସିଆଇ)ର ମିଳିତ ଆନୁକୂଲ୍ୟରେ ଦେଶର ସର୍ବବୃହତ୍ କେମିକାଲ୍ ଏବଂ ପେଟ୍ରୋକେମିକାଲ୍ ପ୍ରଦର୍ଶନୀ 'ଇଣ୍ଡିଆ କେମ୍-୨୦୧୮' ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରମୁଖ ଶିଳ୍ପ ସଂସ୍ଥା, ଶିଳ୍ପପତି, ବୈଜ୍ଞାନିକ, ଗବେଷକମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ପେଟ୍ରୋ ରସାୟନ ବିଭାଗ ସଚିବ ପି.ରାଘବେନ୍ଦ୍ର ରାଓ, ଅତିରିକ୍ତ ସଚିବ ମୀନାକ୍ଷୀ ଗୁପ୍ତା ଉପସ୍ଥିତ ଥିଲେ।

# ୩୨ ପୋଲିସ ଅଧିକାରୀଙ୍କ ବଦଳି

**କଟକ ଅଫିସ,୬।୧୦**

ଓଡ଼ିଶା ପୋଲିସରେ ଏକ ବଡ଼ଧରଣର ଅଦଳବଦଳ କରାଯାଇଛି। ଡେପୁଟି ସୁପରିଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ର୍ୟାଙ୍କର ୩୨ ଅଧିକାରୀଙ୍କ ବଦଳି କରାଯାଇଛି। ଏନେଇ ଶନିବାର ଓଡ଼ିଶା ପୋଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୀ ଜିଲା ନିମାପଡ଼ାର ଏସ୍‌ଡିପିଓ ନିରଞ୍ଜନ ପାଢୀଙ୍କୁ କଟକ ଜିଲା ସାଲେପୁର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସୁନ୍ଦରଗଡ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଶରତ କୁମାର ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। କେନ୍ଦୁଝର ଜିଲା ଘଟଗାଁର ଏସ୍‌ଡିପିଓ ଏସ୍. ଟୋପ୍ପୋଙ୍କୁ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏସ୍‌ଡିପିଓ, ମୟୂରଭଞ୍ଜ ଜିଲା କରଞ୍ଜିଆର ଏସ୍‌ଡିପିଓ କୃଷ୍ଣପ୍ରସାଦ ପଟ୍ଟନାୟକଙ୍କୁ ଉଦଳା ଏସ୍‌ଡିପିଓ, ଉଦଳା ଏସ୍‌ଡିପିଓ ସ୍ୱପ୍ନ ରଞ୍ଜନ ମହାପାତ୍ରଙ୍କୁ ଘଟଗାଁ ଏସ୍‌ଡିପିଓ, କେନ୍ଦ୍ରପଡା ଜିଲା ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଉମା ଶଙ୍କର ମହାପାତ୍ରଙ୍କୁ କଟକ ଜିଲା ଆଠଗଡ ଏସ୍‌ଡିପିଓ, ଯାଜପୁର ଡିଆଇବି ଡିଏସ୍‌ପି ସୁଧାକର ସାହୁଙ୍କୁ ନୟାଗଡ ଏସ୍‌ଡିପିଓ, ଆଠଗଡ ସର୍କଲର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲଙ୍କୁ ଜଗତ୍‌ସିଂହପୁର ଏସ୍‌ଡିପିଓ, ଅନୁଗୋଳ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଉମେଶ କୁମାର ପଣ୍ଡାଙ୍କୁ ବାଲେଶ୍ୱର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ସୁବର୍ଣ୍ଣପୁର ପିସିଆର ସେଲ୍ ଡିଏସ୍‌ପି ଆନନ୍ଦବର୍ଦ୍ଧନ ଗୁରୁଙ୍କୁ ବ୍ରଜରାଜନଗର ଏସ୍‌ଡିପିଓ, ସୁନ୍ଦରଗଡ ଆଇଏଏଚ୍‌ଟିୟୁ ଡିଏସ୍‌ପି ସୁବୋଧ ମଲ୍ଲିକଙ୍କୁ ବଲାଙ୍ଗିର ଜିଲା ଟିଟଲାଗଡ ଏସ୍‌ଡିପିଓ, ଟିଟଲାଗଡ ଏସ୍‌ଡିପିଓ ସରୋଜ ମହାପାତ୍ରଙ୍କୁ ବରଗଡ ଜିଲା ପଦ୍ମପୁର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି।

କମିଶନରେଟ ପୋଲିସ ଭୁବନେଶ୍ୱରର ଏସିପି ଫଗୁଆ ସିଂଙ୍କୁ ଭଦ୍ରକ ଜିଲା ଚାନ୍ଦବାଲି ଏସ୍‌ଡିପିଓ ଭାବେ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନକୁ ଚାନ୍ଦବାଲି ଏସ୍‌ଡିପିଓ ତରୁଣ ଦାସଙ୍କୁ ଅଣାଯାଇଛି। କେନ୍ଦ୍ରାପଡା ଡିଆଇବି ଡିଏସ୍‌ପି ରଞ୍ଜନ ଦେଙ୍କୁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ, ବରଗଡ ଜିଲା ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କୁ ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ଏସ୍‌ଡିପିଓ, କଣ୍ଟାବାଞ୍ଜି ଏସ୍‌ଡିପିଓ ପ୍ରଫୁଲ୍ଲ ମିଶ୍ରଙ୍କୁ ଯାଜପୁର ଡିଆଇବି ଡିଏସ୍‌ପି ଭାବେ ବଦଳିକରାଯାଇଛି। କମିଶନରେଟ ପୋଲିସ ଭୁବନେଶ୍ୱରର ଏସିପି ସୁର୍ଯ୍ୟମଣି ପ୍ରଧାନଙ୍କୁ ଗଞ୍ଜାମ ଜିଲା ଆସ୍କା ଏସ୍‌ଡିପିଓ ଭାବେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନକୁ ଆସ୍କା ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ଅଣାଯାଇଛି।

ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଥିବା ଗୋଇନ୍ଦା ସଂସ୍ଥା ଡିଏସ୍‌ପି ପ୍ରବୀଣ ଚନ୍ଦ୍ର ତ୍ରିପାଠୀଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଫ୍‌ର ଡିଏସ୍‌ପି, ଗୋଇନ୍ଦା ସଂସ୍ଥା ଡିଏସ୍‌ପି ସତ୍ୟଜିତ୍ ମିଶ୍ରଙ୍କୁ ଭୁବନେଶ୍ୱରର ଏସିପି, ଭୁବନେଶ୍ୱରର ଏସିପି ଅତନୁ କୁମାର ରାଉତଙ୍କୁ କେନ୍ଦ୍ରାପଡା ଡିଆଇବି ଡିଏସ୍‌ପି, ଭୁବନେଶ୍ୱରର ଏସିପି ଦେବୀ ଶଙ୍କର ପ୍ରତାପଙ୍କୁ ସୁନ୍ଦରଗଡ ଆଇଏଏଚ୍‌ଟିୟୁ ଡିଏସ୍‌ପି, ଜଗତ୍‌ସିଂହପୁର ଏସ୍‌ଡିପିଓ ସୁଯୋଗ୍ୟ ମିଶ୍ରଙ୍କୁ ବାଲେଶ୍ୱର ଡିଆଇବି ଡିଏସ୍‌ପି, ବ୍ରଜରାଜନଗର ଏସ୍‌ଡିପିଓ ରାମ ପ୍ରସାଦ ସାହୁଙ୍କୁ ସୁନ୍ଦରଗଡ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ପୁରୁଷୋତ୍ତମପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁଙ୍କୁ ଗଞ୍ଜାମ ଡିଆଇବି ଡିଏସ୍‌ପି, କଟକ ଆଇଏଏଚ୍‌ଟିୟୁ ଡିଏସ୍‌ଆରପି ରବୀନ୍ଦ୍ରନାଥ ମହାପାତ୍ର(ବି)ଙ୍କୁ ଭୁବନେଶ୍ୱରରେ ମେରାଇନ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଡିଏସ୍‌ପି, କନ୍ଧମାଳ ଡିଆଇବି ଡିଏସ୍‌ପି ଅମରେଶ ପାଣିଗ୍ରାହୀଙ୍କୁ ଉକ୍ତ ଜିଲାର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, କନ୍ଧମାଳ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ସୀତାକାନ୍ତ ଗନ୍ତାୟତଙ୍କୁ ଉକ୍ତ ଜିଲା ଡିଆଇବିର ଡିଏସ୍‌ପି, ଆନନ୍ଦପୁର ଏସ୍‌ଡିପିଓ ମହେଶ୍ୱର ସେଠୀଙ୍କୁ ନବରଙ୍ଗପୁର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, କଟକ ଏଚ୍‌ଆରପିସିର ଡିଏସ୍‌ପି ପ୍ରଦୀପ କୁମାର ଜାଲିଙ୍କୁ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଡିଏସ୍‌ପି ଭାବେ ବଦଳି କରାଯାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold,
Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କେଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LIMITED
(Regd. No. - U6519TN1988 LC008555)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, କୃଷି ଏବଂ ସମସ୍ତ ଋଣ ଘରେ ବସି ପାଆନ୍ତୁ ମାତ୍ର 3ରୁ 4 ଦିନରେ 2% ସୁଧ 40% ରିହାତି।
H-33, ARODA, GREATER NOIDA
CALL NOW
7830746256
8859690149

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
8979448754
8979448494

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି। ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ। 30% ସବସିଡି।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

Urbasi
Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ।
Bhaskar's
semegra
(Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
Stockist-Odisha Drug Distributor
Cell: 7873239883

ଅଲ୍ ଟେଲିକମ୍ ନେଟ୍‌ୱର୍କ କମ୍ପାନୀ
ସରକାରୀ ପଞ୍ଜୀକୃତ। ଖାଲି ଜମି, ଚାଷ ଜମି, ଛାତ ସବୁଠି ଡିଜିଟାଲ୍ ଉପକରଣ ଲଗାନ୍ତୁ। ଅଗ୍ରିମ - 60 ଲକ୍ଷ, ଭଡ଼ା - 50 ହଜାର, ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ଓ ଉପକରଣ ସ୍ଥାପନ + ମାଗଣା ମୋବାଇଲ୍ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧାସୁଯୋଗ। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରନ୍ତୁ।
Address:- Head Office
181/182 Janta Complex Rajiv Chok, Delhi
Contact:- 08826963806, 09319359816

ବ୍ୟବସାୟ
Regd. Company ଦ୍ୱାରା
ନିଜ ଖାଲି ଜମି, ଛାତ, କ୍ଷେତରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଆଡ୍‌ଭାନ୍ସ 75 ଲକ୍ଷ
ଭଡ଼ା 65,000
ନୋ ଏଗ୍ରିମେଣ୍ଟ ଫିସ୍
7065954352
8802183109
T-51, Gali No.8, Gautampuri, Delhi-110053

Shri Mahavir Finance
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ Reg. No. MHF8555TN ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ଗୃହ, ବ୍ୟବସାୟ, ବିଉଟି ପାର୍ଲର ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। ସୁଧ 2%, ରିହାତି 50%। ଠକମାନଙ୍କ ପ୍ରତି ସାବଧାନ।
Ward No.22, Agol Road, Bilsi, Budaun, UP
7310612967
7310612891

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ।
ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟ୍‌କୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋଲ, ହରିୟାଣା

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ଫଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲଡ୍ ଅଫିସରମାନଙ୍କର, Fixed Salary- 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ



### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର,୬।୧୦(ବ୍ୟୁରୋ)**-ସମ୍ବଲପୁର ଜିଲା ଧନୁପାଲି ଥାନା ସାକ୍ଷିପଡ଼ାରୁ ନିଖୋଜ ଯୁବକ ସନ୍ତୋଷ କୁମାର ବାଦିଙ୍କ ଗଳିତ ମୃତଦେହ ଚିପିଲିମା ପାୱାର ଚ୍ୟାନେଲରୁ ଉଦ୍ଧାର ହୋଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହେବ ବୋଲି ଫାଣ୍ଡି ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ୧ ତାରିଖଠାରୁ ସନ୍ତୋଷ ନିଖୋଜ ଥିଲେ। ପରିବାରଲୋକେ ଏ ନେଇ ଧନୁପାଲି ଥାନାରେ ରିପୋର୍ଟ କରିଥିଲେ।



### ଯୁଯୁମରାରେ ୧୪୧୫ ରାଶନକାର୍ଡ ବଣ୍ଟନ

**ମାନେଶ୍ୱର,୬।୧୦(ବ୍ୟୁରୋ)**-ସମ୍ବଲପୁର ଜିଲା ଯୁଯୁମରା ବ୍ଲକ ପରିସରରେ ଶନିବାର ରାଶନ କାର୍ଡ ବଣ୍ଟନ ମେଳା ହୋଇଥିଲା। ବିଡିଓ ଆଶୀଷ ପଟେଲଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ରେଢାଖୋଲ ବିଧାୟକ ରୋହିତ ପୁଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରିଥିଲେ। ୧୮ ପଞ୍ଚାୟତର ୧୪୧୫ ଜଣ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଛି। ଏହାଦ୍ୱାରା ୪୬୦୦ ଗରିବ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରୁ ଉପକୃତ ହୋଇପାରିବେ ବୋଲି କୁହାଯାଇଛି। ପର୍ଯ୍ୟାୟ କ୍ରମେ ବ୍ଲକର ସମସ୍ତ ଗରିବ ପରିବାରଙ୍କୁ ଯୋଜନାଭୁକ୍ତ କରାଯିବ କହିଛନ୍ତି ବିଧାୟକ ପୁଜାରୀ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସନ୍ତୋସିନୀ ନାଏକ, ଉପାଧକ୍ଷ ନିରଞ୍ଜନ ପଣ୍ଡା, ଜିଲାପରିଷଦ ସଭ୍ୟ ରୀନା ବେହେରା ଉପସ୍ଥିତ ରହିଥିଲେ। ବ୍ଲକ ପ୍ରଶାସନର ସମସ୍ତ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଭୀମଭୋଇ କଲେଜ ପୂର୍ବତନ ଅଧକ୍ଷାଙ୍କ ପରଲୋକ

**ରେଢ଼ାଖୋଲ,୬।୧୦(ଡି.ଏନ.ଏ.)**-ରେଢ଼ାଖୋଲ ଭୀମଭୋଇ କଲେଜର ପୂର୍ବତନ ଅଧକ୍ଷା ତଥା ଓଡ଼ିଆ ବିଭାଗ ମୁଖ୍ୟ ସବିତା ମିଶ୍ର(୭୪)ଙ୍କ ଶନିବାର ଭୋରରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ରେଢ଼ାଖୋଲ ଏଲଆଇସି କଲୋନୀସ୍ଥିତ ବାସଭବନକୁ ଅଣାଯାଇଛି। ଏହି ଅବସରରେ କଲେଜ ସମ୍ମୁଖରେ ଛାତ୍ରୀଛାତ୍ର, ଅଧାପକ ଅଧାପିକା, କର୍ମଚାରୀ, ପୁରାତନ ଛାତ୍ରଙ୍କ ସମେତ ଏନଏସି ଉପାଧକ୍ଷ ସୁନିଲ ପ୍ରଧାନ ଓ ସ୍ଥାନୀୟ ଜନସାଧାରଣ ତାଙ୍କର ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଭୀମଭୋଇ କଲେଜ ଅଧକ୍ଷ ଡ. ହରପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଏକ ଶୋକସଭା ହୋଇଥିଲା। ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଭୀମଭୋଇ କଲେଜ ସ୍ଥାପନ ହେବା ଦିନଠାରୁ ୧୯୭୦ରୁ ଓଡ଼ିଆ ବିଭାଗର ଅଧାପିକା ଭାବେ ଯୋଗଦେଇ ପରବର୍ତ୍ତୀ ସମୟରେ ସେ ଅଧକ୍ଷା ହୋଇଥିଲେ। ୨୦୦୪ରେ ଦେବଗଡ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ।



ଫାଇଲ୍ ଫଟୋ।



ଜରାବଗା ପଞ୍ଚାୟତ ବେତଝରଣ ଗାଁରେ ଆୟୋଜିତ ସଭା।

# ମଦମୁକ୍ତ ପଞ୍ଚାୟତ ଜିଦ୍‌ରେ ମହିଳା

- ଭାଟି ଭାଙ୍ଗିଲେ, ନିଆଁ ଲଗାଇଲେ
- ମଦ ବିକ୍ରି ରୋକିବାକୁ ବଜ୍ର ଶପଥ ନେଲେ ମହିଳା

**ବାମରା,୬।୧୦(ସ୍ୱ.ପ୍ର.)**

ରାଜ୍ୟରେ ନିଶା ନିବାରଣ ଅଭିଯାନ ଜୋର୍‌ଦାର୍ ହୋଇଛି। ନିଶା ହଟାଅ, ଦେଶ ବଞ୍ଚାଅ ମୋର୍ଚ୍ଚାରେ ମହିଳାମାନେ ସାମିଲ୍ ହୋଇଛନ୍ତି। ଗ୍ରାମାଞ୍ଚଳରେ ମହିଳାଙ୍କ ନିଶାମୁକ୍ତ ଅଭିଯାନ ଦିନକୁଦିନ ସଶକ୍ତ ହେବାରେ ଲାଗିଛି। ଏହି କ୍ରମରେ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡର ବାମରା ବ୍ଲକ ସଦର ମହୁକୁମାସ୍ଥିତ ଗୋବିନ୍ଦପୁର ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ସେଠିକାର ମହିଳା ଗୋଷ୍ଠୀ ଜିଦ୍ ଧରିଛନ୍ତି। ଏ ନେଇ ସେମାନେ ଏକ ଶୋଭାଯାତ୍ରାରେ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ମଦ ବିକ୍ରେତାମାନଙ୍କୁ ସାବଧାନ କରାଇଛନ୍ତି। ପଣ୍ଡରିପଥର ଭାଟିରେ ନିଆଁ ଲଗାଇବା ସହ ଭଙ୍ଗାରୁଜା କରିଛନ୍ତି। ସେହିପରି ଖୋଖୋପଡ଼ାରେ ଏକାଧିକ ମଦ ପାଉଚକୁ ନଷ୍ଟ କରିଛନ୍ତି। ବର୍ତ୍ତମାନ ଜରାବଗା ପଞ୍ଚାୟତରେ ନିଶାର ବହୁଳ ପ୍ରସାର ଚିନ୍ତାଜନକ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଜରାବଗା ପଞ୍ଚାୟତ ବେତଝରଣ ଗାଁରେ ଏକ ସଚେତନତା ସଭା ଓ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ୱାର୍ଡ ମେମ୍ବର ଆରତୀ ସାଉନ୍ତଙ୍କ ନେତୃତ୍ୱରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର କୁଚିଣ୍ଡା ଉପଖଣ୍ଡ ସଭାପତି କରୁଣାକର କିସାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ନିଶା ବ୍ୟବହାରର କୁପ୍ରଭାବ ଉପରେ ସଚେତନ କରିଥିଲେ। ସଭା ପରେ ଆଗାମୀ ନିର୍ବାଚନ ପୂର୍ବରୁ ଯିଏ ନିଶା ନିବାରଣ କରିବ ସେହି ରାଜନୈତିକ ଦଳକୁ ହିଁ ଭୋଟ ଦିଆଯିବ ବୋଲି ଚରମବାଣୀ ଶୁଣାଇଥିଲେ। ମହିଳା ପୁରୁଷ ଏଥିରେ ବଜ୍ର ଶପଥ ନେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ମହିଳା ମୋର୍ଚ୍ଚାର ଜିଲା ଉପସଭାପତି ତୁଳସୀ ମଞ୍ଜରୀ ବହିଦାର, ଲୋକମୁକ୍ତି ସଙ୍ଗଠନର ଅଶୋକ ମାଝୀ, ରବିନ୍ଦ୍ର କୁମାର ଦାସ, ଜୟ ଜଗନ୍ନାଥ କ୍ଲବ ସଭାପତି ଲବ କାଲୋ, ହେମାନନ୍ଦ କୁଆଁ, ବର୍ଷାତ ନାଏକ ଓ ବିପ୍ର କିସାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ସଭାପତି ବାସନ୍ତି ସାଉନ୍ତ, କୁମୁଦିନୀ ମୁଣ୍ଡା, ଆସମାନୀ ପୂର୍ତ୍ତି, ଗୀତା ମୁଣ୍ଡା, ସୁମିତ୍ରା ରାଉତ, ଡିଲୋଶ୍ୱରୀ ପଟେଲ, ଧାର୍ମିକା ଲୁଗୁନ, ପ୍ରଭାତୀ ଲୁଗୁନଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ୍ତ କର

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ରେଙ୍ଗାଲି,୬।୧୦(ଡି.ଏନ.ଏ.)**

ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଶିକ୍ଷାଦାନ ବ୍ୟତିରେକ ଅନ୍ୟ ସମସ୍ତ ଅଣଶୈକ୍ଷିକ କାର୍ଯ୍ୟରୁ ଅବ୍ୟାହତି ଦେବା ପାଇଁ ସମ୍ବଲପୁର ଜିଲା ରେଙ୍ଗାଲି ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଦାବିପତ୍ର ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦିଆଯାଇଛି। ଏହାଦ୍ୱାରା ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଉଲ୍ଲେଖ କରାଯାଇଛି। ଶିକ୍ଷୟତ୍ରୀ, ଶିକ୍ଷକମାନଙ୍କୁ ସରକାରୀ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି, ପୋଷାକ ବଣ୍ଟନ, ଔଷଧ ବଣ୍ଟନ ଆଦି ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରିବା ଶିକ୍ଷା ଅଧିକାର ଆଇନର ଖୋଲାଖୋଲି ଉଲଂଘନ ବୋଲି ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି। ବଲାଙ୍ଗୀର ଜିଲା ସଇଁତଲା ବ୍ଲକ୍ ଘୁନସର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କୃମିନାଶକ ଔଷଧ ଖାଇ ଅସୁସ୍ଥ ହେବା ପରେ ଅଭିଭାବକମାନେ ଅମାନୁଷିକ ଭାବେ ପ୍ରଧାନ ଶିକ୍ଷକ ଅନୁଗ୍ରହ ନନ୍ଦଙ୍କୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଘଟଣାର ବିଚାର ବିଭାଗୀୟ ତଦନ୍ତ ଏବଂ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ସହ ଜଣେ ସଦସ୍ୟଙ୍କୁ ଚାକିରୀ ଦେବାକୁ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ସଂଘ ସଭାପତି ରବିଚନ୍ଦ୍ର ଗର୍ଡିଆଙ୍କ ନେତୃତ୍ୱରେ ବ୍ଲକ୍‌ର ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକମାନେ ରେଙ୍ଗାଲି ମହାବୀର ଛକରୁ ଏକ ରାଲିରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ।

# ବୀରସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ପ୍ରସ୍ତୁତି

**ସମ୍ବଲପୁର,୬।୧୦(ବ୍ୟୁରୋ)**

ବୀରସୁରେନ୍ଦ୍ର ସାଏ ଦ୍ୱାବିଂଶ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ-୨୦୧୮ ପ୍ରସ୍ତୁତି ବୈଠକ ଶନିବାର ଯୁବ ଉଦୟନ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ଆୟୋଜକ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ପୂର୍ବ ବର୍ଷ ଭଳି ଚଳିତବର୍ଷ ଡିସେମ୍ବର ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ନାଟକ ମଞ୍ଚସ୍ଥ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛା ପ୍ରକାଶ କରୁଥିବା ନାଟ୍ୟ ସଂସ୍ଥାଗୁଡ଼ିକ କିପରି ଦରଖାସ୍ତ କରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଯୁବ ଉଦୟନର କର୍ମକର୍ତ୍ତା ଓ ସଭ୍ୟମାନେ ସାମିଲ ହୋଇ ପ୍ରତିଯୋଗିତା ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ।

## ଦୁବାଇରେ ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ-୨୦୧୮

# ସମ୍ବଲପୁର ଝିଅ ଅର୍ପିତା ଦ୍ୱିତୀୟ ରନର୍ସଅପ୍

**ସମ୍ବଲପୁର,୬।୧୦(ବ୍ୟୁରୋ)**

ଦୁବାଇରେ ଜୁନିୟର ମଡେଲ ଇଣ୍ଟରନ୍ୟାସନାଲ-୨୦୧୮ ଶିଶୁ ଆର୍ଟ ଫେଶନ ଓ ଟ୍ୟାଲେଣ୍ଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁର ଝିଅ ଅର୍ପିତା ବେହେରା ଭାଗ ନେଇ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ଅକ୍ଟୋବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ହୋଇଥିଲା ଉତ୍ସବ କାର୍ଯ୍ୟକ୍ରମ। ଏଥିରେ ବିଭିନ୍ନ ଦେଶର ପ୍ରତିନିଧିମାନେ ଭାଗ ନେଇଥିଲେ। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଅର୍ପିତା ରାଜ୍ୟ, ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ଆୟୋଜିତ ଲିଟିଲ ମିସ୍ ପ୍ରତିଯୋଗିତାରେ ଭାଗ ନେଇ ଟାଇଟଲ ବିଜୟନୀ ହୋଇଥିଲେ।



ଦୁବାଇରେ ଜୁନିୟର ମଡେଲ ଇଣ୍ଟର ନ୍ୟାଶନାଲ – ୨୦୧୮ ମଡେଲ ପ୍ରତିଯୋଗିତାରେ ଦ୍ୱିତୀୟ ରନର୍ସଅପ୍ ଅର୍ପିତା ବେହେରା ।

# କଲାମ୍ ଶୀର୍ଷକ କୁଇଜ୍ ପ୍ରତିଯୋଗିତା

**ସମ୍ବଲପୁର,୬।୧୦(ବ୍ୟୁରୋ)**

ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ କଲାମଙ୍କ ସ୍ମୃତିରେ ଶନିବାର କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ ପ୍ରତିଯୋଗିତାରେ ୧୩ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେଭେନହିଲ୍ସ ସ୍କୁଲର ଆଦ୍ୟାଶା ଡୋଗରା, ଶ୍ରେୟା ନାୟକ ପ୍ରଥମ, ସେଣ୍ଟଯୋଶେଫ୍ ସ୍କୁଲର ଭୂମିକା ସାମଲ, ଶ୍ରେୟା ଅଗ୍ରୱାଲ ଯୁଗ୍ମ ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧନୁପାଲିର ମାନସ ରଞ୍ଜନ ମିଶ୍ର, ପିୟୁଷ ହୋତା ଯୋଡି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କଲେଜ ସ୍ତରରେ ଡିଏମଭି ବୁର୍ଲା ସ୍କୁଲର ଇପ୍‌ସିତା ହୋତା, ସୋନାଲ ପଣ୍ଡା ପ୍ରଥମ, ଗୁରୁନାନକ ପବ୍ଲିକ ସ୍କୁଲର ଏସ. କୁମାର ପୁରୋହିତ, ସୌମ୍ୟା ପଟ୍ଟନାୟକ ଦ୍ୱିତୀୟ, ସେଭେନହିଲ୍ସ ରେସିଡେଣ୍ଟେନଶିଆଲ୍ ସ୍କୁଲର ପ୍ରିୟଙ୍କ କୁମାର ଅଦାବର ଓ ପ୍ରାଚ୍ୟୁର୍ଯ୍ୟା ମହାନ୍ତିଙ୍କ ଯୋଡି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆୟୋଜକ ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଡ. ଗୌରିଦାସ ପଧାନ, ଡ. ସନ୍ତୋଷ କୁମାର ଦାଶ କୁଇଜ ମାଷ୍ଟର ଥିଲେ। ପ୍ରଶାନ୍ତ ପାଟ୍ଟଯୋଶୀ ଓ ରାଜେନ୍ଦ୍ର ପଣ୍ଡା ସ୍କୋରର ଥିଲେ। ସେହିପରି ପ୍ରଫୁଲ୍ଲ ହୋତା, ମୀନକେତନ ପାଠୀ ଓ ଅଶୋକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ମାସ ୧୫ ତାରିଖ କାଲାମ୍‌ଙ୍କ ଜୟନ୍ତୀ ଉତ୍ସବରେ କୃତୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ବୋଧରାମ ଦାଶ ସୂଚନା ଦେଇଛନ୍ତି।

### ଠେମେରା ପ୍ରାଥମିକ ସ୍କୁଲର ୧୫୦ତମ ପୂର୍ତ୍ତି ପ୍ରସ୍ତୁତି ବୈଠକ

**ସମ୍ବଲପୁର,୬।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଠେମେରା ପ୍ରାଥମିକ ସ୍କୁଲର ୧୫୦ତମ ପୂର୍ତ୍ତି ଉତ୍ସବ ସକାଶେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପୁରାତନ ଓ ବର୍ତ୍ତମାନ ଛାତ୍ରୀଛାତ୍ର ଠେମେରା ଗ୍ରାମର ଜନସାଧାରଣ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ରାମନାରାୟଣ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ସଭା ହୋଇଥିଲା। ପ୍ରଧାନଶିକ୍ଷକ ଲିଙ୍ଗରାଜ ପ୍ରଧାନ ଉତ୍ସବର ରୂପରେଖ ଉପସ୍ଥାପନ କରିଥିଲେ। ବାଳକୃଷ୍ଣ ବିଶ୍ୱାଳ, ବିଜୟ ବଡ଼େଇ, ଲଳିତ ନାଥ, ସଚ୍ଚିଦାନନ୍ଦ ନାଥ, ଆଲୋଚନାରେ ଭାଗ ନେଇଥିଲେ।



ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ କ୍ଷୁଦ୍ର ନାଟିକା।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି: ଯୋଗ ଦେଲେ ୪ଶହ ଛାତ୍ରୀଛାତ୍ର

**ରେଢ଼ାଖୋଲ,୬।୧୦(ଡି.ଏନ.ଏ.)**

ରେଢ଼ାଖୋଲ ଗୌରଚନ୍ଦ୍ର ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୮ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳ ପ୍ରଧାନ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୧୪ କ୍ଲଷ୍ଟରରୁ ୪ଶହ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରମଣୀ ପ୍ରଧାନ, ତ୍ରିନାଥ କୁମାର ଧଳଙ୍କ ସମେତ ସମସ୍ତ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ ଏହାକୁ ପରିଚାଳନା କରିଥିଲେ। ବରିଷ୍ଠ ବିଭାଗ ବିତର୍କରେ ଝିନିରାଣୀ ପ୍ରଧାନ, ପ୍ରବନ୍ଧରେ ଲିନା ଦେହୁରୀ, କୁଇଜ୍‌ରେ ରିମାରାଣୀ ପ୍ରଧାନ, ବକ୍ତୃତାରେ ସୀମାରାଣୀ ସାହୁ, ଚିତ୍ରାଙ୍କନରେ ସିପନ କୁମାର ପ୍ରଧାନ, ଶୃଜନଶୀଳ ଲିଖନରେ ଲିପ୍‌ସା ପ୍ରଧାନ ଓ ସଙ୍ଗୀତରେ ମିନତି ମୁଣ୍ଡା ପ୍ରଥମ ସ୍ଥାନରେ କୃତିତ୍ୱ ଅର୍ଜନ କରିଛନ୍ତି। ସେହିପରି କନିଷ୍ଠ ବିଭାଗ କୁଇଜ୍‌ରେ ଟିଗୁନ ପ୍ରଧାନ, ବକ୍ତୃତାରେ ଶୁଭ୍ରାଂଶୁ ପ୍ରଧାନ, ସୃଜନଶୀଳ ଲିଖନରେ କୁନ୍ତୀ ବାଘ, ଚିତ୍ରାଙ୍କନରେ ରାହୁଳ ମୁଣ୍ଡା ଓ ସଙ୍ଗୀତରେ ସୁଜଳ କୁମାର ଧଳ ପ୍ରଥମ ହୋଇଛନ୍ତି। ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ କ୍ଷୁଦ୍ର ନାଟିକା ମନଛୁଆଁ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଯୁଧିଷ୍ଠିର ବେହେରା, ମନୋରଞ୍ଜନ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୪ ବିବିଧ ପ୍ରତିଯୋଗିତା

- ବ୍ଲକ୍‌ସ୍ତରୀୟ ସୁରଭି
- ୧୩ କ୍ଲଷ୍ଟରରୁ ୧୯୫ ଛାତ୍ରୀଛାତ୍ର ସାମିଲ

**ନାକଟିଦେଉଳ,୬।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦ ନୋଡ଼ାଲ ହାଇସ୍କୁଲଠାରେ ଶନିବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୩ କ୍ଲଷ୍ଟରରୁ ୧୯୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମୁଦାୟ ୧୪ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ବିଭାଗ ତର୍କରେ ଶିମିଳିପାଳ ନୋଡ଼ାଲ ୟୁଜିୟୁପିର ୮ମ ଶ୍ରେଣୀ ଛାତ୍ରୀ ନିବେଦିତା ପ୍ରଧାନ, ରଚନାରେ ସରାପାଲି ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ଚାନ୍ଦିନୀ ପ୍ରଧାନ, ଚିତ୍ରାଙ୍କନରେ ଡଇଁଚା ବାପୁଜୀ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ବୀରମିତ୍ରଭାନୁ ବେହେରା, ସାଧାରଣ ଜ୍ଞାନରେ କୁଡାନାଳୀ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ରୀ ସାଗରିକା ସାହୁ, ବକ୍ତୃତାରେ ଶିମିଳିପାଳ ଏମଇ ସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ପୂଜା ପ୍ରଧାନ, ସଙ୍ଗୀତରେ ପିଏମ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ରୀ ପଦ୍ମିନୀ ସାହୁ ପ୍ରଥମ ସ୍ଥାନରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି କନିଷ୍ଠ ବିଭାଗର ଚିତ୍ରାଙ୍କନରେ କୁଞ୍ଜାମରା ପ୍ରାଥମିକ ସ୍କୁଲର ୭ମ ଶ୍ରେଣୀ ଛାତ୍ର ଶକ୍ତି ଦେହୁରୀ, ସୃଜନାତ୍ମକ ଲିଖନରେ ଗୋଗୁଆ ହାଇସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ଇପ୍‌ସିତା ବିଶ୍ୱାଳ, ବକ୍ତୃତାରେ ସରାପାଲି ହାଇସ୍କୁଲର ୭ମ ଶ୍ରେ ଛାତ୍ରୀ ନିରୁପମା ବେହେରା, ସଙ୍ଗୀତରେ ଚଡ଼ଚଡ଼ି ସ୍କୁଲର ୬ଷ୍ଠ ଶ୍ରେଣୀ ଛାତ୍ରୀ ପୁଷ୍ପପିତା ରାଉଳ, ହସ୍ତାକ୍ଷରରେ ବାଟଗାଁ ୟୁପି ସ୍କୁଲର ଛାତ୍ରୀ ସୁଚିତ୍ରା ରାଉତ ପ୍ରଥମ ହୋଇଛନ୍ତି। ଅନ୍ୟପଟେ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିମିଳିପାଳ ୟୁଜିୟୁପି ସ୍କୁଲର ଶୁକ୍ରୁ ମାଝୀ ଏବଂ ତାଙ୍କ ଦଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଷ୍ଣୁଚରଣ ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ ମୁଖ୍ୟ ଅତିଥି, ଡଇଁଚା ବାପୁଜୀ ହାଇସ୍କୁଲର ସହକାରୀ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ମୁଖ୍ୟବକ୍ତା, ପିଏମ ହାଇସ୍କୁଲର ସହକାରୀ ଶିକ୍ଷକ ହୀରାଲାଲ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ନାକଟିଦେଉଳ ସିଆରସିସି ମୁରଲୀଧର ଦାସ ଅତିଥି ପରିଚୟ, ଡଇଁଚା ସିଆରସିସି ଘଜେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯକ୍ରମରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ବିଭିନ୍ନ ସ୍କୁଲର ଶିକ୍ଷୟତ୍ରୀ ଶିକ୍ଷକମାନେ ଉପସ୍ଥିତ ରହିଥିଲେ।




ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଟି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୬।୧୦(ବ୍ୟୁରୋ)
ସମ୍ବଲପୁରୀ ଲୋକନୃତ୍ୟ ଗୁରୁ ରଞ୍ଜନ କୁମାର ସାହୁ ଓ ନୃତ୍ୟ ଶିଳ୍ପୀ ଦିପାଳୀ ଚୌଧୁରୀଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ମ୍ୟୁନିସିପାଲ ଗାର୍ଲ୍ସ ହାଇସ୍କୁଲ ସଭା କକ୍ଷରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲ ପ୍ରଧାନ ଶିକ୍ଷକ ହରିହର ପ୍ରସାଦ ମିଶ୍ର, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା ଓ ସେଫାଲିରାଣୀ ଦାଶ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ, ରଞ୍ଜନ ଓ ଦିପାଳୀଙ୍କ ନେତୃତ୍ୱରେ ସମ୍ବଲପୁର ଉକିଆ କଳାକାରମାନେ ଲଣ୍ଡନଠାରେ ସମ୍ବଲପୁରୀ ଲୋକଗୀତ ଓ ଲୋକନୃତ୍ୟ ପରିବେଷଣ କରି ଉଚ୍ଚପ୍ରଶଂସିତ ହୋଇଛନ୍ତି। ଉତ୍ସବରେ ସୀମା ଦାଶ, ଅନୁପମା ପଣ୍ଡା, ଅନୁପମା ବିଶ୍ୱାଳ, ରିଙ୍କି ହୋତା ପ୍ରମୁଖ ଉପସ୍ଥିତ ଥିଲେ।

### ଜ୍ୟୋତି ଭବନରେ ବାସ୍କେଟ ବଲ ଚାମ୍ପିୟନଶିପ୍

ସମ୍ବଲପୁର,୬।୧୦(ବ୍ୟୁରୋ)
ଫାଦର୍ ଜନ୍ ୱଇଲିୟମ୍ ମିଞ୍ଜ୍ ବାସ୍କେଟ ବଲ ଟୁର୍ନାମେଣ୍ଟ ଶନିବାର ଜ୍ୟୋତି ଭବନ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଫାଦର ଅନୀଲ କୁଜରଙ୍କ ପରିଚାଳନାରେ ଏହା ଉଦଘାଟିତ ହୋଇଥିଲା। ସମ୍ବଲପୁର ଜିଲା କ୍ରୀଡ଼ାଧିକାରୀ ଉପେନ୍ଦ୍ର ଶତପଥି ମୁଖ୍ୟ ଅତିଥି, ଉର୍ସେଲା ମିଞ୍ଜ, ଅମ୍ପାୟାର ବିକାଶ ବେହେରା, ଫିରୋଜ ବରୁଆ, ଅଲମିନୁସ ମିଞ୍ଜ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ଜ୍ୟୋତି ଭବନ (ବି) ବନାମ ରାଉରକେଲା କ୍ରେଜର ମଧ୍ୟରେ ହୋଇଥିଲା। ଏଥିରେ ରାଉରକେଲା ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ସମ୍ବଲପୁର ଏଲଇଟ୍ ଦଳ ରାଉରକେଲା ଫ୍ଲିଣ୍ଟସ୍‌କୁ ପରାସ୍ତ କରି ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ତୃତୀୟ ମ୍ୟାଚରେ ଜ୍ୟୋତି ଭବନ (ଏ) ଦଳ ଶାସନ ସ୍ଥିତ ଖ୍ରୀଷ୍ଟଜ୍ୟୋତି ମହାବିଦ୍ୟାଳୟକୁ ହରାଇଥିଲା। ରବିବାର ଟୁର୍ନାମେଣ୍ଟ ଉଦଯାପିତ ହେବ।

# ପୁଣି ଚର୍ଚ୍ଚାରେ ବିଜେଡି ଗୋଷ୍ଠୀ କନ୍ଦଳ

**ଠିକା କାମକୁ ନେଇ ମାର୍‌ପିଟ**
- ଥାନାରେ ପୃଥକ ମାମଲା
- ମାର୍‌ପିଟ ସମୟର ଅଡିଓ ଟେପ୍ ଭାଇରାଲ୍

ସମ୍ବଲପୁର,୬।୧୦(ବ୍ୟୁରୋ)

ଆସନ୍ନ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, କଂଗ୍ରେସ ଓ ଶାସକ ଦଳ ବିଜେଡ଼ି ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ଯାଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରୁଛନ୍ତି। ଏଥିରେ ଦଳର ମଙ୍ଗୁଆଳମାନେ କର୍ମୀମାନଙ୍କୁ ଏକଜୁଟ୍ ହେବାକୁ ଆହ୍ୱାନ ଦେଉଛନ୍ତି। ନିର୍ବାଚନ ଯେତିକି ପାଖେଇ ଆସୁଛି, ଶକ୍ତି ପ୍ରଦର୍ଶନର ପ୍ରତିଧ୍ୱନି ସେତିକି ଶାଣିତ ହେବାରେ ଲାଗିଛି। ଏଭଳି ମାହୋଲରେ ଦଳୀୟ ଶୃଙ୍ଖଳା ବଜାୟ ରଖିବା ଏକ ଚ୍ୟାଲେଞ୍ଜ୍ ହୋଇଛି। ତେବେ ସମ୍ବଲପୁର ଜିଲା ସଦର ଥାନା ଅଞ୍ଚଳରେ ଠିକା କାମକୁ ନେଇ ବିଜେଡ଼ିର ୨ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ଘଟିଛି। ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଧାୟକଙ୍କ ସମର୍ଥକ ରେଢାଖୋଲ ନିର୍ବାଚନ ମଣ୍ଡଳୀରେ କାମ କରୁଥିବାରୁ ଏହି ଗୋଷ୍ଠୀ କନ୍ଦଳର ସୂତ୍ରପାତ ହୋଇଥିବା ଜଣାଯାଇଛି। ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କ୍ରମେ ୨ ପୃଥକ ମାମଲା (ନଂ.୨୧୭/୧୮, ୨୧୮/୧୮) ରୁଜୁ ହୋଇଛି।

ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ମାନେଶ୍ୱର ଗ୍ରାମର ବିଜେଡ଼ି କର୍ମୀ ମାନଭଞ୍ଜନ ପସାୟତ କରିଥିବା ଅଭିଯୋଗ ଅନୁଯାୟୀ, ସେ ମାନେଶ୍ୱର-ଜୟନ୍ତପୁର ରାସ୍ତା ପାର୍ଶ୍ୱରେ ସଫେଇ କାର୍ଯ୍ୟ କରାଉଥିବା ବେଳେ ଭୋଇପାଲି ଗ୍ରାମର ପପୁନ ପାଣିଗ୍ରାହୀ ସେଠାରେ ପହଞ୍ଚି ବାଧା ଦେଇଥିଲେ। ତୁରନ୍ତ କାମ ବନ୍ଦ କରିବାକୁ କହିଥିଲେ। ରେଢାଖୋଲ ନିର୍ବାଚନ ମଣ୍ଡଳୀ ଅଧୀନରେ ଏହି କାମ କରିପାରିବୁ ନାହିଁ କହି ୫୦ ହଜାର ଟଙ୍କା ଦାବି କରିଥିଲେ। ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ବିଜେଡିରେ ଥାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସରେ ପରିବର୍ତ୍ତନ ସହ ହାତ ମିଳାଇ ବିଧାୟକ ରୋହିତ ପୁଜାରୀଙ୍କ ବିପକ୍ଷରେ ପ୍ରଚାର ଚଳାଇଛୁ ନେଇ ଚିତ୍କାର କରି ଉଠି ମାରପିଟ୍ କରିଥିଲେ। ଏହା ବିଧାୟକଙ୍କ ନିର୍ଦ୍ଦେଶ ଥିଲା ବୋଲି କହିଥିଲେ। ଏହି ମାର୍‌ପିଟ୍ ସମୟର ଏକ ଅଡିଓ ଟେପ ଭାଇରାଲ୍ ହେବାରେ ଲାଗିଛି। ଅନ୍ୟପଟେ, ପପୁନ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସେ ନିଜ କାମରେ ଜୟନ୍ତପୁର ଯାଇଥିଲା ବେଳେ ରାସ୍ତାକାମ କରାଉଥିବା ମାନଭଞ୍ଜନ ତାଙ୍କୁ ଅଟକାଇ ମାର୍‌ପିଟ୍ କରିଥିବା ଥାନାରେ ଲିଖିତ ଜଣାଇଛନ୍ତି। ଏପରି କି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ପ୍ରଚାର ହେବା ପରେ ଶାସକ ଦଳ ବିଜେଡିର ଗୋଷ୍ଠୀ କନ୍ଦଳକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ବିପକ୍ଷ କଂଗ୍ରେସ ଓ ଭାଜପା ଦଳୀୟ ନେତା ଓ କର୍ମୀଙ୍କୁ ଏହା ରାଜନୈତିକ ଖୋରାକ୍ ଯୋଗାଇଛି। ଏ ସମ୍ପର୍କରେ ରେଙ୍ଗାଲି ବିଧାୟକ ରମେଶ ପଟୁଆଙ୍କୁ ପଚାରିବାରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ବିଜେଡି ଗୋଷ୍ଠୀ କନ୍ଦଳ ନାହିଁ। ରେଢାଖୋଲ ବିଧାୟକ ରୋହିତଙ୍କ ସହ ସମ୍ପର୍କ ଅତୁଟ ରହିଛି। ଅନ୍ୟ କୌଣସି କାରଣ ପାଇଁ ମାର୍‌ପିଟ ହୋଇଥିବ କହିଥିଲେ। ଏହି ଘଟଣା ସଂକ୍ରାନ୍ତରେ ରେଢାଖୋଲ ବିଧାୟକ ପୁଜାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ବଣ୍ଟନ

ବାରକୋଟ, ୬।୧୦ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକଠାରେ ଓଡିଶା ସରକାରଙ୍କର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ହସ୍ତତନ୍ତ୍ର ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭା ପରିଚାଳନା ଡିଆଇପିଆଇଓ ବିଜୟ କୁମାର ମିଶ୍ର କରାଇଥିବା ବେଳେ ପିଡିଆରଡିଏ ଭୀମସେଣ୍ଟ ପୁନମକାନ୍ତ ଏକ୍କା, ବିଡିଓ ଟୁଟୁ ମେହେର, ସିଏସଓ ଏସକେ ପାଢ଼ୀ, ବ୍ଲକ ଅଧକ୍ଷା ସୁବାସିନୀ ସାହୁ, ଉପାଧ୍ୟକ୍ଷ ହରମୋହନ ପାଣି, ଜିଲାପରିଷଦ ଉପାଧକ୍ଷ ଜୟକୃଷ୍ଣ ପ୍ରଧାନ,



ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଜଣେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

ଏମଏଲଏ ନମିନି ଅରୁଣ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ଏହି ଯୋଜନାକୁ ପ୍ରଶଂସା କରିଥିଲେ। ବାରକୋଟ ବ୍ଲକକୁ ୬୯୫୨ ଜଣ ହିତାଧିକାରୀ ଚୟନ ପାଇଁ ଟାର୍ଗେଟ ଦିଆଯାଇଥିବା ମନ୍ତ୍ରୀ କହିଥିଲେ। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୨୯୭ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାରକୋଟ ବ୍ଲକର ସମସ୍ତ ସରପଞ୍ଚ ସମିତି ସଭ୍ୟ ତଥା ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ଏସିଏସଓ ବିଜୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆୟୁଷ୍ମାନ ଭାରତ ଯୋଜନାର ସଚେତନତା କାର୍ଯ୍ୟକ୍ରମ

ଦେବଗଡ, ୬।୧୦ (ସ୍ୱ.ପ୍ର)

ଜିଲାର ୩ଟି ଯାକ ବ୍ଲକରେ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନାର ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ତିଲେଇବଣି ବ୍ଲକ ଅଧୀନ ଲଇମୁରା ତଥା ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକଙ୍କୁ ଭାଜପାର ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅନ୍ୟ ନେତୃବୃନ୍ଦ ଯୋଗଦେଇ ଭାରତ ସରକାରଙ୍କ ମାଗଣା ସ୍ୱାସ୍ଥ୍ୟ ସେବା ଆୟୁଷ୍ମାନ ଯୋଜନାର ସୁବିଧା କିପରି ପାଇପାରିବେ ସଚେତନତା ସୃଷ୍ଟି କରିଥିଲେ । ସେହିପରି ବାରକୋଟ ବ୍ଲକରେ ଜିଲା ଭାଜପା ସଭାପତି ଅରୁଣ ସାହୁଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

## ସାହାସପୁରରେ ଗିରିଗୋବର୍ଦ୍ଧନ ପୂଜା ପ୍ରସ୍ତୁତି

ଧମା,୬।୧୦(ଡି.ଏନ.ଏ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ସାହାସପୁରଠାରେ ଗିରିଗୋବର୍ଦ୍ଧନ ପୂଜା ଉତ୍ସବ ପାଇଁ ପ୍ରସ୍ତୁତି ଜୋର୍‌ଦାର ହୋଇଛି। ଏ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପରିଚାଳନା ପରିଷଦ ସଭାପତି ରାମନାରାୟଣ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଚଳିତବର୍ଷର ୯୦ତମ ଏହି ପୂଜାଉତ୍ସବର ପରିଚାଳନାକୁ ଦୃଷ୍ଟିରେ ରଖି ସର୍ବସମ୍ମତିକ୍ରମେ କମିଟି ଗଠନ କରାଯାଇଛି। ରାମନାରାୟଣ ନାୟକ ସଭାପତି, ରମେଶ ଚନ୍ଦ୍ର ପ୍ରଧାନ ଉପସଭାପତି, ପବିତ୍ର ମୋହନ ମେଣ୍ଡଳୀ ସମ୍ପାଦକ, ସନ୍ତୋଷ କୁମାର ବାଗ ସହସମ୍ପାଦକ, ଲକ୍ଷ୍ମୀନାରାୟଣ ଦେହୁରୀ କୋଷାଧ୍ୟକ୍ଷ, ସତ୍ୟନାରାୟଣ ମେଣ୍ଡଳୀ ସହ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସେହିପରି ୧୧ସଦସ୍ୟ ବିଶିଷ୍ଟ କାର୍ଯ୍ୟକାରୀ କମିଟିରେ ୭ ବରିଷ୍ଠ ସଦସ୍ୟଙ୍କୁ ଉପଦେଷ୍ଟା ପଦବୀରେ ଆସୀନ କରାଯାଇଛି। ମନୋରଞ୍ଜନ କାର୍ଯ୍ୟକ୍ରମର ରୂପରେଖ କ'ଣ ହେବ ଉପସ୍ଥିତ ସଭ୍ୟମାନଙ୍କର ମତ ଲୋଡ଼ାଯାଇ ଆସନ୍ତା ବୈଠକରେ ଚୂଡ଼ାନ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି।

## ରେଙ୍ଗାଲିରେ ଖାଦ୍ୟ ସୁରକ୍ଷା ଯୋଜନା ଲୋକାର୍ପିତ

ରେଙ୍ଗାଲି,୬।୧୦(ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଶନିବାର ଲୋକାର୍ପିତ ହୋଇଛି। ବିଡିଓ ବେର୍ଣ୍ଣାଦେଡ଼୍ ଲାକ୍ରାଙ୍କ ଅଧ୍ୟକ୍ଷତାରେ ରେଙ୍ଗାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଲୋକର୍ପଣ କାର୍ଯ୍ୟକ୍ରମ ହୋଇଥିଲା। ରେଙ୍ଗାଲି ବିଧାୟକ ରମେଶ ପଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ସାଂସଦ ପ୍ରତିନିଧି କିରଣ ବେହେରା, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷା ସାଇବାନି ସେଠ, ଉପାଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବିଧାୟକ ପ୍ରତିନିଧି ନାରାୟଣ ଶର୍ମା, ରେଙ୍ଗାଲି ଜୋନ-୨ ଜିଲା ପରିଷଦ ସଭ୍ୟା ଉତ୍ପଳା ଧରୁଆ, ଜିଲା ସହକାରୀ ଯୋଗାଣ ଅଧିକାରୀ ସୁହଂଶ ଭୋଇ, ବ୍ଲକ ଯୋଗାଣ ଅଧିକାରୀ ଜ୍ୟୋସ୍ନାରାଣୀ କର୍ଣ୍ଣଙ୍କ ସମେତ ସମସ୍ତ କର୍ମଚାରୀ, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

## ଧନକଉଡାରେ ରାଶନ କାର୍ଡ ବଣ୍ଟନ

ସମ୍ବଲପୁର,୬।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଡିଓ ସରୋଜ କୁମାର ବିଶ୍ୱାଳଙ୍କ ପରିଚାଳନା ଓ ଜୟଦେବ ବରୱଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ଏଥିରେ ଧନକଉଡା ବ୍ଲକ ଅଞ୍ଚଳର ୨୩୬ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଥିଲା। ରେଙ୍ଗାଲି ବିଧାୟକ ରମେଶ ପଟୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ସମ୍ବଲପୁର ଏମପି ପ୍ରତିନିଧି ହୀରାଲାଲ ବେହେରା, ବିଶାଲଖିଣ୍ଡା ସରପଞ୍ଚ ସୁଶୀଲ କୁମାର ବାବୁ, କିଲାସମା ସରପଞ୍ଚ ପ୍ରଶାନ୍ତ ସାହୁ, ଶାସନ ସରପଞ୍ଚ ଏମ ଭୁଏ, ବସନ୍ତପୁର ସରପଞ୍ଚ ଉଦୟ ମିର୍ଦ୍ଧା, କଳାମାଟି ସରପଞ୍ଚ ଶ୍ରୀହରି ନାଗ, କର୍ଡେଲା ସରପଞ୍ଚ ବିଶ୍ୱବନ୍ଧ୍ୟା ବଢ଼େଇ, କୁଦଗୁଣ୍ଡେରପୁର ସରପଞ୍ଚ ସନ୍ତୋଷିନୀ ବାଗ ସମ୍ମାନୀତ ଅତିଥି ଥିଲେ । ଏପିଡିଓ ଶୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କ ଆଖିରୁ ଲୁହ ପୋଛିଛି ଉଜ୍ଜ୍ୱଳା

ସମ୍ବଲପୁର,୬।୧୦(ବ୍ୟୁରୋ)

ଉଜ୍ଜଳା ପଞ୍ଚାୟତ ଯୋଜନା କାର୍ଯ୍ୟକ୍ରମ ସମ୍ବଲପୁର ଜିଲା କ୍ଷେତରାଜପୁର ଉଗ୍ରେସନ ଭବନ ଠାରେ ଆୟୋଜିତ ହୋଇଯାଇଛି। ପ୍ରାକୃତିକ ଗ୍ୟାସ ଓ ପେଟ୍ରୋଲିୟମ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫ୍ରେନସିଂ ମାଧ୍ୟମରେ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଉପସ୍ଥିତ ଶତାଧିକ ମହିଳାଙ୍କ ମଧ୍ୟରୁ ୫ ଜଣଙ୍କ ସହ କଥା ହୋଇଥିଲେ । ସେ କହିଥିଲେ ଯେ ଉଜ୍ଜ୍ୱଳା ହିତାଧିକରୀମାନେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଯୋଜନା ଯୋଗୁ ସଶକ୍ତ ହୋଇପାରିଛନ୍ତି । କାଠ ଓ ଚୁଲିଜଳାରୁ ମୁକ୍ତି ପାଇଛନ୍ତି । ସେମାନଙ୍କ ସମୟ ଅପଚୟ ହେଉନାହିଁ। ଏହି ସମୟରେ ସେମାନେ ପିଲାମାନଙ୍କ ପାଠପଢ଼ା ସହ ଅନ୍ୟ କିଛି କାମ କରି ରୋଜଗାର କରିବାର ସୁଯୋଗ ପାଉଛନ୍ତି। ଅପରପକ୍ଷେ ପ୍ରତି ଜାଳେଣି ସଂଗ୍ରହ କରିବାରେ ସମୟ ନଷ୍ଟ ହେଉନାହିଁ । ଏଥି ସହ ଗ୍ୟାସରେ ରୋଷେଇ କରିବା ଯୋଗୁ ପରିବେଷ ପ୍ରଦୁଷିତ ହେଉନାହିଁ।ଏହି ଯୋଜନା ପରିବାରରେ ସୁସ୍ଥ ବାତାବରଣ ଆଣି ଦେଇଛି ବୋଲି କହିଥିଲେ। ।



କ୍ଷେତରାଜପୁର ଉଗ୍ରସେନ ଭବନରେ ଭିଡିଓକନଫ୍ରେନ୍ସିଂରେ ମହିଳାମାନେ ।

ମ୍ୟୁନିସିପାଲ ଗାର୍ଲ୍ସ ହାଇସ୍କୁଲ ମିଶ୍ରଣକୁ ବିରୋଧ

## ବିଧାୟିକାଙ୍କୁ ଭେଟିଲେ ପ୍ରତିନିଧି ଦଳ

ସମ୍ବଲପୁର,୬।୧୦(ବ୍ୟୁରୋ)

ମ୍ୟୁନିସିପାଲ ଗାର୍ଲ୍ସ ହାଇସ୍କୁଲକୁ ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲ ସହ ମିଶ୍ରଣ କରିବାକୁ ରାଜ୍ୟ ସରକାର ସ୍ଥିର କରିଛନ୍ତି। ଏହି ମିଶ୍ରଣ ନିଷ୍ପତ୍ତିକୁ ସ୍କୁଲର ପୁରାତନ ଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ବିରୋଧ କରିଛନ୍ତି । ଏ ନେଇ ଶନିବାର ଏକ ପ୍ରତିନିଧି ଦଳ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି। ୫୫ ବର୍ଷର ପୁରୁଣା ଏହି ସ୍କୁଲର ଛାତ୍ରୀମାନେ ସର୍ବଭାରତୀୟ ସ୍ତରରେ ବିଭିନ୍ନ ପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଏଣୁ ମର୍ଯ୍ୟାଦାଜନକ ସ୍କୁଲକୁ ଅନ୍ୟ ଏକ ସ୍କୁଲରେ ମିଶ୍ରଣ କଲେ ଏହାର ସ୍ୱତନ୍ତ୍ରତା ବଜାୟ ରହିବ ନାହିଁ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ପୂର୍ବାହ୍ନ ୧୦ଟାରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ପୁରାତନ ଛାତ୍ରୀ ଶେଫାଳୀରାଣୀ ଦାଶଙ୍କ ଅଧ୍ୟକ୍ଷତାରେ ଏ ସଂକ୍ରାନ୍ତରେ ମିଳିତ ବୈଠକ ହୋଇଥିଲା। ଏଥିରେ ସହରର ବିଶିଷ୍ଟ ବ୍ୟକ୍ତି, ପୁରାତନ ଛାତ୍ରୀ ଓ ଶିକ୍ଷୟିତ୍ରୀ, ଅଭିଭାବକ, ସ୍କୁଲ ପରିଚାଳନା କମିଟିର ସଭ୍ୟ ସାମିଲ ଥିଲେ। ବୈଠକରେ ଏକ ପ୍ରସ୍ତାବ ଗ୍ରହଣ କରାଯାଇ ରାଜ୍ୟ ସରକାର ତାଙ୍କର ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ଦାବି କରାଯାଇଛି । ଏଥିସହ ଆଖପାଖ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀମାନେ ଏଠାରେ ବହୁଳ ସଂଖ୍ୟାରେ ଅଧ୍ୟୟନ କରୁଥିବା ବେଳେ ଛାତ୍ରୀବହୁଳ ଏକ ସ୍କୁଲ ସହ ଏହାର ମିଶ୍ରଣକୁ ବୈଠକରେ ନାପସନ୍ଦ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବାସନ୍ତୀ ମହାନ୍ତି, ବିଷ୍ଣୁପ୍ରିୟା ରଥ, ଅନୁରାଧା ପୁରୋହିତ, ବିଦ୍ୟାଳୟର ପୁରାତନ ଛାତ୍ରୀ ସଂଯୁକ୍ତା ପଣ୍ଡା, ଅଧାପିକା ତେଜଶ୍ରୀ ମିଶ୍ର, ବୃନ୍ଦାବତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ଦେବଗଡ କଲେଜରେ ଛାତ୍ର ଅଶାନ୍ତି ଘଟଣା ସରଗରମ୍

## ସମସ୍ତ ଦିଗକୁ ବିଚାର କରି ନିର୍ବାଚନ ବାତିଲ କରାଯାଇଛି

ଦେବଗଡ, ୬।୧୦ (ସ୍ୱ.ପ୍ର) –

ଦେବଗଡ କଲେଜ ଛାତ୍ର ଆନ୍ଦୋଳନ ସଂକ୍ରାନ୍ତରେ କଲେଜ ଅଧକ୍ଷା ସନ୍ତୋଷିନୀ ଶତପଥୀ ଶୁକ୍ରବାର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ନିଜ ମତ ରଖିଥିବା ସୂଚନା ଦେଇଛନ୍ତି। ଅଧକ୍ଷା ଜଣାଇଛନ୍ତି ଯେ, ଗତ ଅକ୍ଟୋବର ୧ ତାରିଖ ଅପରାହ୍ନ ସାଢେ ୧ ଟାରେ ସମସ୍ତ ଉପସ୍ଥାନ ଖାତା ସଂଗ୍ରହ କଲାବେଳକୁ ୨ଟି ଉଦ୍ଭିଦ ବିଜ୍ଞାନ ବିଭାଗ ଖାତା ଚୋରି ହୋଇଥିବାନେଇ ବିଭାଗୀୟ ମୁଖ୍ୟ ଅମୂଲ୍ୟ ନାୟକ ଜଣାଇଥିଲେ । ଏ ସମ୍ପର୍କରେ କଲେଜର ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ମେହେର ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହ ବିଚାର ବିମର୍ଷ କଲାବେଳକୁ ପୂର୍ବତନ ଛାତ୍ର ସଂସଦ ସଭାପତି ବିଜୟ କୁମାର ଦେହୁରୀ ଓ ସୁମନ୍ତ ରଣାଙ୍କ ସହ ମିଶି କିଛି ଛାତ୍ର ଏକ ଲିଖିତ ପତ୍ର ଦେଇ ଏହି ପରିସ୍ଥିତିରେ ଅବାଧ ନିର୍ବାଚନ ହେବାର ସନ୍ଦେହ ଥିବାରୁ ନିର୍ବାଚନକୁ ବାତିଲ କରିବାକୁ ଦାବି କରିଥିଲେ । ସମସ୍ତ ଦିଗକୁ ବିଚାର କରି କଲେଜ ଷ୍ଟାଫ୍ କାଉନସିଲ ନିର୍ବାଚନକୁ ବାତିଲ କରିବାକୁ ପରାମର୍ଶ ଦେବାରୁ ନିର୍ବାଚନ ବାତିଲ କରାଗଲା। ମାତ୍ର ଅକ୍ଟୋବର ୩ ରେ ନିର୍ବାଚନ ବାତିଲ ଦାବି କରିଥିବା ସେହି ନିର୍ଦ୍ଦିଷ୍ଟ ଛାତ୍ରମାନେ ନିର୍ବାଚନ କରିବାକୁ ଦାବି କରି କଲେଜ ଫାଟକରେ ତାଲା ପକେଇ ପ୍ରତିବାଦ କରିଥିଲେ। ହିଂସା ଓ ଆଇନଶୃଙ୍ଖଳା ଜଟିଳ ଥିବା ଆଶଙ୍କା କରି ସାଇନ-ଏ-ଡାଏ ଘୋଷଣା କରାଗଲା । ଦେବଗଡ କଲେଜ ଛାତ୍ର ଆନ୍ଦୋଳନ ଏକ ସୁପରିକଳ୍ପିତ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ପରିଚାଳନା କମିଟି ସଭାପତି ସୁଧୀର କପରଦାର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। କପରଦାରଙ୍କ ନାମ ସହିତ କଲେଜର ଅଧକ୍ଷା, ଜନୈକ ଅଧାପକଙ୍କ ନାମକୁ ଯୋଡି କରି କେତେକ ଭିତିହୀନ, ମିଥ୍ୟା ଓ ମନଗଢା ଅଭିଯୋଗ ଛାତ୍ରମାନେ କରିଛନ୍ତି।

## ୩୦୧ ପରିବାରଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ଼ ବଣ୍ଟନ

ଜମନକିରା,୬।୧୦(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ଶନିବାର ୧୨୭୯ ହିତାଧିକାରୀଙ୍କ ମଧ୍ୟରୁ ୩୦୧ ପରିବାରଙ୍କୁ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଖାଦ୍ୟ ସୁରକ୍ଷା କାର୍ଡ଼ ଯୋଗାଇ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। କୁଚିଣ୍ଡା ବିଧାୟକ ରବିନାରାୟଣ ନାୟକ, ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ, ଉପାଧ୍ୟକ୍ଷା ସୁଶୀଲା କାଲୋ, ଜିଲା ଯୋଗାଣ ଅଧିକାରୀ ପୀତାମ୍ବର ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ଆଦିପ୍ରସାଦ ମହାକୁଲ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ୍ ଯୋଗାଣ ଅଧିକାରୀ ପ୍ରଶାନ୍ତ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ।



ଜଣେ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ ପ୍ରଦାନ କରୁଛନ୍ତି ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର।

## ଗ୍ରାମବାସୀ, କମିଟି ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ

ଧମା, ୬।୧୦ (ଡି.ଏନ.ଏ)

ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା' ଖାଡ଼େଶ୍ୱରୀଙ୍କ ଦଶହରା ପର୍ବ ପାଳନ ପୂର୍ବକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରାଙ୍ଗଣରେ ହୋଇଥିଲା ବୈଠକ। କୈବର୍ତ୍ତ ସମାଜର ସେଠ ଚମାର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ମା'ଙ୍କ ଦଶମୀ ଓ ପୂର୍ଣ୍ଣମୀ ପର୍ବ ରୀତିନୀତି ଅନୁଯାୟୀ ସମ୍ପାଦିତ କରାଯିବାକୁ ଆଲୋଚନା ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ପୂଜା କମିଟି ଗଠନ କରାଯାଇଥିଲା। ମଦନଲାଲ ଅଗ୍ରୱାଲ ସଭାପତି, ଗୋବିନ୍ଦ ପଟ୍ଟନାୟକ ସମ୍ପାଦକ, ବିଜୟ କୁମାର ଚୌଧୁରୀ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସେହିପରି ଆଗାମୀଦିନରେ ହେବାକୁ ଥିବା ବଇଲ ଯାତ୍ରା ଓ ସାଂସ୍କୃତିକ ଉତ୍ସବର ପରିଚାଳନା ଦାୟିତ୍ୱ କମିଟି ସଦସ୍ୟମାନଙ୍କୁ ହସ୍ତାନ୍ତର କରାଯାଇଛି। ମୁଖ୍ୟ ପୂଜକ ଅମିତ ପୂଜାରୀଙ୍କ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ଖାଡ଼େଶ୍ୱରୀ ଦେବୀଙ୍କ ଦେପୂଚ୍ଛା ପର୍ବ ଆୟୋଜିତ ହେବ। ଏଥିପାଇଁ କେଉଁ ଦଶଟି ପୀଠ ମଧ୍ୟରୁ ବରଣ କରାହେବ ମତାମତ ଲୋଡ଼ାଯାଇଥିଲା। ଆସନ୍ତା ୯ ତାରିଖ ନବରାତ୍ରି ପୂଜାରମ୍ଭ ସହ ମା'ଙ୍କ ବିଭିନ୍ନ ବେଶ ଓ ମୁଦ୍ରା, ୧୯ ତାରିଖ ଶୁକ୍ରବାର ବିଜୟା ଦଶମୀ ଯାତ୍ରା ଏବଂ ୨୪ ତାରିଖ ବୁଧବାର ଦିନ ପୂର୍ଣ୍ଣମୀ ଯାତ୍ରା ପାଳନ କରାଯିବାକୁ ସ୍ଥିରୀକୃତ ହୋଇଥିବା ସେ ଜଣାଇଛନ୍ତି। ବୈଠକର ନିଷ୍ପତ୍ତି କ୍ରମେ ଏହି ଅବସରରେ ଯାତ୍ରା କିମିଟି ଦ୍ୱାରା ୧୩ରେ ବରଗଡ଼ ତୁଲଣ୍ଡିର ଧୀରେନ୍ଦ୍ର ବଢ଼େଇଙ୍କ ପ୍ରବଚନ, ୧୯ରେ ରାଇସଲପଦର ଅପେରା, ୨୦ ଓ ୨୧ ଶନିବାର ଏବଂ ରବିବାର ସମାସିଂହା ଜନନୀ ପଟେଲ ଓ ସାଥିଙ୍କ ଦ୍ୱାରା ପାଲା ପରିବେଷଣ, ୨୨ରେ ବଲବରପୁର ଓ ସୋନୁଟିକ୍ରା କୃଷ୍ଣଗୁରୁ ବୈଠକୀ, ୨୩ରେ ବଡ଼ଗାଁର ଉଦିଆଁତରା ଦଣ୍ଡନୃତ୍ୟ ଓ ଶେଷରେ ୨୪ରେ ପୂର୍ଣ୍ଣମୀ ଯାତ୍ରାରେ ଢ଼େଙ୍କାନାଳର ବାଦଲ ଗଣନାଟ୍ୟ ଦ୍ୱାରା ଅପେରା ପରିବେଷଣ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଯାତ୍ରା କମିଟି ଉପଦେଷ୍ଟା ଗଜରାଜ ଦଲେଇ ଏହା କହିଛନ୍ତି। ଗ୍ରାମବାସୀ ଓ କମିଟି ସଦସ୍ୟମାନଙ୍କୁ ଏଥିପାଇଁ ଦାୟିତ୍ୱ ବଣ୍ଟନ କରାଯାଇଛି। କୃଷ୍ଣଚନ୍ଦ୍ର ସାହୁଙ୍କୁ ମନ୍ଦିର ଓ ପ୍ରାଙ୍ଗଣ ପରିଷ୍କାର, ଦୁର୍ଯ୍ୟୋଧନ ଖଟୁଆ, ବସନ୍ତ ବାଗ୍‌ଙ୍କୁ ବଇଲା ଯାତ୍ରା, ଦେବାଶୀଷ ପଟ୍ଟନାୟକଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପଞ୍ଚମ ବାରିକ, ହାଡୁ ବାଗ, ମହେଶ ସେଠ, ରବୀନ୍ଦ୍ର ସାହୁଙ୍କୁ ପରିଚାଳନାର ପ୍ରମୁଖ ଦାୟିତ୍ୱ ଦିଆଯାଇଛି। ଚଳିତ ବଇଲ ଯାତ୍ରାରେ ବରୁଆ ଭାବେ ଦେଓଗାଁ ଗ୍ରାମର ବିକ୍ରମ ମାଝୀ ଦାୟିତ୍ୱ ତୁଲାଇବେ ବୋଲି ଧର୍ମପଦ ବାରିକ କହିଛନ୍ତି ।



ଧମାସ୍ଥିତ ମା' ଖାଡେଶ୍ୱରୀ ମନ୍ଦିର ।

**ମା' ଖାଡେଶ୍ୱରୀଙ୍କ ଯାତ୍ରା ଉତ୍ସବ**

## ଭଜନ ଗାଇଲେ, ଯୋଗ ଶିଖାଇଲେ ଉପଜିଲାପାଳ

ରେଢ଼ାଖୋଲ,୬।୧୦(ଡି.ଏନ.ଏ.)

ରେଢ଼ାଖୋଲ ଉପଜିଲାପାଳ ବିଶିକେସନ ଦେହୁରୀ ଶୁକ୍ରବାର ଅପରାହ୍ନ ୪ଟାରେ ଅଚାନକ ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିଦର୍ଶନରେ ଯାଇ ଛାତ୍ରୀମାନଙ୍କୁ ଗଣିତ, ସାଧାରଣ ଜ୍ଞାନ, ଭୁଗୋଳ ଓ ବିଜ୍ଞାନ ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରଶ୍ନ ପଚାରିବା ସହ ଗଣିତର କେତେକ ସରଳସୂତ୍ର ବ୍ୟାଖ୍ୟା କରିଛନ୍ତି। ସେହିପରି ଶନିବାର ସକାଳେ ବିଦ୍ୟାଳୟ ପଡ଼ିଆରେ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ନିଜେ ହାର୍‌ମୋନିୟମ ଧରି 'ମନ ପାରାରେ ଶ୍ରୀ କ୍ଷେତ୍ରେ ଯିବୁ ଉଡି ଉଡି' ଭଜନ ଗାଇବା ସହ ଯୋଗର କେତେକ ମୁଦ୍ରା ଶିଖାଇଛନ୍ତି। ନିୟମିତ ଯୋଗାଭ୍ୟାସ କରି ଶରୀର ଓ ମନକୁ ସୁସ୍ଥ ରଖିବାକୁ ପରାମର୍ଶ ଦେଇଛନ୍ତି। ଉପଜିଲାପାଳଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପିଟର ଟେଟେ, ବ୍ଲକ ମଙ୍ଗଳ ଅଧିକାରୀ ପ୍ରସନ୍ନ ପଣ୍ଡା, ପ୍ରଧାନ ଶିକ୍ଷକ ଅଶୋକ ମହାନ୍ତିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହିଥିଲେ।



ଶୁଣ୍ଠିମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପଡ଼ିଆରେ ହାର୍‌ମୋନିୟମ ଧରି ଭଜନ ପରିବେଷଣ କରୁଛନ୍ତି ଉପଜିଲାପାଳ ବିଶିକେଶନ ଦେହୁରୀ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ନରସିଂହପୁର ଜଙ୍ଗଲରେ ସୁନ୍ଦରୀ
## ଜଙ୍ଗଲତଳି ଗ୍ରାମବାସୀ ଆତଙ୍କିତ

ନରସିଂହପୁର,୬।୧୦(ସ୍ୱ.ପ୍ର.): ସାତକୋଶିଆ ଅଭୟାରଣ୍ୟରେ ଛଡ଼ାଯାଇଥିବା ବାଘୁଣୀ ସୁନ୍ଦରୀ ଏବେ ଅନୁଗୋଳ ଜଙ୍ଗଲରୁ ବାହାରି କଟକ ଜିଲା ନରସିଂହପୁର ବନାଞ୍ଚଳ ଗ୍ରାମ ନିକଟ ଜଙ୍ଗଲକୁ ଚାଲିଆସିଛି। ଫଳରେ ଜଙ୍ଗଲତଳି ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ନରସିଂହପୁର ପଶ୍ଚିମାଞ୍ଚଳ ବନବିଭାଗ ଅଧୀନ ଉପରକଟା ଗ୍ରାମ ନିକଟ ଜଙ୍ଗଲରେ ସୁନ୍ଦରୀ ବୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହାପରେ ବାଘୁଣୀର ଗତିବିଧି ଅନୁଧାନ କରୁଥିବା ବନ୍ୟପ୍ରାଣୀ ବିଭାଗର ଅନୁଧାନକାରୀ ଦଳ ଉପରକଟା ଗ୍ରାମ ନିକଟରେ ପହଞ୍ଚି ସାଟେଲାଇଟ୍ ମାଧମରେ ବାଘୁଣୀକୁ ଜଗି ରହିଥିଲେ। ତେବେ ଉପରକଟା ଏବଂ ତା'ର ଆଖପାଖ ଗ୍ରାମବାସୀ ରାତିସାରା ଆତଙ୍କରେ ରହିଥିଲେ। ଶନିବାର ସକାଳ ୮ଟା ବେଳକୁ ସୁନ୍ଦରୀ ଜୟପୁର ଗ୍ରାମ ନିକଟ ଜଙ୍ଗଲ ମୁହାଁ ହୋଇଥିଲା। ଜୟପୁର ଜଙ୍ଗଲରୁ ଗୋପପୁର ଗ୍ରାମ ନିକଟ ଗାଁ ପାହାଡ଼କୁ ଦିନ ୧୦ଟା ବେଳକୁ ଯାଇଥିଲା। ଫଳରେ ବଡଭୂଇଁ, ମାଳିସାହି, ଗୋପପୁର ଓ ସହରସାହି ଆଦି ଆଖପାଖ ଗ୍ରାମବାସୀ ପାହାଡ଼ ତଳ ଚାଷ ଜମିକୁ ଯାଇ ନ ଥିଲେ କିମ୍ବା ଗୃହ ପାଳିତ ପଶୁଙ୍କୁ ଚରିବାକୁ ଛାଡ଼ି ନ ଥିଲେ। ଜିଲିଣ୍ଡା ବନ୍ୟପ୍ରାଣୀ ବିଭାଗ ଅଧିକାରୀ ହରିଶ୍ଚନ୍ଦ୍ର ନାୟକ, ବନବିଭାଗ ଏସିଏଫ୍ଓ ପୂର୍ଣ୍ଣଚନ୍ଦ୍ର ଗୁରୁ, ପୂର୍ବାଞ୍ଚଳ ଅଧିକାରୀ ଅଭିରାମ ଜେନା ଓ ପଶ୍ଚିମାଞ୍ଚଳ ଅଧିକାରୀ ବିଜୟ କୁମାର ମହାନ୍ତି ସଦଳବଳ ଘଟଣାସ୍ଥଳକୁ ଯାଇ ସୁନ୍ଦରୀକୁ ଜଙ୍ଗଲ ମୁହାଁ କରାଇଥିଲେ। ଖବର ଲେଖାହେବା ବେଳକୁ ସୁନ୍ଦରୀ ଜୟପୁର ଏବଂ ବଡ଼ଭୂଇଁ ଗ୍ରାମ ମଧ ଜଙ୍ଗଲରେ ଥିଲା। ସୁନ୍ଦରୀର ଗତିବିଧିକୁ ଲକ୍ଷ୍ୟ କରିବା ପାଇଁ ବନ୍ୟପ୍ରାଣୀ ବିଭାଗ ଓ ଜଙ୍ଗଲ ବିଭାଗ ପକ୍ଷରୁ ସଜାଗ ଦୃଷ୍ଟି ରଖାଯାଇଛି ବୋଲି ଏସିଏଫଓ ଗୁରୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସୁନ୍ଦରୀ ଜଙ୍ଗଲତଳି ଗ୍ରାମ ନିକଟ ଜଙ୍ଗଲରେ ରହିଥିବାରୁ ଗ୍ରାମବାସୀ ସଜାଗ ରହିବାକୁ ବନବିଭାଗ ପକ୍ଷରୁ କୁହାଯାଇଛି।

### ୫୫୪ ଜଣ ଡାକ୍ତରଙ୍କ ବଦଳି

ଭୁବନେଶ୍ୱର ୬।୧୦ (ବ୍ୟୁରୋ)- ରାଜ୍ୟ ସରକାର ଶନିବାର ବରିଷ୍ଠ ଡାକ୍ତର ତଥା ମେଡିକାଲ ଅଫିସରଙ୍କ କ୍ଷେତ୍ରରେ ଏକ ବଡଧରଣର ଅଦଳବଦଳ କରିଛନ୍ତି। ଏନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜୁନିୟର ଆଡମିନିଷ୍ଟ୍ରେଟିଭ୍ (ଯୁଗ୍ମ ସଚିବ) ଲେଭେଲ-୫ ପାହ୍ୟାକୁ ପଦୋନ୍ନତି ପାଇଥିବା ୫୫୪ ଜଣ ଡାକ୍ତରଙ୍କୁ ଜିଲାମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଡାକ୍ତରଖାନାକୁ ବଦଳି ହୋଇଛି। ଡା. ନିର୍ମଳ କୁମାର ଦୀକ୍ଷିତ ମୟୂରଭଞ୍ଜ ଜିଲା ଉଦଳା ଡାକ୍ତରଖାନାରେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ବାରିପଦା ଜିଲାମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଛି। ଡା. ତ୍ରିଲୋଚନ ପ୍ରଧାନ ଅନୁଗୋଳ ଡିଟିଓ ଥିବାବେଳେ ତାଙ୍କୁ ଜିଲାର ଏଡିପିଏଚ୍ଓ (ଯକ୍ଷ୍ମା)କୁ ବଦଳି ହୋଇଛି।

# ମହିଳାଙ୍କ ମୃତଦେହ ଠେଲା ରିକ୍ସାରେ ଶ୍ମଶାନକୁ ଗଲା

**ବୀରମହାରାଜପୁର, ୬।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସ୍ତିରେ ରହୁଥିବା ଜଣେ ମହିଳାଙ୍କ ମୃତଦେହ ଠେଲା ରିକ୍ସାରେ ବୁହାହୋଇ ଶ୍ମଶାନକୁ ଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତ ମହିଳା ହେଲେ ସୁମିତ୍ରା ମହାପାତ୍ର (୬୫)। ସେ କୁମାରକେଲି ଗ୍ରାମର ମୂଳ ବାସିନ୍ଦା ଅଚ୍ୟୁତ ମହାପାତ୍ରଙ୍କର ସ୍ତ୍ରୀ । ଗତ କିଛି ବର୍ଷ ହେଲା ଅଚ୍ୟୁତଙ୍କ ପରିବାର ସ୍ଥାନୀୟ କଲେଜ ନିକଟରେ ଘର କରି ରହୁଥିଲେ। ଏପରି କି ବୀରମହାରାଜପୁର ବସ୍ତିରେ ଠେଲା ରିକ୍ସାରେ ଛୋଟ ବ୍ୟବସାୟ ଚଳାଇ ଆସୁଥିଲେ । ପରିବାର ଲୋକଙ୍କ କହିବାନୁଯାୟୀ ସୁମିତ୍ରା ଅସୁସ୍ଥ ଥିବାରୁ ଗତ ୪ ତାରିଖ ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଶନିବାର ସକାଳ ସାଢ଼େ ୮ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଦୀର୍ଘ ସମୟ ଅପେକ୍ଷା ପରେ ମହାପ୍ରୟାଣ ଗାଡି ନ ମିଳିବାରୁ ସୁମିତ୍ରାଙ୍କ ମୃତଦେହକୁ ଭଡାଗାଡି ଯୋଗେ ବୀରମହାରାଜପୁର କଲେଜ ରୋଡସ୍ଥିତ ବାସଭବନକୁ ଅଣାଯାଇଥିଲା। ସମ୍ପର୍କୀୟ ପହଞ୍ଚିବା ପରେ ମୃତଦେହକୁ କାନ୍ଧେଇ କିଛି ବାଟ ନିଆଯାଇଥିବା ମଧ ଜଣାଯାଇଛି । କିନ୍ତୁ ବାଗମାରି ଛକଠାରୁ ମୃତଦେହକୁ ଠେଲା ରିକ୍ସାରେ ତାଙ୍କର ଜଣେ ସମ୍ପର୍କୀୟ ୬କି.ମି ଦୂରରେ ଥିବା ହରିହରଯୋର ଶ୍ମଶାନ ଘାଟକୁ ନେଇଥିଲେ। ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। କେଉଁ ପରିସ୍ଥିତିରେ କାନ୍ଧ ନ ମିଳିବାରୁ ସୁମିତ୍ରାଙ୍କ ମୃତଦେହ ଠେଲା ରିକ୍ସାରେ ଶ୍ମଶାନକୁ ବୁହାହେଲା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।



ମହିଳାଙ୍କ ମୃତଦେହକୁ ଠେଲା ରିକ୍ସାରେ ଶ୍ମଶାନକୁ ନିଆଯାଉଛି।

# ଛାତ୍ରଙ୍କ ଆମରଣ ଅନଶନ ଜାରି





ଶନିବାର ଜଣେ ଛାତ୍ରଙ୍କୁ ହସ୍ପିଟାଲ ନିଆଯାଉଛି। ଅନଶନରତ ଛାତ୍ରଙ୍କ ସହ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା, ନାଗରିକ ଆଲୋଚନା କରୁଛନ୍ତି।

**ଦେବଗଡ଼,୬।୧୦(ସ୍ୱ.ପ୍ର)**

ଦେବଗଡ କଲେଜର ଛାତ୍ର ସଂସଦ ନିର୍ବାଚନ ବାତିଲକୁ ନେଇ କଲେଜ କର୍ତ୍ତୃପକ୍ଷ ବିନା କୌଣସି ଯୁକ୍ତିଯୁକ୍ତ କାରଣ ଦର୍ଶାଇ ସାଇନ-ଏ-ଡାଇ ଘୋଷଣା କରିଥିବା ତଥା କଲେଜ ଅଧକ୍ଷା ସନ୍ତୋଷିନୀ ଶତପଥୀ, କଲେଜ ପରିଚାଳନା ସଭାପତି ସୁଧୀର କପରଦାର, ବୋଟାନୀ ମୁଖ୍ୟ ଅମୂଲ୍ୟ ନାୟକଙ୍କ ବହିଷ୍କାର ଦାବିରେ ଛାତ୍ରମାନେ ଗୁରୁବାରଠାରୁ ଆମରଣ ଅନଶନରେ ବସିଥିବାବେଳେ ଶୁକ୍ରବାର ପ୍ରଶାନ୍ତ ବେହେରା ଗୁରୁତର ହୋଇଥିବାବେଳେ ଶନିବାର ଆଉ ଜଣେ ଛାତ୍ର ଗୁରୁତର ହୋଇ ଅସୁସ୍ଥ ଥିବା ଜଣାପଡିଛି। ସେ ହେଲେ ସୌମ୍ୟରଂଜନ ତିୱାରି। ତାଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଷ୍ଟ୍ରେଚର ଦ୍ୱାରା ଗାଡିରେ ବୋହି ହସପିଟାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଛାତ୍ରମାନଙ୍କର ଆନ୍ଦୋଳନ ୩ୟ ଦିନରେ ପହଞ୍ଚିଥିଲେ ମଧ ପ୍ରଶାସନ ତରଫରୁ କାହାରି ଦେଖାଦର୍ଶନ ମିଳି ନ ଥିଲା । ତେବେ ସନ୍ଧ୍ୟାରେ ବିଭିନ୍ନ ରାଜନୈତିକ ନେତୃବୃନ୍ଦ, ପୂର୍ବତନ ସଭାପତି ଏବଂ ଜନସାଧାରଣ ତଥା ବିଭିନ୍ନ ସଂଗଠନର ସହଯୋଗ ଲୋଡିଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ଭାଜପା ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ପିସିସି ସମ୍ପାଦକ ସେମ୍ ହେମରମ୍, ପୂର୍ବତନ ଛାତ୍ର ସଂସଦ ସଭାପତି ଧର୍ମେନ୍ଦ୍ର କୁମାର ଦେବତା, ବାପି ନନ୍ଦ, ସତ୍ୟ ନାରାୟଣ ପାଣି, ଜିଲା ଓକିଲ ସଂଘ ସମ୍ପାଦକ ବିକାଶ କୁମାର ପ୍ରଧାନ, ଦେବଗଡ ପୌରାଧକ୍ଷା ଅନୀତା ପାତ୍ର, ଏବିଭିପିର ରାଜ୍ୟ ସଂଯୋଜକ ଆଲୋକ ମିଶ୍ରଙ୍କ ସମେତ ବହୁସଂଖ୍ୟକ କର୍ମକର୍ତ୍ତା ଆନ୍ଦୋଳନରତ ଛାତ୍ରଙ୍କ ପ୍ରକୃତ ସତ୍ୟାସତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସୂଚନା ଥାଉ କି ଦେବଗଡ କଲେଜରେ ସିଲେକ୍ସନ ନ କରି ଇଲେକ୍ସନ ମାଧମରେ ଛାତ୍ର ସଂସଦ ଗଠନ ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଛାତ୍ରୀଛାତ୍ର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରିକି ନିର୍ବାଚନ ବାତିଲ ହେବାରେ କଲେଜ ଅଧକ୍ଷା, ପରିଚାଳନା ସଭାପତି, ବୋଟାନୀ ମୁଖ୍ୟଙ୍କ ଇଙ୍ଗୀତରେ ଏସବୁ କରାଯାଇଛି ବୋଲି ଅଭିଯୋଗ କରି ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏପରିକି ସାଇନ-ଏ-ଡାଇ କରିବା ପରି କୌଣସି ପ୍ରକାରର କାର୍ଯ୍ୟ କରାଯାଇନାହିଁ । ଉଦ୍ଭିଦ ବିଜ୍ଞାନ ଉପସ୍ଥାନ ଖାତା ଚୋରି ହୋଇଥିବା କହି କଲେଜର ଛାତ୍ର ସଂସଦ ନିର୍ବାଚନ ବାତିଲ କରିଦେଇଥିଲେ । ଏଣୁ ବାଧ ହୋଇ ସେମାନଙ୍କ ବହିଷ୍କାର ଦାବିରେ ଛାତ୍ରମାନେ ଆମରଣ ଅନଶନରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ଛାତ୍ରମାନେ ଚେତାବନୀ ଦେଇଛନ୍ତି।

**ଦେବଗଡ କଲେଜ**

- ୩ୟ ଦିନରେ ଆଉ ଜଣେ ହସ୍ପିଟାଲରେ ଭର୍ତ୍ତି
- ଛାତ୍ରଙ୍କ ସହ ଆଲୋଚନା କଲେ ବିଭିନ୍ନ ନେତୃବୃନ୍ଦ
- ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଚାଲିବ

### ପୁରୀ ହିଂସା ଯୋଜନାବଦ୍ଧ: ଏସ୍ପି
# ୨ ଘଟଣାରେ ୧୨ ଗିରଫ

**ପୁରୀ ଅଫିସ, ୬।୧୦**

ପୁରୀ ବନ୍ଦ ବେଳେ ଯୋଜନାବଦ୍ଧ ଭାବେ ଘଟିଛି ହିଂସାକାଣ୍ଡ। ଏହି ହିଂସାରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସାମିଲ ଅଛନ୍ତି। ଗୋଇନ୍ଦା ଆଧାରରେ ସେମାନଙ୍କ ନାଁ ଆମର ହସ୍ତଗତ ହୋଇଛି। ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଏହା କରାଯାଇଛି। ଏଥିରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସିଂହଦ୍ୱାର ଥାନାର ଦୁଇଟି କେସ୍‌ରେ ଶନିବାର ୧୨ ଜଣଙ୍କୁ ଗିରଫ କରାଯାଇଛି ବୋଲି ଏସ୍ପି ଡା. ସାର୍ଥକ ଷଡ଼ଙ୍ଗୀ କହିଛନ୍ତି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୩ ତାରିଖ ପୁରୀ ବନ୍ଦ ବେଳେ ହୋଇଥିବା ହିଂସା ଘଟଣାରେ ସିଂହଦ୍ୱାର ଥାନାରେ ୯ଟି ମାମଲା ରୁଜୁ ହୋଇଛି। ସେହିଦିନ ଆନ୍ଦୋଳନକାରୀ ଶ୍ରୀମନ୍ଦିର ନିକଟରେ ଥିବା ସିଂହଦ୍ୱାର ଫାଣ୍ଡିକୁ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାରେ ସିଂହଦ୍ୱାର ଫାଣ୍ଡି ଏଏସ୍ଆଇ ଲୋକନାଥ ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୮୨/୧୮) ରୁଜୁ କରିଛି। ସେହିଦିନ ଆନ୍ଦୋଳନକାରୀମାନେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା ଓ ପୋଡ଼ାଜଳା କରିବା ସହ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ଅଭିଯୋଗକୁ ଆଧାର କରି ସିଂହଦ୍ୱାର ଥାନା ପୋଲିସ ଏକ ମାମଲା (ନଂ.୮୪/୧୮) ରୁଜୁ କରିଛି। ଏହି ମାମଲା ଦ୍ୱୟରେ ପୋଲିସ ୧୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ସନ୍ଧ୍ୟାରେ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ଗିରଫ ଅଭିଯୁକ୍ତମାନେ ହେଲେ ଯାତ୍ରୀ ଗୁମାସ୍ତା ଭାବେ କାର୍ଯ୍ୟ କରୁଥିବା ଗୌଡ଼ବାଡ ସାହିର ଜଗେଶ୍ୱର ମହାନ୍ତି, ତଲୁଛ ସାହିର ତପନ କୁମାର ସାହୁ, କାଳିକାଦେବୀ ସାହିର ମୁକେଶ ଚୌଧୁରୀ, ହରଚଣ୍ଡୀ ସାହିର ସଚ୍ଚିକାନ୍ତ ଖଟୁଆ, ଗୁଡ଼ଙ୍ଗସାହିରେ ରହୁଥିବା ଗଞ୍ଜାମ ଜିଲା ପୋଲସରାର ଧନୁ ବେହେରା, ବାସେଳି ସାହିର ସନ୍ତୋଷ କୁମାର ମହାନ୍ତି, ତ୍ରିଦେବ ନଗରର ରିଙ୍କୁ ପଟ୍ଟନାୟକ, ଶିବ ବେହେରା, ଅନାଥ ସୁବୁଦ୍ଧି, ଦିଲୀପ ବରାଳ, ଦିଲୀପ ସାହୁ ଓ ବାନାମ୍ବର ପଣ୍ଡା।

**ଗିରଫଦାରିକୁ ବିରୋଧ: ଭ୍ୟାନ ସମ୍ମୁଖରେ ମହିଳାଙ୍କ ଧାରଣା**

ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ଏବଂ ଜେଲ୍‌କୁ ନେବା ବଳେ ପୋଲିସକୁ ନାକେଦମ୍ ହୋବାକୁ ପଡିଛି। ଅଭିଯୁକ୍ତଙ୍କୁ କୋର୍ଟକୁ ନେବା ସମୟରେ ତାଙ୍କ ସମ୍ପର୍କୀୟ ଓ ପରିବାରବର୍ଗ ନିର୍ଦ୍ଦୋଷରେ ପୋଲିସ ଗିରଫ କରିଥିବା ଅଭିଯୋଗ କରି ତୀବ୍ର ବିରୋଧ କରିଥିଲେ। ଏହାକୁ ନେଇ କଚେରି ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଅଭିଯୁକ୍ତମାନଙ୍କୁ ଜେଲ୍‌କୁ ନେବା ପାଇଁ ଭ୍ୟାନରେ ବସାଯାଉଥିବା ବେଳେ ସେମାନଙ୍କ ପରିବାରର ମହିଳାମାନେ ଭ୍ୟାନ୍ ସମ୍ମୁଖରେ ବସି ଧାରଣା ଦେଇଥିଲେ। ଆମକୁ ମଧ ଜେଲ୍ ନିଅ କହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇ କୌଶଳକ୍ରମେ ଗାଡ଼ିକୁ ନେଇଯାଇଥିଲା। ଏପରି କି କଚେରି ପରିସରରେ ସମ୍ପର୍କୀୟମାନେ ପୋଲିସ ବିରୋଧୀ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ କେତେଜଣ ପୋଲିସକୁ ଧମକ ଦେଇଥିଲେ।

**ମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା ଘଟଣାର ତଦନ୍ତ ଆରମ୍ଭ**

ପୁରୀ ବନ୍ଦ ବେଳେ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ବାସଭବନରେ ହୋଇଥିବା ଭଙ୍ଗାରୁଜା ଘଟଣାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଛି। ଏହି ଘଟଣାରେ ଏସ୍ପି ଡା. ସାର୍ଥକ ଷଡ଼ଙ୍ଗୀ କହିଛନ୍ତି ଯେ, ମନ୍ତ୍ରୀଙ୍କ ବାସଭବନରେ ଭଙ୍ଗାରୁଜା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ମନ୍ତ୍ରୀଙ୍କ ଘରର ସିସିଟିଭି ଫୁଟେଜର ଅନୁଧାନ କରାଯାଉଛି। ମନ୍ତ୍ରୀଙ୍କ ପାଇଁ ନିଯୁକ୍ତ ସୁରକ୍ଷା କର୍ମୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

### ଚର୍ଚ୍ଚାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ
# ମୋବାଇଲ ଟର୍ଚ୍ଚ ଆଲୁଅରେ ଚିକିତ୍ସା

**କେନ୍ଦୁଝର, ୬।୧୦(ସ୍ୱ.ପ୍ର.)**

ଜିଲା ମୁଖ୍ୟ ଡାକ୍ତରଖାନାକୁ ଶନିବାର ସନ୍ଧ୍ୟାରେ ଆସିଥିବା ଜଣେ ଗୁରୁତର ମହିଳାଙ୍କୁ ମୋବାଇଲ ଟର୍ଚ୍ଚ ଆଲୁଅରେ ଚିକିତ୍ସା କରାଯିବା ଚର୍ଚ୍ଚା ବିଷୟ ହୋଇଛି। ବଡବିଲ ଥାନା ଅଞ୍ଚଳରୁ ଉଦ୍ଧାର ହୋଇଥିବା ଜଣେ କ୍ଷତବିକ୍ଷତ ଗୁରୁତର ମହିଳାଙ୍କୁ ପୋଲିସ ଉଦ୍ଧାର କରି ବଡବିଲ ପରେ କେନ୍ଦୁଝର ଜିଲା ମୁଖ୍ୟଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲା। ମହିଳାଙ୍କ ମୁହଁ, ମୁଣ୍ଡ, ବେକ, ଦେହ ଆଦିରେ କଟା ଚିହ୍ନ ରହିଥିଲା। ଜିଲା ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ବିଶେଷଜ୍ଞ ଡାକ୍ତରଙ୍କ ଅନୁପସ୍ଥିତିରୁ ତୁରନ୍ତ ଚିକିତ୍ସା କରାଯାଇପାରି ନ ଥିଲା। ପରେ ଆଉଟଡୋରରେ ଥିବା ଜଣେ ମହିଳା ଡାକ୍ତର ଗୁରୁତର ମହିଳାଙ୍କ ଚିକିତ୍ସା କରିଥିଲେ। ପରେ ବିଶେଷଜ୍ଞ ଡାକ୍ତର ଆସି ପହଞ୍ଚିଥିଲେ। ସେହି ସମୟରେ ବିଦ୍ୟୁତ୍ ଆଲୋକର ସମସ୍ୟା ହୋଇଥିଲା। ଫଳରେ ମୋବାଇଲ ଟର୍ଚ୍ଚ ଆଲୋକରେ ଗୁରୁତର ମହିଳାଙ୍କ ଚିକିତ୍ସା କରାଯାଇଥିଲା। ପରେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ଏ ନେଇ ସିଡିଏମ୍ଓ ଡା. ଚୌଧୁରୀ ସ୍ୱରୁପ ମିଶ୍ରଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ହେଁ ମତାମତ ମିଳିପାରି ନାହିଁ।



ଗୁରୁତର ମହିଳାଙ୍କୁ ମୋବାଇଲ ଟର୍ଚ୍ଚ ଆଲୋକରେ ଚିକିତ୍ସା କରାଯାଉଛି।

## ପ୍ରଧାନଶିକ୍ଷକଙ୍କ ଅଭିପ୍ରେରଣା ତାଲିମ ଶିବିର

**ବାରକୋଟ, ୬।୧୦ (ଡି.ଏନ.ଏ)**

ଦେବଗଡ ଜିଲା କଣ୍ଢେଇ ସ୍ଥିତ ଜ୍ଞାନଜ୍ୟୋତି ପାଠାଗାରଠାରେ ଶନିବାର କଣ୍ଢେଇ ସର୍କଲସ୍ତରୀୟ ୭ଟି କ୍ଲଷ୍ଟର ପ୍ରଧାନଶିକ୍ଷକଙ୍କ ଅଭିପ୍ରେରଣା ପ୍ରଶିକ୍ଷଣ ଶିବିର ତୋଫାନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ଉଦ୍‌ବୋଧନ ଦେଇଥିଲେ । ଅନିରୁଦ୍ଧ ନାୟକ ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଧର ଉଦାବର, ମହେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଟିକେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାରକୋଟ ବ୍ଲକ କାର୍ଯ୍ୟାଳୟରେ
## ଶ୍ରମିକମାନଙ୍କ ନିମନ୍ତେ ଆଇନ ସଚେତନତା ଶିବିର

**ଦେବଗଡ, ୬।୧୦ (ସ୍ୱ.ପ୍ର)**

ଜିଲା ଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତୋଷଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନ୍ ସେବା ପ୍ରାଧିକରଣ, ଦେବଗଡ ଆନୁକୂଲ୍ୟରେ ଜିଲାର ବାରକୋଟ୍ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ନିମନ୍ତେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ହେଉଥିବା ଶ୍ରମିକ ପଞ୍ଜିକରଣ ଏବଂ ତାହାର ସରକାରୀ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ଏବଂ ବାରକୋଟ୍ ବ୍ଲକ୍‌ର ବ୍ଲକ୍ ଉନ୍ନୟନ ଅଧିକାରୀ ଟୁନୁ ମେହେର ଶ୍ରମିକ ମାନଙ୍କ ନିମନ୍ତେ ଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଏଥିସହ ବିଭାଗ ତରଫରୁ ଲିଫ୍ଲେଟ୍ ବଣ୍ଟା ଯାଇଥିଲା। ଉକ୍ତ ଶିବିରରେ ବାରକୋଟ୍ ବ୍ଲକ୍‌ର ବହୁ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ । ଶେଷରେ ଡିଏଲଏସଏର ପାରା ଲିଗାଲ୍ ସ୍ୱେଚ୍ଛାସେବୀ ସୁଦାମ୍ ବେହେରା ଧନ୍ୟବାଦ ଦେଇଥିଲେ।

### ■ ୫୫ନଂ. ଜାତୀୟ ରାଜପଥରେ ପାଉଁଶ ପ୍ରଦୂଷଣ
# ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟ୍

**ରତନ ନାୟାର**
**ଢେଙ୍କାନାଳ ଅଫିସ, ୬।୧୦**

ରାଜ୍ୟର ୪ ପ୍ରମୁଖ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ (ପୁରୁଣା ୪୨ନମ୍ବର)କୁ ଚାରିଲେନ୍ ବିଶିଷ୍ଟ କରାଯାଉଛି। ଏଥିଲାଗି ଆରମ୍ଭ ହୋଇଛି ପ୍ରଶସ୍ତୀକରଣ କାର୍ଯ୍ୟ। ଏହି ପ୍ରକଳ୍ପ ୨୦୧୫ରୁ ଆରମ୍ଭ ହେବାକୁ ପ୍ରସ୍ତାବ ରହିଥିଲା। ହେଲେ ଜମି ଅଧିଗ୍ରହଣ ପ୍ରକ୍ରିୟା, ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁ ୩ବର୍ଷ ପରେ ଅର୍ଥାତ୍ ୨୦୧୮ ମାର୍ଚ୍ଚରେ ଏହାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ୨୦୨୦ ସୁଦ୍ଧା ଏହାକୁ ଶେଷ କରିବାକୁ ଲକ୍ଷ୍ୟ ରଖିଛି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)। ହେଲେ ଖୋଲାଖୋଲି ଆଇନ ଉଲ୍ଲଂଘନ କରାଯାଇ ଏହାର ନିର୍ମାଣ କାର୍ଯ୍ୟଚାଲିଛି। ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଠିକାସଂସ୍ଥା ନିଜର ଲାଭ ଉଠାଇବାରେ ବ୍ୟସ୍ତ ଥିବାବେଳେ ସାଧାରଣ ଜନତା ଭୋଗୁଛନ୍ତି ଦୁର୍ଦ୍ଦଶା। ଏପରି କି, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ମଧ ଫାଙ୍କି ଚାଲିଛି ଠିକା କମ୍ପାନୀ, ଯାହା ରାସ୍ତା ନିର୍ମାଣର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

କଟକ, ଢେଙ୍କାନାଳ, ଅନୁଗୋଳ ଏବଂ ସମ୍ବଲପୁର ଜିଲା ମଧଦେଇ ଯାଇଛି ରାଜ୍ୟର ଅନ୍ୟତମ ବ୍ୟସ୍ତବହୁଳ ୫୫ନଂ. ଜାତୀୟ ରାଜପଥ। ଯାତାୟାତରେ ସୁବିଧା ଯୋଗୁ ଏହାକୁ ପ୍ରଶସ୍ତୀକରଣ କରାଯାଇ ୪ ଲେନ୍ ବିଶିଷ୍ଟ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ କଟକ ଜିଲା ମଙ୍ଗୁଳିରୁ ଢେଙ୍କାନାଳ ଜିଲା ଝାରଗାଡ଼ିଆ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଝାରଗାଡ଼ିଆରୁ ଅନୁଗୋଳ ଜିଲାର ବଅଁରପାଳ ଏବଂ ପରେ ସମ୍ବଲପୁର ପର୍ଯ୍ୟନ୍ତ ଉନ୍ନତୀକରଣ କାର୍ଯ୍ୟହେବ।

ମଙ୍ଗୁଳି-ଝାରଗାଡ଼ିଆ-ବଅଁରପାଳ ପର୍ଯ୍ୟନ୍ତ ମୋଟ ୧୧୨ କିମି ରାସ୍ତା ପାଇଁ ୧୧୨ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଜମି ଅଧିଗ୍ରହଣ ପରେ ରାଜପଥ ପାର୍ଶ୍ୱ ଜମି ଖୋଳି କାମ ଆରମ୍ଭ ହୋଇଛି। ତେବେ ଖାଲୁଆ ଜାଗା ସମତଳ କରିବାକୁ ଶିଳ୍ପାନୁଷ୍ଠାନରୁ ବିପୁଳ ପରିମାଣର ପାଉଁଶ (ଫ୍ଲାଏ ଆଶ୍) ଆଣି ପକାଯାଉଛି। ହେଲେ ପାଉଁଶ ପରିଚାଳନା କରିବାକୁ ଭୁଲିଯାଇଛି ଏନ୍ଏଚ୍ଏଆଇ, ଯାହା ସାଧାରଣ ଜୀବନଯାତ୍ରାକୁ ଦୁର୍ବିଷହ କରିପକାଇଲାଣି। ରାସ୍ତାକଡ଼ରେ ଦୈନିକ ଶତାଧିକ ଟ୍ରକ୍ ପାଉଁଶ ଗଦା କରାଯାଉଛି। ସାମାନ୍ୟ ପବନ କିମ୍ବା ଯାନବାହନ ଯାତାୟାତ କଲେ ପାଉଁଶ ଉଡ଼ି ଗୁରୁତର ପ୍ରଦୂଷଣ ସମସ୍ୟା ସୃଷ୍ଟି କରୁଛି।

ମଙ୍ଗୁଳି-ଝାରଗାଡ଼ିଆ-ବଅଁରପାଳ ମଧରେ ରାଜପଥରେ ୨୩୩ଟି ବ୍ରିଜ୍ ନିର୍ମାଣ ହେବ। ସେଥିରୁ ୩ଟି ବଡ଼ ସେତୁ ରହିଛି। ରାସ୍ତାର ଦୁଇପାର୍ଶ୍ୱକୁ ସୁରକ୍ଷିତ ରଖିବାକୁ ୭୩ କିମି କଂକ୍ରିଟ ରାସ୍ତା ନିର୍ମାଣ କରାଯିବ। ଏହାକୁ ବାଦ୍ ଦେଲେ ୫ ଓଭରବ୍ରିଜ୍, ଗୋଟିଏ ରେଲୱେ ଓଭରବ୍ରିଜ୍, ୭ ସ୍ଥାନରେ ଭେହିକିଲ ଅଣ୍ଡରପାସ୍, ୩୨ ଜଙ୍କସନ୍ ଏବଂ ୩୧ କିମି ସର୍ଭିସ୍ ରୋଡ ନିର୍ମିତ ହେବ। ହେଲେ ଠିକାସଂସ୍ଥା ପକ୍ଷରୁ ହେଉଥିବା କାର୍ଯ୍ୟର ଠିକ୍ ଭାବେ ତଦାରଖ କରୁନି ଏନ୍ଏଚ୍ଏଆଇ। ଢେଙ୍କାନାଳ ସହରସ୍ଥିତ ଶକ୍ତିସୁଗାର କମ୍ପାନୀ ନିକଟରୁ କୋରିଆଁ ବାଇପାସ୍ ଛକ ପର୍ଯ୍ୟନ୍ତ ଖୋଳାଯାଇଥିବା ରାସ୍ତାରେ କମ୍ପାନୀ ପାଉଁଶ ଭର୍ତ୍ତି କରାଯାଉଛି। ଅନବରତ ପାଉଁଶ ଉଡ଼ିବା କାରଣରୁ କୁହୁଡ଼ିର ଭ୍ରମ ସୃଷ୍ଟି ହେଉଛି। ରାସ୍ତା ଦେଖି ନ ପାରି ଯାନାବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି କମ୍ପାନୀ ପାଉଁଶ ଯୋଗୁ ରାସ୍ତାକଡ଼ରେ ଥିବା ସବୁଜ ବନାନୀ ନଷ୍ଟ ହେବାରେ ଲାଗିଥିଲେ ମଧ ଏହାର ପ୍ରତିକାର ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଢେଙ୍କାନାଳ ଜିଲା ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଗାୟତ୍ରୀ କନଷ୍ଟ୍ରକ୍ସନ କମ୍ପାନୀ ଅଧିକାରୀ ମୁରଲୀକ୍ରିଷ୍ଣା କୁହନ୍ତି, ଭାରତ ସରକାରଙ୍କ ଗାଇଡ୍‌ଲାଇନ୍ସରେ ରାଜପଥ ନିର୍ମାଣ କାର୍ଯ୍ୟରେ ପାଉଁଶ ପକାଇବା ପାଇଁ ନିର୍ଦ୍ଦେଶନାମା ରହିଛି। ପ୍ରଦୂଷଣ ବୋର୍ଡ ମଧ ଏହାକୁ ସ୍ୱୀକୃତି ଦେଇଛି। ପାଉଁଶ ସହ ପାଣି ମିଶାଇ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଗଲେ ଏହା ବାଲି ଫିଲିଂ ଅପେକ୍ଷା ଅଧିକ ମଜଭୁତ ହେବ। ଏଥିରେ କୌଣସି ସମସ୍ୟା ନାହିଁ। ସରକାରଙ୍କ ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରାଯାଉଛି। ଏ ନେଇ ଢେଙ୍କାନାଳସ୍ଥିତ ଏନ୍ଏଚ୍ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାବତ କୁହନ୍ତି, ଏନ୍‌ଟିପିସି ଓ ନାଲ୍‌କୋରୁ ପାଉଁଶ ଆଣି ପକାଯିବାକୁ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରାଯାଇଛି। ଭାରତ ସରକାରଙ୍କ ନିର୍ଦ୍ଦେଶ ମଧ ରହିଥିବା ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।



୫୫ନଂ. ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟରେ ପାଉଁଶର ବ୍ୟବହାର।

**କ'ଣ ରହିଛି ଭାରତ ସରକାରଙ୍କ ନିୟମ**

ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ପାଉଁଶ ସମ୍ପର୍କରେ ଭାରତ ସରକାରଙ୍କ ପକ୍ଷରୁ ପ୍ରକାଶିତ ଗେଜେଟରେ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ରହିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମ ଅନୁଯାୟୀ, ରାଜପଥ ନିର୍ମାଣ ପାଇଁ ୧ରୁ ୩ ମିଟର ଉଚ୍ଚତା ଯାଏ ପାଉଁଶ ପକାଯାଇପାରିବ। ଗୋଟିଏ ସ୍ତର ପାଉଁଶ ଉପରେ ୦.୩ରୁ ୦.୫ ମିଟର ମାଟି ପକାଯିବ। ସେହିପରି ସମ୍ପୂର୍ଣ୍ଣ ଉପରସ୍ତର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୦.୫ ମିଟର ମାଟି ଆସ୍ତରଣ ରହିବା ଜରୁରୀ। ଏପରି କି ବର୍ଷା ପାଣିରେ ଧୋଇଯିବା ଆଶଙ୍କା ଥିଲେ ତାହା ଉପରେ ପଥର ପ୍ୟାକିଂ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ପ୍ରତିସ୍ତରକୁ ଅଧିକ ଦୃଢ଼ କରିବାକୁ ୪୦୦ମିମି ପାଉଁଶ ଉପରେ ଭାଇବ୍ରେଟୋରି ରୋଲର ଏବଂ ୨୦୦ମିମି ପାଉଁଶ ଉପରେ ୮ରୁ ୧୦ଟନ୍ କ୍ଷମତା ବିଶିଷ୍ଟ ଷ୍ଟାଟିକ୍ ରୋଲର ବ୍ୟବହୃତ କରାଯିବାକୁ ନିୟମ ରହିଛି। ଏତଦ୍‌ବ୍ୟତୀତ ରୋଲର ଚଳାଇବାବେଳେ ପାଉଁଶର ଆର୍ଦ୍ରତା ପ୍ରତି ମଧ ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ। ଶୁଖିଲା ପାଉଁଶ ଉପରେ ନିର୍ଦ୍ଧାରିତ ପରିମାଣର ପାଣି ସିଞ୍ଚନ କରି ରୋଲିଂ କଲେ ତାହା ଅଧିକ ଦୃଢ଼ ହୋଇପାରିବ।



ଭାରତରେ 'ମହାମେଣ୍ଟ' ଚେଷ୍ଟା ଓ ପରୀକ୍ଷା ପରେ ବିଫଳ ହୋଇଥିବା ଏକ ବିଚାରଧାରା । ଏଭଳି ଏକ ମେଣ୍ଟ ପୁନର୍ବାର ଗଠନ ହେଲେ ୨୦୧୯ରେ ଜଣେ ଦୃଢ଼ ନେତାଙ୍କ ନେତୃତ୍ୱାଧୀନ ସ୍ଥିର ସରକାର ଓ ଏକଛତ୍ରବାଦୀଙ୍କ ମେଳି ମଧ୍ୟରେ ଲଢ଼େଇ ହେବ ।

- ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

## ସଂକ୍ଷେପରେ

### ଡାକ୍ତରଖାନାରେ ଖାଲେଦା

ଢାକା,୬।୧୦(ପି.ଟି.)-ଦୁର୍ନୀତି ମାମଲାରେ ଜେଲଦଣ୍ଡ ଭୋଗୁଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଏନ୍‌ପିର ଅଧ୍ୟକ୍ଷା ଖାଲେଦା ଜିଆ ଗୁରୁତର ଥିବା ଜଣାପଡ଼ିଛି। ଜେଲରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବା ପରେ ଏଠାକାର 'ବଙ୍ଗବନ୍ଧୁ ଶେଖ୍ ମୁଜିବ୍ ମେଡିକାଲ୍



ୟୁନିଭର୍ସିଟି' (ବିଏସ୍‌ଏମ୍‌ଏମ୍‌ୟୁ) ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୭୩ ବର୍ଷୀୟା ଖାଲେଦାଙ୍କୁ ଉଚିତ ଚିକିତ୍ସା ଯୋଗାଇଦେବା ଲାଗି କୋର୍ଟ ଆଦେଶ ଦେବା ପରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଖାଲେଦା ୧୯୦୦ ଶତାବ୍ଦୀର ବ୍ରିଟିଶ୍ ଅମଳର ଏକ ଜେଲ୍‌ରେ ଏକମାତ୍ର କଏଦୀ ଭାବେ ସଜା କାଟୁଛନ୍ତି। କିଛିଦିନ ତଳେ ହାତ ଏବଂ ଗୋଡ଼ରେ ସମସ୍ୟା ଦେଖା ଦେଇଥିବା ସେ କହିଥିଲେ। ଡାକ୍ତରଖାନାରେ ଭର୍ତ୍ତି କରିବା ଲାଗି ଦଳର ନେତାମାନେ ମଧ୍ୟ ଦାବି କରିଥିଲେ। କିନ୍ତୁ ଜେଲରେ ହିଁ ତାଙ୍କର ଚିକିତ୍ସା ଚାଲିଥିଲା।

### ଇଣ୍ଟରପୋଲ୍ ମୁଖ୍ୟ ଚାଇନାରେ ଅଟକ

ବେଜିଂ,୬।୧୦(ପି.ଟି.)-ଚାଇନାରେ ନିଖୋଜ ହୋଇଥିବା ଇଣ୍ଟରପୋଲ ସଭାପତି ମେଙ୍ଗ୍ ହଙ୍ଗ୍‌ୱେଇଙ୍କ ବିଷୟରେ ଶନିବାର ସୂଚନା ମିଳିଛି। ନିଜ ଦେଶର ତଦନ୍ତକାରୀ ଅଧିକାରୀ ହଙ୍ଗ୍‌ୱେଇଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।



ଗତ ସପ୍ତାହ ଫ୍ରାନ୍ସର ଲିଓନ୍‌ରୁ ହଙ୍ଗୱେଇ ବେଜିଂରେ ପହଞ୍ଚିଥିଲେ। କିନ୍ତୁ ସପ୍ତାହେରୁ ଅଧିକ ସମୟ ହେଲା ତାଙ୍କର କିଛି ଖୋଜ୍‌ଖବର ମିଳି ନ ଥିବା ପରିବାର ପକ୍ଷରୁ ଶୁକ୍ରବାର ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ଉଠିଥିବା ଏକ ମାମଲାର ତଦନ୍ତ ଚଳାଇଥିବା ଚାଇନା ତଦନ୍ତକାରୀ ଅଧିକାରୀମାନେ ହଙ୍ଗ୍‌ୱେଇଙ୍କୁ ବିମାନବନ୍ଦରରୁ ହିଁ ନେଇ ଯାଇଥିଲେ ବୋଲି ହଂକଂ ଖବରକାଗଜ 'ସାଉଥ୍ ଚାଇନା ମର୍ନିଂ ପୋଷ୍ଟ' ରିପୋର୍ଟରେ ଉଲ୍ଲେଖ କରିଛି। ତେବେ କେଉଁ ମାମଲାରେ ତାଙ୍କୁ ଅଟକ ରଖାଯାଇଛି ସେ ବିଷୟରେ ଖବରକାଗଜରେ କିଛି ସ୍ପଷ୍ଟ କରାଯାଇନାହିଁ।

## ■ ୫ ରାଜ୍ୟରେ ବିଧାନସଭା ନିର୍ବାଚନ: ଇସିଙ୍କୁ କଂଗ୍ରେସର ଟାର୍ଗେଟ

# ଭାଜପା ଚାପରେ ଘୋଷଣା ବିଳମ୍ବ

ନୂଆଦିଲ୍ଲୀ/କଲିକତା,୬।୧୦(ପି.ଟି.)

■ ଇସି କେବେ କାହା ଚାପରେ କାର୍ଯ୍ୟ କରେ ନାହିଁ: ରାୱତ୍

■ ଆଦର୍ଶ ଆଚରଣ ବିଧିକୁ ଡଷ୍ଟବିନ୍‌ରେ ଫୋପାଡ଼ିବାକୁ ମୋଦିଙ୍କୁ ସୁଯୋଗ ଦିଆଯାଉଛି: ସୁର୍ଜେୱାଲା



ପାଞ୍ଚ ରାଜ୍ୟରେ ନିର୍ବାଚନୀ ବିଗୁଲ୍ ବାଜିବା କ୍ଷଣି ଦେଶରେ ରାଜନୈତିକ ଉଷ୍ମତା ବୃଦ୍ଧିପାଇଛି। ମଧ୍ୟପ୍ରଦେଶ, ଛତିଶଗଡ଼, ମିଜୋରାମ, ରାଜସ୍ଥାନ ଏବଂ ତେଲେଙ୍ଗାନା ବିଧାନସଭା ନିର୍ବାଚନ ନେଇ ନିର୍ବାଚନ କମିଶନ (ଇସି) ଶନିବାର ଅପରାହ୍ନରେ ତାରିଖ ଘୋଷଣା କରିଛନ୍ତି। ତେବେ ନିର୍ଦ୍ଧାରିତ ସମୟରୁ ୩ ଘଣ୍ଟା ବିଳମ୍ବରେ ଇସିର ଘୋଷଣା ପଛରେ ଶାସକ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତ ଥିବା ଅଭିଯୋଗ ଆଣିଛି କଂଗ୍ରେସ। କିନ୍ତୁ ନିର୍ବାଚନ କମିଶନ ପକ୍ଷରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି।

ପ୍ରକାଶ ଯେ, ପୂର୍ବାହ୍ନ ୧୨ଟା ୩୦ରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ.ପି. ରାୱତ୍ ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ନିର୍ବାଚନ ତାରିଖ ଘୋଷଣା କରିବା ନେଇ ସ୍ଥିର ହୋଇଥିଲା। କିନ୍ତୁ ଏହାକୁ ଅପରାହ୍ନ ୩ଟାକୁ ଘୁଞ୍ଚାଇ ଦିଆଯାଇଥିଲା। ଇତିମଧ୍ୟରେ ରାଜସ୍ଥାନରେ ଏକ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେବା ପ୍ରସଙ୍ଗକୁ ନେଇ ଆପତ୍ତି ଉଠାଇଛି କଂଗ୍ରେସ। ସିଇସି ମଧ୍ୟାହ୍ନରେ ନିର୍ବାଚନ ତାରିଖ ଘୋଷଣା କରିଥାଆନ୍ତେ। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ରାଲିରେ ଭୋଟରଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା ଚଳାଇଥିବାବେଳେ ଜାଣିଶୁଣି ଘୋଷଣାକୁ ୩ ଘଣ୍ଟା ବିଳମ୍ବ କରାଯାଇଥିଲା। ନିଜ ରାଲି ପାଇଁ ମୋଦି ଇସିଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଖବରଦାତା ସମ୍ମିଳନୀ ବିଳମ୍ବ କରିବା ଲାଗି ସେ କହିଥିଲେ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କଲିକତାରେ କହିଛନ୍ତି। ଏହି ପ୍ରସଙ୍ଗରେ ସିଇସି ସ୍ପଷ୍ଟୀକରଣ ରଖିବା ପରେ ଏହା ନିରର୍ଥକ ବୋଲି ସୁର୍ଜେୱାଲା କହିଛନ୍ତି। ଭାଜପା 'ସୁପର୍ ଇସି' କି ବୋଲି କଂଗ୍ରେସ ନେତା ଆଶ୍ଚର୍ଯ୍ୟବ୍ୟକ୍ତ କରିଛନ୍ତି। ପରେ ସେ ଟୁଇଟ୍ କରି କହିଛନ୍ତି, ଡିୟର୍ ଇସି, ଆପଣ ମୋଦିଙ୍କୁ ଆଦର୍ଶ ଆଚରଣ ବିଧି ଡଷ୍ଟବିନ୍‌ରେ ଫୋପାଡ଼ିବାକୁ ଅନୁମତି ଦେଇଛନ୍ତି। ୨୦୧୭ରେ ଗୁଜରାଟରେ ଭୋଟ୍ ଦେଇ ଫେରିବା ବେଳେ ମୋଦି ରୋଡ୍ ଶୋ କରିଥିଲେ। ଆଜି ରାଜସ୍ଥାନରେ ଭୋଟରଙ୍କୁ ରାଜନୈତିକ ଲାଞ୍ଚ ଦେବା ପାଇଁ ମୋଦି ଏବଂ ବସୁନ୍ଧରାଙ୍କୁ ଅନୁମତି ଦେଇଛ। କ୍ଷମତାର ଚାଟୁକାରତା ବନ୍ଦ କରନ୍ତୁ ବୋଲି ସୁର୍ଜେୱାଲା କହିଛନ୍ତି।

ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇସିସି ସାଧାରଣ ସମ୍ପାଦକ ମଧ୍ୟ ଇସିଙ୍କୁ ଟାର୍ଗେଟ୍ କରିଛନ୍ତି। ନିର୍ବାଚନ କମିଶନ କେତେଦିନ ଯାଏ ମୋଦିଙ୍କୁ ସୁବିଧାସୁଯୋଗ ଦେଇଆସୁଥିବେ ବୋଲି ଗେହଲୋଟ୍ କହିଛନ୍ତି।

ସ୍ପଷ୍ଟୀକରଣ ରଖି ସିଇସି କହିଛନ୍ତି, ଇସି କେବେ କାହା ଚାପରେ କାର୍ଯ୍ୟ କରି ନ ଥାଏ। ଖବରଦାତା ସମ୍ମିଳନୀ ୩ ଘଣ୍ଟା ବିଳମ୍ବ ହେବାର ୩ଟି କାରଣ ରହିଛି। ତେଲେଙ୍ଗାନା ନିର୍ବାଚନ ସମୟକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା। ରାଜ୍ୟରେ ଖରାପ ପାଗ ଯୋଗୁ ନିର୍ବାଚନ ପ୍ରକ୍ରିୟା ଘୁଞ୍ଚାଇବା ପାଇଁ ନିବେଦନ କରାଯାଇଥିଲା। ଏହାସହ ଏସଂକ୍ରାନ୍ତରେ ହାଇକୋର୍ଟରୁ ମଧ୍ୟ ଏକ ନିର୍ଦ୍ଦେଶନାମା ଆସିବାର ଥିଲା। ଆହୁରି ଅନ୍ୟାନ୍ୟ ସମସ୍ୟା ରହିଥିଲା। ଫଳରେ ୩ ଘଣ୍ଟା ବିଳମ୍ବ ହୋଇଥିଲା। କିନ୍ତୁ ଘୋଷଣାକୁ ନେଇ ସେମାନଙ୍କର ଅଭିଯୋଗ ଆଣିବା ପୂର୍ଣ୍ଣ ଅଧିକାର ରହିଛି ବୋଲି ସିଇସି କହିଛନ୍ତି। ନିର୍ବାଚନ କମିଶନ ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ପାଇଁ ସଦା ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

## 'କେବଳ ଧନୀଙ୍କ ପାଇଁ କାର୍ଯ୍ୟ କରୁଛି ଭାଜପା'



ମୋରେନା,୬।୧୦(ପି.ଟି.)-ନିର୍ବାଚନ ଦ୍ୱାରଦେଶରେ ଥିବା ମଧ୍ୟପ୍ରଦେଶକୁ ଶନିବାର ଗସ୍ତ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ। ଆଦିବାସୀ ଏକତା ପରିଷଦର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶାସକ ଭାଜପା ଅଳ୍ପ କେତେଜଣ ଧନୀଙ୍କ ପାଇଁ କାର୍ଯ୍ୟ କରୁଥିବାବେଳେ କୃଷକ ଓ ପଛୁଆ ବର୍ଗର ଲୋକଙ୍କ କଥା ଭୁଲିଯାଇଛି। କିନ୍ତୁ କଂଗ୍ରେସ ସର୍ବଦା ଗରିବଙ୍କ ପାଇଁ ଚିନ୍ତା କରୁଛି ବୋଲି ଏଠାରେ ରାହୁଲ କହିଛନ୍ତି। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ତାଙ୍କ ଦଳ କ୍ଷମତାକୁ ଆସିଲେ ସେ ଆଦିବାସୀ ଅଧିକାର ବିଲ୍ କାର୍ଯ୍ୟକାରୀ କରିବା ସହ କୃଷିଋଣ ଛାଡ଼ କରିବେ ବୋଲି କଂଗ୍ରେସ ମୁଖ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ ରାଫାଲ୍ ଯୁଦ୍ଧବିମାନ ଚୁକ୍ତି ପ୍ରସଙ୍ଗ ଉଠାଇ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଗସ୍ତ କାଳରେ ରାହୁଲ ନର୍ମଦା ପୂଜାରେ ସାମିଲ ହୋଇଛନ୍ତି। ଦଳର ନେତାମାନଙ୍କ ସହ ମିଶି ପବିତ୍ର ନଦୀକୂଳରେ ସେ ପୂଜା ଆରତି କରିଛନ୍ତି।

## 'ଭୋଟବ୍ୟାଙ୍କ ରାଜନୀତି ଚଳାଇଛି କଂଗ୍ରେସ'



ଅଜମେର,୬।୧୦(ପି.ଟି.)- ଶନିବାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବାର କିଛି ଘଣ୍ଟା ପୂର୍ବରୁ ରାଜସ୍ଥାନର ଅଜମେରରେ ର୍‍ୟାଲି କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଜ୍ୟବାସୀଙ୍କ ମନ ଜିଣିବା ପାଇଁ ସେ ନିଜ ସରକାରର ସଫଳତା ବଖାଣିବା ସହ ବିରୋଧୀ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ଦଳୀୟ ସଭାରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି ଯେ, କଂଗ୍ରେସ ଭୋଟବ୍ୟାଙ୍କ ରାଜନୀତି ଚଳାଇଛି। କ୍ଷମତା ଅକ୍ତିଆର ପାଇଁ ଏହି ଦଳ ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଛି। କିନ୍ତୁ ରାଜସ୍ଥାନବାସୀ କଂଗ୍ରେସକୁ ଆଉ ସରକାର ଗଠନ ଲାଗି ସୁଯୋଗ ନ ଦିଅନ୍ତୁ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ରାଜ୍ୟବ୍ୟାପୀ ଚଳାଇଥିବା ଗୌରବ ଯାତ୍ରା ଶନିବାର ଶେଷ ହୋଇଛି। ଏହି ଅବସରରେ ଅଜ୍‌ମେରରେ ଅନୁଷ୍ଠିତ ର୍‍ୟାଲିରେ ମୋଦି କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ଅବସରରେ ବସୁନ୍ଧରା ମଧ୍ୟ ନିର୍ବାଚନୀ ଥୋପ ପକାଇ ଚାଷୀଙ୍କୁ ମାଗଣା ବିଦ୍ୟୁତ୍ ସେବା ଯୋଗାଇଦେବାକୁ ଘୋଷଣା କରିଛନ୍ତି।

## କଂଗ୍ରେସର ହାତ ଛାଡ଼ିଲେ ଅଖିଳେଶ

ଲକ୍ଷ୍ନୌ,୬।୧୦(ଆଇଏଏନ୍‌ଏସ୍)



ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପରେ ଏବେ କଂଗ୍ରେସର ହାତ ଛାଡ଼ିଛି ସମାଜବାଦୀ ପାର୍ଟି (ଏସ୍‌ପି)। ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଏସ୍‌ପି କଂଗ୍ରେସ ସହ ମିଶି ଲଢ଼ିବ ନାହିଁ, ବରଂ ଏକୁଟିଆ ଲଢ଼ିବ ବୋଲି ଶନିବାର ଦଳର ସଭାପତି ଅଖିଳେଶ ଯାଦବ ଘୋଷଣା କରିଛନ୍ତି। ପୂର୍ବରୁ ବିଏସ୍‌ପି ସୁପ୍ରିମୋ ମାୟାବତୀ ମଧ୍ୟ କଂଗ୍ରେସ ସହ ମେଣ୍ଟ କରିବେ ନାହିଁ ବୋଲି ଘୋଷଣା କରିସାରିଛନ୍ତି। ଫଳରେ ବିରୋଧୀଙ୍କ ତଥାକଥିତ ମହାମେଣ୍ଟ ଯୋଜନା ଏବେ ଫସର ଫାଟିବାରେ ଲାଗିଥିବା କୁହାଯାଉଛି।

ଏଠାରେ ଥିବା ଦଳୀୟ ମୁଖ୍ୟାଳୟରେ ଏସ୍‌ପି ନେତାଙ୍କୁ ଉଦ୍‌ବୋଧନ ଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ କହିଛନ୍ତି, ଭାଜପାକୁ ପରାଜିତ କରିବା ଉଦ୍ଦେଶ୍ୟରେ ସମଭାପାପନ୍ନ ଦଳଗୁଡ଼ିକୁ ଏକଜୁଟ କରିବା ଲାଗି ଦୀର୍ଘଦିନ ହେଲା ବୁଝାମଣା ଚାଲିଛି। ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ ଲାଗି ଲମ୍ବା ଅପେକ୍ଷା କରିବାକୁ ପଡ଼ିଲାଣି। କିନ୍ତୁ ସମଭାବାପନ୍ନ ଦଳଗୁଡ଼ିକ ସହ ହାତ ମିଶାଇବା ପାଇଁ କଂଗ୍ରେସ ଇଚ୍ଛୁକ ନ ଥିବା ଜଣାପଡୁଛି। ମଧ୍ୟପ୍ରଦେଶରେ ଏସ୍‌ପି ଏକୁଟିଆ ନିର୍ବାଚନ ଲଢ଼ିବ ଅବା ଜିଜିପି ଦଳ ସହ ମେଣ୍ଟ କରିବ। କିନ୍ତୁ କଂଗ୍ରେସ ସହ ହାତ ମିଶାଇବନାହିଁ ବୋଲି ଅଖିଳେଶ ସ୍ପଷ୍ଟ କରିଛନ୍ତି। ଏପରି କି ରାଜ୍ୟରେ ବିଏସ୍‌ପି ସହ ମଧ୍ୟ ମେଣ୍ଟ କରିପାରନ୍ତି ବୋଲି ଅଖିଳେଶ କହିଛନ୍ତି। ସେହିପରି ଏସ୍‌ପି ଏବଂ ବିଏସ୍‌ପି କେବେ କାହାକୁ ଭୟ କରନ୍ତି ନାହିଁ ବୋଲି କଂଗ୍ରେସ ନେତା ଦିଗ୍‌ବିଜୟ ସିଂଙ୍କ ଏକ ମନ୍ତବ୍ୟର ଜବାବ ଦେଇ ଅଖିଳେଶ କହିଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଇଙ୍ଗିତରେ ସିବିଆଇ ଏବଂ ଇଡି ତଦନ୍ତ ପରିସରଭୁକ୍ତ ହେବା ଭୟରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଏସ୍‌ପି ଏବଂ ବିଏସ୍‌ପି କଂଗ୍ରେସ ସହ ହାତ ମିଶାଇବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ଦିଗ୍‌ବିଜୟ ଏକ ମନ୍ତବ୍ୟ ଦେଇଥିଲେ।

## ନିର୍ବାଚନ ଲଢ଼ିବେ ନାହିଁ ପାୱାର

ମୁମ୍ବାଇ,୬।୧୦(ପି.ଟି.)



୨୦୧୯ ସାଧାରଣ ନିର୍ବାଚନ ଲଢ଼ିବେ ନାହିଁ ଏନ୍‌ସିପି ସଭାପତି ଶରଦ୍ ପାୱାର। ଶନିବାର ଏ ନେଇ ଦଳର ବରିଷ୍ଠ ନେତା ଜିତେନ୍ଦ୍ର ଅହୱଦ୍ ସୂଚନା ଦେଇଛନ୍ତି। ପାୱାର ଆଗାମୀ ଲୋକସଭା ନିର୍ବାଚନରେ ପୁଣେ ଆସନରୁ ଲଢ଼ିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। କିନ୍ତୁ ଅହୱଦ୍‌ଙ୍କ ଏହି ଘୋଷଣା ସବୁ ଚର୍ଚ୍ଚାରେ ପୂର୍ଣ୍ଣବିରାମ ଲଗାଇ ଦେଇଛି। ଅହୱଦ୍ କହିଛନ୍ତି, ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି ପାୱାର ୨୦୧୪ରୁ ହିଁ ସ୍ପଷ୍ଟ କରିସାରିଥିଲେ। ଆଗାମୀ ନିର୍ବାଚନରେ ତାଙ୍କର ପ୍ରାର୍ଥିତ୍ୱ ବିଷୟରେ ଦଳର ନେତାମାନେ ପ୍ରସ୍ତାବ ନ ଦେବା ଲାଗି ସେ କହି ସାରିଛନ୍ତି। ଅଜିତ୍ ପୱାରଙ୍କ ପୁଅ ପାର୍ଥ ପାୱାରଙ୍କୁ ମାୱଲ୍ ଲୋକ ସଭା ଆସନରୁ ନିର୍ବାଚନ ଲଢ଼ିବା ପ୍ରସଙ୍ଗରେ ଶରଦ କେବେ ବିରୋଧ କରି ନ ଥିବା ମଧ୍ୟ ଅହୱଦ୍ ସ୍ପଷ୍ଟ କରିଛନ୍ତି। ନିର୍ବାଚନକୁ ନେଇ ଦଳର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରକ୍ରିୟା ଜାରିରହିଛି। ଦଳର ସଭାପତିଙ୍କ ନେତୃତ୍ୱରେ ଶନିବାର ଦୁଇଦିନିଆ ବୈଠକ ଆରମ୍ଭ ହୋଇଯାଇଛି। ଖୁବ୍‌ଶୀଘ୍ର ନାମଗୁଡ଼ିକ ଚୂଡ଼ାନ୍ତ ହେବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ମହାରାଷ୍ଟ୍ରର ନିର୍ବାଚନୀ ମେଣ୍ଟ ପାଇଁ ୪୮ଟି ଆସନରେ ଏନ୍‌ସିପି କଂଗ୍ରେସଠାରୁ ୫୦-୫୦ ଆସନ ବଣ୍ଟନ ଫର୍ମୁଲା ଉପସ୍ଥାପନ କରିଛି। ୨୦୧୪ରେ କଂଗ୍ରେସ ୨୭ ଆସନରେ ନିର୍ବାଚନ ଲଢ଼ିଥିବାବେଳେ ଏନ୍‌ସିପି ୨୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା।

## ଫୁର୍‌ସତ

## ଶ୍ରୀଲଙ୍କା ଏୟାରଲାଇନ୍ସ ସର୍ବାଧିକ ସମୟାନୁବର୍ତ୍ତୀ

କଲମ୍ବୋ:




ଶ୍ରୀଲଙ୍କାର ନ୍ୟାଶନାଲ୍ ଏୟାର କ୍ୟାରିୟର (ଶ୍ରୀଲଙ୍କା ଏୟାରଲାଇନ୍ସ) 'ବିଶ୍ୱର ସର୍ବାଧିକ ସମୟାନୁବର୍ତ୍ତୀ ଏୟାରଲାଇନ୍'ର ମର୍ଯ୍ୟାଦା ଲାଭ କରିଛି। ଗ୍ଲୋବାଲ ଫ୍ଲାଇଟ୍ ଡାଟା ଆନାଲିସିସ୍ କମ୍ପାନି ଫ୍ଲାଇଟ୍‌ଷ୍ଟାଟ୍ସ ଦ୍ୱାରା ଏହି ମାନ୍ୟତା ମିଳିଥିବା ଏୟାରଲାଇନ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଫ୍ଲାଇଟ୍‌ଷ୍ଟାଟ୍ସ ଦ୍ୱାରା ତଥ୍ୟ ବିଶ୍ଲେଷଣ ଅନୁଯାୟୀ, ଶ୍ରୀଲଙ୍କା ଏୟାରଲାଇନ୍‌ସକୁ 'ଗ୍ଲୋବାଲ୍ ଏୟାରଲାଇନ୍ସ' ଏବଂ 'ମେଜର ଏୟାରଲାଇନ୍ସ' ଶ୍ରେଣୀରେ ଚୟନ କରାଯାଇଥିଲା। ଉକ୍ତ ତଥ୍ୟରୁ ଜଣାଯାଏ, ସେପ୍ଟେମ୍ବରରେ ଶ୍ରୀଲଙ୍କାର ୯୧.୩୭% ବିମାନ ଯଥାର୍ଥ ସମୟରେ ଯାତ୍ରା କରିବା ସହିତ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଥିଲା।

ୟୁରୋପ୍, ଉତ୍ତର ଆମେରିକା, ଏସିଆ, ମଧ୍ୟପ୍ରାଚ୍ୟ ଓ ଦକ୍ଷିଣ ଆମେରିକା ସମେତ ବିଶ୍ୱର ବୃହତ୍ ଏବଂ ସମ୍ମାନଜନକ ଏୟାରଲାଇନ୍ସ ଭଳି ୪୧ଟି ଦେଶର ଏୟାରଲାଇନ୍ସର ସମୟାନୁବର୍ତ୍ତୀ ତଥ୍ୟ ବିଶ୍ଲେଷଣ କରାଯାଇଥିଲା। ଏଥିରେ କୁହାଯାଇଛି ଯେ, ଶ୍ରୀଲଙ୍କାର ଏୟାରଲାଇନ୍ସ ଯଥାର୍ଥ ସମୟ ଉପରେ ଗୁରୁତ୍ୱ ଦିଏ। ଏହାର ସୁବ୍ୟବସ୍ଥିତ ପରିଚାଳନା ପ୍ରକ୍ରିୟା ଦ୍ୱାରା ବିମାନବନ୍ଦର କର୍ମଚାରୀ ଏବଂ ବିଭାଗୀୟ କାର୍ଯ୍ୟକଳାପ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରେ। ବିମାନଯାତ୍ରାର ସମୟାନୁବର୍ତ୍ତିତା ଉପରେ ଅଧିକ ଧ୍ୟାନ ଦିଆଯିବା ସହିତ ଏହି ପ୍ରକ୍ରିୟାରେ ତ୍ରୁଟି ନ ହେବା ପାଇଁ ଶୂନ୍ୟ ସହନୀୟ ବ୍ୟବସ୍ଥା ଅବଲମ୍ବନ କରାଯାଏ ବୋଲି ଏୟାରଲାଇନ୍ସ ପକ୍ଷରୁ ପ୍ରକାଶ ପାଇଛି।

## 'ଇଡିଓକ୍ରାସି', 'ଫାମ୍' ନୂଆ ଶବ୍ଦ




ଲଣ୍ଡନ: ଅକ୍ସଫୋର୍ଡ ଇଂଲିଶ ଡିକ୍ସନାରି(ଓଇଡି) ଏହାର ସର୍ବଶେଷ ସଂସ୍କରଣରେ 'ଇଡିଓକ୍ରାସି', 'ନଥିଙ୍ଗବର୍ଗର' ଏବଂ 'ଫାମ୍' ଭଳି ଶବ୍ଦକୁ ସାମିଲ କରିଛି। ଏଥିରେ ୧୪୦୦ ନୂତନ ଶବ୍ଦକୁ ସ୍ଥାନ ଦିଆଯାଇଛି।

ଇଡିଓକ୍ରାସିର ଭାବାର୍ଥ ହେଉଛି ଏହା ଏପରି ଏକ ସମାଜକୁ ବୁଝାଏ ଯାହା ଇଡିଅଟ୍ ଚରିତ୍ରର ଲୋକଙ୍କ ଦ୍ୱାରା ପରିଚାଳିତ ହୁଏ। ଆଧୁନିକ ରାଜନୀତିର ପ୍ରତିଫଳନକୁ ଏହା ସୂଚାଉଛି। ଉକ୍ତ ଶବ୍ଦର ସଂଜ୍ଞା ହେଉଛି ନିର୍ବୋଧ, ଅଜ୍ଞାତ ଏବଂ ମୂଢ଼ ବ୍ୟକ୍ତିଙ୍କ ଦ୍ୱାରା ଗଠିତ ହେଉଥିବା ଏକ ସରକାର।

ଡେମୋକ୍ରାସି ଏବଂ ଆରିଷ୍ଟୋକ୍ରାସି ଭଳି ଶବ୍ଦ ପ୍ରାଚୀନ ଗ୍ରୀକ୍‌ରୁ ଉତ୍ପତ୍ତି ହୋଇଥିବା ବେଳେ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଇଂଲିଶ ଶବ୍ଦ ସହିତ '-ଓକ୍ରାସି' ସଂଯୁକ୍ତ ହୋଇଛି ବୋଲି ଓଇଡି ର ୟୁଏସ୍ ଡିକ୍ସନାରିଜ୍ ମୁଖ୍ୟ କାଥେରାଇନ୍ କନୋର ମାର୍ଟିନ୍ ପ୍ରକାଶ କରିଛନ୍ତି। ନଥିଙ୍ଗବର୍ଗର ଅର୍ଥ ହେଉଛି ପ୍ରାଧାନ୍ୟ ବା ଗୁରୁତ୍ୱ ନ ଥିବା କୌଣସି ବ୍ୟକ୍ତି ବା ପଦାର୍ଥ। ସେହିଭଳି ଫ୍ୟାମିଲି ଶବ୍ଦକୁ ସଂକ୍ଷେପରେ ଫାମ୍ କରାଯାଇଛି। ପରିବାର ବା ଘନିଷ୍ଠ ବନ୍ଧୁବାନ୍ଧବଙ୍କ ନିମନ୍ତେ ଏହା ପ୍ରୟୋଗ କରାଯାଏ।

ଓଇଡିର ସୂଚନା ଅନୁଯାୟୀ ବ୍ରିଟେନ୍ ବିଶେଷକରି ଲଣ୍ଡନ ଏବଂ ସୋସିଆଲ୍ ମିଡିଆରେ ଏହି ଶବ୍ଦକୁ ବହୁଳ ଭାବରେ ବ୍ୟବହାର କରାଯାଏ। ଆଉ ଏକ ଶବ୍ଦ ହେଉଛି ଅଲ୍ଟ-ରାଇଟ୍। 'ଅଲଟର୍‌ନେଟିଭ୍-ରାଇଟ୍'ର ଏହା ସଂକ୍ଷିପ୍ତ ରୂପ। ରାଷ୍ଟ୍ରପତି ଭାବରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରେ ଏହି ଶବ୍ଦକୁ ଆମେରିକାରେ ବହୁଳ ଭାବରେ ବ୍ୟବହାର କରାଯାଉଛି। ଅକ୍ସଫୋର୍ଡ ଇଂଲିଶ ଡିକ୍ସନାରି ବର୍ଷକୁ ୪ଥର ଅପଡେଟ୍ କରାଯାଏ। ଡିସେମ୍ବରରେ ପରବର୍ତ୍ତୀ ଅପଡେଟ୍ ହେବାର ଅଛି। ଏହି ସମୟରେ କିଛି ନୂଆ ଶବ୍ଦ ଅନ୍ତର୍ଭୁକ୍ତ କରାଯିବା ସହିତ ପୁରୁଣା ଶବ୍ଦର ସଂଶୋଧିତ ରୂପକୁ ନେଇ ନୂଆ ସଂସ୍କରଣ କରାଯାଏ।

## [ଇତିହାସର ଆଇନାରେ]

### ଅକ୍ଟୋବର ୭ର ପ୍ରମୁଖ ଘଟଣା

୧୯୫୦ ଅକ୍ଟୋବର ୭ରେ କୋଲକାତାରେ ମଦର ଟେରେସା ମିଶନାରିଜ୍ ଅଫ୍ ଚାରିଟିର ସ୍ଥାପନା କରିଥିଲେ। ଏହି ସଂସ୍ଥା ୧୩୩ଟି ଦେଶରେ ସକ୍ରିୟ ରହିଛି। ଏଚ୍‌ଆଇଭି/ଏଡସ୍, କୁଷ୍ଠରୋଗ, ଯକ୍ଷ୍ମା ରୋଗୀଙ୍କ ଚିକିତ୍ସା ସହିତ ପିଲାଙ୍କ ପାଇଁ ସ୍କୁଲ, ଅନାଥ ଆଶ୍ରମ ନିର୍ମାଣ ଏବଂ ଗରିବଙ୍କୁ ଏହା ମାଧ୍ୟରେ ସାହାଯ୍ୟ କରାଯାଉଥିଲା। ଏଥିପାଇଁ ମଦର ଟେରେସାଙ୍କୁ ୧୯୬୨ରେ ରେମନ୍ ମଗ୍‌ସେସେ ଏବଂ ୧୯୭୯ରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।

୧୯୮୭ ଅକ୍ଟୋବର ୭ରେ ଶିଖ୍ ରାଷ୍ଟ୍ରବାଦୀମାନେ ଭାରତଠାରୁ ଖଲିସ୍ତାନ ସ୍ୱାଧୀନ ହେବା ନେଇ ଘୋଷଣା କରିଥିଲେ। ଖଲିସ୍ତାନ ପାଇଁ ଶିଖ୍ ବିଚ୍ଛିନ୍ନତାବାଦୀଙ୍କ ଆନ୍ଦୋଳନରେ ଭାରତ ଏବଂ ପାକିସ୍ତାନରେ ଥିବା ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ରାଜସ୍ଥାନର କିଛି ଅଂଶକୁ ନେଇ ସ୍ୱତନ୍ତ୍ର ଖଲିସ୍ତାନ ରାଷ୍ଟ୍ର ଗଠନ ଘୋଷଣା କରିଥିଲେ। ୧୯୭୦ ରୁ ୮୦ ମଧ୍ୟରେ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ଧାରଣ କରିଥିଲା।

## ବିଦେଶରେ ରିଲିଜ ହେଉ 'ମାଣ୍ଟୋ'

ସିଙ୍ଗାପୁର: ପାକିସ୍ତାନ ସମେତ ବିଶ୍ୱର ବିଭିନ୍ନ ଦେଶରେ ତାଙ୍କ ନିର୍ଦ୍ଦେଶିତ ତଥା ପ୍ରଯୋଜିତ ମଣ୍ଟୋ ରିଲିଜ ହେବା ଚାହାନ୍ତି ଅଭିନେତ୍ରୀ-ନିର୍ଦ୍ଦେଶିକା ନନ୍ଦିତା ଦାସ। କାରଣ ଉକ୍ତ ଫିଲ୍ମ ହେଉଛି ଏକ ବାୟୋଗ୍ରାଫିକାଲ ଡ୍ରାମା। ପ୍ରସିଦ୍ଧ ଉର୍ଦ୍ଦୁ ଲେଖକ ସାଦତ ହସନ୍ ମଣ୍ଟୋଙ୍କ ଜୀବନୀ ଉପରେ ଏହି ଫିଲ୍ମ ନିର୍ମିତ। ଯିଏ କି ବିଭାଜନ ସମୟରେ ଭାରତ ଛାଡ଼ିଥିଲେ।

ଶୁକ୍ରବାର ସାଉଥ ଏସିଆନ୍ ଫିଲ୍ମ ଫେଷ୍ଟିଭାଲ୍‌ରେ ମଣ୍ଟୋ ସ୍କ୍ରିନିଂ ହେବା ପରେ ନନ୍ଦିତା ତାଙ୍କ ପ୍ରତିକ୍ରିୟାରେ କହିଲେ, ଅନେକ ଫିଲ୍ମ ଭଳି ମଣ୍ଟୋ ମଧ୍ୟ ପାକିସ୍ତାନରେ ରିଲିଜ ହେବା ଆବଶ୍ୟକ। କାରଣ ଉକ୍ତ ବାୟୋଗ୍ରାଫିକାଲ୍ ଡ୍ରାମାର ଲେଖକ ଜଣେ ଭାରତୀୟ ଏବଂ ପାକିସ୍ତାନୀ ମଧ୍ୟ। ଉକ୍ତ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ନୱାଜୁଦ୍ଦିନ୍ ସିଦ୍ଦିକ୍। ୧୯୪୭ରେ ଭାରତ ଓ ପାକିସ୍ତାନ ବିଭାଜନ ପରବର୍ତ୍ତୀ କରୁଣ ଦୃଶ୍ୟ ଏଥିରେ ପ୍ରଦର୍ଶିତ ହୋଇଛି।

ନନ୍ଦିତାଙ୍କ କହିବାନୁଯାୟୀ, ଭାରତୀୟ ଲେଖକମାନେ ବିଶ୍ୱବ୍ୟାପୀ ପରିଚିତ ହେବା ଉଚିତ। ମହାନ୍ ଇଂଲିଶ ଲେଖକ ସେକ୍ସପିୟର କେବଳ ଇଂଲଣ୍ଡରେ ନୁହେଁ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ସେହିଭଳି ମଣ୍ଟୋ ଫିଲ୍ମ ଦ୍ୱାରା ଭାରତୀୟ ଲେଖକ ବିଶ୍ୱ ପରିଚିତି ହାସଲ କରିବା ଉଚିତ। ସିଙ୍ଗାପୁରର ୧୦୦୦ ଆସନ ବିଶିଷ୍ଟ ସିନେମା ହଲ୍‌ରେ ମଣ୍ଟୋ ପ୍ରଦର୍ଶିତ ହୋଇଥିବା ବେଳେ ଭରପୂର ଦର୍ଶକ ଏହାକୁ ଉପଭୋଗ କରିଥିଲେ। ଏହି ୧୦ ଦିନିଆ ଉତ୍ସବରେ ଦକ୍ଷିଣ ଏସୀୟ ଦେଶଗୁଡିକର ୩୫ଟି ଫିଲ୍ମ ପ୍ରଦର୍ଶିତ ହେବ। ମଣ୍ଟୋ ଫିଲ୍ମ ସିଙ୍ଗାପୁରରେ ଅଣ-ଦକ୍ଷିଣ ଏସୀୟ ପ୍ରଶଂସକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିବା ଆୟୋଜନକାରୀ ଦେଶସମୂହର ସିଇଓ ଅଭୟାନନ୍ଦ ସିଂ ପ୍ରକାଶ କରିଛନ୍ତି।



ନନ୍ଦିତା ଦାସ

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଶୁଖିଲା ରହିବ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୪.୫ |
| ଚାନ୍ଦବାଲି | ୩୪.୮ | ୨୫.୬ |
| କଟକ | ୩୩.୮ | ୨୪.୫ |
| ପାରାଦ୍ୱୀପ | ୩୩.୯ | ୨୬.୬ |
| ଭୁବନେଶ୍ୱର | ୩୪.୫ | ୨୫.୪ |
| ଗୋପାଳପୁର | ୩୪.୮ | ୨୫.୭ |
| ପୁରୀ | ୩୪.୦ | ୨୭.୬ |
| ଅନୁଗୋଳ | ୩୫.୧ | ୨୧.୬ |
| ବାରିପଦା | ୩୪.୬ | ୨୪.୦ |
| ଝାରସୁଗୁଡ଼ା | ୩୫.୮ | ୨୩.୨ |
| କେନ୍ଦୁଝର | ୩୩.୦ | ୨୧.୯ |
| ସମ୍ବଲପୁର | ୩୬.୨ | ୨୪.୨ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୬.୨ | ୨୪.୯ |
| ତାଳଚେର | ୩୫.୭ | ୨୩.୩ |
| ଭବାନୀପାଟଣା | ୩୩.୦ | ୨୨.୦ |
| ବଲାଙ୍ଗୀର | --- | ୨୩.୫ |
| କୋରାପୁଟ | ୩୧.୦ | ୧୭.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୪.୫ | ୨୨.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୬.୦ | ୨୨.୬ |
| ଦାରିଙ୍ଗିବାଡ଼ି | ୩୦.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ସଂକ୍ଷେପରେ

### ଫେରିଲେ ଫୁଟବଲ ପ୍ରତିଭା ସମୀର



**କଟକ ଅଫିସ,୬।୧୦:** ମାଲେସିଆରେ ଅନୁଷ୍ଠିତ ହୋଇଥିବା ଏଏଫ୍‌ସି ୧୬ବର୍ଷରୁ କମ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଆ ପ୍ରତିଭା ସମୀର କେରକେଟା ଶନିବାର ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରଠାରେ ରାଜ୍ୟ ଫୁଟବଲ କୋଚ ନିପେନ୍ଦ୍ର କୁମାର ଦାସ ସମୀରଙ୍କୁ ସ୍ୱାଗତ ଜଣାଇଥିଲେ। ଜାତୀୟ ଦଳରେ ଖେଳି ରାଜ୍ୟ ପାଇଁ ଗୌରବ ଆଣିଥିବା ସମୀରଙ୍କୁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଶୁଭେଚ୍ଛା ଜଣାଇଛି ।

### ନିଶିକୋରି ଫାଇନାଲରେ



**ଟୋକିଓ, ୬।୧୦ (ଏଏଫ୍‌ପି):** ସ୍ଥାନୀୟ ଖେଳାଳି ତଥା ଦୁଇଥର ଚାମ୍ପିୟନ କେଇ ନିଶିକୋରି ଜାପାନ ଓପନ ଟେନିସ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଏକ ସେମିଫାଇନାଲ ମ୍ୟାଚରେ ସେ ୮ମ ସିଡ୍ ତଥା ଫ୍ରେଞ୍ଚ ଖେଳାଳି ରିଚାର୍ଡ ଗାସ୍କେଟଙ୍କୁ ୭-୬ (୭/୨), ୬-୧ ସେଟରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଜିତିବା ଲାଗି ସେ ୮୯ ମିନିଟ୍ ସମୟ ନେଇଥିଲେ। ଏହି ବିଜୟ ଦ୍ୱାରା ସେ ତୃତୀୟ ଥର ପାଇଁ ଏଠାରେ ଟାଇଟଲ ଜିତିବା ଯଥେଷ୍ଟ ସମ୍ଭାବନା ଦେଖା ଦେଇଛି। ରବିବାର ଫାଇନାଲରେ ସେ କ୍ୱାଲିଫାୟର ତଥା ରୁଷିଆର ଦାନିଲ ମେଦ୍‌ଭେଦେଭ୍‌ଙ୍କ ସହିତ ମୁକାବିଲା କରିବେ। ମେଦ୍‌ଭେଦେଭ କାନାଡ଼ାର ଡେନିସ୍ ଶାପୋଭାଲୋଭ୍‌ଙ୍କୁ ୬-୩, ୬-୩ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ନିଶିକୋରି ପୂର୍ବରୁ ୨୦୧୨ ଓ ୨୦୧୪ରେ ଜାପାନ ଓପନ ଜିତିସାରିଛନ୍ତି।

### ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ପାଇଁ ଦାବି

**କଟକ ଅଫିସ,୬।୧୦:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଡାକିବା ପାଇଁ ବିରୋଧୀ କ୍ରୀଡ଼ା ସଙ୍ଗଠକମାନେ ଦାବି କରିଛନ୍ତି । ଓସିଏର ସମ୍ବିଧାନ ସଂଶୋଧନକୁ ପ୍ରତିବାଦ କରୁଥିବା ପ୍ରାୟ ୩୦ଜଣ କ୍ରୀଡ଼ା ସଙ୍ଗଠକ ଶନିବାର ଏ ନେଇ ଓସିଏ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ତେବେ ଏ ନେଇ ଅଧ୍ୟକ୍ଷ ପଲାଇ କହିଛନ୍ତି, ଦାବିପତ୍ର ସମ୍ପର୍କରେ ଆଇନଗତ ପରାମର୍ଶ ଲୋଡ଼ାଯିବ। ସମ୍ବିଧାନ ସଂଶୋଧନ ରିପୋର୍ଟ ଦାଖଲ ସରିଥିବା ବେଳେ ଏବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ କାର୍ଯ୍ୟ ହେବ।

### ରାଜ୍ୟ ସ୍କୁଲ ଚେସ୍ ୧୩ରୁ

**କଟକ ଅଫିସ, ୬।୧୦:** ଆଇଏସ୍ ଚେସ୍ ସେଣ୍ଟର, କଟକ ଜିଲା ଚେସ୍ ଆସୋସିଏଶନ ଓ ରାଜ୍ୟ ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୩ରୁ ଆରମ୍ଭ ହେବ ୨ୟ ପ୍ୟାରୀମୋହନ ସାମନ୍ତରାୟ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଟୁର୍ନାମେଣ୍ଟ। ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପରେ ୨ଦିନିଆ ଏହି ପ୍ରତିଯୋଗିତା ୭ ରାଉଣ୍ଡ ବିଶିଷ୍ଟ ହେବ। ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ପୁରସ୍କାର ସ୍ୱରୂପ ୫ହଜାର ଟଙ୍କା ଓ ୭୫ଟି ଟ୍ରଫି ରଖାଯାଇଛି। ବିଭିନ୍ନ ବୟସ ବର୍ଗରେ ୪୯ଟି ଟ୍ରଫି ଦିଆଯିବାକୁ ଥିବାବେଳେ ପ୍ରଥମଥର ଭାଗ ନେଉଥିବା ୧୦୦ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ସେଣ୍ଟରର ନିର୍ଦ୍ଦେଶକ ମାନସ ପାଣି ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ଆସନ୍ତା ୧୨ ତାରିଖ ନାମ ପଞ୍ଜୀକରଣର ଶେଷ ତାରିଖ ରହିଛି ।

---

❝ ପର୍ତ୍ତୁଗିଜ୍ ଷ୍ଟ୍ରାଇକର କ୍ରିଷ୍ଟିଆନୋ ରୋନାଲଡୋଙ୍କୁ କେବଳ ଜଣେ ଷ୍ଟାର ଫୁଟ୍‌ବଲର କୁହାଯାଇପାରିବ ନାହିଁ ବରଂ ସେ ଜଣେ ମାର୍କେଟିଂ ସେଲିବ୍ରିଟି ମଧ୍ୟ।

–ଜିନ୍ ଫିଲିପ୍ ଡାଙ୍ଗ୍ଲେଡ, ମାର୍କେଟିଂ ଆଣ୍ଡ ସେଲିବ୍ରିଟି' ଲେଖକ



❝ ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଏଆଇବିଏ) ସଭାପତି ପଦବୀ ପାଇଁ ହେବାକୁଥିବା ନିର୍ବାଚନରେ ଏକାକୀ ପ୍ରାର୍ଥୀ ରହିବି ବୋଲି ଆଶା କରୁନାହିଁ ।

–ଗଫୁର ରାଖିମୋଭ, ଏଆଇବିଏ'ର କାମଚଳା ସଭାପତି



# ବିଜୟରୁ ଭାରତର ଅଭିଯାନ

## ସୁଲତାନ ଜୋହର କପ୍ ଜୁନିୟର ହକି

**ଜୋହର ବାହରୁ, ୬।୧୦(ପି.ଟି.)**

ଏଠାରେ ଆରମ୍ଭ ହୋଇଥିବା ଅଷ୍ଟମ ସୁଲତାନ ଜୋହର କପ୍ ଜୁନିୟର ହକି ଟୁର୍ନାମେଣ୍ଟରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଆୟୋଜକ ମାଲେସିଆକୁ ୨–୧ ଗୋଲରେ ପରାସ୍ତ କରିଛି। ସ୍ଥାନୀୟ ତମାନ ଦୟା ହକି ଷ୍ଟାଡିୟମରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ପକ୍ଷରୁ ହରମନଜିତ ସିଂ ୧୨ ଓ ଓଡ଼ିଆ ତାରକା ଶିଳାନନ୍ଦ ଲାକ୍ରା ୪୬ତମ ମିନିଟରେ ଗୋଲ କରିଥିଲେ ଓ ଦଳକୁ ୨–୦ରେ ଅଗ୍ରଣୀ କରାଇଥିଲେ। ତେବେ ୪୭ତମ ମିନିଟ୍‌ରେ ମାଲେସିଆର ମହମ୍ମଦ ଜାଇଦି ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ ମଧ୍ୟ ମ୍ୟାଚ୍ ବଞ୍ଚାଇ ପାରି ନ ଥିଲେ।

ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଦଶମ ମିନିଟରେ ଭାରତ ଏକ ସୁଯୋଗ ପାଇଥିଲା। ତେବେ ତାହା ହାତଛଡ଼ା ହୋଇଥିଲା। ପ୍ରଥମ କ୍ୱାର୍ଟରରେ ହରମନଜିତ ଗୋଲ ଦେଇ ଭାରତକୁ ୧–୦ରେ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରରେ ମାଲେସିଆର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ଥିଲା। ଭାରତୀୟ ଡିଫେନ୍ସକୁ ଭେଦ କରି ମାଲେସିଆ ଖେଳାଳି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ତେବେ ହାଫ୍ ଟାଇମ୍ ସୁଦ୍ଧା ଭାରତ ଅଗ୍ରଣୀ ବଜାୟ ରଖିଥିଲା। ତୃତୀୟ କ୍ୱାର୍ଟରରେ ଶିଳାନନ୍ଦ ଲାକ୍ରା ଗୋଲ ଦେଇ ଦଳକୁ ୨–୦ରେ ଅଗ୍ରଣୀ କରାଇଥିଲେ। ମ୍ୟାଚ୍ ଶେଷହେବାକୁ ଆଉ ୧୩ ମିନିଟ ବାକିଥିବା ବେଳେ ଘରୋଇ ଦଳର ଜାଇଦି ଭାରତୀୟ ଗୋଲକିପର ପଙ୍କଜ ରଜାକଙ୍କୁ ଚକ୍‌ମା ଦେଇ ଗୋଲ ଦେବାକୁ ସକ୍ଷମ ହୋଇଥିଲେ। ଏହା ପରେ ଭାରତୀୟ ଡିଫେନ୍ସ ସଜାଗ ହୋଇଥିଲା ଓ ମାଲେସିଆକୁ କୌଣସି ସୁଯୋଗ ଦେଇ ନ ଥିଲା। ଫଳରେ ଶେଷରେ ୨–୧ ଗୋଲରେ ବିଜୟୀ ହୋଇଥିଲା। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ।



ଗୋଲ୍‌ସ୍କୋର କରିବା ପରେ ଭାରତୀୟ ହକି ଖେଳାଳି।

# ରାଜସ୍ଥାନଠାରୁ ହାରିଲା ଓଡ଼ିଶା

## ଭିନୁ ମଙ୍କଡ ଟ୍ରଫି

**କଟକ ଅଫିସ,୬।୧୦**

ଜୟପୁରର ଏସ୍‌ଏମ୍‌ଏସ୍ ଷ୍ଟାଡିୟମରେ ରାଜସ୍ଥାନ ଠାରୁ ୮ ଉଇକେଟରେ ପରାସ୍ତ ହୋଇ ୧୯ ବର୍ଷରୁ କମ୍ ବାଳକ ଭିନୁ ମଙ୍କଡ ଟ୍ରଫି ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୧୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ରାଜସ୍ଥାନ ୩୪ତମ ଓଭରରେ ୨ ଉଇକେଟ ହରାଇ ହାସଲ କରିନେଇଥିଲା। ଟସ୍ ଜିତି ବ୍ୟାଟିଂ ନେଇଥିବା ଓଡ଼ିଶା ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ସାମଲ ସର୍ବାଧିକ ୩୭ ରନ୍ କରିଥିଲେ। ଶୁଭମ ଶତ୍ରୁଜିତ ୨୮ ରନ୍, କୁନାଲ ମଲ୍ଲିକ ୨୩ ରନ୍ କରିଛନ୍ତି। ରାଜସ୍ଥାନ ପକ୍ଷରୁ ଆର୍. ଚୌଧୁରୀଙ୍କୁ ୩ଟି ଉଇକେଟ ମିଳିଥଲା। ରାଜସ୍ଥାନ ଓପନର ଡି.ଆର୍. ଗଜରାଜଙ୍କ ୮୩ରନ ଓ କେ.ଜି. ବନିୱାଲଙ୍କ ୪୩ରନ୍ ବଳରେ ଦଳ ବିଜୟୀ ହୋଇଛି । ଓଡ଼ିଶା ପକ୍ଷରୁ ଜ୍ୟୋତି ରଞ୍ଜନ ବେହେରା ଓ ଶିବାଶିଷ ସାହୁ ଗୋଟିଏ ଲେଖାଏଁ ଉଇକେଟ ପାଇଥିଲେ।

# ସରକାର, ମିଥୁନଙ୍କୁ ମିଳିଲାନି ଏନ୍‌ଓସି

**ଢାକା, ୬।୧୦**

ବାଂଲାଦେଶୀ ବ୍ୟାଟ୍ସମ୍ୟାନ ସୌମ୍ୟ ସରକାର ଓ ମହମ୍ମଦ ମିଥୁନ ଆଫଗାନିସ୍ତାନ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣରେ ଖେଳିପାରିବେ ନାହିଁ। କାରଣ ଉଭୟଙ୍କୁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପକ୍ଷରୁ ଏନ୍‌ଓସି ଦିଆଯାଇନାହିଁ। ଜିମ୍ବାୱେ ବିପକ୍ଷ ଘରୋଇ ସିରିଜ୍ ଲାଗି ବିସିବି ଏହି ନିଷ୍ପତ୍ତି ନେଇଛି। ''ଆଗାମୀ ଦୁଇଟି ଘରୋଇ ସିରିଜ୍‌କୁ ଦୃଷ୍ଟିରେ ରଖି ଆମେ ତାଙ୍କୁ ଅନୁମତି ଦେଇ ନାହୁଁ। କିନ୍ତୁ ଭିନ୍ନ କାରଣ ଯୋଗୁ ତାସ୍କିନ ଅହମ୍ମଦଙ୍କୁ ଏନ୍‌ଓସି ଦିଆଯାଇଛି। ସେ ଦୀର୍ଘଦ୍ଦିନ ହେଲା ଆହତ ଥିଲେ। ଏଣୁ ତାଙ୍କ ପ୍ରଦର୍ଶନ ଉପରେ ଆମେ ଦେଖିବାକୁ ଚାହୁଁ'' ବୋଲି ବିସିବି ଅଧ୍ୟକ୍ଷ ଆକ୍ରମ ଖାଁ କହିଛନ୍ତି। ତେବେ ସରକାର ଓ ମିଥୁନ କାନ୍ଦହାର ନାଇଟ୍ସ ପକ୍ଷରୁ ଖେଳିଥାନ୍ତେ। ଉଲ୍ଲେଖଥାଉ କି, ଚଳିତ ମାସ ୨୧ ତାରିଖରୁ ଡିସେମ୍ବର ୨୨ ପର୍ଯ୍ୟନ୍ତ ଜିମ୍ବାୱେ ଓ ଇଣ୍ଡିଜ୍ ବିପକ୍ଷରେ ଘରୋଇ ଦ୍ୱିପାକ୍ଷିକ ସିରିଜ୍ ଖେଳିବ।

## ■ ଜାତୀୟ ଜୁନିୟର ରୋଇଂ

# ଓଡ଼ିଶା ଚାମ୍ପିୟନ



କୋଚ୍ ପି.ଟି ପାଲୁସଙ୍କ ସହ ଓଡ଼ିଆ ମହିଳା ରୋୟର।

**କଟକ ଅଫିସ, ୬।୧୦**

ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ୩୯ତମ ଜୁନିୟର ଜାତୀୟ ରୋଇଂ ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିୟନ ହୋଇଛି। ରାଜ୍ୟ ବାଳିକା ପ୍ରତିଯୋଗୀମାନେ ୩ଟି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଏହି ସଫଳତା ପ୍ରଦାନ କରିଛନ୍ତି। ସିଙ୍ଗଲ୍ସ ସ୍କଲରେ ରେଶ୍ମା କୁମାରୀ ମିଞ୍ଜ, କକ୍ସଲେସ ପେୟାରରେ ସୋନାଲି ସ୍ୱାଇଁ, ରୀତୁ କୌଦି ଓ କକ୍ସଲେସ–୪ରେ ଦୀପିକା ଖେସ୍, ରେଶ୍ମା ଲାକ୍ରା, ରିଚେଲ ଲାକ୍ରା, ସବିତା ସୋରେଙ୍ଗ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ସୂଚନାଥାଉ କି, ଏହି ପ୍ରତିଯୋଗିତା କେବଳ ୧୦୦୦ ମିଟର ବିଭାଗରେ ହୋଇଥିଲା। ଏଥିରେ ରାଜ୍ୟର ୧୦ ଜଣ ବାଳିକା ଓ ୫ଜଣ ବାଳକ ପ୍ରତିଯୋଗୀ ଭାଗ ନେଇଥିଲେ। ରାଜ୍ୟ ଦଳର ଏହି ସଫଳତା ନେଇ ପରିଶ୍ରମର ଫଳ ମିଳିଛି ବୋଲି କୋଚ୍ ପି.ଟି ପାଲୁସ କହିଛନ୍ତି। ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ ଦଳକୁ ଶୁଭେଚ୍ଛା ଜଣାଇବା ସହ ସୋମବାର ଦଳ ପ୍ରତ୍ୟାବର୍ତ୍ତନ କରିବା ପରେ ଭବ୍ୟ ସ୍ୱାଗତ ଜଣାଯିବ ବୋଲି କହିଛନ୍ତି ।

## ରାଜ୍ୟ ଆସୋସିଏଶନର କମ୍ପ୍ଲିମେଣ୍ଟାରି ପାସ୍ ସଂଖ୍ୟା ବୃଦ୍ଧି

**ନୂଆଦିଲ୍ଲୀ, ୬।୧୦**

ବିସିସିଆଇର ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ) ନୂତନ ସମ୍ବିଧାନ ଅନୁଯାୟୀ ମ୍ୟାଚ୍ ଆୟୋଜକ ରାଜ୍ୟ ଆସୋସିଏଶନକୁ ମିଳିବାକୁ ଥିବା କମ୍ପ୍ଲିମେଣ୍ଟାରି ପାସ୍ ସଂଖ୍ୟା ବୃଦ୍ଧି କରିବାକୁ ଶନିବାର ନିଷ୍ପତ୍ତି ନେଇଛି। କମ୍ପ୍ଲିମେଣ୍ଟାରି ପାସ୍‌କୁ ନେଇ ଚଳିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ର କେତେକ ମ୍ୟାଚ୍ ଆୟୋଜନ କରିବାରୁ ରାଜ୍ୟ ଆସୋସିଏଶନ ପଛ ଘୁଞ୍ଚା ଦେବା ପରେ ସିଓଏ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବିସିସିଆଇ ଅଂଶର ୬୦୦ ଟିକେଟ୍ ରାଜ୍ୟ ସଂଘକୁ ପ୍ରଦାନ କରାଯିବ। ନୂତନ ସମ୍ବିଧାନ ଅନୁଯାୟୀ, ଷ୍ଟାଡିୟମ୍ ଦକ୍ଷତାର ୯୦ ପ୍ରତିଶତ ଟିକେଟ୍ ସାଧାରଣ ଲୋକଙ୍କ ଲାଗି ଉପଲବ୍ଧ କରାଯିବ। ବଳକା ୧୦ ପ୍ରତିଶତ ଟିକେଟ୍ ତଥା କମ୍ପ୍ଲିମେଣ୍ଟାରି ପାସ ବିସିସିଆଇ ଓ ରାଜ୍ୟ ସଂଘ ମଧ୍ୟରେ ୫ ପ୍ରତିଶତ ଲେଖାଏ ବଣ୍ଟନ କରାଯିବ। ବିସିସିଆଇ ପାଇଁ ଉପଲବ୍ଧ ଟିକେଟ୍‌କୁ ଏହାର ପ୍ରାୟୋଜକ ଓ ପ୍ରସାରଣ ସଂସ୍ଥାକୁ ପ୍ରଦାନ କରାଯିବ। ଏହି ନିୟମ ଯୋଗୁ ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ ଚଳିତ ମାସ ୨୪ ତାରିଖରେ କାର୍ଯ୍ୟସୂଚୀ ଅନୁଯାୟୀ ଇଣ୍ଡୋରଠାରେ ଦିନିକିଆ ମ୍ୟାଚ୍ ଆୟୋଜନ କରିବକୁ ମନା କରିଦେଇଥିଲା। ଫଳରେ ଏହି ମ୍ୟାଚ୍‌ର ଆୟୋଜନ ଅଧିକାର ଭିଶାଖାପାଟଣାକୁ ଦିଆଯାଇଛି। ଶନିବାର ଦିଲ୍ଲୀଠାରେ ଅନୁଷ୍ଠିତ ସିଓଏ ବୈଠକରେ ବିସିସିଆଇର ପାସ୍ ସଂଖ୍ୟା ୧,୨୦୦ରୁ ୬୦୪କୁ ହ୍ରାସ କରାଯାଇଛି।



ପଦକ ଓ ପ୍ରମାଣପତ୍ର ସହ ଓଡ଼ିଆ ସ୍କେଟରମାନେ।

## ■ ସିବିଏସ୍‌ଇ ଜୋନାଲ ସ୍କେଟିଂ ଚାମ୍ପିୟନଶିପ୍

# ଓଡ଼ିଆ ସ୍କେଟରଙ୍କୁ ୧୨ ପଦକ

**ଭୁବନେଶ୍ୱର, ୬।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ଛତିଶଗଡ଼ ରାଜଧାନୀ ରାୟପୁରଠାରେ ଗତ ୩୦ରୁ ଅକ୍ଟୋବର ୨ ତାରିଖ ମଧ୍ୟରେ ଆୟୋଜିତ ହୋଇଥିବା ସିବିଏସ୍‌ଇ ଜୋନାଲ ସ୍କେଟିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ସ୍କେଟରମାନେ ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି। ଦମ୍‌ଦାର ପ୍ରଦର୍ଶନ କରି ଓଡ଼ିଶା ସ୍କେଟିଂ ଏକାଡେମୀର ଉଦୀୟମାନ ସ୍କେଟରମାନେ ମୋଟ ଉପରେ ୧୨ଟି ପଦକ ହାସଲ କରିଛନ୍ତି।

ଫାଇନାଲରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତୀକ ଅର୍ନବ ଜେନା ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ମଦର୍ସ ପବ୍ଲିକ ସ୍କୁଲର ପ୍ରୀତିଶ ଆର୍ଯ୍ୟନ ଜେନା ମଧ୍ୟ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୋଖରିପୁଟ୍ ଡିଏଭି ପବ୍ଲିକ ସ୍କୁଲର ସାଙ୍ଗଭି ମିଶ୍ର ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ପୋଖରିପୁଟ ଡିଏଭିର କମଲେଶ ନାୟକ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନ୍ୟପଟେ ବିଜେଇଏମ୍‌ର ଚିନ୍ମୟୀ ଗନ୍ତାୟତ୍ ଦୁଇ ବ୍ରୋଞ୍ଜ, କଟକ ଡିପିଏସ୍ କଳିଙ୍ଗର ଆରାଧ୍ୟା ମଞ୍ଜରୀ ଦେବୀ ଦୁଇଟି ବ୍ରୋଞ୍ଜ, ବଂଶିକା ଟିକମାନୀ ମଧ୍ୟ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ବିଜେତା ସ୍କେଟରଙ୍କୁ ସ୍ଥାନୀୟ ନୀଳାଦ୍ରି ବିହାରସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କଠାରେ ଓଡ଼ିଶା ସ୍କେଟିଂ ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଇଂଲଣ୍ଡ ବିପକ୍ଷରେ ଭାରତର ବୃହତ୍ ବିଜୟ

## ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ସିରିଜ

**ବେଙ୍ଗାଲୁରୁ, ୬।୧୦(ପି.ଟି.)**

ଚଳିତ ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ ସିରିଜରେ ଶନିବାର ଭାରତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ବେଙ୍ଗାଲୁରୁରେ ଅନୁଷ୍ଠିତ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୧୯୮ ରନରେ ଇଂଲଣ୍ଡକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତ ମୋଟ ୬ ପଏଣ୍ଟ ହାସଲ କରିଛି। ଇଂଲଣ୍ଡ ଅଧିନାୟକ ଏଡ୍ ହୋସେଲ ଟସ୍ ଜିତି ଫିଲ୍ଡ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ମିଂହାମ ଭଳି ପରିବେଶରେ ଅବଶ୍ୟ ତାଙ୍କ ଫିଲ୍ଡିଂ ନିଷ୍ପତ୍ତି କାମ ଦେଇ ନ ଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଓପନରମାନେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଶତକୀୟ ଭାଗୀଦାରି ସ୍ଥାପନ କରିଥିଲେ। ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୪୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ପଙ୍କଜ ଭୁଏ ୧୦୧ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ଅନିଲ ଘରଗିୟ ୯୨ ରନର ଦମ୍‌ଦାର ପାଳି ଖେଳିଥିଲେ ମଧ୍ୟ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ପଙ୍କଜ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୪୧ ଟାର୍ଗେଟର ପଛା କରି ଇଂଲଣ୍ଡ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇପାରି ନ ଥିଲା ଓ ମାତ୍ର ୪୨ ରନରେ ଅଲଆଉଟ ହୋଇ ଓ ଆତ୍ମସମର୍ପଣ କରିଥିଲା। ଆନ୍ତର୍ଜାତିକ ଦ୍ୱିପାକ୍ଷିକ ଓ ତ୍ରିକୋଣୀୟ କ୍ରିକେଟ ସିରିଜର ଏହି ମ୍ୟାଚଗୁଡିକୁ କ୍ରିକେଟ ଆସୋସିଏଶନ ଫର ବ୍ଲାଇଣ୍ଡ ଇନ୍ ଇଣ୍ଡିଆ ଆୟୋଜନ କରୁଛି। ଏହା ଗତ ୨ ତାରିଖରୁ ଆରମ୍ଭ ହୋଇଛି। ଏବେ ଏହି ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ଗୋଆରେ ଖେଳାଯିବ। ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୮ ତାରିଖରେ ଖେଳାଯିବ ଓ ଏଥିରେ ଇଂଲଣ୍ଡକୁ ଶ୍ରୀଲଙ୍କା ଭେଟିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୪୦/୩ (ପଙ୍କଜ– ୧୦୧, ଅନିଲ– ୯୨)।
ଇଂଲଣ୍ଡ ୧୦ ଓଭରରେ ୪୨ ଅଲଆଉଟ୍ (ଅଜୟ–୪/୧୨, ପଙ୍କଜ– ୩/୨)।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ପଙ୍କଜ ଭୁଏ।

## ■ ଚାଇନା ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

# କ୍ୟାମ୍ପକୁ ୨୯ଜଣଙ୍କୁ ଡାକରା

**ନୂଆଦିଲ୍ଲୀ, ୬।୧୦ (ପି.ଟି.):** ଚଳିତ ମାସରେ ଖେଳାଯିବାକୁ ଥିବା ଚାଇନା ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ପାଇଁ ମୁଖ୍ୟ କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନ ଏକ ଜାତୀୟ କ୍ୟାମ୍ପ ଲାଗି ଖେଳାଳିମାନଙ୍କୁ ଡକାଇଛନ୍ତି। ନୂଆଦିଲ୍ଲୀରେ ଦୁଇ ଦିନ ଧରି ହେବାକୁଥିବା ଏହି କ୍ୟାମ୍ପରେ ୨୯ ଖେଳାଳି ଯୋଗଦେବେ। ତନ୍ମଧ୍ୟରେ ନିକଟରେ ସାଫ୍ କପ୍ ଖେଳି ଫେରିଥିବା ୧୩ଜଣ ୨୩ ବର୍ଷରୁ କମ୍ ଖେଳାଳି ରହିଛନ୍ତି। ଭାରତ ଓ ଚାଇନା ମ୍ୟାଚ ଅକ୍ଟୋବର ୧୩ରେ ସୁଝୋ ଅଲିମ୍ପିକ ସ୍ପୋର୍ଟ୍ସ ସେଣ୍ଟର ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ସିନିୟର ଦଳ ପ୍ରଥମ ଥର ଏକ ଅନ୍ତର୍ଜାତୀୟ ଫୁଟ୍‌ବଲ ମ୍ୟାଚ ଖେଳିବା ଲାଗି ଚାଇନା ଯିବ। ଦୁଇ ଦେଶ ଶେଷଥର ପାଇଁ ୧୯୯୭ରେ କୋଚିଠାରେ ନେହେରୁ କପ୍‌ରେ ପରସ୍ପରକୁ ଭେଟିଥିଲେ। ଭାରତୀୟ ଦଳ ଅକ୍ଟୋବର ୧୦ରେ ଚାଇନା ଗସ୍ତ କରିବ। ଜାନୁୟାରୀରେ ହେବାକୁଥିବା ଏଏଫ୍‌ସି ଏସିଆନ କପ୍ ଲାଗି ପ୍ରସ୍ତୁତି ପାଇଁ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଆୟୋଜନ କରାଯାଇଛି।

**ସମ୍ଭାବ୍ୟ ଖେଳାଳି ତାଲିକା:**

**ଗୋଲକିପର:** ଗୁରପ୍ରୀତ ସିଂ ସାନ୍ଧୁ, ବିଶାଲ କେଥ୍, ଅମରିନ୍ଦର ସିଂ, କରନଜିତ୍ ସିଂ।

**ଡିଫେଣ୍ଡର:** ପ୍ରୀତମ କୋଟାଲ, ସାର୍ଥକ ଗୋଲୁଇ, ସନ୍ଦେଶ ଝିନ୍‌ଗାନ, ଆନାସ ଏଦାଥୋଡିକା, ସଲାମ ରଞ୍ଜନ ସିଂ, ଶୁଭାଶିଷ ବୋଷ୍, ନାରାୟଣ ଦାସ।

**ମିଡ୍‌ଫିଲ୍ଡର:** ଉଦାନ୍ତ ସିଂ, ନିଖିଲ ପୂଜାରୀ, ପ୍ରଣୟ ହାଲ୍‌ଦାର, ରୋଲିନ୍ ବର୍ଗେସ, ଜର୍ମନପ୍ରୀତ ସିଂ, ଅନିରୁଦ୍ଧ ଥାପ୍ପା, ସୌଭିକ୍ ଚକ୍ରବର୍ତ୍ତୀ, ଭିନିତ୍ ରାୟ, ହାଲିଚରଣ ନାର୍ଜାରି, ବିକାଶ ଜାଇରୁ, ଆଶିକ୍ କୁରୁନିୟାନ, ଲାଲିଆନଜୁଆଲା ଛାଙ୍ଗ୍‌ଟେ।

**ଫରୱାର୍ଡ:** ସୁନୀଲ ଛେତ୍ରୀ, ଜେଜେ ଲାଲ୍‌ପେଖଲୁଆ, ବଲୱନ୍ତ ସିଂ, ସୁମିତ ପାସି, ମନଭିର ସିଂ ଓ ଫାରୁକ୍ ଚୌଧାରୀ।

**ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷ ଏବଂ ନାରୀଙ୍କୁ ସମାନ ଭାବେ ଗ୍ରହଣ କରାଯାଉଛି। ଧୀରେ ଧୀରେ ସେମାନଙ୍କ ପ୍ରତି ସମାଜରେ ଥିବା ଭେଦଭାବ ହ୍ରାସ ପାଉଛି। ଯେଉଁଥିରୁ ବାଦ୍ ପଡ଼ିନି ଫ୍ୟାଶନ୍। ତେବେ ମେନ୍ ଏବଂ ଓମେନ୍ ଫ୍ୟାଶନ ମଧ୍ୟରେ କେବଳ ଦୂରତା କମିନି ବରଂ ଜେଣ୍ଡର ନ୍ୟୁଟ୍ରାଲ ବା ୟୁନିସେକ୍ସ ଫ୍ୟାଶନ ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି...**



# ଜେଣ୍ଡର ନ୍ୟୁଟ୍ରାଲ ଫ୍ୟାଶନ





ଦିନ ଥିଲା ପୁରୁଷ ଏବଂ ନାରୀଙ୍କ ପରିଧାନ ଏବଂ ସେମାନଙ୍କ ଫ୍ୟାଶନ୍ ପରସ୍ପରଠୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ପରିବର୍ତ୍ତିତ ସମୟ ସହ ଏଥିରେ କିଛିଟା ସାମଞ୍ଜସ୍ୟ ଦେଖିବାକୁ ମିଳିଲା। ହେଲେ ବର୍ତ୍ତମାନ ଫ୍ୟାଶନ୍ ଡିଜାଇନରମାନଙ୍କ ଦ୍ୱାରା ଉଭୟ ଫ୍ୟାଶନ୍‌କୁ ମିକ୍ସ ମ୍ୟାଚ୍ କରି ପ୍ରସ୍ତୁତ କରାଯାଉଥିବା ଜେଣ୍ଡର ନ୍ୟୁଟ୍ରାଲ ଫ୍ୟାଶନ୍ ଅଧିକାଂଶ ବିଶେଷକରି ଯୁବପିଢ଼ିଙ୍କ ଦ୍ୱାରା ବେଶ୍ ଆଦୃତ ହେଉଥିବା ଦେଖିବାକୁ ମିଳୁଛି।

## ବଢୁଛି ସମାନତା

ବର୍ତ୍ତମାନ ମେନ୍ ଏବଂ ଓମେନ୍ ଫ୍ୟାଶନରେ ଅନେକ ସମାନତା ଦେଖିବାକୁ ମିଳୁଛି। ପୂର୍ବରୁ ଯେଉଁସବୁ ସାମଗ୍ରୀ କେବଳ ପୁରୁଷ କିମ୍ବା କେବଳ ନାରୀଙ୍କ ଲାଗି ବ୍ୟବହାର କରାଯାଉଥିଲା ବର୍ତ୍ତମାନ ତାହା ସେତିକିରେ ସୀମିତ ନ ରହି ଉଭୟ ଫ୍ୟାଶନ୍ ଉତ୍ପାଦରେ ବ୍ୟବହାର କରାଯାଉଛି। ଏହା ଜରିଆରେ ଡିଜାନରମାନେ ସ୍ତ୍ରୀ ପୁରୁଷ ଭିତରେ ଭେଦଭାବ ନ ରଖି କାହା ପର୍ସନାଲିଟିକୁ କ'ଣ ସୁଟ୍ କରୁଛି ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ଆଉ ଏହି ଜେଣ୍ଡର ନ୍ୟୁଟ୍ରାଲ ଫ୍ୟାଶନ୍ ମଣିଷର ବ୍ୟକ୍ତିତ୍ୱ ଏବଂ ସୌନ୍ଦର୍ଯ୍ୟ ଉଭୟକୁ ହାଇଲାଇଟ୍ କରିବାରେ ଖୁବ୍ ସାହାଯ୍ୟ କରୁଛି।

## ବଦଳୁଛି ପସନ୍ଦ

“ କୃଷି କ୍ଷେତ୍ରରେ ଋଣ ପ୍ରଦାନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ବ୍ୟାଙ୍କ ଅଫ୍ ବରୋଦା ପାକ୍ଷିକ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ବ୍ୟାଙ୍କ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଋଣ ମେଳା ଆୟୋଜନ କରିବ।

**– ଗୋପାଳ କ୍ରିଷ୍ଣ ଅଗ୍ରୱାଲ, ସ୍ୱାଧୀନ ଡାଇରେକ୍ଟର, ବ୍ୟାଙ୍କ ଅଫ ବରୋଦା**



“ ଇରାନ ବିରୋଧରେ କଟକଣା ଯୋଗୁ ତେଲ ଉତ୍ପାଦନ ଯେପରି ପ୍ରଭାବିତ ନ ହେବ ତାହାକୁ ଦୃଷ୍ଟିରେ ରଖି ସୌଦି ଆରବ ପ୍ରତିଶ୍ରୁତି ଅନୁଯାୟୀ ଉତ୍ପାଦନ ବଢ଼ାଇଛି।

**– ମହମ୍ମଦ ବିନ୍ ସଲମାନ, ଯୁବରାଜ, ସୌଦି ଆରବ**

## ସଂକ୍ଷେପରେ

### ତେଲ ଦର ପୁଣି ବଢ଼ିଲା



**ନୂଆଦିଲ୍ଲୀ,୬-୧୦:** ଦୁଇ ଦିନର ଆଶ୍ୱସ୍ତି ପରେ ସାରା ଦେଶରେ ପେଟ୍ରୋଲ ଓ ଡିଜେଲ ଦର ଶନିବାର ବଢ଼ିଛି। ଦିଲ୍ଲୀରେ ଲିଟର ପିଛା ପେଟ୍ରୋଲ ଦର ୧୮ ପଇସା ଏବଂ ଡିଜେଲ ୨୯ ପଇସା ବୃଦ୍ଧି ପାଇଛି। ଦର ବୃଦ୍ଧି ପରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୧.୬୮ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୩.୨୪ଟଙ୍କାରେ ବିକ୍ରି ହେଉଛି। ତେବେ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୮ ପଇସା ବୃଦ୍ଧି ସହ ୮୭.୧୫ଟଙ୍କାରେ ବିକ୍ରି ହେଉଥିଲେ ହେଁ ଡିଜେଲ ୭୦ ପଇସା ହ୍ରାସ କରାଯାଇ ୭୬.୭୫ଟଙ୍କାରେ ବିକ୍ରି କରାଯାଉଛି। ଦୁଇ ଦିନ ପୂର୍ବେ କେନ୍ଦ୍ର ସରକାର ତେଲ ଉପରେ ଅଢ଼େଇ ଟଙ୍କା ହ୍ରାସ ଘୋଷଣା କରିଥିଲେ।

■ ବ୍ୟାଙ୍କ, ଟେଲିକମ୍ କମ୍ପାନୀଙ୍କୁ ଆଧାର ବ୍ୟବହାର ଅନୁମତି

# ବିଲ୍‌କୁ ନେଇ ଜେଟ୍‌ଲୀ ନୀରବ

**ନୂଆଦିଲ୍ଲୀ,୬-୧୦**



ସଂସଦ ଦ୍ୱାରା ଅନୁମୋଦିତ ଆଉ ଏକ ବିଲ୍ ଜରିଆରେ ବ୍ୟାଙ୍କ ଓ ଟେଲିକମ କମ୍ପାନୀଙ୍କୁ ଆଧାର ବ୍ୟବହାର କରିବାର ଅଧିକାର ମିଳିପାରିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ମତବ୍ୟକ୍ତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଆଉ ଏକ ବିଲ୍ ଆଣିବା ଏବେ ଜରୁରୀ ହୋଇପଡିଥିଲେ ହେଁ ଏ ନେଇ ଅର୍ଥମନ୍ତ୍ରୀ କିଛି ସ୍ପଷ୍ଟ କଲେନି।

ଗତ ମାସରେ ସୁପ୍ରିମକୋର୍ଟ ତାଙ୍କ ରାୟରେ ବ୍ୟାଙ୍କ, ଘରୋଇ ଟେଲିକମ କମ୍ପାନୀ ଆଧାର ବ୍ୟବହାର କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୂର୍ବରୁ ସେମାନେ ଗ୍ରାହକଙ୍କ ପରିଚୟ ଯାଞ୍ଚ ଲାଗି ଆଧାର ବ୍ୟବହାର କରୁଥିଲେ। ଏହାଦ୍ୱାରା ଯାଞ୍ଚ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ଥିଲା। ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଜେଟ୍‌ଲୀ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଧାରର ସାମ୍ବିଧାନିକ ବୈଧତାକୁ ସର୍ବୋଚ୍ଚ ଅଦାଲତ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଆଧାର ନାଗରିକଙ୍କ ଲାଗି ପରିଚୟପତ୍ର ନୁହେଁ। ଏହା ଏଭଳି ଏକ ବ୍ୟବସ୍ଥା ଯାହାଦ୍ୱାରା ସରକାରୀ ସହାୟତା ଓ ସବ୍‌ସିଡିକୁ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଯାଇପାରୁଛି। ଏହା ହିଁ ଆଧାରର ମୂଳ ସିଦ୍ଧାନ୍ତ। ଆଧାରର ଅଧିକାଂଶ ଉଦ୍ଦେଶ୍ୟ ଓ ବୈଶିଷ୍ଟ୍ୟକୁ ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି ବୋଲି ଉଲ୍ଲେଖ କରି କେନ୍ଦ୍ର ଅର୍ଥ ମନ୍ତ୍ରୀ କହିଛନ୍ତି ଯେ, ଆଧାରର ଧାରା ୫୭କୁ ନେଇ ସମସ୍ୟା ଉପୁଜିଛି। ଆଇନ ଅଥବା ଚୁକ୍ତି ମାଧ୍ୟମରେ ଘରୋଇ କମ୍ପାନୀଙ୍କୁ ଲୋକଙ୍କ ତଥ୍ୟ ବ୍ୟବହାର କରିବାର ଅଧିକାର ଏହି ଧାରା ଦେଉଛି ବୋଲି ସୁପ୍ରିମକୋର୍ଟ ମନେ କରିଛନ୍ତି। ଏହି କାରଣରୁ ସର୍ବୋଚ୍ଚ ଅଦାଲତ ଏହି ଧାରାକୁ ରଦ୍ଦ କରିଛନ୍ତି। ଏହାର ସମାଧାନ ଆଉ ଏକ ବିଲ୍ ହିଁ କରିପାରିବ ବୋଲି ଜେଟ୍‌ଲୀ କହିଛନ୍ତି। ତେବେ ସରକାର ଏଥିପାଇଁ ସଂସଦରେ ଆଉ ଏକ ବିଲ୍ ଆଣିବେ କି ନା ସେ ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି।

## ଖିମଜୀ ହୋଣ୍ଡାର ସଡ଼କ ସଚେତନତା




**ଭୁବନେଶ୍ୱର,୬-୧୦**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା କମ୍ପାନୀ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଏବଂ ଖିମଜୀ ହୋଣ୍ଡାର ମିଳିତ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟଠାରେ ଏକ ସଡକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ନେଇ ବିଭିନ୍ନ ଦିଗ ଉପରେ ସଚେତନ କରାଯାଇଥିଲା। ଛାତ୍ରୀମାନଙ୍କୁ ନିରାପଦରେ ସ୍କୁଟର ଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଠାରେ ସମସ୍ତ ତାଲିମ ନିଃଶୁଳ୍କ ରହିଥିଲା।

## କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କଲା ଡାଲମିଆ ଭାରତ ଗ୍ରୁପ୍

**ଭୁବନେଶ୍ୱର,୬-୧୦**




ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ ପକ୍ଷରୁ ପୂର୍ବଭାରତରେ ଏହାର ଡିଲର ତଥା ବିତରକଙ୍କ ମେଧାବୀ ପିଲାମାନଙ୍କୁ ‘ପ୍ରଜ୍ଞା’ ଶିକ୍ଷା ଉତ୍କର୍ଷ ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରଜ୍ଞା ପୁରସ୍କାରର ଚତୁର୍ଥ ସଂସ୍କରଣରେ କମ୍ପାନୀ କଲିକତାର ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୫ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଛି। ଉକ୍ତ ଛାତ୍ରୀଛାତ୍ରମାନେ ଦଶମ ତଥା ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୮୦%ରୁ ଅଧିକ ନମ୍ବର ରଖିଛନ୍ତି। ଡାଲମିଆ ସିମେଣ୍ଟର ବିକ୍ରି ଏବଂ ମାର୍କେଟିଂ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଇନ୍ଦ୍ରଜୀତ ଚାଟାର୍ଜୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡିଶାର ୧୬ ଜଣ ରହିଥିବା ବେଳେ ପଶ୍ଚିମବଙ୍ଗର ୯ ଜଣ, ବିହାରର ୫ ଜଣ, ଝାଡଖଣ୍ଡର ୫ ଜଣ ରହିଛନ୍ତି। ଅର୍ଥରାଶି ସହ ମାନପତ୍ର ପ୍ରଦାନ ପୂର୍ବକ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି।

## ସେଣ୍ଟ୍ରାଲ ବ୍ୟାଙ୍କର ସ୍ୱଚ୍ଛ ଭାରତ ଅଭିଯାନ

**ଭୁବନେଶ୍ୱର,୬-୧୦**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। କ୍ଷେତ୍ରୀୟ ପ୍ରବନ୍ଧକ ସୋହେଲ ଅହମ୍ମଦଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱରର ଶିରିପୁର ମାର୍କେଟ ରାସ୍ତା, ପରିସର ଏବଂ ଦୋକାନ ବାରଣ୍ଡାକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତର ଲକ୍ଷ୍ୟ ତଥା ଉଦ୍ଦେଶ୍ୟକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପାୱାରଗ୍ରିଡ୍ ପକ୍ଷରୁ ସ୍ୱଚ୍ଛତା ହିଁ ସେବା



**ଭୁବନେଶ୍ୱର,୬-୧୦**

ପାୱାରଗ୍ରିଡ୍ ଭୁବନେଶ୍ୱର ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ସ୍ୱଚ୍ଛ ପରିବେଶ ଉପରେ ଗୁରୁତ୍ୱାରୋପ କରାଯାଇଛି। ନୀଳାଦ୍ରି ବିହାରସ୍ଥିତ ଶ୍ରୀକ୍ରିଷ୍ଣା ପଲ୍ଲୀଠାରେ ସ୍ୱଚ୍ଛତା କିଟ୍ ଏହି ଅବସରରେ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାୱାର ଗ୍ରୀଡର କର୍ମଚାରୀମାନେ ଉପସ୍ଥିତ ରହିବା ସହ ଲୋକଙ୍କ ସଚେତନତା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିବା ସୂଚନା ରହିଛି।

# ଉପସ୍ଥିତି ଦୃଢ଼ କରିବ ଟେକ୍ ଆଙ୍ଖା

**ଗୋଟିଏ ଛାତ ତଳେ ଗ୍ରାହକଙ୍କୁ ସ୍ମାର୍ଟ ଫୋନ୍ ଏବଂ ସ୍ମାର୍ଟ ଗ୍ୟାଜେଟ୍‌ର କ୍ରୟ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟରେ ଫ୍ଲାଗ୍‌ଶିପ ରେଟେଲ ଚେନ୍ ‘ଟେକ୍ ଆଙ୍ଖା’ କାର୍ଯ୍ୟ କରୁଛି। ମୋବାଇଲ ଶିଳ୍ପ ଅଭିବୃଦ୍ଧି ତ୍ୱରିତ ହୋଇଥିବା ବେଳେ ଗୋଟିଏ ସ୍ଥାନରେ ବିଭିନ୍ନ ବ୍ରାଣ୍ଡ୍ ପ୍ରଡକ୍ଟ ତଥା ଆସେସୋରିଜ ପ୍ରଦାନ ଦିଗରେ କମ୍ପାନୀ ପଦକ୍ଷେପ ଗ୍ରହଣ କରୁଛି। ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ମୋବାଇଲ ବଜାର ହୋଇଥିବା ବେଳେ ଗ୍ରାହକଙ୍କୁ ଗୁଣବତ୍ତା ସେବା ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟରତ। ସଙ୍ଗଠିତ ରିଟେଲିଂ ଦ୍ୱାରା ଗ୍ରାହକଙ୍କ ନିକଟତର ହେବାକୁ ଏହା ପ୍ରୟାସ ଜାରି ରଖିଛି। ଏହାର ଏମ୍‌ଡି ନନ୍ଦନ ଶାହା ‘ଧରିତ୍ରୀ’କୁ ଦେଇଥିବା ସାକ୍ଷାତକାର...**



ନନ୍ଦନ ଶାହା

■ **ଓଡିଶାରେ କମ୍ପାନୀର ଉପସ୍ଥିତି କିଭଳି ରହିଛି ?**

▶ ଆମେ ପୂର୍ବ ଭାରତର ଏକ ପ୍ରମୁଖ ପ୍ଲେୟର ଭାବେ କାର୍ଯ୍ୟ କରୁଛୁ। ଜୁନ ୧୫ରେ ପ୍ରଥମ ଥର ଲାଗି ‘ଟେକ୍ ଆଙ୍ଖା’ ଫ୍ଲାଗଶିପ ଷ୍ଟୋରର ଚେନ୍ ଶୁଭାରମ୍ଭ କରିଛୁ। ବର୍ତ୍ତମାନ ‘ଟେକ୍ ଆଙ୍ଖ’ାର ୩ ବ୍ରାଣ୍ଡ ଷ୍ଟୋର ଓଡିଶାରେ ରହିଛି। ଉକ୍ତ ଷ୍ଟୋରଗୁଡିକ ଭୁବନେଶ୍ୱର, କଟକ ଏବଂ ପୁରୀରେ ରହିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡିଶାରେ ୨୦-୨୫ ନୂଆ ଷ୍ଟୋର ଖୋଲିବାକୁ ନିଷ୍ପତ୍ତି ହୋଇଛି। ନଭେମ୍ବର ସୁଦ୍ଧା ରାଜ୍ୟରେ ୧୦ ଷ୍ଟୋର ଖୋଲିବ।

■ **ଓଡିଶା ବଜାରରେ କିଭଳି ରେସ୍‌ପନ୍ସ ଦେଖୁଛନ୍ତି?**

▶ ଓଡିଶା ବଜାରକୁ ନେଇ ଖୁବ୍ ଆଶାବାଦୀ ରହିଛୁ। ଏଠାରେ ଗ୍ରାହକଙ୍କ ନିକଟରୁ ଭଲ ରେସପନ୍ସ ମିଳୁଛି। କୌଣସି ବ୍ରାଣ୍ଡ ଫୋନ୍ କ୍ରୟ କରିବା ଲାଗି ସେହି ବ୍ରାଣ୍ଡ ଷ୍ଟୋରକୁ ଯିବାକୁ ପଡୁଥିଲା। ମଲ୍ଟି ବ୍ରାଣ୍ଡ ଆଉଟଲେଟ୍‌ରେ ଯେ ସବୁ କମ୍ପାନୀର ସ୍ମାର୍ଟ ଡିଭାଇସ ତଥା ସ୍ମାର୍ଟ ଫୋନ ମିଳିବ ତାକୁ ନେଇ ଠିକ୍ ଭାବେ କହିବା ଭୁଲ। ଗୋଟିଏ ଛାତ ତଳେ ମୋବାଇଲ୍ ଡିଭାଇସ୍‌ଠାରୁ ଆରମ୍ଭ କରି ଆସେସୋରିଜ, ସ୍ମାର୍ଟ ଡିଭାଇସ୍ ଭଳି ପ୍ରଡକ୍ଟ ତଥା ସେବା ଯୋଗାଇ ଦେଉଛୁ, ଯାହାକୁ ନେଇ ଗ୍ରାହକଙ୍କ ନିକଟରୁ ଭଲ ରେସ୍‌ପନ୍ସ ମିଳୁଛି। ଏହି ଧାରାକୁ ଆଗାମୀ ଦିନରେ ମଧ୍ୟ ଜାରୀ ରଖିବା ଲାଗି ପ୍ରୟାସ ବଜାୟ ରଖିଛୁ। ଏଠାରେ ସଙ୍ଗଠିତ ଷ୍ଟୋର ବିଶେଷ ଭାବେ ନ ଥିବାରୁ ଅଭିବୃଦ୍ଧି ଲାଗି ଏହା ସହାୟକ ହେବ।

■ **ସମ୍ପ୍ରସାରଣ ନେଇ କ’ଣ ଯୋଜନା ରଖିଛନ୍ତି?**

▶ ସାରା ଦେଶରେ ଟେକ୍ ଆଙ୍ଖାର ବ୍ରାଣ୍ଡ ଷ୍ଟୋର ଖୋଲିବା ନେଇ ଯୋଜନା ରହିଛି। ୨ ମାସରେ ୪୦ ଷ୍ଟୋର ସହ ସେବା ଯୋଗାଉଛୁ। ୨୦୧୯ ମାର୍ଚ୍ଚ ସୁଦ୍ଧା ଆଉ ୬୦ ନୂଆ ଷ୍ଟୋର ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛୁ। ପୂର୍ବାଞ୍ଚଳରେ କମ୍ପାନୀର ଉପସ୍ଥିତି ଦୃଢ କରିଛି। ପ୍ରଥମେ ଉତ୍ତର ଭାରତ ଏବଂ ପରେ ଦକ୍ଷିଣ ଭାରତରେ ସ୍ଥିତି ଦୃଢୀକରଣ ନେଇ ଯୋଜନା ରହିଛି। ପୂର୍ବାଞ୍ଚଳରେ ପ୍ରଥମେ ସ୍ଥିତି ଦୃଢୀକରଣ ନେଇ ଯୋଜନା ରଖିଛୁ। ଘରୋଇ ବଜାର କଥା ବିଚାରକୁ ନେଲେ ଆଗାମୀ ୩ରୁ ୪ ବର୍ଷ ମଧ୍ୟରେ ୫୦୦ ଷ୍ଟୋର ଖୋଲିବାକୁ ଲକ୍ଷ୍ୟ ରହିଛି। ଏହା ବାଦ୍ ଦେଶର ପଶ୍ଚିମାଞ୍ଚଳକୁ ପ୍ରବେଶ ନେଇ ମଧ୍ୟ ଧ୍ୟାନ ରଖିଛୁ। ପାର୍ବଣରେ ପଶ୍ଚିମବଙ୍ଗରେ ୧୦ ନୂଆ ଷ୍ଟୋର ଖୋଲିବାକୁ ନିଷ୍ପତ୍ତି ହୋଇଛି।

■ **ବଜାର ଟ୍ରେଣ୍ଡକୁ କିଭଳି ଦେଖୁଛନ୍ତି?**

▶ ମୋବାଇଲ ଇଣ୍ଡଷ୍ଟ୍ରିର ବାର୍ଷିକ ଅଭିବୃଦ୍ଧି ପ୍ରାୟ ୨୦% ରହିଛି। ଗ୍ରାହକଙ୍କ ଚାହିଦା ବଢିଛି। ସେମାନେ ନୂଆ ଫିଚର, ନୂଆ ସୁବିଧା ଖୋଜୁଛନ୍ତି। ଆସେସୋରିଜ୍ ବ୍ୟବହାର ମଧ୍ୟ ବଢିଛି। ଏହାର ଚାହିଦା ଦ୍ରୁତ ହାରରେ ବଢୁଛି। ଆମେ ନୂଆ ଆସେସୋରିଜ ଏବଂ ଟେକ୍ନୋଲୋଜି ଗ୍ରାହକଙ୍କ ନିକଟରେ ପହଞ୍ଚାଇବାକୁ ପଦକ୍ଷେପ ନେଉଛୁ। ଏହି ଆଧାରରେ ବିଭିନ୍ନ ନିବେଶ ଯୋଜନା ମଧ୍ୟ ହାତକୁ ନେଉଛୁ। ନୂଆ ପ୍ରଡକ୍ଟକୁ ପ୍ରାଥମିକତା ଦେଉଛୁ।

■ **ଷ୍ଟୋରର ସ୍ୱତନ୍ତ୍ରତା ସମ୍ପର୍କରେ କ’ଣ କହିବେ?**

▶ ଷ୍ଟୋରରେ ପ୍ରମୁଖ ବ୍ରାଣ୍ଡ ଉପଲବ୍ଧ ରହିଛି। ଉନ୍ନତ ସର୍ଭିସ ତଥା କ୍ରୟ ଅଭିଜ୍ଞତା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଗ୍ରାହକଙ୍କୁ ଅପ୍‌ଗ୍ରେଡେଶନ, ୱାନ ପଏଣ୍ଟ ସଲ୍ୟୁଶନ ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ଷ୍ଟୋରରେ ୱାଇଫାଇ ଜୋନ ରହିଛି। ମାଗଣା ସଫ୍ଟୱେର ଡାଉନଲୋଡ, ନେଟ୍ ସର୍ଫିଂ, ଟେକ୍ ଆଙ୍ଖାର ଷ୍ଟୋରରୁ ଫୋନ୍ କ୍ରୟ ଉପରେ ସାରା ଦେଶରେ ଥିବା ଆମର ଯେକୌଣସି ଷ୍ଟୋରରେ ବିଶେଷ ସର୍ଭିସ ସୁବିଧା ଦେଉଛୁ। ଷ୍ଟୋରଗୁଡିକରେ ସ୍ୱତନ୍ତ୍ର ତାଲିମ୍ ପାଇଥିବା ଆଙ୍ଖା ପାର୍ଟନର ମାନେ ଗ୍ରାହକଙ୍କୁ ସହାୟତା ପ୍ରଦାନ ଲାଗି କାର୍ଯ୍ୟ କରୁଛନ୍ତି। ଷ୍ଟୋରରେ ଗ୍ରାହକ ଲାଇଭ୍ ପ୍ରଡକ୍ଟ ଆସିଷ୍ଟାନ୍ସ ଲାଭ କରିପାରିବେ। ଟଚ୍ ଫିଲ୍ ପ୍ରଦାନ, ସର୍ବୋଚ୍ଚ ରେଞ୍ଜର ଆସେସୋରିଜ ଗ୍ରାହକମାନେ ଏଠାରେ ଲାଭ କରିପାରିବେ।

■ **ପାର୍ବଣରେ କିଛି ଅଫର ପ୍ରଦାନ କରୁଛନ୍ତି କି?**

▶ ବ୍ରାଣ୍ଡକୁ ଲୋକାଦୃତ କରାଇବା ଲାଗି ବିଭିନ୍ନ ପଦକ୍ଷେପ ନେଉଛୁ। ପୂଜା ପେଣ୍ଡାଲ ପ୍ରମୋଶନ ସହ ୩୬୦ ଡିଗ୍ରୀ କ୍ୟାମେନ୍ କରୁଛୁ। ଲାଟେଷ୍ଟ ଗ୍ୟାଜେଟ ସହ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରହିଛି। ଗ୍ରାହକଙ୍କୁ ଷ୍ଟୋର ପରିଦର୍ଶନରେ ଲଟେରି ଦ୍ୱାରା ନିଶ୍ଚିତ ଉପହାର ଦିଆଯିବ। ଏହା ଦିୱାଲି ପର୍ଯ୍ୟନ୍ତ ଚାଲିବ। ଏହା ସହ ଷ୍ଟୋର ପକ୍ଷରୁ କମ୍ପାନୀ ବାଦ୍ ଗୋଟିଏ ବର୍ଷର ସର୍ଭିସ ଆସିଷ୍ଟାନ୍ସ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

## ଡିପିଏସ୍ କଳିଙ୍ଗ ସମ୍ମାନିତ

**ଭୁବନେଶ୍ୱର,୬-୧୦**




ଡିପିଏସ୍ କଳିଙ୍ଗକୁ ଏଲିଟ୍ ଆୱାର୍ଡରେ ସମ୍ମାନୀତ କରାଯାଇଛି। ଆମେରିକାର ଏଡ୍‌ଫିନିଟି ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଦି ଏଜୁକେଶନ ୱାର୍ଲଡ ଇଣ୍ଡିଆ ସ୍କୁଲ ର୍ୟାଙ୍କିଂ ମୁତାବକ ଡିପିଏସ୍ କଳିଙ୍ଗ ଉକ୍ତ ପୁରସ୍କାର ଲାଭ କରିଛି। ନୂତନତା, ଏକାଡେମିକ ଉତ୍କର୍ଷ ଭଳି ପ୍ରମୁଖ ପ୍ରସଙ୍ଗ ଲାଗି ପ୍ରତିଷ୍ଠାନକୁ ଚୟନ କରାଯାଇଛି। ଏକାଡେମିକ ଉତ୍କର୍ଷ ଏବଂ ଶିକ୍ଷକଙ୍କ ନିପୁଣତା ଲାଗି ଡିପିଏସ୍ କଳିଙ୍ଗ ଦେଶର ପ୍ରମୁଖ ୨୫ ସ୍କୁଲ ମଧ୍ୟରୁ ୧୩ତମ ସ୍ଥାନରେ ରହିଛି। ସହ ଶିକ୍ଷା କ୍ଷେତ୍ରରେ ଏହା ଦ୍ୱିତୀୟ ର୍ୟାଙ୍କ ଲାଭ କରିଛି। ଦିଲ୍ଲୀ ଭିତ୍ତିକ ମାର୍କେଟ ରିସର୍ଚ୍ଚ ଫାର୍ମ ସି-ଫୋର ପକ୍ଷରୁ ଦେଶର ୧୦୦ ସ୍କୁଲକୁ ନେଇ ଏକ ସର୍ଭେ ହୋଇଥିଲା। ଭିତ୍ତିଭୂମି, ଏକାଡେମିକ ଏକ୍ସଲେନ୍ସ, ଫାକଲଟି କମ୍ପିଟେନ୍ସ ଭଳି ପ୍ରମୁଖ ବିଷୟ ଆଧାରରେ ଉକ୍ତ ର୍ୟାଙ୍କ ପ୍ରଦାନ କରାଯାଇଥିଲା। ଦୀର୍ଘ ୧୫ ବର୍ଷ ଧରି ଗୁଣବତ୍ତା ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଜାରି ରହିଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।

## ଏମ୍‌ସିଏଲ୍‌ର ଅଖଣ୍ଡତା ପ୍ରତିଜ୍ଞା ସମାରୋହ

**ଭୁବନେଶ୍ୱର,୬-୧୦**

ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ (ଏମ୍‌ସିଏଲ୍) ପକ୍ଷରୁ କିସ୍ ପରିସରରେ ଅଖଣ୍ଡତା ପ୍ରତିଜ୍ଞା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭ୍ରଷ୍ଟାଚାର ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏମ୍‌ସିଏଲ୍‌ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ମୁନାୱାର ଖୁର୍ସିଦ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଏଚ୍.କେ. ଶତପଥୀ, ସଚିବ ଆର୍.ଏନ୍ ଦାସ, ରେଜିଷ୍ଟ୍ରାର ଜୁଲିୟସ୍ ଲାକ୍ରା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପି.କେ. ରାଉତ, ସିଏମ୍‌ପିଆଇଡି ମୁଖ୍ୟ ଭିଜିଲାନ୍ସ ଅଧିକାରୀ ସନ୍ଦୀପ ରାଜ ଏବଂ ଇସିଏଲ୍ ସିଭିଓ ରାଜେନ୍ଦ୍ର ଅଗ୍ରୱାଲ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ପ୍ରସିଦ୍ଧ ଖୋଖୋ ଖେଳାଳି ମନ୍ଦାକିନୀ ମାଝି ୫,୦୦୦ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ପି.କେ ପ୍ରଧାନ ଏଥିରେ ଧନ୍ୟବାଦ ପ୍ରଦାନ କରିଥିଲେ।

**BHUBANESWAR MUNICIPAL CORPORATION**

**No. 33208 COMPETITIVE BIDDING THROUGH e-Procurement Dt.06/10/18**

**NOTICE INVITING TENDER**

**Bid Reference No. BMC-EED-II/07 (EL)/2018-19,Dt.06.10.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** in conformity with the Detailed Tender Call Notice are invited by the Executive Engineer-II, BMC for execution of the works mentioned in the tender call notice.

Only the Bid Reference **No. (BMC-EED-II/07(EL)/2018-19)** should be written clearly over (superscribed) the envelop containing the bid documents to be submitted by each intending bidder vide Cl.4 below of "Information for the Intending Bidders" of this Notice. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. Such envelops shall be refunded on demand with proper acknowledgement. The affidavit to be submitted/furnished by the intending bidders should feature Name of the Work and/or its Sl. No. In case of any mis-match or inconsistency or contradict among different clauses/conditions/instructions/information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency and intention of BMC behind this tendering process.

In order to keep pace with the recent developments and simplifications of tendering procedures, BMC Division No-II has been pursuing through various reforms. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. Clarifications required, if any, on any matter related to this tender notice, shall be furnished by an authorized officer, Sri Ajit Kumar Behera AEE (Tel. No.9437292355) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **07** Nos.
2. Place of Execution : Different locations of Bhubaneswar Municipal Corporation
3. Estimated Cost of Individual Work : **Rs. 110635/- to Rs. 481473/-**
4. Eligible Class of Contractors –: Registered Contractors from **ELBO** of H.V & M.V as indicated against each work in DTCN.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **5.30 PM on dt.06.10.2018 to 5 P.M on dt.15.10.2018** for online bidding.
7. Bids received online will be opened at **11 A.M on dt.23.10.2018.**
8. The bidder must possess valid Compatible **Digital Signature Certificate (DSC).**
9. The DTCN and the tender call notice for **7** Nos. of work can be seen in the e-procurement portal https://www.tendersodisha.gov.in.

**On behalf of Commissioner, BMC, Bhubaneswar**

**Executive Engineer,BMC Division No.-II**

**Progress Through Partnership for a Better Bhubaneswar**

DISTRICT OFFICE,
MAYURBHANJ, BARIPADA

**(SOCIAL WELFARE SECTION)**

**No. 3126** **Dt. 05.10.18**

**CORRIGENDUM**

In continuation to Tender Call Notice No. 3014 dt. 29.09.2018, only the interested EP & M rate contract holders to take part in the tender process towards supply of Steel Almirahs to 1115 Nos. AWCs/ Mini AWCs of Mayurbhanj District.

The last date has been fixed on 23.10.2018 upto 5.00 P.M. and tender will be opened on 25.10.2018 at 4.00 P.M. The Tender Paper cost & EMD money will be levied as per Guideline stipulated vide Finance Deptt. Letter No. 4939/F dt. 13.02.2012 for procurement of goods and no exemption of EMD money will be accepted. All other terms and conditions remain the same.

**Sd./- Collector & District Magistrate, Mayurbhanj**

NANDANKANAN

NANDANKANAN ZOOLOGICAL PARK

**TENDER NOTICE No. 09 of 2018-19 Date: 06.10.2018**

Deputy Director, Nandankanan Zoological Park invites sealed tender in prescribed form from interested individuals/ firms/ intrepreneurs for providing Sanitation Service to Nandankanan Zoological Park.

| | | |
|---|---|---|
| The last date of submission of sealed tender | : | 5.00 P.M. of 25.10.2018 |
| Opening of sealed tender (Technical bid | : | 11.30 A.M. of 26.10.2018 |

Detailed terms and conditions along with the tender papers will be available in the website of Nandankanan Zoological Park (www.nandankanan.org) from **10.10.2018**. The downloaded tender papers must be accompanied with a Bank Draft of Rs. **5900/-** (inclusive of 18% GST) in favour of Deputy Director, Nandankanan Zoological Park payable at Bhubaneswar.

**Sd./- Deputy Director**
**Nandankanan Zoological Park**

## ସଂକ୍ଷେପରେ

### ହାମିଲଟନଙ୍କୁ ପୋଲ ପୋଜିଶନ



**ସୁଜୁକା (ଜାପାନ), ୬।୧୦ (ଏଏଫ୍‌ପି):** ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ ଜାପାନିଜ ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ପାଇଁ ପୋଲ ପୋଜିଶନ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ କ୍ୱାଲିଫାଇଙ୍ଗରେ ତାଙ୍କ ଫେରାରି ପ୍ରତିଦ୍ୱନ୍ଦ୍ୱୀ ସେବାଷ୍ଟିଆନ ଭେଟେଲ ଭୟାନକ ପ୍ରଦର୍ଶନ ସହ ୮ମ ସ୍ଥାନ ଅଧିକାର କରିଛନ୍ତି। ଚଳିତ ସିଜନର ଆଉ ୫ଟି ରେସ୍ ବାକି ରହିଥିବା ବେଳେ ଭେଟେଲଙ୍କଠାରୁ ହାମିଲଟନ ୫୦ ପଏଣ୍ଟ ଆଗରେ ରହିଛନ୍ତି। ହଟ୍ ଫେଭରାଇଟ୍ ମର୍ସିଡିଜ ଡ୍ରାଇଭର ରବିବାର ସୁଜୁକାଠାରେ ହଟ୍ ଫେଭରାଇଟ୍ ଭାବେ ଫ୍ରଣ୍ଟ୍ ରୋ'ରୁ ରେସ୍ ଆରମ୍ଭ କରିବେ। ହାମିଲଟନଙ୍କ ଏହା ହେଉଛି କ୍ୟାରିୟରର ୮୦ତମ ପୋଲ ପୋଜିଶନ। ଗତ ୬ଟି ରେସ୍ ମଧ୍ୟରୁ ସେ ୫ଟିରେ ବିଜୟ ହାସଲ କରିସାରିଛନ୍ତି। ଟିମ୍‌ମେଟ ଭାଲଟେରି ବୋଟାସ କ୍ୱାଲିଫାଇଙ୍ଗ ରେସ୍‌ରେ ଦ୍ୱିତୀୟ ଏବଂ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଫୋର୍ସ ଇଣ୍ଡିଆର ଦୁଇ ଡ୍ରାଇଭର ଏଷ୍ଟିବାନ ଓକନ ଏବଂ ସର୍ଗିଓ ପେରେଜ ଯଥାକ୍ରମେ ୮ମ ଓ ୧୦ମ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମି ରାଇକୋନେନ (ଫେରାରି), ରୋମେନ ଗ୍ରୋସ୍‌ଜେଁ (ହାସ୍), ବ୍ରେଣ୍ଡନ ହାର୍ଟଲି(ଟୋରୋରୋସେ), ଓ ପିଏରେ ଗାଲ୍‌ଲି ଯଥାକ୍ରମେ ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନ ଅଧିକାର କରିଥିଲେ।

### ଡୋନାଲ୍ଡଙ୍କୁ ପଛରେ ପକାଇଲେ ଅଶ୍ୱିନ

**ନୂଆଦିଲ୍ଲୀ,୬।୧୦:** ଭାରତୀୟ ବୋଲିଂ ବିଭାଗର କର୍ଣ୍ଣଧାର ରବିଚନ୍ଦ୍ରନ ଅଶ୍ୱିନ ଟେଷ୍ଟ କ୍ରିକେଟ ମୋଟ ଉଇକେଟ ନେବାରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ପେସର ଆଲାନ ଡୋନାଲ୍ଡଙ୍କୁ ପଛରେ ପକାଇଛନ୍ତି। ପୂର୍ବତନ ଦ. ଆଫ୍ରିକୀୟ ପେସର ୭୨ଟେଷ୍ଟରୁ ୩୩୦ ଉଇକେଟ ନେଇଥିଲେ। ରାଜକୋଟ ଟେଷ୍ଟ ପୂର୍ବରୁ ୩୨୭ ଉଇକେଟ ନେଇଥିବା ଅଶ୍ୱିନଙ୍କୁ ଡୋନାଲ୍ଡଙ୍କୁ ଅତିକ୍ରମ କରିବା ପାଇଁ ୪ ଉଇକେଟ ଦରକାର ଥିଲା। ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ର ଉଭୟ ଇନିଂସ୍‌ରେ ସେ ମୋଟ ୬ ଉଇକେଟ ନେଇ ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ୨୪ତମ ସ୍ଥାନକୁ ଉଠିଛନ୍ତି। ତେବେ ସେ ଭାରତୀୟ ବୋଲରଙ୍କ ମଧ୍ୟରେ ୪ର୍ଥ ସ୍ଥାନରେ ରହିଛନ୍ତି। ୬୧୯ ଉଇକେଟ ନେଇଥିବା ଅନୀଲ କୁମ୍ବଲେ ତାଲିକା ଶୀର୍ଷରେ ରହିଛନ୍ତି। କପିଳ ଦେବ (୪୩୪) ଓ ହରଭଜନ ସିଂ (୪୧୭) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଥିବାବେଳେ ୩୩୩ ଉଇକେଟ ସହ ଅଶ୍ୱିନ ୪ର୍ଥ ସ୍ଥାନରେ ରହିଛନ୍ତି।



"ଆକ୍ରମଣାତ୍ମକ ଓ ରକ୍ଷଣାତ୍ମକ ନୀତିରେ ସନ୍ତୁଳନ ରକ୍ଷା କରି ବ୍ୟାଟିଂ କରିଥିଲେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ହୁଏତ ଆମକୁ ଶୋଚନୀୟ ପରାଜୟବରଣ କରିବାକୁ ପଡ଼ି ନ ଥାନ୍ତା।
–କ୍ରେଗ୍ ବ୍ରାଥ୍‌ୱେଟ୍, ୱେଷ୍ଟଇଣ୍ଡିଜ କାମଚଳା ଅଧିନାୟକ



"ରବିବାର ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ବିଜୟ ହାସଲ କରିବାକୁ ହେଲେ ୟାସିର ଶାହଙ୍କୁ ଆକ୍ରମଣାତ୍ମକ ବୋଲିଂ କରି ଅଧିକ ଉଇକେଟ ନେବାକୁ ପଡ଼ିବ ।
–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ

# ଭାରତର ସର୍ବବୃହତ୍ ଇନିଂସ ବିଜୟ

ରାଜକୋଟ, ୬।୧୦(ପି.ଟି.)

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ମାତ୍ର ୩ ଦିନରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜକୁ ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୨୭୨ ରନରେ ପରାସ୍ତ କରିଛି। ଏଥିସହ ଭାରତ ଟେଷ୍ଟରେ ସର୍ବବୃହତ୍ ଇନିଂସ ବିଜୟ ହାସଲ କରିଛି। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୧୪୯.୫ ଓଭରରେ ୯ ଉଇକେଟ ହରାଇ ୬୪୯ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୪୮ ଓଭରରେ ୧୮୧ ରନ କରି ଅଲଆଉଟ ହୋଇ ଫଲୋଅନ ହୋଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଅନୁରୂପ ଭାବେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୦.୫ ଓଭରରେ ୧୯୬ ରନ କରି ଅଲଆଉଟ ହେବା ସହ ଇନିଂସ ପରାଜୟର ସମ୍ମୁଖୀନ ହୋଇଥିଲା। ତୃତୀୟ ଦିବସରେ ୱେଷ୍ଟଇଣ୍ଡିଜର ୧୪ଟି ଉଇକେଟର ପତନ ଘଟିଥିଲା। ଏହି ବିଜୟ ସହ ଭାରତ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧–୦ରେ ଅଗ୍ରଣୀ ହାସଲ କରିଛି। ପଦାର୍ପଣରେ ୧୮ ବର୍ଷୀୟ ଭାରତୀୟ ଓପନର ପୃଥ୍ୱୀ ଶ ୧୩୪ ରନର ଶତକୀୟ ପାଳି ଖେଳି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ ଚଳିତ ବର୍ଷ ଜୁନ୍‌ରେ ଭାରତ ଏକ ଇନିଂସ ଓ ୨୬୨ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା ଓ ଏହା ଇନିଂସ ବିଜୟ ଦୃଷ୍ଟିକୋଣରୁ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ୧୨ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୯୪/୬ରୁ ଖେଳ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଅଲଆଉଟ ହେବା ସହ ଫଲୋଅନ ହୋଇଥିଲା। ଦୁଇ ଓଭରନାଇଟ ବ୍ୟାଟ୍ସମ୍ୟାନ ରଷ୍ଟନ ଚେଜ୍ ଓ କିମୋ ପଲ ୨୭ ଓ ୧୩ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୫୩ ଓ ୪୭ ରନ କରି ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୭୩ ରନ ସଂଗ୍ରହ କରିଥିଲେ। ଏହା ପରେ ଶେରମାନ ଲୁଇସ୍ ଖାତା ଖୋଲିବା ପୂର୍ବରୁ ଆଉଟ ହେବା ପରେ ଶାନନ ଗାବ୍ରିଏଲ ୧ ରନ ପରି ପ୍ୟାଭିଲିୟନ ଫେରିଥିଲେ ଓ ଭ୍ରମଣକାରୀ ଦଳ ଅଲଆଉଟ ହୋଇଥିଲା। ବୋଲିଂରେ ଭାରତ ପକ୍ଷରୁ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସର୍ବାଧିକ ୪, ମହମ୍ମଦ ସାମି ୨, ଉମେଶ ଯାଦବ, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଭାରତୀୟ ସ୍ପିନରଙ୍କର ସମ୍ମୁଖୀନ ହୋଇପାରି ନ ଥିଲା। କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା ହାସଲ କରି ଚାଇନାମ୍ୟାନ କୁଲଦୀପ୍ ଯାଦବ ୱେଷ୍ଟଇଣ୍ଡିଜର ବିପର୍ଯ୍ୟୟ ଘଟାଇଥିଲେ। ଭଲ ଆରମ୍ଭ କରିଥିଲେ ମଧ୍ୟ ପରେ ୱେଷ୍ଟଇଣ୍ଡିଜ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଓପନର ତଥା ଅଧିନାୟକ କ୍ରେଗ ବ୍ରାଥୱେଟ ୧୦ ରନ କରି ଆଉଟ ହୋଇଥିଲେ ମଧ୍ୟ ଅନ୍ୟତମ ଓପନର କିରନ ପାୱେଲ ୮୩ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ସାଇ ହୋପ ୧୭, ଶିମରନ ହେଟମେୟର ୧୧, ରୋଷ୍ଟନ ଚେଜ୍ ୨୦, ଉଇକେଟ କିପର ବ୍ୟାଟ୍ସମ୍ୟାନ ଶେନ ଡୋରିଚ୍ ଅପରାଜିତ ୧୬ ଓ କିମୋ ପଲ ୧୫ ରନ କରିଥିବା ବେଳେ ଅନ୍ୟ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଦେବେନ୍ଦ୍ର ବିଶୁ ୯, ଶେରମାନ ଲୁଇସ୍ ୪ ଓ ଶାନନ୍ ଗାବ୍ରିଏଲ ୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ସୁନୀଲ ଅମ୍ବ୍ରିଶ୍ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବୋଲିଂରେ ଭାରତୀୟ ସ୍ପିନରମାନେ କମାଲ କରିଥିଲେ। କୁଲଦୀପ ୧୪ ଓଭର ବୋଲିଂ କରି ୨ଟି ମେଡେନ ନେବା ସହ ୫୭ ରନ ବ୍ୟୟ କରି କ୍ୟାରିୟରରେ ପ୍ରଥମଥର ପାଇଁ ୫ ଉଇକେଟ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ୩ ଓ ଅଶ୍ୱିନ ୨ଟି ଉଇକେଟ ହାସଲ କରିଥିଲେ।



ବିଜୟ ପରେ ପ୍ୟାଭିଲିୟନ ଫେରୁଛନ୍ତି ଭାରତୀୟ ଖେଳାଳି।

### ପୃଥ୍ୱୀ ପ୍ଲେୟାର ଅଫ୍ ଦି ମ୍ୟାଚ୍

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୧୪୯.୫ ଓଭରରେ ୬୪୯/୯ ଇନିଂସ ଘୋଷଣା।

**ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୪୮ ଓଭରରେ ୧୮୧ ଅଲଆଉଟ (ଚେଜ୍- ୫୩, ପଲ- ୪୭, ଅଶ୍ୱିନ- ୪/ ୩୭, ସାମି- ୨/୨୨)।

**ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ (ଫଲୋଅନ):** ୫୦.୫ ଓଭରରେ ୧୯୬ ଅଲଆଉଟ (ପାୱେଲ- ୮୩, କୁଲଦୀପ- ୫/୫୭, ଜାଡେଜା- ୩/୩୫, ଅଶ୍ୱିନ- ୨/୭୧)।

### ଘରୋଇ ମାଟିରେ ୧୦୦ତମ ଟେଷ୍ଟ ବିଜୟ

ରାଜକୋଟ, ୬।୧୦ (ପି.ଟି.)

ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ଏକ ଇନିଂସ ଓ ୨୭୨ ରନରେ ପରାସ୍ତ କରିବା ସହ ଘରୋଇ ଭାରତ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏଥିସହିତ ଭାରତ ଘରୋଇ ମାଟିରେ ୧୦୦ତମ ଟେଷ୍ଟ ବିଜୟ ହାସଲ କରିଛି। ନିଜ ମାଟିରେ ୨୬୬ଟି ମ୍ୟାଚ୍ ଖେଳିବା ପରେ ଭାରତ ଏହି ସଫଳତା ହାସଲ କରିଛି। ଏହି କ୍ରମରେ ଭାରତ ଚତୁର୍ଥ ଦଳ ଭାବେ ଘରୋଇ ମାଟିରେ ୧୦୦ତମ ବିଜୟ ହାସଲ କରି ବିରଳ ସଫଳତା ପାଇଛି। ପୂର୍ବରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଏହି ବିରଳ ସଫଳତା ହାସଲ କରିସାରିଛନ୍ତି। ଏହି ଦୃଷ୍ଟିକୋଣରୁ ବିଚାର କଲେ ଅଷ୍ଟ୍ରେଲିଆ ଶୀର୍ଷରେ ରହିବ। ଅଷ୍ଟ୍ରେଲିଆ ଘରୋଇ ପରିବେଶରେ ୪୧୫ଟି ଟେଷ୍ଟ ଖେଳି ଏପର୍ଯ୍ୟନ୍ତ ୨୩୮ଟି ବିଜୟ ହାସଲ କରିଛି। ସେହିପରି ଇଂଲଣ୍ଡ ୫୧୫ଟି ମ୍ୟାଚ୍ ଖେଳି ୨୧୭ଟି ବିଜୟ ହାସଲ କରିଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ୨୩୦ଟି ଟେଷ୍ଟ ଖେଳି ୧୦୪ଟି ବିଜୟ ହାସଲ କରିଛି। ଭାରତ ୧୯୩୩–୩୪ରେ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲା। ତେବେ ଏହାର ଦୁଇ ଦଶନ୍ଧି ପରେ ଭାରତ ୧୯୫୨ରେ ଇଂଲଣ୍ଡକୁ ଏକ ଇନିଂସ ଓ ୮ ରନରେ ହରାଇ ଘରୋଇ ପରିବେଶରେ ପ୍ରଥମ ବିଜୟ ହାସଲ କରିବାକୁ ସକ୍ଷମ ହୋଇଥିଲା।

## କୁଲଦୀପଙ୍କ ବିରଳ ରେକର୍ଡ



**ନୂଆଦିଲ୍ଲୀ, ୬।୧୦:** ଭାରତୀୟ ଯୁବ ସ୍ପିନର କୁଲଦୀପ ଯାଦବ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ଚାଇନାମ୍ୟାନ ସ୍ପିନର ଭାବେ ଗୋଟିଏ ଇନିଂସ୍‌ରେ ୫ ଉଇକେଟ ନେଇଛନ୍ତି। ମ୍ୟାଚର ୩ୟ ଦିବସରେ ୨୩ ବର୍ଷୀୟ ବୋଲର ଶାଇ ହୋପ (୧୭)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିବା ପରେ ଶିମରୋନ ହେଟମେୟର (୧୭) ଓ ସୁନୀଲ ଆମ୍ବ୍ରିସ (୦)ଙ୍କୁ ଗୋଟିଏ ଓଭର୍‌ରେ ଆଉଟ୍ କରିଥିଲେ। ଏହାପରେ ରଷ୍ଟନ ଚେଜ (୨୦)ଙ୍କୁ ରବିଚନ୍ଦ୍ରନ ଅଶ୍ୱିନଙ୍କ ହାତରେ କ୍ୟାଚ୍ କରାଇବା ପରେ କ୍ରିଜ୍‌ରେ ଜମି ଯାଇଥିବା କିରନ ପାୱେଲ(୮୩)ଙ୍କ ଉଇକେଟ ନେଇଥିଲେ। ଏସିଆର ଦ୍ୱିତୀୟ ଚାଇନାମ୍ୟାନ ଭାବେ ଏହି ସଫଳତା ପାଇଛନ୍ତି। ଏଥି ସହ ଭୁବନେଶ୍ୱର କୁମାରଙ୍କ ପରେ ଦ୍ୱିତୀୟ ଭାରତୀୟ ବୋଲର ଭାବେ କୁଲଦୀପ କ୍ରିକେଟର ୩ଟି ଯାକ ଫର୍ମାଟରେ ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ଏହି କ୍ରମରେ ସେ ବିଶ୍ୱର ସପ୍ତମ ବୋଲର ସାବ୍ୟସ୍ତ ହୋଇଛନ୍ତି।

# ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ

କଟକ ଅଫିସ, ୬।୧୦

### ବିଜୟ ହଜାରେ ଟ୍ରଫି

ନୂଆଦିଲ୍ଲୀର ଫିରୋଜଶାହ କୋଟଲା ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ଏଲିଟ୍ ଗ୍ରୁପ୍–ବିର ଏକ ମ୍ୟାଚରେ ଓଡ଼ିଶା ୧ ଉଇକେଟରେ ହାଇଦ୍ରାବାଦଠାରୁ ପରାସ୍ତ ହୋଇଛି। ଅନ୍ତିମ ଓଭରରେ ହାଇଦ୍ରାବାଦ୍ ଏହି ମ୍ୟାଚ୍‌କୁ ଜିତିଥିବା ବେଳେ ଓଡ଼ିଶା ୫ମ ପରାଜୟ ସହ ପ୍ରତିଯୋଗିତାରୁ ବାଦ ପଡ଼ିଛି । ଲିଗ୍ ପର୍ଯ୍ୟାୟରେ ୮ଟି ଯାକ ମ୍ୟାଚ୍ ଖେଳି ୨ଟି ବିଜୟ, ୫ଟି ପରାଜୟ ଓ ଗୋଟିଏ ଟାଇ ସହ ଓଡ଼ିଶା ମାତ୍ର ୧୦ ପଏଣ୍ଟ ସଂଗ୍ରହ କରିଛି ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳରେ ଓପନର ରାଜେଶ ଧୂପରଙ୍କ ସ୍ଥାନରେ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କୁ ଓପନିଂ ଭାର ଦିଆଯାଇଥିଲା। ଗୋବିନ୍ଦ ଓ ଅନ୍ୟତମ ଓପନର ରଞ୍ଜିତ ସିଂ ପ୍ରଥମ ଉଇକେଟରେ ୧୪ରନ୍ ଯୋଡ଼ିବା ପରେ ରଞ୍ଜିତ ବ୍ୟକ୍ତିଗତ ୨ରନ୍ କରି ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଗୋବିନ୍ଦ ଓ ଶୁଭ୍ରାଂଶୁ ସେନାପତିଙ୍କ ମଧ୍ୟରେ ୧୦୪ରନର ଭାଗୀଦାରି ହୋଇଥିଲା। ଇତି ମଧ୍ୟରେ ଗୋବିନ୍ଦ ୪୮ଟି ବଲରୁ ଅର୍ଦ୍ଧଶତକ ହାସଲ କରିସାରିଥିଲେ। ବିପକ୍ଷ ହାଇଦ୍ରାବାଦ ସମ୍ମୁଖରେ ଓଡ଼ିଶା ଏକ ବିଶାଳ ରନ୍ ଧାର୍ଯ୍ୟ କରିବ ବୋଲି ଆଶା କରାଯାଉଥିଲା। ମାତ୍ର ଶୁଭ୍ରାଂଶୁ ୪୧ରନ୍‌ରେ ଆଉଟ ହେବା ପରେ ଅଧିନାୟକ ଗୋବିନ୍ଦ ମଧ୍ୟ ବଡ ଶଟ୍ ଖେଳିବାକୁ ଯାଇ ୯୩ ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ। ସେ ୧୦୮ଟି ବଲ ଖେଳି ୧୦ଟି ଚୌକା ଓ ୨ଟି ଛକା ମାରିଥିଲେ। ପରେ ବିପ୍ଳବ ସାମନ୍ତରାୟ ୩୧ ଓ ଅଭିଶେକ ରାଉତ ୩୪ ରନ କରିଥିଲେ। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ରୁତ ୨୧ରନ୍ ସଂଗ୍ରହ କରିଥିଲେ। ଓଡ଼ିଶା ୮ଟି ଉଇକେଟ ହରାଇ ୨୪୭ରନ୍ କରିଥିଲା। ପ୍ରୟାସ ସିଂ ୩ରନ୍, ଦୀପକ ବେହେରା ୧ରନ୍, ଶାନ୍ତନୁ ମିଶ୍ର ଓ ପି.ରୋଶନ କୁମାର ରାଓ ୪ରନ୍ ଲେଖାଏ କରିଥିଲେ । ହାଇଦ୍ରାବାଦ ପକ୍ଷରୁ ସି.ଭି. ମିଳିନ୍ଦ ୪୩ରନ୍‌ରେ ୬ଟି ଉଇକେଟ ଦଖଲ କରିଥିଲେ । ପ୍ରଥମ ଉଇକେଟରେ ହାଇଦ୍ରାବାଦ ୧୧୯ରନ୍ ସଂଗ୍ରହ କରି ଓଡ଼ିଶା ବୋଲରମାନଙ୍କୁ ନିରାଶ କରିଥିଲା। ଓପନର ତନ୍ମୟ ଅଗ୍ରୱାଲ ୭୬ରନ ଓ ଅକ୍ଷତ ରେଡ୍ଡୀ ୬୩ରନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ୫ରନ ମଧ୍ୟରେ ୪ଟି ଉଇକେଟ ଦଖଲ କରି ଓଡ଼ିଶା ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ୧୬୨ରନ୍‌ରେ ଦ୍ୱିତୀୟ ଉଇକେଟ ହରାଇଥିବା ହାଇଦ୍ରାବାଦ ୧୬୭ରନ୍ ବେଳକୁ ୫ମ ଉଇକେଟ ହରାଇ ସାରିଥିଲା। ଉଇକେଟ କିପର ସୁମନ୍ତ କୋଲା ଅନ୍ତିମ ଓଭର ପର୍ଯ୍ୟନ୍ତ ତିଷ୍ଠି ରହି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସୁମନ୍ତ ଅପରାଜିତ ୪୩ରନ କରିଥିଲେ। ଓଡ଼ିଶା ପକ୍ଷରୁ ପପୁ ରାୟ ସର୍ବାଧିକ ୩ଟି ଉଇକେଟ ଦଖଲ କରିଛନ୍ତି। ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି, ଗୋବିନ୍ଦ ପୋଦ୍ଦାର, ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ ।



ପପୁ ରାୟ

### ପଦାର୍ପଣରେ ପପୁଙ୍କ ସଫଳତା

ଚଳିତ ବିଜୟ ହଜାରେ ଟ୍ରଫି ସ୍ପିନର ପପୁ ରାୟଙ୍କ ନିମନ୍ତେ ସିନିୟର ବର୍ଗରେ ପଦାର୍ପଣ ସିରିଜ ଥିଲା। ପ୍ରତିଯୋଗିତାରେ ସେ ୮ଟି ଯାକ ଲିଗ ପର୍ଯ୍ୟାୟ ମ୍ୟାଚ୍ ଖେଳି ଓଡ଼ିଶା ପକ୍ଷରୁ ସର୍ବାଧିକ ଉଇକେଟ ହାସଲକାରୀ ହୋଇଛନ୍ତି । ୧୮.୪୨ ଆଭରେଜରେ ସେ ମୋଟ୍ ୧୪ଟି ଉଇକେଟ ଅକ୍ତିଆର କରିଛନ୍ତି । ହାଇଦ୍ରାବାଦ ବିପକ୍ଷରେ ୩୮ରନ୍ ବିନିମୟରେ ୩ଟି ଉଇକେଟ ପପୁଙ୍କ ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ଅନ୍ୟପକ୍ଷରେ ବିପ୍ଳବ ସାମନ୍ତରାୟ (୨୬୯ରନ୍)ସର୍ବାଧିକ ରନ୍ ସଂଗ୍ରହକାରୀ ହୋଇଛନ୍ତି ।

**ସଂକ୍ଷିପ୍ତ ସ୍କୋର**

**ଓଡ଼ିଶା:** ୨୪୭/୮ (ଗୋବିନ୍ଦ ପୋଦ୍ଦାର–୯୩, ଶୁଭ୍ରାଂଶୁ ସେନାପତି– ୪୧ରନ୍; ସି.ଭି. ମିଳିନ୍ଦ– ୬/୪୩)।

**ହାଇଦ୍ରାବାଦ:** ୨୫୦/୯ (ତନ୍ମୟ ଅଗ୍ରୱାଲ–୭୬, ଅକ୍ଷତ ରେଡ୍ଡୀ– ୬୩ ; ପପୁ ରାୟ–୩/୩୮)।

DSPL - 190



MAKE IN ODISHA Conclave
BHUBANESWAR, 11-15 NOVEMBER, 2018

"We provide a conducive policy environment for developing agri marketing infrastructure and linkages to increase rural prosperity."

Naveen Patnaik
Chief Minister, Odisha

Make in Odisha Conclave 2018
State's Flagship Global Investors' Meet

Government of Odisha welcomes to the road show on
"Agriculture Marketing – Opportunities Abound"
On October 10, 2018, Gurugram, Haryana

Know more about investment opportunities in
• Warehousing and warehousing receipts
• Market yards and wholesale market
• Marketing linkages of organic produce

Participation is through invitation only.

Please Contact
Office of Commissioner-cum-Secretary, Cooperation Department,
Govt. of Odisha, Bhubaneswar
**Mr. Shakti Chhotaray** at 91+9986412331, e-mail: shaktichhotaray.hr@gmail.com or
**Ms. Sarita Koli,** Senior Assistant Director, FICCI at 011- 23753124, 23487488, e-mail: sarita.koli@ficci.com

For registration to the Agriculture Marketing Seminar, Make in Odisha Conclave, 2018 to be held on November 14, 2018, please visit, mio.investodisha.gov.in or register using our Mobile App 'Make in Odisha' available on

39001/13/0003/1819



"ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ। -ଇମରସନ








## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ମଣ୍ଟୁ



@ ମୁକେଶ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ବସ୍-କଣ୍ଟେନର ଧକ୍କା: ଜଣେ ମୃତ, ୧୦ ଆହତ

**ପାଟଣା, ୬।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକରେ ଶନିବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ତୁରୁମୁଙ୍ଗା ଦେଇ ଯାଇଥିବା ମୁମ୍ବାଇ କଲିକତା ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ପେଟ୍ରୋଲ ପମ୍ପ ନିକଟରେ ବସ୍ ଓ କଣ୍ଟେନର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଗୁରୁତର ହୋଇଥିବା ଜଣେ ବୃଦ୍ଧାଙ୍କୁ ଚିକିତ୍ସା ଲାଗି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ୧୦ ଜଣ ଆହତ ହୋଇଛନ୍ତି। ବସ୍‌ରେ ଥିବା ୪୫ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ କେତେଜଣ ଖଣ୍ଡିଆଖାବରା ହୋଇଛନ୍ତି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ୭ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୩ ଚିକିତ୍ସାଧୀନ ଅଛନ୍ତି ବୋଲି ଏଏସ୍‌ଆଇ କୈଳାସ ଚନ୍ଦ୍ର ମହାନ୍ତ ସୂଚନା ଦେଇଛନ୍ତି। ଗୁରୁତର ହୋଇଥିବା ବ୍ୟକ୍ତି ହେଉଛନ୍ତି ବାରିପଦା ପାଳବଣିର ପୂର୍ଣ୍ଣ ବେହେରା, ପଶ୍ଚିମବଙ୍ଗର ପ୍ରଣବ ସାହୁ ଓ ତୁରୁମୁଙ୍ଗାର ସବିତା ସାହୁ। (ଓଡ଼ି ୧୧ ଡିଏ୬୫୧) କୌଶଲ୍ୟା ନାମକ ଯାତ୍ରୀବାହୀ ବସ୍ ବାରିପଦାରୁ ବଡ଼ବିଲ ଅଭିମୁଖେ ଯାଉଥିବାବେଳେ ପୁଣେରୁ ହାଓଡା ଫେରୁଥିବା(ଏମଏଚ୍ ୧୮୭୧୭୬) ନମ୍ବର ବିଶିଷ୍ଟ କେଟିସି ବାଇକ୍ ବୋଝେଇ କଣ୍ଟେନର ସହ ଚେମେଣା ପେଟ୍ରୋଲ ପମ୍ପ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଓଲଟି ପଡ଼ିଥିଲା। କଣ୍ଟେନର ଚାଳକ ମହେଶ ସିଂଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଗୁରୁତର ସମସ୍ତ ଯାତ୍ରୀଙ୍କୁ ତୁରୁମୁଙ୍ଗା ଥାନା ଗାଡିରେ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାସ୍ଥଳରେ ଥାନାଧିକାରୀ ବିଜୟକୃଷ୍ଣ ମହାପାତ୍ର ଏବଂ ଏଏସ୍‌ଆଇ ବିପିନ ବିହାରୀ ବାରିକ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

# ପୋଖରୀରୁ ଚାଷୀଙ୍କ ଗଳିତ ମୃତଦେହ ଉଦ୍ଧାର

## ■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଗଣ୍ଡତୁରୁମ, ୬।୧୦ (ଡି.ଏନ.ଏ.)**

ବରଗଡ଼ ଜିଲା ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅନ୍ତର୍ଗତ ମହୁଲପାଲି ନୂଆଁବନ୍ଧ ପୋଖରୀରୁ ଶନିବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ରାଜେନ୍ଦ୍ର ଗୁରୁଙ୍କ ସାନ ପୁଅ ପୀତବାସ ଗୁରୁ ଓରଫ କେଡା। ପୀତବାସଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ପୋଲିସ ଦଫା ୩୦୨, ୨୦୧ରେ ଏକ ମାମଲା (ନଂ. ୧୮୮/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି ।

ମହୁଲପାଲି ଅଞ୍ଚଳରେ ପାଣି ଅଭାବରୁ ଧାନ ଫସଲ ନଷ୍ଟ ହେବାକୁ ବସିଛି । ଏହି କ୍ରମରେ ଗୁରୁବାର ରାତି ୧୦ଟାରେ ପୀତବାସ ନିଜ ଜମିକୁ ପାଣି ମଡାଇବାକୁ ଯାଇଥିଲେ। ତାଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ପୀତବାସ ଭାଗ ଚାଷ କରିଥିଲେ । ଆମ୍ବମାଲସ୍ଥିତ ତାଙ୍କ ଜମି ଆଗରେ ଅନ୍ୟ ୨ ଚାଷୀଙ୍କ ଜମିଥିଲା । ସେମାନଙ୍କ ଜମିରେ ପାଣି ମଡାଇବା ପରେ ପୀତବାସଙ୍କ ଜମିରେ ପାଣି ମାଡିଥାନ୍ତା । ଏଥିପାଇଁ ସେ ସେହି ଚାଷୀଦ୍ୱୟଙ୍କ ପାଖକୁ ଯାଇଥିଲେ । କିନ୍ତୁ ଆଉ ସେ ଘରକୁ ଫେରି ନ ଥିଲେ । ଶୁକ୍ରବାର ପରିବାର ଲୋକେ ମଧ୍ୟ ତାଙ୍କୁ ବହୁ ଖୋଜା ଖୋଜି କରି ପାଇ ନ ଥିଲେ। ଶନିବାର ମେହେନା ଗ୍ରାମର ଦୁଇଜଣ ବ୍ୟକ୍ତି ମହୁଲପାଲି ଗାଁ ନିକଟ ପୋଖରୀରେ ମାଛ ମାରୁଥିବା ବେଳେ ସେମାନଙ୍କ ଜାଲରେ ପୀତବାସଙ୍କ ସାଇକେଲ ଲାଗିଥିଲା। ଗ୍ରାମବାସୀଙ୍କ ସହାୟତାରେ ପୋଖରୀରେ ବହୁ ଖୋଜାଖୋଜି କରିବା ପରେ ଗାଧୁଆ ତୁଠ ନିକଟ ବୁଦାଳିଆ ସ୍ଥାନରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ଖବର ପାଇ ପୋଲିସ ସେଠାକୁ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । ପରିବାର ଲୋକେ ଉକ୍ତ ମୃତଦେହ ପୀତବାସଙ୍କ ବୋଲି ଚିହ୍ନଟ କରିଥିଲେ । ପୀତବାସଙ୍କ ବେକ ଓ ଥୋଡିରେ ଗଭୀର କଟାଦାଗ, ତୁଠ ପାଖରେ ରକ୍ତ ଛିଟା ଏବଂ ପାରିପାର୍ଶିକ ସ୍ଥିତିକୁ ଦେଖି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ ଘନୀଭୂତ ହୋଇଛି । ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଭେଡେନ ତହସିଲଦାର ସୀମା ସୁନୀତା କୁଲୁ, ଅତିରିକ୍ତ ତହସିଲଦାର ହରିଓଁ ଭୋଇ ଓ ରାଜସ୍ୱ ନିରୀକ୍ଷକ ରାଘବ ମେଣ୍ଡେଲି ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ । ଏ ନେଇ ଭେଡେନ ଆଇଆଇସି ତାରାଜସ୍ମିନ ଗୁଡିଆଙ୍କୁ ପଚାରିବାରୁ ସେ କହିଲେ, ଆମେ ସାଇଣ୍ଟିଫିକ୍ ଏବଂ ସନ୍ଧାନୀ କୁକୁର ଜରିଆରେ ତଦନ୍ତ ଜାରି ରଖିଛୁ। ଅଭିଯୁକ୍ତମାନେ ଖୁବ ଶୀଘ୍ର ଧରା ପଡିଯିବେ ।

# ମହିଳା ଏଜେଣ୍ଟଙ୍କଠାରୁ ଲୁଟ୍ ଘଟଣା: ୨ ଗିରଫ

## ଲୁଟ୍ ଟଙ୍କା, ମୋବାଇଲ ଜବତ

**ସୁନ୍ଦରଗଡ଼/ବିଶ୍ରା, ୬।୧୦ (ଡି.ଏନ୍.ଏ.)**

ଗତ ୨୪ ତାରିଖ ସନ୍ଧ୍ୟାରେ ସୁନ୍ଦରଗଡ଼ ଜିଲା ବିଶ୍ରା ନୟାବସ୍ତିର ଜଣେ ମହିଳା ଏଜେଣ୍ଟଙ୍କଠାରୁ ଟଙ୍କା ଲୁଟ୍ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ବିଶ୍ରା ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାବସ୍ତିର ଲାଲୁ ଓରଫ ଅବୁଜାର ଗଫାରୀ ଓ ବାବୁ ଓରଫ ଆକବର ଅଲ୍ଲୀ। ସେମାନଙ୍କ ନିକଟରୁ ୧ଲକ୍ଷ ୨୩ହଜାର ୯ଶହ ଟଙ୍କା, ଟାବଲେଟ ମୋବାଇଲ, ପାଓ୍ୱାର ବ୍ୟାଗ ଆଦି ଜବତ କରାଯାଇଛି । ଏହା ସହ ବିଶ୍ରା ରେଲୱେ ଷ୍ଟେଶନ ନିକଟ ବୁଦା ଭିତରେ ଅଭିଯୁକ୍ତମାନେ ଲୁଚାଇଥିବା ବ୍ୟାଗ୍ ଓ ଅଫିସ କାଗଜପତ୍ର ଇତ୍ୟାଦିଙ୍କୁ ମଧ୍ୟ ଜବତ କରାଯାଇଛି। ଏନେଇ ବିଶ୍ରା ଥାନା ଆଇଆଇସି ବିକାଶ ସ୍ୱାଇଁ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ ମହିଳା ଏଜେଣ୍ଟ ଜଣକ ବିଶ୍ରାରୁ ଟଙ୍କା ସଂଗ୍ରହ କରି ନିଜ ଅଫିସ ରାଉରକେଲାକୁ ଫେରୁଥିବା ସମୟରେ ୨ଜଣ ଯୁବକ ତାଙ୍କୁ ଧକ୍କା ମାରି ଫୋପାଡି ଦେଇଥିଲେ। ଗାଡିରେ ଥିବା ୧ଲକ୍ଷ ୯୦ହଜାର ଟଙ୍କା, ଟାବଲେଟ ମୋବାଇଲ ଫୋନ୍, ଅନ୍ୟାନ୍ୟ କାଗଜପତ୍ର ଧରି ଫେରାର ହୋଇଯାଇଥିଲେ। ଏ ନେଇ ମହିଳା ଏଜେଣ୍ଟ ରିପୋର୍ଟ କରିବା ପରେ ବିଶ୍ରା ଥାନାରେ ଏକ ଲୁଟ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଲୁଟେରାମାନଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ ଚଳାଇଥିଲା। ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ପୋଲିସ ଶନିବାର ସକାଳେ ନୟାବସ୍ତିରେ ଚଢାଉ କରିଥିଲା। ଏହି ଚଢାଉରେ ବିଶ୍ରା ଥାନାର ଏସ.ଆଇ ପ୍ରଦୀପ ସେଠୀ, ମାନସ ପ୍ରଧାନ, ପୁଷ୍ପା ନାଏକ, ଲିଲି ନାଏକ, ଏଏସଆଇ କୁଞ୍ଜ ପ୍ରଧାନ, ମନୋଜ ମହାତୋ ସହଯୋଗ କରିଥିଲେ।



ଗଣମାଧ୍ୟମକୁ ସୂଚନା ଦେବା ସମୟରେ ବିଶ୍ରା ଆଇଆଇସି, ଅନ୍ୟ ପୋଲିସ କର୍ମଚାରୀ ଓ ଦୁଇ ଅଭିଯୁକ୍ତ।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ ।

-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବିନା ସୂଚନା ଫଳକରେ ଶ୍ମଶାନଘାଟ କାମ

**ଜାମଟିକ୍ରା, ୬।୧୦ (ଡି.ଏନ.ଏ):** ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତର କୁଲୁଣ୍ଡା ଆମ୍ରପଡାରେ ଏକ ସୁନ୍ଦର ଶଶ୍ମାନ ଘାଟ ନିର୍ମାଣ ହୋଇଛି ହେଲେ ଉକ୍ତ ଶଶ୍ମାନ ଘାଟରେ ସୂଚନା ଫଳକ ନାହିଁ । ଫଳରେ ଲୋକେ ଏହି ଶଶ୍ମାନ ଘାଟର ବ୍ୟୟ ଅଟକଳ ପରିମାଣ ତଥା ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ କିଛି ଜାଣି ପାରୁନାହାନ୍ତି । ଏ ସମ୍ପର୍କରେ ଅତାବିରା ବ୍ଲକ ଅଧକ୍ଷା ରୀତା ସାହୁଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ସ୍ଥାନରେ ସୂଚନା ଫଳକ ଥିଲା, କିନ୍ତୁ ଶ୍ମଶାନଘାଟ କାନ୍ଥରେ ଚୂନ ଓ ରଙ୍ଗ ଦିଆଯାଇଥିବାରୁ ତାହା ଲିଭି ଯାଇଛି ।

### ଆଜିଠୁ ଷୋହଳ ପୂଜା ଆରମ୍ଭ

**ଅତାବିରା, ୬।୧୦ (ଡି.ଏନ.ଏ):** ରବିବାର ମା ଦୁର୍ଗାଙ୍କ ଷୋଶହଳ ପୂଜା ଆରମ୍ଭ ହେବ । ଏଥିପାଇଁ ଡୁମ୍ବାଳ ସମାଜର ଇଷ୍ଟଦେବୀ ଉମା ମାହେଶ୍ୱରୀ ଶକ୍ତିପୀଠ ଚଳଚଞ୍ଚଳ ହୋଇପଡିଛି । ବରଗଡ ବ୍ଲକ କୁରୁଆଁ, ଅତାବିରା ବ୍ଲକ ବୁଗବୁଗା, ପତ୍ରାପାଲି, ପୋଡବାଡି, ଗମ୍ଭାରୀପାଲି, ଭେଡେନ ବ୍ଲକ ଉଦେପୁର, ବକଟି, ଗୁର୍ଖାପାଲି, ଖଣ୍ଡହତା, ବଇପୁର, ଦେଶପର୍ଥଲା, ଅପାମରା, ହିରୁମୁଣ୍ଡା ଆଦି ସ୍ଥାନରେ ରହିଛି ମାହେଶ୍ୱରୀ ଦେବୀଙ୍କ ଶକ୍ତିପୀଠ । ପୁଅ ଜୁଉଁତିଆ ଠାରୁ ପୂଜା କାର୍ଯ୍ୟ ଆରମ୍ଭ ହୋଇ ପ୍ରତିଦିନ ଭୋଗ, ପୂଜାର୍ଚ୍ଚନା, ନୀତିନିୟମ ଅନୁସାରେ ଭାଇ ଜିଉଁତିଆଁ ନବମୀ ପର୍ଯ୍ୟନ୍ତ ଢ଼ୋଲ, ନିଶାନ, ମହୁରୀରେ ଶକ୍ତିପୀଠ କମ୍ପି ଉଠିବ । ଉଦେପୁର ଗାଁ ଗୌନ୍ତିଆ ମଦନ ମୋହନ ଦାଶ, ଭାଗରଥି ଦନ୍ତା, ମନବୋଧ ଦନ୍ତା, ଗୋବିନ୍ଦ ଦନ୍ତା, ନକୁଳ ଦନ୍ତା, ବଳରାମ ଦନ୍ତା, ସନ୍ତୋଷ ଦନ୍ତା ପ୍ରମୁଖ ପ୍ରତି ବର୍ଷ ମାହେଶ୍ୱରୀ ଦେବୀ ପୀଠରେ ଷୋହଳ ପୂଜା କରି ଆସୁଛନ୍ତି ।

### ତେନ୍ତୁଳିଟିକ୍ରାରେ ଦୁର୍ଗା ପୂଜା ପ୍ରସ୍ତୁତି

**ଭେଡ଼େନ,୬।୧୦(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତର ତେନ୍ତୁଳିଟିକ୍ରାଠାରେ ହେବାକୁ ଥିବା ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥିରେ ପୂଜା କମିଟି ସଭାନେତ୍ରୀ ଭାବେ ଅଏଁଲାପାଲି ସରପଞ୍ଚ ସୁବାସିନୀ ଜାଲ, ସମ୍ପାଦକ ପ୍ରସନ୍ନ ପଧାନ, କୋଷାଧକ୍ଷ ସୁରେନ୍ଦ୍ର ଦେହେରୀ ରହିଛନ୍ତି । ସମସ୍ତ ସଭ୍ୟ ଏବଂ ଉପଦେଷ୍ଟା ମଣ୍ଡଳୀ ପୂଜାକୁ ଆକର୍ଷଣୀୟ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି କୁହାଯାଇଛି ।

## ■ ପଦ୍ମପୁର ଉପଖଣ୍ଡରେ ଜଳାଭାବ, ରୋଗପୋକ ଉପଦ୍ରବ

# ନଷ୍ଟ ହେବାକୁ ବସିଛି ଧାନ ଫସଲ

**ବିଜେପୁର, ୬।୧୦ (ଡି.ଏନ.ଏ)**

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ବିଜେପୁର ବ୍ଲକର ଖରିଫ ଫସଲକୁ ସଙ୍କଟ ପିଛା ଛାଡୁନି। ଚଳିତ ବର୍ଷ ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ପରେ ଭଲ ବର୍ଷା ହୋଇଥିଲା । ଫଳରେ ଧାନ ଫସଲ ଭଲ ହୋଇଥିଲା। ମାତ୍ର ଧାନ କେଣ୍ଡା ବାହାରିବା ବେଳେ ଅଜଣା ରୋଗପୋକ ଦାଉ ସାଧିଥିଲା। ଏବେ ପାଣି ଅଭାବରୁ ଧାନ ଫସଲ ମରିବାକୁ ବସିଲାଣି । ମାଳ ଜମିର ଧାନ କେଣ୍ଡା ଗୁଡିକ ପାକଳ ହେବାକୁ ଆରମ୍ଭ ହୋଇ ଆସୁଥିବା ବେଳେ ପାଣି ସଙ୍କଟ ଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଛି ।

ବିଜେପୁର ବ୍ଲକର ୧୧୦ ଖଣ୍ଡ ରାଜସ୍ୱ ଗ୍ରାମ ମଧ୍ୟରୁ ମାତ୍ର ୧୦ଖଣ୍ଡ ରାଜସ୍ୱ ଗ୍ରାମର ଜମିକୁ ହୀରାକୁଦ କମାଣ୍ଡ ଏରିଆର ପାଣି ମାଡିଥାଏ । କିନ୍ତୁ ଅବଶିଷ୍ଟ ଗ୍ରାମର ଚାଷୀମାନେ ବର୍ଷା ଜଳ ଉପରେ ନିର୍ଭର କରିଥାନ୍ତି। ମାସାଧିକ କାଳ ହେଲା ଭଲ ବର୍ଷା ହୋଇ ନ ଥିବାରୁ ଜମିରେ ଥିବା ପାଣି ଶୁଷ୍କ ହୋଇଗଲାଣି । କେତେକ ଅଞ୍ଚଳର ଜମି ଫାଟି ଯାଇଛି । ଯେଉଁ କିଛି ସ୍ଥାନରେ ମୁଡା, କ୍ଷୁଦ୍ର ଜଳାଶୟ ରହିଥିବା ବେଳେ ଚାଷୀ ପମ୍ପ ସାହାଯ୍ୟରେ ଜମିକୁ ପାଣି ମଡାଉଥିବା ପରିଲକ୍ଷିତ ହେଉଛି । କିନ୍ତୁ ବହୁ ଅଞ୍ଚଳରେ ପାଣି ଅଭାବରୁ ଶହ ଶହ ଏକର ଧାନ ଚାଷ ମରୁଡିର ଶିକାର ହେବାର ଆଶଙ୍କା ଦେଖା ଦେଲାଣି । ଫଳରେ ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡିଛି । ସୂଚନାଯୋଗ୍ୟ ଯେ, ୨୦୧୫ରୁ କ୍ରମାଗତ ଭାବେ ବର୍ଷାଭାବରୁ ଏହି ଅଞ୍ଚଳର ଚାଷ ମରୁଡି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା । ବେନିଆଁ ଚାଲର ଚାଷୀ ସତ୍ୟବାନ ଉନସନା କହିଛନ୍ତି ଯେ, ପାଣି ଅଭାବରୁ ବହୁ ଜମିର ଧାନ ମରିବାକୁ ବସିଲାଣି । ଆଉ ୪ରୁ ୫ ଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ପୁଣି ମରୁଡି ପରିସ୍ଥିତି ସୃଷ୍ଟି ହେବ । ମୋର ୭ ଏକରରୁ ୨ ଏକର ଜମି ଜଳାଭାବରୁ ନଷ୍ଟ ହେବାକୁ ବସିଲାଣି। ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀ ପ୍ରସାଦ ପଟେଲଙ୍କୁ ପଚାରିବାରୁ ଯେଉଁଠି ପାଣି ସୁବିଧା ରହିଛି ସେଠି ଚାଷୀ ପମ୍ପ ସାହାଯ୍ୟରେ ଜମିକୁ ପାଣି ମଡାଉଛନ୍ତି । କିନ୍ତୁ ଆଗାମୀ ସପ୍ତାହେ ମଧ୍ୟରେ ଭଲ ବର୍ଷା ନ ହେଲେ ଫସଲହାନି ହେବାର ଆଶଙ୍କା ରହିଛି ବୋଲି କହିଥିଲେ ।



ବିଜେପୁର ଏକ ଚାଷ ଜମି ପାଣି ଅଭାବରୁ ଶୁଖିଲା ପଡିଛି ।

## କାୟା ବିସ୍ତାରୁଛି ରୋଗପୋକ

**ପଦ୍ମପୁର, ୬।୧୦ (ଡି.ଏନ.ଏ)**

ଅଣଜଳସେଚିତ ଅଞ୍ଚଳ ପଦ୍ମପୁର ବ୍ଲକରେ ଧାନ ଜମି ପ୍ରାୟ ଶୁଖିଗଲାଣି। ବର୍ତ୍ତମାନ ସମୟରେ ସଅଳ କିସମ ଛୋଟ ଧାନରେ ଦୁଧ ଭରିବା ସମୟ ଏବଂ ଆଉ କିଛିଦିନ ପରେ ତାହା ଅମଳ ହେବ । ମାତ୍ର ପାଣି ଅଭାବରୁ ବ୍ଲକରେ ମରୁଡି ଆଶଙ୍କାକୁ ଏଡାଇ ହେବ ନାହିଁ । ମୌସୁମୀ ବିଦାୟ ନେବା ସହ ଆକାଶରେ ମେଘ ନାହିଁ। କାକର ଯେମିତି ପଡୁଛି ଆଗକୁ ବର୍ଷା ହେବା ସମ୍ଭାବନା ମଧ୍ୟ ନାହିଁ । ଚଳିତ ବର୍ଷ ଭଲ ବର୍ଷା ସହ ଠିକ୍ ସମୟରେ ଚାଷ କାର୍ଯ୍ୟ ଶେଷ ହୋଇଥିବାରୁ ଚାଷୀ ଖୁସି ଥିଲା। ମାତ୍ର ଅଚାନକ ବର୍ଷା ଗାଏବ ହେବା ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହା ସାଙ୍ଗକୁ ଧାନ ଫସଲରେ ରୋଗପୋକର ପ୍ରାଦୁର୍ଭାବ ଚାଷୀଙ୍କ ଚିନ୍ତା ବଢାଇ ଦେଇଛି । ଅନେକ ଜମିରେ ଧାନ ଗଛର ପତ୍ର ହଳଦିଆ ହେବା ସାଙ୍ଗକୁ ମୂଳ ଉପୁଡି ପଡୁଥିବା ଦେଖିବାକୁ ମିଳିଛି । ପ୍ରାୟ ୧୫ ଦିନରୁ ଉର୍ଦ୍ଧ୍ୱ ହେବ ଶତା, ମହିଷା, ନଳିପୋକ, ଗଣ୍ଡିପୋକ, ପତ୍ରପୋଡା ରୋଗ ବୃଦ୍ଧି ପାଉଥିବା ବେଳେ ଚକଡା ପୋକ ଉପଦ୍ରବ ଦେଖାଦେଇଛି । ବାରମ୍ବାର ଔଷଧ ସିଞ୍ଚନ କଲେ ମଧ୍ୟ ରୋଗପୋକ ନିୟନ୍ତ୍ରଣ ହେଉ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ବ୍ଲକର ମେଲଛାମୁଣ୍ଡା, ଟାଲ, ସର୍ଗିବାହାଲ, ବରିହାପାଲି, ଝାନ, କନସିଂହା, ଦହିତା, ଦହିଗାଁ, ଦର୍ଲିଗୁଡା ଗାଁରେ ରୋଗପୋକ ଦେଖିବାକୁ ମିଳିଛି । ବ୍ଲକ କୃଷି ଅଧିକାରୀ ନିବେଦିତା ପ୍ରଧାନ, ନିରୀକ୍ଷକ ନନ୍ଦଲାଲ ଯୋଷୀଙ୍କ ସହ କୃଷି ଟିମ୍ ବିଭିନ୍ନ ଚାଷକ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ ପରାମର୍ଶ ଦେଉଥିବା କହିଛନ୍ତି ।

## ଧାନରେ ରୋଗପୋକ, ଚିନ୍ତାରେ ଚାଷୀ

**ଜାମଟିକ୍ରା, ୬।୧୦ (ଡି.ଏନ.ଏ)**

ଅତାବିରା ଅଞ୍ଚଳରେ ହୋଇଥିବା ଧାନଚାଷରେ ରୋଗପୋକ ନେଇ ଚାଷୀ ଚିନ୍ତାରେ ପଡିଯାଇଛନ୍ତି । ଏବେ ଛୋଟ ଧାନ ଦୀପରେଖା, ୫୧୧, ୧୧୫୬ ଆଦିରେ ଧାନକେଣ୍ଡା ବାହାରିଥିବା ବେଳେ ମଧ୍ୟମ କିସନ ଧାନରେ ମଧ୍ୟ କେଣ୍ଡା ବାହାରିବା ସମୟ ଆସିଗଲାଣି । ଏହି ସମୟରେ ଧାନରେ ପୋକ ଲାଗିବା ଆରମ୍ଭ ହୋଇଛି । ବିଶେଷ କରି ଚକଡା ପୋକ, ପତ୍ରପୋଡା ଓ ନଳୀ ପୋକ ବ୍ୟାପିବାରେ ଲାଗିଛି। ବର୍ତ୍ତମାନ ଅତ୍ୟଧିକ ଗରମ ଓ ଗୁଳୁଗୁଳି ପାଇଁ ଧାନରେ ପୋକ ଲାଗିଥିବା କୃଷି ବିଭାଗ ପକ୍ଷରୁ କୁହାଯାଉଛି । ଚାଷୀ କୃଷି କର୍ମଚାରୀଙ୍କ ପରାମର୍ଶ କ୍ରମେ କୀଟନାଶକ ସିଞ୍ଚନ କଲେ ମଧ୍ୟ ରୋଗ ପୋକ କମୁନାହାନ୍ତି । ଏ ସମ୍ପର୍କରେ କୃଷି କର୍ମଚାରୀ କିଶୋର ଦାଶଙ୍କୁ ପଚାରିଲେ ଆମେ ଗାଁ ଗାଁ ଯାଇ କୃଷି ସଚେତନତା ଶିବିରମାନ ଆୟୋଜନ କରି ରୋଗପୋକ ଦମନ ସମ୍ପର୍କରେ ଆଲୋଚନା କରୁଛୁ ଓ ରିହାତିରେ କୀଟନାଶକ ଔଷଧ ଦେଉଛୁ ବୋଲି କହିଥିଲେ ।

## ଉଠାଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ

**ଅତାବିରା, ୬।୧୦ (ଡି.ଏନ.ଏ)**

ଭେଡେନ ବ୍ଲକ ଅନ୍ତର୍ଗତ ଦେଶଭଟିଲି ପଞ୍ଚାୟତର ଉଦେପୁର ନିକଟ ମହାନଦୀରେ ୨୦୧୬-୧୭ ମସିହାରେ ଏକ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଉକ୍ତ ପ୍ରକଳ୍ପରୁ ୫୦ ଏକରରୁ ଉର୍ଦ୍ଧ୍ୱ ଚାଷଜମିକୁ ପାଣି ଯୋଗାଇବା ବ୍ୟବସ୍ଥା ହୋଇଥିଲା । କିନ୍ତୁ ଠିକାଦାର ଓ ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କ ଦାୟିତ୍ୱ ହୀନତା ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା । ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଦ୍ୟୁତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଶନିବାର ଉକ୍ତ ଉଠାଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କରାଯାଇଛି ।

## ଡିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ବରଗଡ଼ ଅଫିସ୍,୬।୧୦**

ବଲାଙ୍ଗିର ଜିଲା ସଇଁତଳା ବ୍ଲକ ଘୁନସର ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ଅନୁଗ୍ରହ ନନ୍ଦଙ୍କ ମୃତ୍ୟୁକୁ ନେଇ ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ, ବରଗଡ଼ ନିନ୍ଦା କରିଛି। ଏ ନେଇ ଉଦବେଗ ପ୍ରକାଶ କରିବା ସହିତ ଛାତ୍ରୀଛାତ୍ର କୃମିନାଶକ ଔଷଧ ଖାଇ ଅସୁସ୍ଥ ହେବା ପରେ ତାଙ୍କ ଦିଆଯାଇଥିବା ଶାରୀରିକ, ମାନସିକ ନିର୍ଯାତନା ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ସଂଘ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବା ସହିତ ମୃତ ପ୍ରଧାନଶିକ୍ଷକଙ୍କ ପରିବାର ଲୋକଙ୍କୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସଂଘ ଦାବି କରିଛି । ଏହି କ୍ରମରେ ସଂଘ ପକ୍ଷରୁ ଶନିବାର ଜିଲା ମୁଖ୍ୟ ଶିକ୍ଷାଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି । ସଂଘ ସଭାପତି ବିରେନ୍ଦ୍ର ନାଥ କୁମ୍ଭାର, ଉପସଭାପତି ସୀତାରାମ ମହାପାତ୍ର, ସମ୍ପାଦକ ସାର୍ତ୍ତିକ ସାହୁ, ସହ ସମ୍ପାଦକ ଉମାକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ସତ୍ୟଶଙ୍କର ବିଶିଙ୍କ ନେତୃତ୍ୱରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ ।



ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଡିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ସୁପ୍ରିୟା ସ୍ମାରକୀ ଫୁଟବଲ
## ଡୁଙ୍ଗୁରିପାଲି, ପାତିକାରପଲ୍ଲୀ ବିଜୟୀ

**ବରଗଡ଼ ଅଫିସ୍,୬।୧୦**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ମ୍ୟାଚରେ ଡୁଙ୍ଗୁରିପାଲି ଓ ପାତିକରପଲ୍ଲୀ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଡୁଙ୍ଗୁରିପାଲି ଓ ସୋହେଲା ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଡୁଙ୍ଗୁରିପାଲି ୫-୩ ଗୋଲରେ ବିଜୟୀ ହୋଇଥିଲା । ସେହିପରି ଘେଁସ ଓ ପାତିକରପଲ୍ଲୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ମ୍ୟାଚ ଶେଷ ସୁଦ୍ଧା ଉଭୟ ଦଳ ୧-୧ ଗୋଲରେ ବରାବର ରହିଥିଲା । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ପାତିକାରପଲ୍ଲୀ ୫-୪ ଗୋଲରେ ବିଜୟୀ ହୋଇଥିଲା । ଗୋପାଳ ନାୟକ, ମନୋଜ ଭୂୟାଁ, ଶୁଭମ ପାତ୍ର, ଉମେଶ ଭୋଇ, ପ୍ରଦୀପ ଭୋଇ, ନିରଞ୍ଜନ ମହାକୁଡ଼ ଖେଳ ପରିଚାଳନା କରିଥିଲେ ।

## ମାଁ ସମଲେଇ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ସଭାରେ ଉପସ୍ଥିତ ଅତିଥିମାନେ ।

**ଭେଡ଼େନ,୬।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ କୁବେଡ଼େଗା ପଞ୍ଚାୟତ ଛାଲୁକୁଲୁଣ୍ଡା ଗ୍ରାମରେ ୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାଁ ସମଲେଇ କଲ୍ୟାଣ ମଣ୍ଡପକୁ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଉଦ୍‌ଘାଟନ କରିଛନ୍ତି । ସରପଞ୍ଚ ବିଷ୍ଣୁପ୍ରିୟା ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲୋକକବି ନାଗ ମୁଖ୍ୟ ଅତିଥି, ମଞ୍ଚ କଳାକାର ଛବିଳ ପଧାନ, କୋଶଳ କବି ହରିଲାଲ ସାହୁ, ଗାୟକ କବି ଈଶ୍ୱର ମେହେର, ସମିତି ସଭ୍ୟା କ୍ଷିରୋଦା ରଣା, ଗୌନ୍ତିଆ ପରିବାର ସଦସ୍ୟ ଗୋକୁଳ ଭୋଇ, ୱାର୍ଡ ମେମ୍ବର ବିନୋଦିନୀ ଭୋଇ, ସାଗରିକା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରୁ ଢୋଲ୍, ନିସାନ୍, ତାସା, ମହୁରୀ ଆଦି ଲୋକବାଦ୍ୟରେ ଭରନି ପାର୍ ସହିତ ଅଧିଷ୍ଠାତ୍ରୀ ଦେବୀ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଉତ୍ପନ୍ନ କୁମାର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷକ ଅରୁଣ କୁମାର ଭୋଇ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଅତିଥିମାନେ ବରିଷ୍ଠ ନାଗରିକ ବିଦ୍ୟାଧର ବିଶି (ହାଡୁ), ସମଲେଇ ମନ୍ଦିର ପୂଜକ ସଦାନନ୍ଦ ବରିହା ଓ ରାଜମିସ୍ତ୍ରୀ ଭରତଙ୍କୁ ସମ୍ମାନିତ କରିଥିଲେ । କବି ହଳଧର ସ୍ୱରଚିତ ବହୁ ଚର୍ଚ୍ଚିତ କିମ୍ବଦନ୍ତୀ ମୂଳକ ଐତିହାସିକ କାବ୍ୟ ‘ସିରି ସମଲେଇ’ ଗାନ କରିଥିଲେ । ଶେଷରେ ସୁଶୀଲ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ନାଏବ ସରପଞ୍ଚ ରାଜ କୁମାର ପଧାନ, ସିଦ୍ଧେଶ୍ୱର ପଧାନ, ଆନନ୍ଦ ଭୋଇ, ଦିବ୍ୟକୁମାର ଭୋଇ, ଯୋଗାଣ ସହାୟକ ସୁସିତ ତ୍ରିପାଠୀ, ରୋହିତ ଭୋଇ, ମାଧବ ଭୋଇ, ନିରାକାର ଭୋଇ, ଭୋଜରାଜ ପଧାନ, ସୁବାଷ ସାହୁ, ଦେବାନନ୍ଦ ଭୋଇ, ଗୋପାଳ ଭେସ୍ରା, ଯୁବରାଜ ପଧାନ, କ୍ଷୀରେଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଝାରବନ୍ଧ, ୬।୧୦ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସୁରଭିର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନୃତ୍ୟ, ଗୀତ, ଚିତ୍ରକଳା, ହସ୍ତକଳା, ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ଝାରବନ୍ଧ ବ୍ଲକର ସମସ୍ତ କ୍ଲଷ୍ଟରରୁ ୨୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ ଅଧିବେଶନ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର ମୋହନ ବିଲାସଙ୍କ ସଭାପତିତ୍ୱରେ ପଦ୍ମପୁର ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ କୁମାର ମୁଣ୍ଡ, ମାସ୍ ଜିଲା ସଂଯୋଜକ ଆଦିକନ୍ଦ ବିଶ୍ୱାଳ, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ସରପଞ୍ଚ ଧନମତୀ ପାଣ୍ଡେ ଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବ୍ଲକ ଶିକ୍ଷାଧିକାରୀ ବିଲାସଙ୍କ ସଭାପତିତ୍ୱରେ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଡିଗ୍ରୀ କଲେଜ ଅଧକ୍ଷ ଶ୍ୟାମସୁନ୍ଦର ବେହେରା, ଅଶୋକ ପ୍ରଧାନ, ସୁରେଶ କୁମାର ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ । ରଞ୍ଜିତ ଭୋଇ, ବିଦ୍ୟକିଶୋର ପଣ୍ଡା, ଜୟଦେବ ପ୍ରଦାନ, ଚୈତନ୍ୟ ବିଶ୍ୱାଳ, ପ୍ରଶନ୍ନ ମହାପାତ୍ର, ନିତୁରାମ ନାଏକ, ସରୋଜ କୁମାର ସାହୁ, ରାଜକିଶୋର ବାରିକ, ରାଜକିଶୋର ମେହେର, ବୃନ୍ଦାବନ ସାହୁ, ମାନସରଞ୍ଜନ ପଣ୍ଡା ଏବଂ ସମସ୍ତ ସିଆରସିସି ସହଯୋଗ କରିଥିଲେ । ପୁରସ୍କାର ବିତରଣ ପରେ ସ୍କୁଲ ପରିବେଶ ସ୍ୱଚ୍ଛତା ଉପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଟିକେଶ୍ୱର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ କିରାଣୀ ଦେବରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ କ୍ରୀଡା: ଭାଗ ନେଲେ ୨୩୦ ଛାତ୍ରୀଛାତ୍ର

**ଅତାବିରା, ୬।୧୦ (ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ପଞ୍ଚାୟତ ପତ୍ରାପାଲି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତାବିରା ବ୍ଲକ ବିଜେଡି ସଭାପତି ଲମ୍ବୋଦର ମଲ୍ଲିକ, ମାଲୁରାମ କର୍ଣ୍ଣ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବେଳେ ଏବିଇଓ ରାଜକିଶୋର ପୂଜାରୀ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ନରେଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ବ୍ଲକ ସମ୍ପାଦକ ତ୍ରିଲୋକ୍ୟ ନାଏକ ବିବରଣୀ ପାଠ କରିଥିଲେ । ଏଥିରେ ବ୍ଲକର ବିଭିନ୍ନ ସ୍କୁଲରୁ ୨୩୦ଜଣ ଛାତ୍ରୀଛାତ୍ର ଜୁନିୟର, ସିନିୟର ବର୍ଗରୁ ଅଂଶଗ୍ରହଣ କରିଥିଲେ । ଉଭୟ ବର୍ଗରୁ ମିଶି ୨୫ଜଣ ଛାତ୍ରୀଛାତ୍ର ସୋହେଲାଠାରେ ହେବାକୁ ଥିବା ଜିଲାସ୍ତରୀୟ ଆଥଲେଟିକ୍‌ରେ ଯୋଗଦେବାକୁ ଚୟନ ହୋଇଛନ୍ତି । କ୍ରୀଡା ଶିକ୍ଷକ ଲବ ସାହୁ, ମକରଧ୍ୱଜ ପ୍ରଧାନ, ପୁଷ୍ପଲତା ନାଏକ, ପଞ୍ଚାନନ ବିଶ୍ୱାଳ, ସୁଦୀପ୍ତ ସାହୁ, ରମେଶ ସେଠ, ବିଶ୍ୱନାଥ ମେହେର ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବରଗଡ ଜିଲା ଶିକ୍ଷା ଅଧିକାରୀ ଗିରିଜା ଶଙ୍କର ନାଥ ଯୋଗ ଦେଇଥିଲେ । ଦିଲୀପ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାଷୀ ଆନ୍ଦୋଳନ: ସବୁ ଅଫିସ, ବ୍ୟାଙ୍କ ବନ୍ଦ

**ଭେଡ଼େନ,୬।୧୦(ଡ଼ି.ଏନ.ଏ)**

କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଧାରିତ ବୀମା ରାଶି ପ୍ରଦାନ ଦାବିକୁ ନେଇ ବରଗଡ଼ ଜିଲା ଭେଡ଼େନରେ ଚାଲିଥିବା ଚାଷୀ ଆନ୍ଦୋଳନ ଶନିବାର ଦ୍ୱିତୀୟ ଦିନରେ ସମସ୍ତ ସରକାରୀ ଅଫିସ ଓ ବ୍ୟାଙ୍କ ବନ୍ଦ ରହିଥିଲା । ଚାଷୀମାନେ ଶୋଭାଯାତ୍ରାରେ ବାହାରି କୃଷି କାର୍ଯ୍ୟାଳୟ, ଆତ୍ମା ଅଫିସ, ଷ୍ଟେଟ ବ୍ୟାଙ୍କ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଉପଡ଼ାକଘର, ବ୍ଲକ ଅଫିସ ଓ ତହସିଲ ଅଫିସରେ ପହଞ୍ଚି ବନ୍ଦ କରିଦେଇଥିଲେ। ତହସିଲ ଅଫିସ ଖୋଲି ଅଫିସ କାମ ଚାଲୁଥିବାରୁ ଚାଷୀମାନେ ସମସ୍ତ କର୍ମଚାରୀଙ୍କୁ ଅଫିସ୍‌ରୁ ବାହାରି ଯିବାକୁ ଅନୁରୋଧ କରି ଅଫିସରେ ତାଲା ପକାଇ ଦେଇ ଧାରଣା ଦେଇଥିଲେ । ଏ ନେଇ ତହସିଲଦାର ଓ ଚାଷୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଆମ ପାଇଁ ସମ୍ପୂର୍ଣ୍ଣ ଭାବେ ଫସଲ ବୀମା ରାଶି ପ୍ରଦାନ କରନ୍ତୁ, ତାପରେ ଅଫିସ ଖୋଲାଯିବ ବୋଲି ଚାଷୀମାନେ କହିଥିଲେ । ଶନିବାର ଚାଷି ଆନ୍ଦୋଳନକୁ ଚାଷୀ ମୁରଲି ଭୋଇ, ସୁବ୍ରତ ଚାନ୍ଦ, ସୁଧାଂଶୁ ଦୀପ, ରବି ଦୀପ, ଭରତ ପଧାନ, ଉମାକାନ୍ତ ନାଇକ, ରାମା ରାଓ, ଶରତ ମହାପାତ୍ର, କ୍ଷୀରୋଦ୍ର ବାଗ, ସ୍ୱାଧିନ ରଥ ପ୍ରମୁଖ ନେତୃତ୍ୱ ନେଇଥିଲେ ।



ଚାଷୀମାନେ ଭେଡ଼େନ ସମବାୟ ବ୍ୟାଙ୍କ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଉତ୍ତରପ୍ରଦେଶରେ ପରିବେଷଣ ହେବ ସମ୍ବଲପୁରୀ ନାଟକ

**ପଦ୍ମପୁର, ୬।୧୦ (ଡି.ଏନ.ଏ)**

ବରଗଡ ଜିଲା ତୋଲବନ୍ଧ ଗ୍ରାମର ନାଟ୍ୟ ଅନୁଷ୍ଠାନ ସଚେତନ ହେମା ତରଫରୁ ଉତ୍ତରପ୍ରଦେଶ ମେରଟଠାରେ ଆଗାମୀ ୧୧ରୁ ୧୪ ତାରିଖରେ ହେଉଥିବା ରଙ୍ଗ ଉତ୍ସବ-୨୦୧୮ରେ କୁନ୍ଦୁଳି ଗଣବଳାତ୍କାର ପୀଡିତାଙ୍କ ଦୁଃଖ ଉପରେ ଆଧାରିତ ନାଟକ ପରିବେଷଣ କରାଯିବ। ଏହି ନାଟକକୁ ରାଜକୁମାର ସାହୁ ରଚନା ଓ ନିର୍ଦ୍ଦେଶନା ଦେଇଥିବା ବେଳେ ନାଟକରେ ରାଜକୁମାର, ସୁଦର୍ଶନ, ଘନ, କେଶବ, କୁଳମଣୀ, ଲକ୍ଷ୍ମୀ, ବୋନି ପ୍ରମୁଖ ଅଭିନୟ କରିଛନ୍ତି। ବଳାତ୍କାର ପୀଡିତାଙ୍କ ଆତ୍ମହତ୍ୟା ସମାଧାନର ବାଟ ନୁହେଁ ବରଂ ଆତ୍ମ ଦର୍ଶନ ସହ ଲଢ଼ିବାକୁ ହେବ ବୋଲି ନାଟକ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି। ଏହି ନାଟକ ମେରଟଠାରେ ଏକ ଭିନ୍ନ ଶୈଳୀ ତଥା ଜୀବନ୍ତ ଭାବେ ପରିବେଷଣ କରାଯିବ ବୋଲି ନିର୍ଦ୍ଦେଶକ ରାଜକୁମାର ସାହୁ କହିଛନ୍ତି ।

## କିରୋସିନ ଚୋରା ଚାଲାଣ ବେଳେ ଧରାପଡିଲା

**ପାଇକମାଲ,୬।୧୦(ଡି.ଏନ.ଏ)**

ପାଇକମାଲରୁ ନୂଆପଡା ଅଭିମୁଖେ ଯାଉଥିବା ଏକ କିରୋସିନ ବୋଝେଇ ପିକ୍‌ଅପ୍ ଭ୍ୟାନ (ନଂ. ସିଜି୦୪ଡିଏ ୮୬୯୪)କୁ ଜବତ କରାଯାଇଛି । ଉକ୍ତ ଭ୍ୟାନରେ ୧୬ଶହ ଲିଟର କିରୋସିନ ଥିଲା। କାଗଜପତ୍ର ଠିକ୍ ନ ଥିବାରୁ ପୋଲିସ ଗାଡିକୁ ଅଟକ ରଖି ତଦନ୍ତ ଚଳାଇଛି । ସୂଚନା ଅନୁସାରେ, ଉକ୍ତ ଗାଡି ଶନିବାର ନୂଆପଡା ଯାଉଥିବା ବେଳେ ପାଇକମାଳର କେତେକ ଯୁବକ ଗାଡିକୁ ଅଟକାଇ କାଗଜପତ୍ର ମାଗିବାରୁ ଡ୍ରାଇଭର ଗାଡି ଛାଡି ଫେରାର ହୋଇ ଯାଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଗାଡିକୁ ଅଟକ ରଖିଥିଲା । ଏ ନେଇ ସପ୍ଲାଏ ଇନ୍ସପେକ୍ଟର ଜୟାନନ୍ଦ ମାଝିଙ୍କୁ ପଚାରିବାରୁ ବରଗଡ ମିଟିଂରୁ ଫେରୁଛି, ତଦନ୍ତ କଲେ ଜଣାପଡିବ ବୋଲି କହିଥିଲେ । ଏ ସମ୍ପର୍କରେ ବିଡିଓ ସଦାଶିବ ନାୟକ କୁହନ୍ତି, ସପ୍ଲାଏ ଇନ୍ସପେକ୍ଟରଙ୍କୁ ପଠାଯାଇଛି, ତଦନ୍ତ କରି ରିପୋର୍ଟ ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

**ପାଇକମାଲ ବ୍ଲକ**




ଜବତ କିରୋସିନ ବୋଝେଇ ଭ୍ୟାନ୍ ।

## ପଦ୍ମପୁର ଥାନା ପକ୍ଷରୁ ସଫେଇ ଅଭିଯାନ

**ପଦ୍ମପୁର, ୬।୧୦ (ଡି.ଏନ.ଏ)**

ବରଗଡ ଜିଲା ପଦ୍ମପୁର ଥାନା ପରିସରକୁ ଶନିବାର ସଫେଇ କରାଯାଇଛି। ଆଇଆଇସି କେ. ପ୍ରିୟଙ୍କା ରାଉତରାୟଙ୍କ ନେତୃତ୍ୱରେ ଏସ୍‌ଆଇ ସୌମ୍ୟରଞ୍ଜନ ପାତ୍ର, ଏନ. କେ. ନାୟକ, ଏଏସଆଇ ଲକ୍ଷ୍ମୀଧର ପାଇକରାୟ, ନରେନ୍ଦ୍ର କୁମାର ସାହୁଙ୍କ ସମେତ ଯବାନମାନେ ଯୋଗଦେଇ ଥାନା ପରିସରକୁ ସଫା କରିଥିଲେ। ଆଗାମୀ ଦିନରେ ପ୍ରତି ସପ୍ତାହରେ ସଫେଇ ଅଭିଯାନ ଚାଲୁ ରହିବ ବୋଲି ଆଇଆଇସି ରାଉତରାୟ ସୂଚନା ଦେଇଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୭ ଅକ୍ଟୋବର, ୨୦୧୮



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### କୃଷକ ସାଥୀ ସାଙ୍ଗଠନିକ ବୈଠକ

**ଘଣ୍ଟାପଡା, ୬।୧୦ (ଡି.ଏନ.ଏ):** କନ୍ଧମାଳ ସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ସମସ୍ତ କୃଷକ ସାଥିମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ମୋତିଲାଲ ଡାଙ୍ଗ ସଭାପତିତ୍ୱ କରିଥିଲେ । ସର୍ବସମ୍ମତିକ୍ରମେ ଶରତ ମହାକୁଡଙ୍କୁ ସଭାପତି, ଯୋଗେଶ୍ୱର ସାଙ୍କୁ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଗଲା । ଆଗାମୀ ଦିନରେ ସଙ୍ଗଠନକୁ ମଜଭୁତ କରିବା ସହିତ ସମସ୍ତେ ଏକତା ସୂତ୍ରରେ ବାନ୍ଧିହୋଇ କାମ କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ହେଲେ। ଅନ୍ୟମାନଙ୍କ ମଧ୍ୟରେ ଶଶାଙ୍କ କୁମାର ଖଟୁଆ, ପର୍ଶୁରାମ ଦେଶବନ୍ଧୁ ରଣା, ଗୁପ୍ତେଶ୍ୱର ଚୌହାନ, ନିରାକାର ବାରିକ, ଧବଳେଶ୍ୱର ରଣା, ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରଞ୍ଜନ କୁମାର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

**ବରଗଡ଼ ଅଫିସ୍,୬।୧୦:** ବରଗଡ଼ ଜିଲା ବିଜୁ ପଟ୍ଟନାୟକ ଟାଉନ ହଲରେ ଶନିବାର ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି ଏବଂ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏସ୍‌ପି ମୁକେଶ କୁମାର ଭାମୁ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୁବାସ ଚନ୍ଦ୍ର ଧଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଗିରିଜା ଶଙ୍କର ଆଚାର୍ଯ୍ୟ, ସାଧୁଚରଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲାର ୧୨ଟି ବ୍ଲକ ଏବଂ ୪ଟି ପୌରାଞ୍ଚଳର ବରିଷ୍ଠ ନାଗରିକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମଳୟ କୁମାର ମହାନ୍ତି ସହଯୋଗ କରିଥିଲେ। ଏହି ଅବସରରେ ଯଶୋଦା ମିଶ୍ର, ସୋମନାଥ ନାଏକ, ମୋହନଲାଲ ଅଗ୍ରୱାଲ, ଭାଗବତ ପ୍ରଧାନ, ଦାମୋଦର ମେହେର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ନବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସୁରେନ୍ଦ୍ର ମୋହନ ଚାନ୍ଦ, ପ୍ରସନ୍ନ କୁମାର ପ୍ରଧାନ, ପ୍ରକାଶ ଚନ୍ଦ୍ର ଭୋଇ, କୃଷ୍ଣଚନ୍ଦ୍ର ରଥ, କାହ୍ନୁଚରଣ ପୃଷ୍ଟି, ବୁଦ୍ଧଦେବ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ଏମ୍‌ଜିଏନଆରଇଜିଏସ୍ ଜନଶୁଣାଣି
# ୮୦ ପରିବାରକୁ ୧୦୦ ଦିନର କାମ

**ଗାଇସିଲେଟ, ୬।୧୦ (ଡି.ଏନ.ଏ.)**

ଗାଇସିଲେଟ ପଞ୍ଚାୟତ ସମିତି ରାଜୀବଗାନ୍ଧୀ ଭବନ ପରିସରରେ ଏମ୍.ଜି.ଏନ.ଆର୍.ଇ.ଜି.ଏସ୍.ର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗାଇସିଲେଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ପାଣ୍ଡେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ଦୌଲତ ଚନ୍ଦାକର ମୁଖ୍ୟଅତିଥି, ବିଡିଓ ମଧୁଛନ୍ଦା ସାହୁ, ବ୍ଲକ ଉପାଧ୍ୟ ପ୍ରଣୟ କୁମାର ସାହୁ, ବରଗଡ ଜିଲା ପରିଷଦ ଉପାଧ୍ୟକ୍ଷ୍ୟ ମଦନ ଦୀପ, ଜିଲା ସାମାଜିକ ଅଧିକାରୀ ଆନନ୍ଦ ପଧାନ, କାହ୍ନୁ ଚରଣ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଯୋଜନାରେ ୧,୮୦,୯୧୯ଟି କାର୍ଯ୍ୟ ଦିବସରେ ମୋଟ ୮୦ଟି ପରିବାର ୧୦୦ ଦିନର କାମ କରିଛନ୍ତି। ଫିରିଙ୍ଗିମାଲ ପଞ୍ଚାୟତ ସର୍ବାଧିକ ୨୬,୫୪୨ କାର୍ଯ୍ୟ ଦିବସ ସୃଷ୍ଟି କରିଥିବା ବେଳେ ଜାମୁଟପାଲି ଗ୍ରାମପଞ୍ଚାୟତ ୩୮୪୦ କାର୍ଯ୍ୟ ଦିବସ ସୃଷ୍ଟି କରିଥିବାର ସୂଚନା ମିଳିଛି । ଏଇ ଟେକଚାନ୍ଦ କାଲୋ ଧନ୍ୟବାଦ ଅର୍ପଣ କରିଥିଲେ ।

ଗାଇସିଲେଟ ବ୍ଲକ



ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

## ମନମୁଣ୍ଡାରେ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ମନମୁଣ୍ଡା, ୬।୧୦ (ଡି.ଏନ.ଏ)**

ବୌଦ୍ଧ ବନଖଣ୍ଡ ତରଫରୁ ମନମୁଣ୍ଡା ରେଞ୍ଜ ଆନୁକୂଲ୍ୟରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଜିଲାସ୍ତରୀୟ ୬୪ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି । ଏଥିରେ କନ୍ଧମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି, ଡିଏଫଓ ଯଶୋବନ୍ତ ସେଠ ସମ୍ମାନୀତ ଅତିଥି ଏବଂ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିନୋଦ ଚନ୍ଦ୍ର ସାବତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ରେଞ୍ଜ ଅଫିସର ସରୋଜ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ବନ ଏବଂ ବନ୍ୟପ୍ରାଣୀ ପ୍ରକୃତିର ଦାନ ଓ ଭଗବାନଙ୍କ ସୃଷ୍ଟି । ସେମାନଙ୍କ କ୍ଷୟକ୍ଷତି ହେଲେ ଆମ୍ଭେ ଆମ୍ଭ ଗୋଡକୁ କୁରାଢ଼ି ମାରିବା ସଦୃଶ ହେବ । ଏଣୁ ଏହାର ସୁରକ୍ଷା ଅପରିହାର୍ଯ୍ୟ ବୋଲି ମୁଖ୍ୟଅତିଥି ରଣା ତାଙ୍କ ବକ୍ତବ୍ୟରେ କହିଥିଲେ । ସମ୍ମାନୀତ ଅତିଥି ଡିଏଫଓ ସେଠ ବନ ଓ ବନ୍ୟପ୍ରାଣୀ ପରୋକ୍ଷ ଓ ପ୍ରତ୍ୟକ୍ଷରେ ମଣିଷ ସମାଜ ଓ ଧରିତ୍ରୀ ମାଁର କିପରି ସେବା କରୁଛନ୍ତ, ସେମାନଙ୍କ ଦ୍ୱାରା କି କି ଉପକାର ମିଳୁଛି ଓ ସେମାନେ ନ ରହିଲେ କଣ କ୍ଷତି ହେବ ତାହା ଉପରେ ଆଲୋକପାତ କରିଥିଲେ । ଜଙ୍ଗଲରୁ ଆମ୍ଭେ ଜାଳେଣି କାଠରୁ ଆରମ୍ଭ କରି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଔଷଧ ପାଇପାରୁଥିବା ବେଳେ ଜଙ୍ଗଲ ରହିବା ଦ୍ୱାରା ବର୍ଷା, ପାଣିପାଗ ସନ୍ତୁଳିତ ରହିପାରୁଛି ଓ ପରିବେଶ ଠିକ୍ ରହିପାରୁଛି । ସେହିପରି ବନ୍ୟପ୍ରାଣୀ ମଧ୍ୟ ଅନେକ ଉପକାରରେ ଆସୁଛନ୍ତି। ସେମାନଙ୍କ ସୁରକ୍ଷା ଆମ୍ଭର କର୍ତ୍ତବ୍ୟ ବୋଲି ମୁଖ୍ୟବକ୍ତା ସାବତ କହିଥିଲେ । ଶେଷରେ ଫରେଷ୍ଟର ଅଜିତ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ରେଞ୍ଜ ଅଫିସର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ରାଲିରେ ସହର ପରିକ୍ରମା କରି ଜନସଚେତନତା ସୃଷ୍ଟି କରିଥିଲେ । ଗାର୍ଡ ଜ୍ୟୋତି ରଞ୍ଜନ ବାରିକ ଓ ବିଦ୍ୟାଳୟର ଶିକ୍ଷୟତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ ।

## ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବୌଦ୍ଧ,୬।୧୦(ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଚାଲିଥିବା ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଜୟନ୍ତୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ ଶିବିରର ଉଦଯାପନୀ ଉତ୍ସବରେ ଏଡ଼ିଏମ୍‌ଓ (ଏଫଡ୍ଲୁ) ବନଲତା ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ମହିଳାମାନଙ୍କ ଆତ୍ମସୁରକ୍ଷା ପାଇଁ ତାଲିମ ଜରୁରୀ। ଏହା ସେମାନଙ୍କୁ ସୁରକ୍ଷା ଯୋଗାଇ ଦେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ମ୍ବରୁଧର ଭୋଇ, ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ ମହାପାତ୍ର, ଜିଲା ସଂଯୋଜିକା ଡଃ. ସୁବର୍ଣ୍ଣା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଶିବିରରେ ସମୁଦାୟ ୧୮୦ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଇଥିଲା । ମାଷ୍ଟର ଟ୍ରେନର ଭାବେ ସନ୍ଧ୍ୟାରାଣୀ ସାହୁ ଓ ସ୍ୱାଗତିକା ମହାକୁଡ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରୀ କ୍ରିଷ୍ଣାର୍ପିତା ପଣ୍ଡା, ମଧୁସ୍ମିତା ବାରିକ ଓ ନଫିସା ବେଗମଙ୍କୁ ଶ୍ରେଷ୍ଠ ତାଲିମାର୍ଥୀ ଭାବେ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଅଧ୍ୟାପକ ପ୍ରତାପ କୁମାର ରଥ ଅତିଥି ପରିଚୟ ପ୍ରଦାନ ଓ ଲାଇବ୍ରେରିଆନ ଶଙ୍କର ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିର ସେପ୍ଟେମ୍ବର ୨୫ରୁ ଆରମ୍ଭ ହୋଇଥିଲା ।

## ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ ସଦସ୍ୟଙ୍କ ପ୍ରଶିକ୍ଷଣ

**ବୌଦ୍ଧ,୬।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟର ସଦସ୍ୟା ସଦସ୍ୟମାନଙ୍କୁ ନେଇ ଶିଶୁ ଅଧିକାର ଉପରେ ଏକ ଏକଦିବସୀୟ କର୍ମଶାଳା ଶନିବାର ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ତରଣୀସେନ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଶୁମାନଙ୍କ ପାଇଁ ଥିବା କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନରେ ଷ୍ଟାଚୁଟାରୀ ବ୍ୟବସ୍ଥା ଯଥା ଶିଶୁ ମଙ୍ଗଳ ସମିତି, କିଶୋର ନ୍ୟାୟ ବୋର୍ଡ, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ଓ ଜିଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ କୁମାର ପାଣିଗ୍ରାହୀ ସମ୍ମାନିତ ଅତିତ୍ର ଭାବେ ଯୋଗଦେଇ କିଶୋର ନ୍ୟାୟ ଆଇନ ଉପରେ ସମସ୍ତ ଅଧିକାରୀଙ୍କୁ ଯତ୍ନବାନ ରହିବା ସହ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ପୋଲିସ ପ୍ରଶାସନର ଭୂମିକା ଉପରେ ଆଲୋଚାନ କରିଥିଲେ । ପ୍ରଶିକ୍ଷକ ଭାବେ କଟକ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରମୋଦ କୁମାର ଆଚାର୍ଯ୍ୟ ଯୋଗଦେଇ ଶିଶୁମାନଙ୍କ ପାଇଁ ଥିବା ସାମ୍ବିଧାନିକ ବିଧିବିଧାନ, ଶିଶୁ ଅଧିକାର ଓ କିଶୋର ନ୍ୟାୟ ଆଇନ, ବାଲ୍ୟବିବାହ ନିଷେଧ ଆଇନ ଓ ପୋଲିସର ଭୂମିକା ଉପରେ ପାୱାର ପଏଣ୍ଟ ମାଧ୍ୟମରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ତଥା ପ୍ରଶିକ୍ଷକ ରେଜିଷ୍ଟ୍ରାର ବୋର୍ଡ ଦେବାଶିଷ ମହାନ୍ତି ଯୋଗଦେଇ କିଶୋର ନ୍ୟାୟ ଅଧିନିୟମର ବିଭିନ୍ନ ଦିଗ ଉପସ୍ଥାପନା କରିଥିଲେ । ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ, ଅତିଥି ପରିଚୟ ଦେଇଥିଲେ। ଜେଏମଏଫସି ଗୌରୀଶଙ୍କର ପଣ୍ଡା ଏବଂ ସନ୍ତୋଷ ବାରିକ, ଡିଏସପି ଏଚଆରପିସି ଏମ. ଶଙ୍କର୍ଷଣ ଦୋରା, ଶିଶୁ ମଙ୍ଗଳ ସମିତି ଅଧକ୍ଷ ସାକ୍ଷୀଗୋପାଳ ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟା ସଦସ୍ୟ ତଥା ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ବସନ୍ତ ଦିଶିରି, ସହଦେବ ନାଏକ, ଚିତ୍ରସେନ ସାହୁ, ବିସ୍ମୟ ମୋହନ ସାହୁ ସହଯୋଗ କରିଥିଲେ । ଶେଷରେ ପ୍ରୋବେସନ ଅଫିସର ସମରସେନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।




ବୌଦ୍ଧ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ ।

## ଭଟଲି କଲେଜରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

**ଭଟଲି, ୬।୧୦ (ଡି.ଏନ.ଏ.)**

ବରଗଡ ଜିଲା ଭଟଲି ଦଧିବାମନ କଲେଜରେ ଶନିବାର 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବରଗଡ ଏମ୍‌ପି ପ୍ରଭାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଡିଓ ଧୀରେନ୍ଦ୍ର କୁମାର ସେଠୀ, କାର୍ଯ୍ୟକ୍ରମର ଜିଲା ସଂଯୋଜକ ବିଦ୍ୟୁତ୍ ରଞ୍ଜନ ଦାଶ, ଜିଲା କ୍ରୀଡା ଅଧିକାରୀ ତୁଷାର କାନ୍ତି ମିଶ୍ର, ଜୁନିୟର କଲେଜ ଅଧ୍ୟକ୍ଷ ଆୟୁଷ୍ମାନ ଷଡ଼ଙ୍ଗୀ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଜୟସେନ ଭୋଇ, ବ୍ଲକ ଉପାଧ୍ୟକ୍ଷ ମଦନ ସାହୁ, ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ପ୍ରଧାନ, ବରଗଡ଼ ଆରଏମସି ସଭାପତି ହେମନ୍ତ ପଣ୍ଡା ଓ ମନୋଜ ପ୍ରଧାନ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅଞ୍ଚଳର ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ଯୁବ ରେଡକ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ

**ବୌଦ୍ଧ,୬।୧୦(ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଜିଲା ଯୁବ ରେଡକ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବୌଦ୍ଧ ଜିଲାର ତିନୋଟି ବ୍ଲକରେ ଥିବା ଯୁକ୍ତ ଦୁଇ ଓ ଯୁକ୍ତ ତିନି ମହାବିଦ୍ୟାଳୟର ସମସ୍ତ ଯୁବରେଡକ୍ରସ ପରାମର୍ଶଦାତା ଯୋଗଦେଇ ଗତବର୍ଷର କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରିଥିଲେ । ଚଳିତ ବର୍ଷ ପାଇଁ କାର୍ଯ୍ୟକ୍ରମ ଖସଡା ପ୍ରସ୍ତୁତ କରାଯାଇଥିଲା । ଯୁବ ରେଡକ୍ରସ ସହ ଅଧ୍ୟାପକ ପ୍ରବୀର ଦାସ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା କମିଟି ଅଧକ୍ଷ ତଥା ମହାବିଦ୍ୟାଳୟର ଅଧ ପ୍ରଫେସର ଡମ୍ବରୁଧର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ ମହାପାତ୍ର ଓ ଅଗ୍ନିସମ ବିଭାଗର ଭାରପ୍ରାପ୍ତ ଅଧିକାରୀ ସୁଶୀଲ କୁମାର ମଲିକ ଯୋଗ ଦେଇଥିଲେ । ଏହି ବର୍ଷ ଜିଲା ସ୍ତରୀୟ ଶିବିର ଆଞ୍ଚଳିକ ମହାବିଦ୍ୟାଳୟ ହରଭଙ୍ଗା ଠାରେ ଅନୁଷ୍ଠିତ କରାଯିବା ପାଇଁ ସ୍ଥିର କାରାଯାଇଥିଲା । ପ୍ରଥମ ଥର ପାଇଁ ପଶ୍ଚିମଓଡିଶା ସ୍ତରର ରାଜ୍ୟ ଶିବିର ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଠାରେ ଆୟୋଜନ କରିବା ପାଇଁ ମଧ୍ୟ ସ୍ଥିର କରାଯାଇଥିଲା । ଜିଲାର ସମସ୍ତ ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ, ରକ୍ତଦାନ ଶିବିର, ଏଡ୍‌ସ ଦିବସ, ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଉପରେ କାର୍ଯ୍ୟକ୍ରମ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହାସହ ସମସ୍ତ ନୂତନ ମହାବିଦ୍ୟାଳୟରେ ରେଡକ୍ରସ ଶାଖା ଖୋଲିବା ଅନୁରୋଧ କରାଯାଇଥିଲା। ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ସୁରେଶ୍ୱର ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଣାକଟକରେ ପ୍ରଧାନମନ୍ତ୍ରୀ ଏଲପିଜି ପଞ୍ଚାୟତ



ପ୍ରଧାନମନ୍ତ୍ରୀ ଏଲ୍‌ପିଜି ପଞ୍ଚାୟତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ପୁରୁଣାକଟକ, ୬।୧୦(ଡି.ଏନ.ଏ)**

ବୌଦ୍ଧ ଜିଲା ପୁରୁଣାକଟକଠାରେ ଶନିବାର ପ୍ରଧାନମନ୍ତ୍ରୀ ଏଲପିଜି ପଞ୍ଚାୟତ ଅନୁଷ୍ଠିତ ହୋଇଛି । କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍‌ସିଂ ଜରିଆରେ ସିଧାସଳଖ ହିତାଧିକାରୀମାନଙ୍କ ସହ କଥା ହୋଇଥିଲେ । ଏଥିରେଭାଜପା ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଦସ୍ୟା ନିବେଦିତା ମହାକୁଡ ମୁଖ୍ୟଅତିଥି, ସରପଞ୍ଚ ଭବାନୀବାଳା କହଁର, ଜନସେବା କେନ୍ଦ୍ର ବୌଦ୍ଧର ଏଡିଏମ ମାନସ ରଞ୍ଜନ ସେଠ, ଗ୍ୟାସ ଏଜେନ୍ସି ଏଡିଏନଓ ସଞ୍ଜୟ କୁମାର ଦାସ, ଜନସେବା କେନ୍ଦ୍ର ପରିଚାଳକ ପ୍ରିୟବ୍ରତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ୟାସ ନିରାପତ୍ତା ଉପରେ ଲୋକମାନଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଯୋଗ ଦେଇଥିଲେ । ମାମା ଏଚପି ଗ୍ୟାସ୍‌ର କ୍ରିଷ୍ଣା ବାରିକ, ଅଭିମନ୍ୟୁ ପ୍ରଧାନ, ଜନସେବା କେନ୍ଦ୍ରର କର୍ମକର୍ତ୍ତା ବିଶ୍ୱଜିତ ବଗର୍ତ୍ତି, ଆଲୋକ ନାୟକ ସହଯୋଗ କରିଥିଲେ ।

## ଉଜ୍ଜ୍ୱଳା ଯୋଜନା ବୈଠକ



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବାଉଁଶୁଣୀ,୬।୧୦(ଡି.ଏନ.ଏ)**

ବୌଦ୍ଧ ଜିଲା ବାଉଁଶୁଣୀର ମାଉଲମୁଣ୍ଡା ଠାରେ ଉଜ୍ଜ୍ୱଳା ଯୋଜନା ନେଇ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଛି । ମାଉଲମୁଣ୍ଡା ସ୍ଥିତ ସିଏସସି ପକ୍ଷରୁ ଶ୍ରଦ୍ଧାଞ୍ଜଳି ହୋତାଙ୍କ ଅଧତାରେ ଅନୁଷ୍ଠିତ ଏହି ବୈଠକରେ ଅଶେଷ କୁମାର ବେହେରା, ଅରୁଣ କୁମାର ମେହେର ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ନମିତାରାଣି ଦାସ ଯୋଗଦେଇ ଉଜ୍ଜ୍ୱଳା ଯୋଜାନା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ୩୧୮ ଜଣ ହିତାଧିକାରୀ ଯୋଗ ଦେଇଥିଲେ। ଶ୍ରୀନିବାସ ମେହେର ବୈଠକ ପରିଚାଳନା କରିଥିଲେ।

## କମିଶନରଙ୍କ ଉନ୍ନୟନ କାମ ସମୀକ୍ଷା

**ତଳଗାଁ, ୬।୧୦(ଡି.ଏନ.ଏ.)**

ଦୁଇ ଦିନିଆ ବୌଦ୍ଧ ଜିଲା ଗସ୍ତରେ ଆସିଥିବା ରାଜ୍ୟ ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗ କମିଶନର ବିଶାଳ ଗଗନ ଶନିବାର ହରଭଙ୍ଗା ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରଛନ୍ତି । ସେ ବାମଣ୍ଡା ପଞ୍ଚାୟତ ବାଗବର ଗ୍ରାମରେ କୃଷି ଉଦ୍ୟାନ ବିଭାଗ ପକ୍ଷରୁ କରାଯାଇଥିବା ଏକ ଆମ୍ବ ବଗିଚା ପ୍ରକଳ୍ପ, ହରେକୃଷ୍ଣପୁର ଠାରେ ଅନୁସୁଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମାଣ ହୋଇଥିବା ହଷ୍ଟେଲ ସହିତ ଏହି ଗ୍ରାମର ଏସ୍‌ଏଚ୍‌ଜି ପ୍ରସ୍ତୁତ ଛତୁଆ ପ୍ରକଳ୍ପ ବୁଲି ଦେଖିଥିଲେ । ସେଠାରୁ ସେ ହରଭଙ୍ଗା ବ୍ଲକର ବହୁ ପ୍ରତୀକ୍ଷିତ ମହାନଦୀ ଉପରେ ନିର୍ମାଣାଧୀନ ଧଳପୁର-ଆଠମଲ୍ଲିକ ସେତୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପର ଅଗ୍ରଗତିକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ । ଏହାପରେ କମିଶନର ହରଭଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥାନୀୟ ଲୋକଙ୍କଠାରୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ହରଭଙ୍ଗା ସମେତ ଛତରଙ୍ଗ, କୁଶଙ୍ଗ, ମହାଲିକପଡା, ସଙ୍କୁଲେଇ ଓ ତଳଗାଁ ଆଦି ୬ଟି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବାରୁ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ । ଏଥିସହିତ ମେଡିକାଲ ପରିସରରେ ଆବଶ୍ୟକ ସୁବିଧା ଥାଇ ସୁଦ୍ଧା ସରକାରଙ୍କ ଦ୍ୱାରା ରୋଗୀସେବା ପାଇଁ ଆସିଥିବା ଆମ୍ବୁଲାନ୍ସ ରହୁ ନ ଥିବା ଅଭିଯୋଗ କରିଥିଲେ । ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବା ପାଇଁ କମିଶନର ଜିଲା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ସେଠାରୁ ସେ ବନ ବିଭାଗ ପକ୍ଷରୁ ଛତରଙ୍ଗ ଠାରେ କରାଯାଇଥିବା ଏକ ଚାରା ରୋପଣ କେନ୍ଦ୍ର ଓ ବାଇଶପଡା ସ୍ଥିତ ଆଦିବାସୀ ଆବାସିକ ବାଳିକା ଛାତ୍ରାବାସ ଯାଇଥିଲେ । ଶେଷରେ ସେ ଚାରିଛକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିଥିଲେ । କମିଶନରଙ୍କ ଏହି ପରିଦର୍ଶନ ବେଳେ ତାଙ୍କ ସହିତ ବୌଦ୍ଧ ଜିଲାପାଳ ସୀତାଂଶୁ କୁମାର ରାଉତ , ଡିଆରଡିଏ ପିଡି ରାଜେନ୍ଦ୍ର ପଟ୍ଟନାୟକଙ୍କ ସହିତ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆୟୁଷ୍ମାନ ଭାରତର ଦସ୍ତଖତ ଅଭିଯାନ

**ବିଜେପୁର, ୬।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକ ଜାରିଂ ଗ୍ରାମରେ ଭାଜପା ପକ୍ଷରୁ ଆୟୁଷ୍ମାନ ଭାରତର ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି । ବରିଷ୍ଠ ନେତା ସନତ କୁମାର ଗଡତିଆ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଅଭିଯାନକୁ ରାଜ୍ୟ ସରକାର କାର୍ଯ୍ୟକାରୀ କଲେ ଗ୍ରାମାଞ୍ଚଳ ଜନସାଧାରଣ ଉପକୃତ ହୋଇପାରିବେ । ଏହି ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଲୋକଙ୍କ ଦସ୍ତଖତ ନିଆଯାଉଛି । ଏହି ଦସ୍ତଖତ ଅଭିଯାନ ବ୍ଲକର ସମସ୍ତ ଗ୍ରାମକୁ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଥିବା ଭାଜପା ପକ୍ଷରୁ ସୂଚନା ଦିଆଯାଇଛି । ଜିଲା ପରିଷଦ ସଭ୍ୟା ବିଶ୍ୱକାନ୍ତି ଭୋଇ, ସବିତା ସାହୁ, ମଣ୍ଡଳ ସଭାପତି ଯୋଗେନ୍ଦ୍ର ପଧାନ, ଅଜିତ ସାହୁ, ମହେଶ ଦେବତା ପ୍ରମୁଖ ନେତା ଓ କର୍ମୀ ଉପସ୍ଥିତ ଥିଲେ ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ମହାବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର

ବୀରମହାରାଜପୁର,୬।୧୦ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୪୧ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୦ଜଣଙ୍କ ବୀରମହାରାଜପୁର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟରେ ଅସ୍ତ୍ରପଚାର କରାଯିବ ବୋଲି ସୂଚନା ମିଳିଛି। ବୀରମହାରାଜପୁର ମହାବିଦ୍ୟାଳୟର ୟୁଥ ରେଡ୍‌କ୍ରସ ଓ ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଶିବିର ଆୟୋଜନ କରାଯାଇଥିଲା। କଲେଜ ଅଧକ୍ଷ ମୁରଲାଧର ହୋତାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବୀରମହାରାଜପୁର ଏସ୍‌ଡିପିଓ ଧିରୋଜ ଚୋପଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ସାମାଜିକ କର୍ମୀ ରଷିନାଥ ମହାକୁର, ନେତ୍ର ଚିକିତ୍ସାଳୟ ପରିଦର୍ଶକ ଜି. ଗୋପାଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ରେଡକ୍ରସ ସଂଯୋଜକ ଅଧାପକ ବିଜୟ ପୁରୋହିତ, ଅଧାପକ ପ୍ରକାଶ ସେଠଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା । ଏଥିରେ ସହଯୋଗ କରିଥିଲେ ଅଧାପକ ଶିବ ପୁରୋହିତ। ଶିବିରରେ ମାଗଣା ଚକ୍ଷୁ ପରୀକ୍ଷା କରାଯିବା ସହ ଚଷମା ଯୋଗାଇ ଦିଆଯାଇଥିଲା । ସ୍ୱେଚ୍ଛାସେବୀ ସଦାଶିବ ଚାନ୍ଦ, ନିରଞ୍ଜନ ମେହେର, ଚୂଡ଼ାମଣୀ ବଘାର, ରୁପାଞ୍ଜଳି ପାଣିଗ୍ରାହୀ, ନିବେଦିତା ପଧାନ, ସୁନିତା ରାଣି ବାରିକ, ସବିତା ପାତ୍ର, ଅନିଷା ହୋତା ପ୍ରମୁଖ ସହଯୋଗ କରିଥିଲେ। ଏଭଳି ଶିବିର ଆଗକୁ ଜାରି ରହିଲେ ଅଞ୍ଚଳର ଚକ୍ଷୁ ରୋଗୀ ଉପକୃତ ହୋଇ ପାରିବେ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି । ସେହିପରି ନେତ୍ର ଚିକିତ୍ସାଳୟ ପକ୍ଷରୁ ସୁଜିତ ଥାପା, ଧର୍ମରାଜ ନାୟକ, ବିକାଶ ମେହେର ଓ ଦେବାଶିଷ ମେହେର ସେବା ଯୋଗାଦେଇଥିଲେ।

### ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସଚେତନ ଶିବିର

**ବଲାଙ୍ଗୀର ଅଫିସ, ୬।୧୦:** ବଲାଙ୍ଗୀର ସଦର ବ୍ଲକ ଅଧୀନ ଚୁଡାପାଲିଠାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱାଳା ଯୋଜନା ହିତାଧିକାରୀ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସ୍ଥାନୀୟ ପଞ୍ଚାୟତର ଗ୍ୟାସ ଉପଭୋକ୍ତାମାନଙ୍କୁ ନେଇ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗୋପାଲଜୀ ପାଣିଗ୍ରାହୀ ଯୋଗଦେଇ ଉପଭାକ୍ତାମାନଙ୍କୁ ଗ୍ୟାସର ବ୍ୟବହାର ଓ ଗ୍ୟାସ ସଂଯୋଗ ଉପରେ ଆଲୋଚନା କରିଥିଲେ । ହିତାଧିକାରୀମାନଙ୍କୁ ସ୍ଥାନୀୟ ସିଏସସି ଓପରେଟର ରୂପଧର ନାହାକ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱାଲା ଯୋଜନା ସଚେତନ ଶିବିରର ସିଧାପ୍ରସାରଣ ଦେଖାଇ ଗ୍ୟାସର ବ୍ୟବହାର ବିଷୟରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ଇ-ଗଭର୍ଣ୍ଣାନ୍ସ ଜିଲାଧିକାରୀ ଆଶିଷ କୁମାର ହୋତା, ଗ୍ରାମ ସଭାପତି ଲୋକନାଥ କୁମୁରା, ଉଜ୍ଜ୍ୱାଲା ଯୋଜନା ଜିଲା ନୋଡାଲ ଅଧିକାରୀ ଗିରିଶ କୁମାର ଯାଦବ, ସମସ୍ତ ଗ୍ୟାସ ଏଜେନ୍ସି, ସ୍ଥାନୀୟ ସିଏସସିର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ସମସ୍ତ ଉଜ୍ଜ୍ୱାଲା ଯୋଜନା ଗ୍ୟାସ ଉପଭୋକ୍ତା ଉପସ୍ଥିତ ଥିଲେ ।

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ

# ୧୦୪.୮୬୫ ଏକର ସରକାରୀ ଜମି ହସ୍ତାନ୍ତର

**ସୋନପୁର,୬।୧୦ (ନି.ପ୍ର.)**

ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ପାଇଁ ଶନିବାର ସୁବର୍ଣ୍ଣପୁର ଜିଲା ପ୍ରଶାସନ ସରକାରୀ ଜମିର ଲିଜ୍ ମଞ୍ଜୁର ତଥା ରେକର୍ଡ ସଂଶୋଧନ କରି ମୋଟ ୧୦୪.୮୬୫ ଏକର ସରକାରୀ ଜମି ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ଏହି ଉପଲକ୍ଷେ ସ୍ଥାନୀୟ ଟାଉନ ହଲଠାରେ ଏକ ଉତ୍ସବର ଆୟୋଜନ ହୋଇଥିଲା । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଜଳସମ୍ପଦ, ଗୃହନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କୁ ଜମିର ପଟ୍ଟା ହସ୍ତାନ୍ତର କରିଥିଲେ । ଏହି ବହୁ ପ୍ରତିକ୍ଷିତ ପ୍ରକଳ୍ପ ପାଇଁ ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କ ଆବେଦନ କ୍ରମେ ସୁବର୍ଣ୍ଣପୁର ଜିଲା ସୋନପୁର ତହସିଲ ଅନ୍ତର୍ଗତ ୧୯ଟି ରାଜସ୍ୱ ଗ୍ରାମର ୮୧.୮୪୫ ଏକର ଓ ତରଭା ତହସିଲ ଅନ୍ତର୍ଗତ ୮ଟି ରାଜସ୍ୱ ଗ୍ରାମର ୨୩.୦୨୦ ଏକର ଜମି ହସ୍ତାନ୍ତର କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ମଧୁସୂଦନ ମିଶ୍ର ଅଧକ୍ଷତା କରିଥିଲେ । ଜିଲାପାଳ ବକ୍ତବ୍ୟରେ ଉକ୍ତ ପ୍ରକଳ୍ପ ପାଇଁ ସୁବର୍ଣ୍ଣପୁର ଜିଲାର ମୋଟ ୩୦ଟି ପ୍ରଭାବିତ ରାଜସ୍ୱ ଗ୍ରାମର ବ୍ୟକ୍ତିଗତ ମାଲିକାନାରେ ଥିବା ମୋଟ ୫୪୨.୯୦୯ ଏକର ଜମି ଅଧିଗ୍ରହଣ କରାଯାଇଛି। ଜିଲାରେ ରେଳପଥ ପାଇଁ ଜମି ଅଧିଗ୍ରହଣ ଜନିତ ସମସ୍ୟା ରହିବ ନାହିଁ ବୋଲି ଜିଲାପାଳ କହିଥିଲେ । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆସନ୍ତା ଡିସେମ୍ବର ୩୧ ତାରିଖ ସୁଦ୍ଧା ରେଳପଥ ପାଇଁ ଆବଶ୍ୟକ ସମସ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରକାଶ କରିଥିଲେ। ୧୪ଟି ରାଜସ୍ୱ ଗ୍ରାମ ଯଥା ଶିବତୁଲା, ଅରଖପଦର, ଜଡାମୁଣ୍ଡା, ଦଇତପୁର, ଗର୍ଜା, ଝାରତରଭା, ଠକପାଲି, ହରିଡାପାଲି, ଲକର୍ମା, ବାଲିଜୁରି, ସାଜାଜପିଟା, ଛତାପିପଲ, ବାଘପାଲି, ମହୁଲେରେ ରୟତି ଜମି ମୋଟ ରକବା ୨୧୦.୩୭୫ ଏକର ଜମି ଅଧିଗ୍ରହଣ କ୍ଷତିପୂରଣ ରାଶି ବଣ୍ଟନ ଚାଲିଛି । ଆଉ ୧୫ଟି ରାଜସ୍ୱ ଗ୍ରାମ ଯଥା କୁଲିପାଲି, ଛେପାପାଲି, ପିପିଲିପାଲି, ଖମ୍ବେଶ୍ୱରୀପାଲି, ବାଗଦୁଲି, ନରସିଂହଗଡ, ବୈଦ୍ୟନାଥ, ଡୁଙ୍ଗୁରିପାଲି, ବହିରଖମନ, ଖରଝୁରା, ଖରଝୁରା ଜଙ୍ଗଲ, ଧୋବାମୁଣ୍ଡା, ସୋନପୁର ୟୁନିଟ୍ ନଂ ୩, ହଳଦିପାଲି, ସିଂଘାରୀର ମୋଟ ରକବା ୩୦୪.୯୭୫ ଏକର ଜମି ପାଇଁ କ୍ଷତିପୂରଣ ଅଟକଳ ପ୍ରସ୍ତୁତି ଚାଲିଛି । ୬ଟି ଗ୍ରାମର ଅତିରିକ୍ତ ଅଧିଗ୍ରହଣ ମୋଟ ରକବା ୨୭.୫୬୦ ଏକର ପାଇଁ ବହୁଦର୍ଶୀ ବିଶେଷଜ୍ଞ ଦଳ ବୈଠକ ହୋଇ ସାରିଛି ବୋଲି ଅତିରିକ୍ତ ଜିଲାପାଳ ପଣ୍ଡା ସୂଚନା ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏସ୍‌ପି ଦେବୀପ୍ରସାଦ ଦାଶ, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଇଷ୍ଟକୋଷ୍ଟ ରେଲୱେ ଉପମୁଖ୍ୟଯନ୍ତ୍ରୀ ନିର୍ମାଣ ଏମ୍.ଜି ସତ୍ୟନାରାୟଣ, ସୋନପୁର ବ୍ଲକ ଅଧକ୍ଷା ମନ୍ଦାକିନୀ ନାଗ, ମ୍ୟୁନିସିପାଲିଟି ଅଧକ୍ଷା ସିମନ୍ତିନୀ ନାଏକ, ବିଡିଓ ନିରଞ୍ଜନ ନାଏକ, ମ୍ୟୁନିସିପାଲିଟି ଇଓ ଅଶୋକ କୁମାର ମିଶ୍ର ଓ ଅଭିମନ୍ୟୁ କୁଶଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ବଲାଙ୍ଗୀର ଜମି ଅଧିଗ୍ରହଣ ଅଧିକାରୀ ପ୍ରମୋଦ କୁମାର ଦାସ, ବରିଷ୍ଠ ନାଗରିକ ଡାକ୍ତର ରାଜେନ୍ଦ୍ର କୁମାର ମିଶ୍ର, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ବ୍ୟୋମକେଶ ଦାଶ, ଗୋବିନ୍ଦ ମହାରଣା, ପୁରୁଷୋତ୍ତମ ପାଣିଗ୍ରାହୀଙ୍କ ସମେତ ସହରର ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପର ପରିକଳ୍ପନା ସ୍ୱାଧୀନତାର ବହୁ ପୂର୍ବରୁ ଆରମ୍ଭ ହୋଇଥିଲା। ୧୮୮୧ରେ ପ୍ରଥମେ ସର୍ଭେ ହୋଇଥିଲା । ୧୯୯୪ରେ ପ୍ରକଳ୍ପଟି ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇବା ପରେ ମଧ କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥିଲା । ୨୦୦୭ରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ବଜେଟ୍‌ରେ ତତ୍କାଳୀନ କେନ୍ଦ୍ର ସରକାର ଅତି ନଗଣ୍ୟ ବ୍ୟୟ ବରାଦ୍ କରୁଥିଲେ। କେନ୍ଦ୍ରରେ ବିଭିନ୍ନ ସମୟରେ କ୍ଷମତାସୀନ ସରକାର ଏହି ପ୍ରକଳ୍ପକୁ ଅଣଦେଖା କରି ଆସୁଥିଲେ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ପରେ ରେଳ ବଜେଟ୍‌ରେ ଏହି ପ୍ରକଳ୍ପ ସକାଶେ ଭଲ ବ୍ୟୟ ବରାଦ୍ ହେଉଛି । ରାଜ୍ୟର ନବୀନ ପଟ୍ଟନାୟକଙ୍କ ସରକାର ମଧ ମାଗଣାରେ ଜମି ଯୋଗାଇ ଦେବାକୁ ଚୁକ୍ତିନାମା କରିଛନ୍ତି। ଏବେ ବଲାଙ୍ଗୀର ପଟୁ ଭଇଁଷାପାଲି ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ସୁବର୍ଣ୍ଣପୁର ଜିଲାରେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ଅଞ୍ଚଳବାସୀଙ୍କ ମଧରେ ଖୁସିର ମାହୋଲ ସୃଷ୍ଟି କରିଛି ।



ମନ୍ତ୍ରୀ ନିରଞ୍ଜନ ପୂଜାରୀ ସରକାରୀ ଜମିର ପଟ୍ଟା ଇଷ୍ଟକୋଷ୍ଟ ରେଲୱେର ଉପ ମୁଖ୍ୟଯନ୍ତ୍ରୀ ନିର୍ମାଣ ଏମ ଜି ସତ୍ୟନାରାୟଣଙ୍କୁ ପ୍ରଦାନ କରୁଛନ୍ତି ।

## ୧୦,୮୭୦ଜଣ ରାଶନ କାର୍ଡ଼ ପାଇଲେ

**ବରଗଡ଼ ଅଫିସ୍,୬।୧୦**

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବରଗଡ଼ ବ୍ଲକ ଓ ପୌର ପରିଷଦର ୧୦ହଜାର ୮୭୦ଜଣ ପ୍ରଥମ ପର୍ଯ୍ୟାୟରେ ରାଶନ କାର୍ଡ଼ ପାଇଛନ୍ତି । ବିଭିନ୍ନ କାରଣରୁ ପୂର୍ବରୁ ବାଦ୍ ପଡ଼ିଥିବା ବରଗଡ଼ ବ୍ଲକର ୮ହଜାର ୭୦ ଏବଂ ପୌରାଞ୍ଚଳର ୨୮୦୦ ଜଣ ହିତାଧିକାରୀ ଏଥିରେ ସାମିଲ ହୋଇ ରାଶନ କାର୍ଡ଼ ପାଇଛନ୍ତି । ଏହି ଅବସରରେ ଶନିବାର ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ରାଶନ କାର୍ଡ଼ ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା । ଜିଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି ସମାରୋହରେ ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ କରାଯାଇଥିଲା । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଶନ କାର୍ଡ଼ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା, ବିଡ଼ିଓ ଶରତ ବାଗ, ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ ନାଏକ, ଟାଉନ ସଭାପତି କିଶୋର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ହିତାଧିକାରୀଙ୍କ ପରିବାରକୁ ରାଶନ କାର୍ଡ ବଣ୍ଟନ

**ଉଲୁଣ୍ଡା ୬।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର କଲେଜ ପଡିଆରେ ଓଡିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଚିହ୍ନିତ ହିତାଧିକାରୀଙ୍କୁ ରାଶନ କାର୍ଡ ବିତରଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଲୁଣ୍ଡା ବିଡିଓ ରୁନୁ ଲାକ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା, ଏଡିଏମ୍ ଶରତ ଚନ୍ଦ୍ର ପଣ୍ଡା, ଉଲୁଣ୍ଡା ବ୍ଲକ ଅଧକ୍ଷା ମିତାଲୀ ମହାକୁର, ବ୍ଲକ ଉପାଧକ୍ଷ ଅଶୋକ କୁମାର ପଣ୍ଡା ଓ ଜିଲା ପରିଷଦ ଅଧ୍ୟକ୍ଷା ସଂଯୁକ୍ତା ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରିବା ସହ ରାଜ୍ୟ ସରକାରଙ୍କ ଏହି ଯୋଜନାରୁ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଶିପଡାର ୧୫୫, ଚଡେଇପଙ୍କର ୧୮୦, ଜାଲୋଏ ୧୭୯, ଜଡ଼ଁରାଭଡ଼ଁରା ୫୩, କାଦୋବର ୭୭, କଳାପଥର ୧୪୮, କ୍ଷେମାଲୋଏ ୮୧, କୋଟସମଲାଇ ୮୮, ମହଦା ୧୮୨, ମୁଣ୍ଡଘାଟ ୩୫, ନିମ୍ନା ୪୪, ପଂଚମହଲା ୧୧୦, ରକ୍ସା ୧୨୧, ଏସପତ୍ରାପାଲି ୫୩, ସିଣ୍ଡୋଲ ୭୧ ଏବଂ ଉଲୁଣ୍ଡା ଗ୍ରାମପଞ୍ଚାୟତର ୨୧୯ ପରିବାରଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ସମୁଦାୟ ୫୬୮୦ ଜଣ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଏହା ସହିତ ଆଗାମୀ ଦିନରେ ୫୭୦ ପରିବାରକୁ ସାମିଲ କରାଯିବ ବୋଲି ବିଧାୟକ ବେହେରା ଘୋଷଣା କରିଥିଲେ । ଆବେଦନ କରିଥିବା ୧୩୯୦ ହିତାଧିକାରୀଙ୍କୁ ଅଯୋଗ୍ୟ ଚିହ୍ନଟ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ଯୋଗଦେଇଥିଲେ। ଉଲୁଣ୍ଡା ଯୁବ ମହାସଂଘର ସଭାପତି ପ୍ରମୋଦ କୁମାର ପଧାନଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଏବଂ ବିଜୁ ଯୁବ ବାହିନୀର ସଭାପତି ରାମଜୀ ବିଶ୍ୱାଲଙ୍କ ସମେତ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ପୋଲିସ ଶହୀଦ ଦିବସ ଉପଲକ୍ଷେ ସୋନପୁରରେ ଆୟୋଜିତ ମିନିମାରାଥନକୁ ଏସ୍‌ପି ଦେବୀପ୍ରସାଦ ଦାଶ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ମହିଳାଙ୍କ ମୃତଦେହ ଠେଲା ରିକ୍ସାରେ ଶ୍ମଶାନକୁ ଗଲା

**ବୀରମହାରାଜପୁର,୬।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସ୍ତିରେ ରହୁଥିବା ଜଣେ ମହିଳାଙ୍କ ମୃତଦେହ ଠେଲା ରିକ୍ସାରେ ବୁହାହୋଇ ଶ୍ମଶାନକୁ ଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତ ମହିଳା ହେଲେ ସୁମିତ୍ରା ମହାପାତ୍ର (୬୫)। ସେ କୁମାରକେଲି ଗ୍ରାମର ମୂଳ ବାସିନ୍ଦା ଅଚ୍ୟୁତ ମହାପାତ୍ରଙ୍କର ସ୍ତ୍ରୀ। ଗତ କିଛି ବର୍ଷ ହେଲା ଅଚ୍ୟୁତଙ୍କ ପରିବାର ସ୍ଥାନୀୟ କଲେଜ ନିକଟରେ ଘର କରି ରହୁଥିଲେ। ଏପରି କି ବୀରମହାରାଜପୁର ବସ୍ତିରେ ଠେଲା ରିକ୍ସାରେ ଛୋଟ ବ୍ୟବସାୟ ଚଳାଇ ଆସୁଥିଲେ । ପରିବାର ଲୋକଙ୍କ କହିବାନୁଯାୟୀ ସୁମିତ୍ରା ଅସୁସ୍ଥ ଥିବାରୁ ଗତ ୪ ତାରିଖ ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶନିବାର ସକାଳ ସାଢ଼େ ୮ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଦୀର୍ଘ ସମୟ ଅପେକ୍ଷା ପରେ ମହାପ୍ରୟାଣ ଗାଡି ନ ମିଳିବାରୁ ସୁମିତ୍ରାଙ୍କ ମୃତଦେହକୁ ଭଡାଗାଡି ଯୋଗେ ବୀରମହାରାଜପୁର କଲେଜ ରୋଡସ୍ଥିତ ବାସଭବନକୁ ଅଣାଯାଇଥିଲା । ସମ୍ପର୍କୀୟ ପହଞ୍ଚିବା ପରେ ମୃତଦେହକୁ କାନ୍ଧେଇ କିଛି ବାଟ ନିଆଯାଇଥିବା ମଧ ଜଣାଯାଇଛି । କିନ୍ତୁ ବାଗମାରି ଛକଠାରୁ ମୃତଦେହକୁ ଠେଲା ରିକ୍ସାରେ ତାଙ୍କର ଜଣେ ସମ୍ପର୍କୀୟ ୬କି.ମି ଦୂରରେ ଥିବା ହରିହରଯୋର ଶ୍ମଶାନ ଘାଟକୁ ନେଇଥିଲେ। ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। କେଉଁ ପରିସ୍ଥିତିରେ କାନ୍ଧ ନ ମିଳିବାରୁ ସୁମିତ୍ରାଙ୍କ ମୃତଦେହ ଠେଲା ରିକ୍ସାରେ ଶ୍ମଶାନକୁ ବୁହାହେଲା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।



ମହିଳାଙ୍କ ମୃତଦେହକୁ ଠେଲା ରିକ୍ସାରେ ଶ୍ମଶାନକୁ ନିଆଯାଉଛି।

## ଭୋଟର ତାଲିକା ସଂଶୋଧନ ସଚେତନତା କାର୍ଯ୍ୟକ୍ରମ

**ଟିକ୍ରାପଡ଼ା/ଟିଟିଲାଗଡ଼,୬।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସ୍ଥିତ ସରକାରୀ ପ୍ରାଥମିକ ଶିକ୍ଷା ପ୍ରତିଷ୍ଠାନଠାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାନ ଅଧକ୍ଷ ଯୁବରାଜ ମାଝି ଅଧକ୍ଷତା କରିଥିଲେ । ରାଧାକାନ୍ତ ମହାନ୍ତି ସଭା ସଂଯୋଜନା କରିଥିଲେ। ଶିକ୍ଷକ ଚିନ୍ତାମଣି ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପଜଲାପାଳ ସୁଧାକର ନାୟକ, ଆସିଷ୍ଟାଣ୍ଟ କଲେକ୍ଟର ଦେବାଶିଷ ସାମଲ ଅତିଥି ଭାବେ ଯୋଗ ଦେଇଥିଲେ।

## ୯ରେ 'ମୋ ଭାରତ ସୁବର୍ଣ୍ଣ ଭାରତ' କାର୍ଯ୍ୟକ୍ରମ

**ସୋନପୁର,୬।୧୦(ନି.ପ୍ର.)**

ସୁବର୍ଣ୍ଣପୁରରେ ଅକ୍ଟୋବର ୯ତାରିଖରେ ପ୍ରଜାପିତା ବହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ହେବ ମୋ ଭାରତ ସୁବର୍ଣ୍ଣ ଭାରତ କାର୍ଯ୍ୟକ୍ରମ। ୨୦୧୭ ଅଗଷ୍ଟ ୧୨ତାରିଖରେ ଗୁଜୁରାଟର ଅହମଦାବାଦରୁ ଆରମ୍ଭ ହୋଇଥିବା ଏହି ଜନ-ଜାଗୃତି ଯାତ୍ରା ସୋନପୁରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ପ୍ରଦର୍ଶନୀ ବସ୍ ମଙ୍ଗଳବାର ସୋନପୁରରେ ପହଞ୍ଚିବା ପରେ ଅପରାହ୍ନ ସାଢେ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟାଉନହଲଠାରେ ଅଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏ ସମ୍ପର୍କରେ ସୋନପୁର ଶାଖା କେନ୍ଦ୍ରରେ ବ୍ରହ୍ମାକୁମାରୀ ସ୍ନେହା ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ରାଜଯୋଗ ଦ୍ୱାରା ଯୁବପିଢିଙ୍କୁ ଆଧାତ୍ମିକ ମୂଲ୍ୟ ଏବଂ ଚରିତ୍ର ନିର୍ମାଣ ପାଇଁ ପ୍ରୋତ୍ସାହିତ କରିବା, ସ୍ୱଚ୍ଛ-ସୁସ୍ଥ ଭାରତ ପାଇଁ ଲୋକଙ୍କ ସକ୍ରିୟ ଭୂମିକା ହେତୁ ଆଗ୍ରହ ବୃଦ୍ଧି, ସକାରାତ୍ମକତା ଦ୍ୱାରା ସକାରାତ୍ମକ ପରିବର୍ତ୍ତନ ହେତୁ ଯୁବ ପ୍ରତିନିଧିତ୍ୱ ପାଇଁ ଯୁବ ଗୋଷ୍ଠିଙ୍କୁ ପ୍ରେରିତ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି କହିଥିଲେ। ବ୍ରହ୍ମାକୁମାର ରାଜକୁମାର କହିଥିଲେ, ଏହି ସଂସ୍ଥା ହେଉଛି ଆନ୍ତର୍ଜାତିକ ଶିକ୍ଷା ଅନୁଷ୍ଠାନ । ୧୯୩୭ରେ ପ୍ରତିଷ୍ଠା ହୋଇଥିବା ଏହି ଅନୁଷ୍ଠାନର ମୂଳ ଉଦ୍ଦେଶ୍ୟ ହେଉଛି ଶାନ୍ତି । ଶାନ୍ତି ହେଉଛି ସମସ୍ତଙ୍କର ଧର୍ମ । ଭାରତୀୟ ସଂସ୍କୃତିର ମୌଳିକଗୁଣକୁ ପୁଣି ଜାଗ୍ରତ କରି ଭାରତକୁ ବିଶ୍ୱଗୁରୁ କରିବା ପାଇଁ ସମୟ ଆସିଛି । ଯୁବ ଗୋଷ୍ଠିଙ୍କ ପାଇଁ ଏହି ବାର୍ତ୍ତା ନେଇ ଏକ ସୁସଜ୍ଜିତ ବସ୍ ସାରା ଭାରତରେ ପରିଭ୍ରମଣ କରୁଛି । ସୋନପୁରରେ ଏହି ଅଭିଯାନର ଭବ୍ୟ ସ୍ୱାଗତ କରିବାକୁ ଆହ୍ୱାନ ଦେଇଥିଲେ। ବ୍ରହ୍ମାକୁମାରୀ ତପସ୍ୱିନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ଅନୁଷ୍ଠାନର ସଭାପତି ଲକ୍ଷ୍ମୀନାରାୟଣ ମେହେର, ମନୋରଞ୍ଜନ ତ୍ରିପାଠୀ, ଆର୍‌ଏସ୍‌ଏସ୍‌ର ରଶ୍ମିରଞ୍ଜନ ଦାସ ଓ ବ୍ରହ୍ମାକୁମାର ପ୍ରଦୀପ ପ୍ରମୁଖ ଉପସ୍ଥିତ ଥିଲେ।





ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଉଛି।

## ଚାଷୀଙ୍କ ୪ ଘଣ୍ଟା ଧରି ରାସ୍ତାରୋକୋ

**ଉଲୁଣ୍ଡା/ବୀରମହାରାଜପୁର,୬।୧୦ (ଡି.ଏନ.ଏ.)**

ମୁଣ୍ଡଫଟା ଖରାରେ ଚାଷ ଜମି ଫାଟି ଆଁ କଲାଣି, ଅନ୍ୟପଟେ ପ୍ରଶାସନର ଅପାରଗତା ଯୋଗୁ ଜଳସେଚିତ ଜମିରେ ପାଣି ମାଡି ପାରୁନାହିଁ। ଏଭଳି ଏକ ଅଭିଯୋଗ ଆଣି ସୋନପୁର-ବୀରମହାରାଜପୁର ମୁଖ୍ୟ ରାଜପଥକୁ ଶନିବାର ସକାଳ ପ୍ରାୟ ୯ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଭୁଦୋବର ଗ୍ରାମର ଚାଷୀ।

ସୂଚନା ମତେ ଠେଙ୍ଗୋ ଡ୍ୟାମ ମୁଖ୍ୟ କେନାଲରୁ ବାହାରିଥିବା ସରଧାପାଲି ଡିଷ୍ଟ୍ରିବ୍ୟୁଟାରୀ କେନାଲର ଏକ ଉପଶାଖା କେନାଲ ଜରିଆରେ ଭୂଦୋବର ଗ୍ରାମର ଚାଷୀ ପାଣି ପାଇଥାନ୍ତି। ମାତ୍ର କେତେଜଣ ଅସାମାଜିକ ଲୋକ କେନାଲର ଉପର ମୁଣ୍ଡରୁ ବିଭିନ୍ନ ମାଧ୍ୟମରେ ପାଣି ଚୋରି କରୁଥିବା ବେଳେ କେନାଲଟି ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ଫଳରେ ତଳମୁଣ୍ଡର ଚାଷୀ ଜଳକର ଦେଲେ ମଧ୍ୟ ପାଣି ପାଉ ନ ଥିବା ଅଭିଯୋଗ ହୋଇଛି । ଏହାସହ ଗାଁରେ ଥିବା ୯ଟି ଉଠାଜଳସେଚନ ପ୍ରକଳ୍ପ ଚାଷୀଙ୍କ ପାଇଁ ଅନ୍ୟ ଏକ ସାହାରା ପାଲଟିଥିବା ବେଳେ ପ୍ରକଳ୍ପର ବିଦ୍ୟୁତ୍ ବିଲ ମନଇଚ୍ଛା ବଢାଇ ଶେଷରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି । ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ କରିବା ସହ ୨୪ ଘଣ୍ଟା ମଧ୍ୟରେ ସମସ୍ୟାର ସାମାଧାନ ପାଇଁ ଦାବି ହୋଇଛି। ମାତ୍ର ପ୍ରଶାସନ ଏଥିରେ ଅଣଦେଖା କରିବାରୁ ଅସନ୍ତୋଷ ଚାଷୀମାନେ ଆଜି ଆନ୍ଦୋଳନକୁ ଓହ୍ଲାଇଥିଲେ। ଉଲୁଣ୍ଡା ତହସିଲଦାର ଶରତ ଚନ୍ଦ୍ର ସେଠୀ, ବୀରମହାରାଜପୁର ଇଲେକ୍ଟ୍ରି ଏସଡିଓ ସୟ କୁମାର ରାଓ, ଆଇଆଇସି କୁଶ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ସମୀର କାନ୍ତ ସିଂ ଏବଂ ନିର୍ବାହୀ ଯନ୍ତ୍ରୀ ଦିଲୀପ ପାତ୍ର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହ ଧାନ ଫସଲ ଅମଳ ପର୍ଯ୍ୟନ୍ତ ତଳମୁଣ୍ଡକୁ କେନାଲ ପାଣି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏଥିସହିତ ଉଠାଜଳସେଚନ ପ୍ରକଳ୍ପ ପାଇଁ ବିଦ୍ୟୁତ୍ ସଂଯୋଗ କରାଯିବା ବୋଲି ଅଧିକାରୀମାନେ କହିବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଯାଇଥିଲେ।

### କେନାଲ ଅବରୋଧକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ପ୍ରଶାସନ



ବୀରମହାରାଜପୁର-ସୋନପୁର ମୁଖ୍ୟରାସ୍ତା ଭୁଦୋବର ଛକଠାରେ ଚାଷୀମାନେ ରାସ୍ତା ଅବରୋଧ କରି ଆନ୍ଦୋଳନ କରୁଛନ୍ତି।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ଟିକ୍ରାପଡ଼ା,୫।୧୦(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡ଼ାଠାରେ ତୃତୀୟ ବର୍ଷ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେଅକ୍ଷୟ ରଣା ଅଧକ୍ଷତା କରିଥିଲେ। ବିରଞ୍ଚି ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୁର୍ବାଦଳ ବିଶ୍ୱାଳ, ସନାତନ ରଣା, ପ୍ରଶାନ୍ତ ପୃଷ୍ଟି, ରାଜୁ ବେହେରା, ଧୀରେନ୍ଦ୍ର ପୃଷ୍ଟି, ଆନନ୍ଦ ପାତ୍ର, ତ୍ରିନାଥ ରଣା, ଦୁଃଖୀ ରଣା, ଶାନ୍ତନୁ ରଣା ପ୍ରମୁଖ ପୂଜା ପରିଚାଳନା ନେଇ ମତାମତ ପ୍ରଦାନ କରିଥିଲେ । ଗଜଲକ୍ଷ୍ମୀ ପୂଜା ପାଞ୍ଚ ଦିନ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା।

### ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ

**ମୁରିବାହାଲ,୬।୧୦(ଡି.ଏନ.ଏ):** ମୁରିବାହାଲ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ ଦଫା ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ କର୍ମକର୍ତ୍ତା ଏକ ଶୋଭାଯାତ୍ରା ବାହାରି ମୁରିବାହାଲ ବ୍ଲକ ଅଫିସ ଓ ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆବାହକ ଲଳିତ ମୋହନ ଦୀପ ଓ ସହ ଆବାହକ ଦଶରଥ ଛତ୍ରିଆଙ୍କ ନେତୃତ୍ୱରେ ଶିକ୍ଷକମାନେ ପ୍ରଥମେ ବିଡିଓଙ୍କ ଅନୁପସ୍ଥିତିରେ କିରାଣି ପର୍ଶୁରାମ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ଦେବରାଜ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଶିକ୍ଷକମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ୍ତି, ଘୁନସର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସ୍ୱର୍ଗତ ଅନୁଗ୍ରହ ନନ୍ଦଙ୍କ ସ୍ତ୍ରୀଙ୍କ ଏତଲା ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପରିବାର ଲୋକଙ୍କୁ ୧କୋଟି ଟଙ୍କା କ୍ଷତିପୂରଣ ଓ ଜଣଙ୍କୁ ଚାକିରୀ ପ୍ରଦାନ ଦାବି କରାଯାଇଛି।

### ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା ସଚେତନ ଶିବିର

**ବଲାଙ୍ଗୀର ଅଫିସ, ୬।୧୦:** ବଲାଙ୍ଗୀର ସଦର ବ୍ଲକ ଅଧୀନ ଚୁଡାପାଲିଠାରେ ପ୍ରଧାନମନ୍ତ୍ରୀ ଉଜ୍ୱାଳା ଯୋଜନା ହିତାଧିକାରୀ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସ୍ଥାନୀୟ ପଞ୍ଚାୟତର ଗ୍ୟାସ ଉପଭୋକ୍ତାମାନଙ୍କୁ ନେଇ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗୋପାଲଜୀ ପାଣିଗ୍ରାହୀ ଯୋଗଦେଇ ଉପଭାକ୍ତାମାନଙ୍କୁ ଗ୍ୟାସର ବ୍ୟବହାର ଓ ଗ୍ୟାସ ସଂଯୋଗ ଉପରେ ଆଲୋଚନା କରିଥିଲେ । ହିତାଧିକାରୀମାନଙ୍କୁ ସ୍ଥାନୀୟ ସିଏସସି ଓପରେଟର ରୂପଧର ନାହାକ ପ୍ରଧାନମନ୍ତ୍ରୀ ଉଜ୍ୱାଳା ଯୋଜନା ସଚେତନ ଶିବିରର ସିଧାପ୍ରସାରଣ ଦେଖାଇ ଗ୍ୟାସର ବ୍ୟବହାର ବିଷୟରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ଇ-ଗଭର୍ଣ୍ଣାନ୍ସ ଜିଲାଧିକାରୀ ଆଶିଷ କୁମାର ହୋତା, ଗ୍ରାମ ସଭାପତି ଲୋକନାଥ କୁମୁରା, ଉଜ୍ୱାଳା ଯୋଜନା ଜିଲା ନୋଡାଲ ଅଧିକାରୀ ଗିରିଶ କୁମାର ଯାଦବ, ସମସ୍ତ ଗ୍ୟାସ ଏଜେନ୍ସି, ସ୍ଥାନୀୟ ସିଏସସିର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ସମସ୍ତ ଉଜ୍ୱାଳା ଯୋଜନା ଗ୍ୟାସ ଉପଭୋକ୍ତା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

ଲୋଇସିଂହା ବ୍ଲକରେ ବର୍ଷା ଅଭାବ

# ରୋଗପୋକ ଚିନ୍ତାରେ ଚାଷୀ

**ଲୋଇସିଂହା,୬।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ଦୁଇ ସପ୍ତାହରୁ ଅଧିକ ହେବ ବର୍ଷା ଅଭାବ ଦେଖାଦେଇଛି । ତାପମାତ୍ରା ବୃଦ୍ଧି ପାଉଥିବାରୁ ଚାଷ ଜମିରେ ରୋଗପୋକ ବୃଦ୍ଧିରେ ସହାୟକ ହେଉଛି । ଜମିରେ ପାଣି ଅଭାବରୁ ପତ୍ରପୋଡ଼ା, ମହିଷା, ଶଢା ଭଳି ରୋଗପୋକ ଦେଖାଦେଇଛି। ଅପରପକ୍ଷେ ପରିସ୍ଥିତିର ମୁକାବିଲା ପାଇଁ କୃଷି କାର୍ଯ୍ୟାଳୟରେ ଆବଶ୍ୟକ ଔଷଧ ଉପଲବ୍ଧ ନ ଥିବା ଜଣାପଡିଛି। ଫଳରେ ଚାଷୀମାନେ ଏହାର ପ୍ରତିକାର କରି ନ ପାରି ଭାଳିଣିରେ ପଡିଛନ୍ତି। ସେଭଳି ଗୁରୁତର ପରିସ୍ଥିତି ନାହିଁ, ଔଷଧ ପ୍ରୟୋଗ କଲେ ପରିସ୍ଥିତି ନିୟନ୍ତ୍ରଣକୁ ଆସିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଉଛି।

ବର୍ଷା ଭାବ ଯୋଗୁ ଅଞ୍ଚଳରେ ଚାଷ କାର୍ଯ୍ୟ ବିଳମ୍ବ ହୋଇଥିଲା। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ବର୍ଷା ହେବାରୁ ଧାର୍ଯ୍ୟ ୧୦ହଜାର ୬୫୦ ହେକ୍ଟର ଜମି ଚାଷ କାର୍ଯ୍ୟ ଶେଷ ହୋଇଥିଲା। ଫଳରେ ଚଳିତ ଖରିପ ଚାଷ ଭଲ ହେବା ନେଇ ଚାଷୀମାନେ ଆଶା ବାନ୍ଧିଥିଲେ।



ସୁଜିଆ ଗ୍ରାମର ଚାଷୀମାନେ ରୋଗ ଲାଗିଥିବା ଧାନଗଛ ଦେଖାଉଛନ୍ତି।

ବର୍ତ୍ତମାନ ଦୁଇ ସପ୍ତାହ ହେଲାଣି ବର୍ଷା ନାହିଁ। ଆଗୁଆ ବୁଣା ହୋଇଥିବା ଧାନ ବର୍ତ୍ତମାନ ବାହରିବା ଆରମ୍ଭ ହେଲାଣି। ବର୍ତ୍ତମାନ ପାଣିର ଆବଶ୍ୟକତା ରହିଥିବା ବେଳେ ବର୍ଷା ଭାବରୁ ଜମି ଶୁଖିଲା ପଡିଛି। ଏଭଳି ସ୍ଥିତିରେ ରୋଗପୋକ ପ୍ରାଦୁର୍ଭାବ ପରିଲକ୍ଷିତ ହେଉଛି। ସୁଜିଆ ଗ୍ରାମର ଦିବାକାର ସାହୁଙ୍କ ଅଢେଇ ଏକର, ମୋହନ ଭୋଇଙ୍କ ୨ ଏକର, ଜିତେନସାହୁଙ୍କ ୩ ଏକର, ଗଣ୍ଡାରାମ ଭୂଏଙ୍କ ଅଢେଇ ଏକର, ଉଦ୍ଧବ ଧରୁଆଙ୍କ ୨ ଏକର, ଶୀହରି ଭୋଇଙ୍କ ଦେଢ ଏକର ଜମିରେ ପତ୍ରପୋଡା ଓ ମହିଷା ରୋଗ ଦେଖା ଦେଖାଦେଇଥିବା ଅଭିଯୋଗ ହୋଇଛି। ହେଲେ କୌଣସି କୃଷି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ବେଳେ ବ୍ଲକ କୃଷି କାର୍ଯ୍ୟାଳୟକୁ ଗଲେ ଔଷଧ ମିଳୁ ନ ଥିବାରୁ ବାହାରୁ କିଣି ଖର୍ଚ୍ଚାନ୍ତ ହେଉଥିବା ଚାଷୀମାନେ କହିଛନ୍ତି। ଗୁରୁବାର ବ୍ଲକ କୃଷି ଅଧିକାରୀ ସୌମିତ୍ରା ମହାନ୍ତି କୁଟେନପାଲି ଗ୍ରାମ ପରିଦର୍ଶନ ବେଳେ ଗ୍ରାମର ବେଣୁଧର କାଲସାଏ, ଧନଞ୍ଜୟ କାଲସାଏ, ହେମ ନାଏକ, କୁଲଧର କାଲସାଏ, ଧଦୋ ଧରୁଆଙ୍କ ସାକ୍ଷାତ କରି ଚାଷ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଆଲୋଚନା ବେଳେ ଚାଷୀଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଥିଲା। କୃଷି ଅଧିକାରୀ ଚାଷ ଜମି ବୁଲି ଧାନରେ ରୋଗପୋକ ଲାଗିଥିବା ଜାଣିବାକୁ ପାଇଥିଲେ। ଏହା ଅତ୍ୟଧିକ ଗରମ ପାଗ ହେଲେ ହୋଇଥାଏ । ଔଷଧ ପ୍ରୟୋଗ ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି କହିଥିଲେ। କୁଶଙ୍ଗ ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, ରୋଗପୋକରେ ସେଭଳି ଗୁରୁତର ପରିସ୍ଥିତି ନାହିଁ। ଔଷଧ ସିଞ୍ଚନ କଲେ ସ୍ଥିତି ନିୟନ୍ତ୍ରଣକୁ ଆସିବ ବୋଲି କହିଥିଲେ।

ଫସଲ ବୀମା କ୍ଷତିପୂରଣ ଦାବି

# ବଲାଙ୍ଗୀର ବ୍ଲକ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ

**ବଲାଙ୍ଗୀର ଅଫିସ, ୬।୧୦**

ଫସଲ ବୀମା କ୍ଷତିପୂରଣ ପ୍ରଦାନରେ ଅହେତୁକ ବିଳମ୍ବ ଓ ଘୋର ଅନିୟମିତତା ପ୍ରତିବାଦରେ ଶନିବାର ସଦର ବ୍ଲକ କଂଗ୍ରେସ ପକ୍ଷରୁ ବଲାଙ୍ଗୀର–ଟିଟିଲାଗଡ଼ ଜାତୀୟ ରାଜପଥର ସିନଖମନଠାରେ ରାସ୍ତାରୋକ ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଗତ ୨୬ ତାରିଖରେ ସମାନ ଦାବିକୁ ନେଇ ଫାସଡଠାରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରାଯାଇଥିଲା। ସେଠାରେ ଜିଲା ପ୍ରଶାସନିକ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ୭ ଦିନ ଭିତରେ ଫସଲ ବୀମା ରାଶିକୁ ନେଇ କିଛି ଠୋସ୍ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଫଳରେ ସେତେବେଳେ ରାସ୍ତାରୋକ ପ୍ରତ୍ୟାହୃତ କରାଯାଇଥିଲା । କିନ୍ତୁ ଇତିମଧ୍ୟରେ ୭ଦିନ ସମୟ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଫସଲ ବୀମା ପାଇଁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶନିବାର ବଲାଙ୍ଗୀର ବ୍ଲକ କଂଗ୍ରେସ ନେତୃତ୍ୱରେ ଶତାଧିକ ଚାଷୀ ଆନ୍ଦୋଳନ କରି ସିନଖମନଠାରେ ରାସ୍ତାରୋକୋ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବଲାଙ୍ଗୀର ତହସିଲଦାର ଲଲାଟ କୁମାର ଲୁହା ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ତଥା ଚାଷୀମାନଙ୍କୁ ବୁଝାଇବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ସହ ଅନ୍ୟାନ୍ୟ ଆନ୍ଦୋଳନକାରୀମାନେ ୩ଦିନ ଭିତରେ ଯଦି କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ସହ ଜିଲାର ସମଗ୍ର ଅଞ୍ଚଳରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇ ଆନ୍ଦୋଳନରୁ ହଟିଥିଲେ । ଏହି ଆନ୍ଦୋଳନରେ ଜୋନ ସଭାପତି ସରୋଜ ରଥ, ସରପଞ୍ଚ ସରୋଜ ଦୋରା, ବିଶ୍ୱଜିତ ନାଥ, ଯୁବନେତା ତପନ ପାଣିଗ୍ରାହୀ, ଉମା ନାଏକ, ମନୋଜ ବିଶ୍ୱାଳ, ଅଜିତ ସାହୁ, ନୀଳମଣି ସେଠ, କପିଳ ନନ୍ଦ, କୁବେର ସାହୁ, ମନୋରଞ୍ଜନ ଝାଙ୍କରଙ୍କ ସହ ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ ।

# ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ

**ଗୁଡଭେଲା,୬।୧୦(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଶନିବାର ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ୧୦୬୪ଜଣ ଓ ଟୁଷୁରା ଏନ୍‌ଏସି ୧୫୬ଜଣ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ଏନେଇ ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିଷରରେ ବିଡିଓ ରାମବିଲାଶ ମଙ୍ଗରାଜଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ପରିଷଦ ସଭ୍ୟା ମିନାରାଣୀ ପ୍ରଧାନ, କଳ୍ପନା ପ୍ରଧାନୀ, ବ୍ଲକ ଉପାଧକ୍ଷ ନଳିନୀ ସେଠ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟା ସଭ୍ୟ, ସରପଞ୍ଚ ଆଦି ଉପସ୍ଥିତ ରହିଥିବା ବେଳେ ଜିପିଓ ହିମାଂଶୁ ଶେଖର ମିଶ୍ର ଧନ୍ୟବାଦ ଅପର୍ଣ କରିଥିଲେ । ସେହିପରି ଟୁଷୁରା ଏନ୍‌ଏସି ପରିଷରରେ କାର୍ଯ୍ୟନିବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଟିଟିଲାଗଡ଼ ବିଧାୟିକା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ୧୫୬ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରିବା ସହ ୫୬ଜଣ ହିତାଧିକାରୀଙ୍କୁ ବାଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ। ଏନ୍‌ଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ, ଉପାଧକ୍ଷ ଦିନଦୟାଳ ଶର୍ମା ଆଦି ମଞ୍ଚାସୀନ ରହିଥିବା ବେଳେ କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ।



ଟୁଷୁରା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ବିଧାୟିକା ଜଣେ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରୁଛନ୍ତି।

# ଥାନା ଘେରିଲେ, ଅଭିଯୋଗ କଲେ

**ବେଲପଡ଼ା,୬।୧୦(ଡି.ଏନ,ଏ)**

ବେଆଇନ ମଦ, ସଟ୍ଟା କାରବାର ବିରୋଧରେ ବେଲପଡ଼ା ବ୍ଲକ ଭରୁଆପାଲି ଗ୍ରାମର ଶତାଧିକ ମହିଳା ପୁରୁଷ ଶନିବାର ବେଲପଡ଼ା ଥାନା ଘେରାଉ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଭରୁଆପାଲି ଗ୍ରାମର ତଲପଡ଼ା, ଉପରପଡ଼ା, ପଲସାପଡ଼ାରେ ୩ଟି ମଦ କୁଠି ରହିଛି। ଫଳରେ ଗ୍ରାମର ଯୁବକମାନେ ପ୍ରତ୍ୟହ ମଦ ପିଇ ପାଟିତୁଣ୍ଡ କରୁଛନ୍ତି। ଏନେଇ ଗାଁରେ ଅଶାନ୍ତ ପରିବେଷ ସୃଷ୍ଟି ହେଉଛି। ଏହାର ପ୍ରଭାବ ଛୋଟ ଶିଶୁଙ୍କ ଉପରେ ପଡୁଛି। ଏପରି କି ଗ୍ରାମରେ ଥିବା ବିଦ୍ୟାଳୟ ପରିସର ସନ୍ଧ୍ୟା ସମୟରେ ମଦୁଆଙ୍କ ଆଡ୍ଡା ପାଲଟୁଛି। ଗ୍ରାମର ବେଆଇନ ସଟ୍ଟା ଖେଳ ହେଉଛି। ଏଥିରେ ଲୋକେ ଲିପ୍ତ ରହି ସର୍ବସ୍ୱାନ୍ତ ହୋଇଯାଉଛନ୍ତି। ଏନେଇ ପୂର୍ବରୁ ଗ୍ରାମବାସୀ ଥାନାରେ ଜଣାଇଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ସାମାଜିକ କର୍ମୀ ଯୁବରାଜ ପୁଟେଲଙ୍କ ନେତୃତ୍ୱରେ ୧୫ଟି ସ୍ୱୟଂ ସହାୟକ ଦଳର ମହିଳାଙ୍କ ସମେତ ଶତାଧିକ ଗ୍ରାମବାସୀ ଆସି ବେଲପଡ଼ା ଥାନା ଘେରାଉ କରି ମଦ ସଟ୍ଟା ଖେଳ ବନ୍ଦ କରିବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।




ଭରୁଆପାଲି ଗ୍ରାମର ଶତାଧିକ ମହିଳା ପୁରୁଷ ଶନିବାର ବେଲପଡ଼ା ଥାନା ଘେରାଉ କରିଛନ୍ତି।

### ରାଶନକାର୍ଡ ବଣ୍ଟନ ମେଳା

**ବେଲପଡ଼ା,୬।୧୦(ଡି.ଏନ୍,ଏ):** ବେଲପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବେଲପଡ଼ା ବ୍ଲକର ୨୪ଜଣ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି । ଏଥିରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ରାଶନ କାର୍ଡ ବଣ୍ଟନ କରିଥିଲେ।

## ଭୋଟର ତାଲିକା ସଂଶୋଧନ ସଚେତନତା କାର୍ଯ୍ୟକ୍ରମ

**ଟିକ୍ରାପଡ଼ା/ଟିଟିଲାଗଡ଼,୬।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜଲା ଟିଟିଲାଗଡ଼ ସ୍ଥିତ ସରକାରୀ ପ୍ରାଥମିକ ଶିକ୍ଷା ପ୍ରତିଷ୍ଠାନଠାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରତିଷ୍ଠାନ ଅଧକ୍ଷ ଯୁବରାଜ ମାଝି ଅଧକ୍ଷତା କରିଥିଲେ । ରାଧାକାନ୍ତ ମହାନ୍ତି ସଭା ସଂଯୋଜନା କରିଥିଲେ । ଶିକ୍ଷକ ଚିନ୍ତାମଣି ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପଜଲାପାଳ ସୁଧାକର ନାୟକ, ଆସିଷ୍ଟାଣ୍ଟ କଲେକ୍ଟର ଦେବାଶିଷ ସାମଲ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଏବେ ଚାଲୁ ରହିଛି। ତେଣୁ ନୂତନ ଭୋଟରମାନେ ନିଜ ନାମ ଭୋଟର ତାଲିକାଭୁକ୍ତ କରିବା, ଭୋଟର ପରିଚୟ ପତ୍ରରେ ତ୍ରୁଟି ଥିଲେ ଆବଶ୍ୟକ ସଂଶୋଧନ ଉଭୟ ଅଫଲାଇନ ଓ ଅନଲାଇନରେ କରାଇନେବା ଜରୁରୀ ବୋଲି ବକ୍ତାମାନେ କହିଥିଲେ। ଶିକ୍ଷୟିତ୍ରୀ ଆଶାମଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜେନ୍ଦ୍ର କଲେଜ ଛାତ୍ର ସଂସଦ ନିର୍ବାଚନ

# ନାମାଙ୍କନ ତାଲିକା ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ

**ବଲାଙ୍ଗୀର ଅଫିସ, ୬।୧୦**

ବଲାଙ୍ଗୀର ରାଜେନ୍ଦ୍ର କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ କିଛିଦିନ ହେଲା ଉତ୍ତେଜନା ଲାଗି ରହିଛି । ଗତ ୩ ତାରିଖରେ କଲେଜରେ ନାମାଙ୍କନ ଦାଖଲ ହୋଇଥିଲା । ୪ ତାରିଖରେ କଲେଜ କର୍ତ୍ତୃପକ୍ଷ ଚୁଡାନ୍ତ ନାମାଙ୍କନ ତାଲିକା ପ୍ରକାଶ କରିଥିଲେ। ଏଥିରେ ୨୬ଜଣ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇ ସ୍ଥାନ ପାଇଥିଲେ । ତେବେ ଏହି ଚୁଡାନ୍ତ ତାଲିକା ପ୍ରକାଶ ପାଇବା ପରେ କିଛି କଲେଜ ଛାତ୍ର ଆପତ୍ତି ଉଠାଇଥିଲେ । ଚୁଡାନ୍ତ ତାଲିକା ପ୍ରସ୍ତୁତିରେ ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରି କଲେଜ କର୍ତ୍ତୃପକ୍ଷ ଏଭଳି ଅନିୟମିତତା କରିଥିବା ଅଭିଯୋଗ କରିଥିଲେ । ଏଣୁ ତୁରନ୍ତ ଏହି ପ୍ରକାଶିତ ନାମାଙ୍କନ ତାଲିକାକୁ ରଦ୍ଦ କରାଯାଇ ନୂଆ ଯୋଗ୍ୟ ଛାତ୍ରୀଛାତ୍ର ତାଲିକା ପ୍ରସ୍ତୁତ କରାଯିବାକୁ କିଛି ଛାତ୍ର ଦାବି କରିଥିଲେ । କଲେଜ ଅଧକ୍ଷ ବିନୟ କୁମାର ଜେନାଙ୍କୁ ଭେଟି କିଛି ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଏଭଳି ଦାବି କରିଥିଲେ । ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଜାଣିଶୁଣି ଚୁଡାନ୍ତ ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ କରିଥିଲେ।। ଏହି ଅଭିଯୋଗକୁ ଅଧକ୍ଷ ଜେନା ଖଣ୍ଡନ କରିଥିଲେ । କଲେଜ କର୍ତ୍ତୃପକ୍ଷ ନିରପେକ୍ଷ ଭାବେ ତାଲିକା ପ୍ରସ୍ତୁତ କରିଥିବା ସୂଚନା ଦେଇ କଲେଜ ନିର୍ବାଚନ ବନ୍ଦ ହେବ ନାହିଁ ବୋଲି କହିଥିଲେ । ଏହାକୁ ନେଇ ବେଶ୍ କିଛି ସମୟ ଧରି ଅଧକ୍ଷ, କଲେଜ କର୍ମଚାରୀଙ୍କ ସହ କିଛି ଛାତ୍ରୀଛାତ୍ର ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ଛାତ୍ରନେତା ଆଲୋଚନା କରିଥିଲେ। କଲେଜ ନିର୍ବାଚନକୁ ନେଇ ଏଭଳି ଅସନ୍ତୋଷ ପରେ କଲେଜରେ ପୋଲିସ ମୁତୟନ କରାଯାଇଛି।

ଅଣଶୈକ୍ଷିକ କାର୍ଯ୍ୟକ୍ରମକୁ ମିଳିତ ପ୍ରାଥମିକ ସଂଘର ବିରୋଧ

# ୩ ଦଫା ଦାବି ନେଇ ଜିଲାପାଳ ଅଫିସ ଘେରାଉ

**ବଲାଙ୍ଗୀର ଅଫିସ,୬।୧୦**

ଅଣଶୈକ୍ଷିକ କାର୍ଯ୍ୟକ୍ରମକୁ ବିରୋଧ ଏବଂ ଘୁନସର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଏକ ବିଶାଳ ଶୋଭାଯାତ୍ରାରେ ଜିଲାର ବିଭିନ୍ନ ବ୍ଲକରରୁ ଆସିଥିବା ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ବଲାଙ୍ଗୀର ସହର ପରିକ୍ରମା କରିବା ପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିବା ସହ ମୁଖ୍ୟମନ୍ତ୍ରୀ, ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ଓ ସଚିବ ଏବଂ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟକୁ ୩ ଦଫା ଦାବିପତ୍ର ପ୍ରଦାନ କରଯାଇଥିଲା। ଗତ ସେପ୍ଟେମ୍ବର ୨୪ ତାରିଖରେ ସଇଁତଲା ବ୍ଲକ ଘୁନ୍‌ସର ପ୍ରାଥମିକ ବିଦ୍ୟାଳୟରେ କୃମିନାଶକ ଔଷଧ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ । ଛାତ୍ରୀଛାତ୍ରଙ୍କ ଅସୁସ୍ଥତାର ପ୍ରକୃତ କାରଣ ତଦନ୍ତ କରାଯିବାକୁ ସଂଘ ଦାବି କରିଛି । ତେବେ ଘଟଣା ଦିନ ଉକ୍ତ ସ୍କୁଲ ପରିସରରେ କିଛି ଲୋକ ଭଙ୍ଗାରୁଜା କରିବା, ପ୍ରଧାନ ଶିକ୍ଷକ ଅନୁଗ୍ରହ ନନ୍ଦଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ସହ ତାଙ୍କ ପୁଅକୁ ମାଡ ମାରିବା ଘଟଣାର କିଛି ଦିନ ପରେ ଅସୁସ୍ଥ ପ୍ରଧାନ ଶିକ୍ଷକ ନନ୍ଦଙ୍କ ମୃତ୍ୟୁ ହୋଇଥିଲା । ଏନେଇ ପ୍ରଧାନ ଶିକ୍ଷକ ସ୍ୱର୍ଗତ ନନ୍ଦଙ୍କ ସ୍ତ୍ରୀ ଗୀତାଞ୍ଜଳି ନନ୍ଦ ସଇଁତଲା ଥାନାରେ ନିର୍ଯାତନା କାରଣରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିଥିଲେ। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଛି । ଏହା ସହିତ ସ୍ୱର୍ଗତ ନନ୍ଦଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବା ସହ ତାଙ୍କ ପରିବାରର ଜଣକୁ ସ୍ଥାୟୀ ସରକାରୀ ଚାକିରି ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ଶିକ୍ଷା ଅଧିକାର ଆଇନ୍‌କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି । ଅଣଶୈକ୍ଷିକ କାର୍ଯ୍ୟ ଯଥା ମଧ୍ୟାହ୍ନ ଭୋଜନ ପରିଚାଳନା, ଔଷଧ ବଣ୍ଟନ, ଛାତ୍ରୀଛାତ୍ରଙ୍କ ପୋଷାକ ବଣ୍ଟନ, ପୁସ୍ତକ ବଣ୍ଟନ, ଶ୍ରେଣୀ କୋଠରି ନିର୍ମାଣ, ଆଧାର କାର୍ଡ ସଂଯୋଗୀକରଣ, ଜାତି ସାର୍ଟିଫିକେଟ ବଣ୍ଟନ କାର୍ଯ୍ୟରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ନିଯୁକ୍ତ କରାଯାଉଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ସଂଘ ଅଭିଯୋଗ କରିଛି । ଏଭଳି କାର୍ଯ୍ୟରେ ନିୟୋଜନ ଦ୍ୱାରା ଶିକ୍ଷକମାନେ ଚାପରେ ରହୁଛନ୍ତି ଓ କିଛିବି ସାମାନ୍ୟ ତ୍ରୁଟି ହେଲେ ଶିକ୍ଷକ, ଶିକ୍ଷୟିତ୍ରୀ ବିଭିନ୍ନ ଗ୍ରାମବାସୀ ତଥା ପ୍ରଶାସନର ରୋଷର ଶିକାର ହେଉଥିବା ଅଭିଯୋଗ କରାଯାଇଛି । ଏଣୁ ଶିକ୍ଷକମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ୍ତ କରିବା ପାଇଁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଦାବି କରାଯାଇଛି । ୩ ଦଫା ଦାବି ଯଥା ଘୁନସର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସ୍ୱର୍ଗତ ଅନୁଗ୍ରହ ନନ୍ଦଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ସ୍ୱର୍ଗତ ନନ୍ଦଙ୍କ ପରିବାରରୁ ଜଣକୁ ସ୍ଥାୟୀ ଚାକିରି ଦେବା ସହିତ ୧ କୋଟି ଟଙ୍କା କ୍ଷତିପୂରଣ ଦିଆଯାଉ, ଶିକ୍ଷା ଅଧିକାର ଆଇନ୍ ୨୦୦୯ ଧାରା ୨୭ ଅନୁଯାୟୀ ଓଡ଼ିଶାର ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ କରାଯିବାକୁ ସଂଘ ଦାବି କରିଛି। ଦାବିପତ୍ରକୁ ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନ ଗ୍ରହଣ କରିଥିଲେ । ଏହି ପ୍ରତିବାଦ କାର୍ଯ୍ୟକ୍ରମକୁ ରାଜ୍ୟ ସଂଘ ଆବାହକ ବଙ୍କିମ୍ ଚନ୍ଦ୍ର ସାଗର, ଓଷ୍ଟା ରାଜ୍ୟ ସଂଘ ସଭାପତି ବିନୋଦ ପାଣିଗ୍ରାହୀ, ଓଷ୍ଟାର ଜିଲା ସମ୍ପାଦକ କୁଶଧ୍ୱଜ ସାହୁ ସମର୍ଥନ ଜଣାଇଥିଲେ। ଏହି ଆନ୍ଦୋଳନରେ ଜିଲା ଆବାହକ ଚକାନନ୍ଦ କମ୍ପ, ସହଆବାହକ ଅମରେନ୍ଦ୍ର ବାଗ, ଏଲିମେଣ୍ଟାରୀ ଶିକ୍ଷକ ସଂଘ ଜିଲା ସଭାପତି ରତିନ୍ଦ୍ର କୁମାର ରାଏ, ସମ୍ପାଦକ ପ୍ରଦୀପ ଖମାରୀ, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ) ଜିଲା ସଭାପତି ଶିତୋଷ କୁମାର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି କରୁଣାକର ପଟେଲ, ଓଡିଶା କନିଷ୍ଠ ଶିକ୍ଷକ ସଂଘ ସମ୍ପାଦକ ବିକ୍ରମାଦିତ୍ୟ ସାହୁ, ପ୍ରାଥମିକ ଶିକ୍ଷକ ସଂଘ(ଏକ୍ସ କ୍ୟାଡର) ଜିଲା ସଭାପତି ଜୟନ୍ତୀଲାଲ ସାହୁ, ଉକାଲୁ ସା, ଡମ୍ବରୁଧର ପାଣିଗ୍ରାହୀ, ରାଜକୁମାର ବରାଡ ନେତୃତ୍ୱ ନେଇଥିଲେ ।




ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସହର ପରିକ୍ରମା କରୁଥିବା ବିଶାଳ ଶୋଭାଯାତ୍ରା।

- କୃମିନାଶକ ଔଷଧ ଖାଇ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣା
- ଶିକ୍ଷକ ଅନୁଗ୍ରହ ନନ୍ଦଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍



## ସଂକ୍ଷେପରେ

### କର୍ଲାପାଟ ଅଭୟାରଣ୍ୟରେ ମହାବଳ ବାଘ

ଭବାନୀପାଟଣା,୬।୧୦(ଡି.ଏନ୍.ଏ.) କଳାହାଣ୍ଡି ଜିଲାର ପ୍ରାଚୀନ ନାମ ମହାକାନ୍ତାର। କାନ୍ତାର ଶବ୍ଦର ଅର୍ଥ ହେଉଛି ଘଞ୍ଚ ଅରଣ୍ୟ। କଳାହାଣ୍ଡିର ଘଞ୍ଚ ଅରଣ୍ୟରେ ଏକଦା ମହାବଳ ବାଘ, ଚିତା ବାଘ, କଲରା ପତରିଆ ବାଘ ବହୁ ସଂଖ୍ୟାରେ ରହିଥିଲା। ଏପରିକି ମଣିଷ ଖିଆ ବାଘ କଳାହାଣ୍ଡିର ଘଞ୍ଚ ଜଙ୍ଗଲରେ ରହୁଥିବା ନେଇ ଇଂରେଜ ଶାସନ ସମୟରେ ବହୁ ଅଧିକାରୀ ସେମାନଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଅବାଧ ଯନ୍ତୁ ଶିକାର ଓ ଜଙ୍ଗଲ କ୍ଷୟ ଯୋଗୁ ଏବେ କଳାହାଣ୍ଡିରେ ବାଘ ଦେଖିବା ଏକ ଦୁରୁହ ବ୍ୟାପାର ହୋଇଛି। ବ୍ୟାଘ୍ର ଗଣନା ଅନୁଯାୟୀ କଳାହାଣ୍ଡି ଜିଲାରେ ମାତ୍ର ୪ଟି କଲରା ପତରିଆ ବାଘ ଥିବା ଦର୍ଶା ଯାଇଥିବାବେଳେ ଏବେ କଳାହାଣ୍ଡି ଜିଲାର କର୍ଲାପାଟ ଅଭୟାରଣ୍ୟରେ ମହାବଳ ବାଘର ପାଦ ଚିହ୍ନ ଦେଖିବାକୁ ମିଳିଛି। ଫଳରେ କଳାହାଣ୍ଡି ଜିଲାରେ ମହାବଳ ବାଘ ଥିବାର ସ୍ପଷ୍ଟ ସଙ୍କେତ ମିଳିଛି। ଏ ସମ୍ପର୍କରେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ଅଶୋକଙ୍କୁ ପଚାରିବାରୁ ସେ କର୍ଲାପାଟ ଅଭୟାରଣ୍ୟରେ ମହାବଳ ବାଘର ପାଦ ଚିହ୍ନ ମିଳିଥିବା ସ୍ୱୀକାର କରିବା ସହ ଏ ସମ୍ପର୍କରେ ଅଧିକ ଅନୁଧ୍ୟାନ ଚାଲିଛି ବୋଲି ପ୍ରକାଶ କରିଥିଲେ।

# ପାଣିଘେରରେ ମାଠିଆ ପଦର ଗ୍ରାମବାସୀ

ନୂଆପଡା ଅଫିସ,୬।୧୦

ନୂଅପଡ଼ା ଜିଲାରେ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ନାମରେ ସର୍ବବୃହତ ପ୍ରକଳ୍ପ ନିର୍ମାଣ ହେବ। ଏଥିରେ ସମସ୍ତଙ୍କୁ ପାଣିର ସୁବିଧା ହେବ । ବିସ୍ଥାପିତ ପରିବାର ଲୋକଙ୍କୁ ଉଚିତ ଥଇଥାନ ହେବ, ରୋଜଗାର ମିଳିବ ବୋଲି କେତେ ସ୍ୱପ୍ନ ଦେଖିଥିଲେ ନୂଆପଡା ଜିଲା ରଜନା ଗ୍ରାମପଞ୍ଚାୟତର ମାଠିଆ ପଦର ଗ୍ରାମବାସୀ। ହେଲେ ବର୍ତ୍ତମାନ ସେମାନେ ଦୁର୍ଦ୍ଦିନରେ କାଳ କାଟୁଥିବା ନଜରକୁ ଆସୁଛି। ଗାଁର ତିନିପଟେ ପାଣି ଏବଂ ଗୋଟିଏ ପଟେ ଘଞ୍ଚ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ହମ୍ବାରଡି। ଏଭଳି ସ୍ଥିତିରେ ଗ୍ରାମବାସୀଙ୍କ ଆଖିରୁ ନିଦ ହଜି ଯାଇଛି । ଦିନରାତି ଭାଳେଣିରେ ଲୋକେ ଜୀର୍ଣ୍ଣଶୀର୍ଣ୍ଣ । ସବୁବେଳେ ଗାଁ ଦାଣ୍ଡରେ ମେଳି ବାନ୍ଧୁଛନ୍ତି । କାହାକୁ ଗୁହାରୀ କରିବେ ବୋଲି ଯୋଜନା କରୁଛନ୍ତି ।

ଜିଲା ସଦର ମହକୁମାଠାରୁ ୫୦କି.ମି ଦୂର ଉପାନ୍ତ ପାହାଡି ତଳ ଏବଂ ଘୋଡାଘାଟ ନଦୀତଟବର୍ତ୍ତି ଗାଁ ମାଠିଆ ପଦର । ଆଜକୁ ଦେଢ ଶହ ବର୍ଷ ତଳେ ନଦୀକୂଳେ ବସତି କରିଥିବା ଗାଁରେ ସମୁଦାୟ ୬୦ପରିବାର ଲୋକ ରହନ୍ତି। ସମସ୍ତେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବାବେଳେ ଗାଁରେ ଶିକ୍ଷାର ହାର ଅତି ନିମ୍ନରେ ରହିଛି । ଗାଁରେ



ତିନି କଡରେ ଡ୍ୟାମ ପାଣି ମାଡିଆସିଥିବାରୁ ଭାଳେଣିରେ ଗ୍ରାମବାସୀ ଗାଁ ଦାଣ୍ଡରେ ମେଳି କରୁଛନ୍ତି।

**ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ**

- ଚିନ୍ତାରେ ମେଳି କରୁଛନ୍ତି ଗ୍ରାମବାସୀ
- ଜମି ଚାଲି ଯାଇଛି ହେଲେ ଥଇଥାନ ନାହିଁ
- ବାହାରକୁ ଯିବାକୁ ରାସ୍ତା ନାହିଁ

ମୋଟ ଜମି କହିଲେ ୫୦ଏକର ଚାଷ ଜମି ରହିଥିଲା । ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନାଁରେ ଗାଁର ଅର୍ଦ୍ଧାଧିକ ଲୋକଙ୍କ ଅନ୍ୟୁନ ୨୬ଏକର ଜମି ବୁଡି ଯାଇଛି। ଫଳରେ ଚାଷୀମାନେ ସର୍ବହରା ହୋଇଗଲେ ବୋଲି କହନ୍ତି ଗାଁର ବର୍ଷିୟାନ ବ୍ୟକ୍ତି ତଥା ପୂର୍ବତନ ୱାର୍ଡ ମେମ୍ବର ବିଜୁ ଦାସ ଶଗରିଆ । ଡ୍ୟାମ କର୍ତ୍ତୃପକ୍ଷଙ୍କ ତରଫରୁ କେତେ ମିଛ ସ୍ୱପ ଦେଖାଇ ଦିଆଗଲା। ଜମିବାଡି ଯାଇଛି ବୋଲି କିଛି ପରିବାରଙ୍କୁ ଟଙ୍କା ଦିଆଗଲା । ହେଲେ ସେହି ପରିବାର କୌଣସି ଜମି କିଣିବାରେ ସକ୍ଷମ ହେଲେ ନାହିଁ। ପରିବାର ଲୋକ ବର୍ତ୍ତମାନ ରୋଜଗାର ହରାଇ ବସିଛନ୍ତି। ଏହି ବର୍ଷ ଡ୍ୟାମରେ ପାଣି ରଖାଯିବା ପରେ ଗାଁର ସଠିକ ଚିତ୍ର ଦେଖିବାକୁ ମିଳିଛି। ଗାଁର ତିନି କଡରେ ପାଣି ମାଡି ଯାଇଛି। ଗାଁକୁ ପଞ୍ଚାୟତ ସହ ସଂଯୋଗ କରୁଥିବା ସବୁ ଦିନିଆ ରାସ୍ତା ଟିକକ ମଧ୍ୟ ଡ୍ୟାମ ପାଣିରେ ବୁଡି ଯାଉଛି । ବାକି ରହିଲା ଅନ୍ୟପଟେ ଘଞ୍ଚ ଜଙ୍ଗଲ । ବନ୍ୟଜନ୍ତୁଙ୍କ ଭୟରେ ଲୋକେ ସନ୍ଧ୍ୟା ହେଲେ ବାହାରକୁ ଯାଉ ନାହାଁନ୍ତି । ଗ୍ରାମବାସୀ ବାରମ୍ବାର ବିଭିନ୍ନ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କେହି ଗୁହାରୀ ଶୁଣୁ ନ ଥିବା ସରପଞ୍ଚ ସୁନ୍ଦର ଚିନ୍ଦା କହିଛନ୍ତି । ଏହା ଉପରେ ଡ୍ୟାମ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ଗାଁକୁ ସମ୍ପୂର୍ଣ୍ଣ ବୁଡି ଘୋଷଣା କରିବା ସହ ଅନ୍ୟତ୍ର ଥଇଥାନ କରିବା ଜରୁରୀବୋଲି କହିଛନ୍ତି । ଗାଁରେ ବର୍ଷା ଦିନ ଆରମ୍ଭ ହେବା ଦିନ ଠାରୁ ଲୋକେ ଭାଳେଣିରେ ଦିନ କାଟୁଛନ୍ତି । କୌଣସି ଅଧିକାରୀ ଗାଁକୁ ଆସୁ ନାହାଁନ୍ତି । ଏହା ଉପରେ ଆଗାମୀ ଦିନରେ କେହି ନ ଶୁଣିଲେ ଗ୍ରାମବାସୀ ସାମୂହିକ ଆତ୍ମାହୂତି ଦେବାକୁ ବାଧ ହେବୁ ବୋଲି ବରିଷ୍ଠ ନାଗରିକମାନେ କହିଛନ୍ତି । ଏହା ଉପରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଡା. ହିମାଞ୍ଚଳ ମାଝୀଙ୍କୁ ଯୋଗାଯୋଗ କରିବାରୁ ଏହା ଉପରେ ସେ ସବିଶେଷ ରିପୋର୍ଟ ନେବେ ବୋଲି କହିଛନ୍ତି । ସେ ଯାହା ହେଉ ଗ୍ରାମବାସୀମାନେ ଯେ ପର୍ଯ୍ୟନ୍ତ ଗାଁରେ ରହୁଛନ୍ତି । ସେମାନଙ୍କ ପାଇଁ ଠିକ ଭାବେ ରାସ୍ତା ଏବଂ ବିଭିନ୍ନ ସରକାରୀ ସୁବିଧା ଯୋଗାଇଦେବା ଏକ ଜନ ମଙ୍ଗଳ ରାଷ୍ଟ୍ରରେ ପ୍ରଶାସନର କର୍ତ୍ତବ୍ୟ ବୋଲି ମାନବାଧିକାର କର୍ମୀ ଯାଜ୍ଞସେନୀ ମହାପାତ୍ର ଦାବି ଉଠାଇନ୍ତି।

# ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ଜୁନାଗଡ,୬।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ପି.ଆଇ କଲେଜ ପରିସରରେ ଶନିବାର ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଯୁବ ବାହିନୀ ସମେତ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍ଥାନୀୟ ବିଜୁ ଯୁବ ବାହିନୀ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳର ଲୁକାୟିତ ପ୍ରତିଭା ମାନ ପଦାକୁ ଆସିବ। ଏହାସହ ଯୁବ ଶକ୍ତି ଜାଗ୍ରତ ହୋଇ ନିଜ ଭବିଷ୍ୟତ ଗଠନ କରି ପାରିବେ ବୋଲି ବିଧାୟକ ମିଶ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଡିଓ ପରମ ବ୍ରହ୍ମ ଯୋଷୀ, ଏନଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ସ୍ଥାନୀୟ ପି.ଆଇ କଲେଜ ଅଧ୍ୟକ୍ଷ ବିଭୂତି ଭୁଷଣ ମେହେର, ଚମେଲି ଦେବୀ ମହିଳା କଲେଜର ଅଧ୍ୟକ୍ଷା ପ୍ରିୟ ମଞ୍ଜରୀ ପଣ୍ଡା, ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀ,ଏବିଇଓ ପରିକ୍ଷିତ ମେହେର,ଜୁନାଗଡ ଅଗ୍ନିଶମ ଅଧିକାରୀ ଶିଶିର କାନ୍ତ ସିଂହ,ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଅବୁନାଶ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାର୍ଯ୍ୟକ୍ରମକୁ ଜୁନାଗଡ ବ୍ଲକ ବିଜୁ ବାହିନୀ ସଂଯୋଜକ ସୌମେନ୍ଦ୍ର ମୁଣ୍ଡ ଓ ଜୁନାଗଡ ଏନଏସି ସଂଯୋଜକ ରୋହିତ ସୁନାନୀ ପରିଚାଳନା କରିଥିଲେ। ପରେ ଭୁବନେଶ୍ୱରରୁ ଆସିଥିବା ବିଜୁ ବାହିନୀ ପକ୍ଷରୁ ନାରୀ ଶିକ୍ଷା ଓ ଯୌତୁକ ସମସ୍ୟା ଉପରେ ଏକ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନ ସହଯୋଗ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୁନାଗଡ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସିର୍ଦ୍ଧେଶ୍ୱର ମେହେର, ଭାରପ୍ରାପ୍ତ ବିଏସଏସଓ ସୁମନ୍ତ ମାଝି, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମଲ୍ଲିକ, ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ ସାହୁ, ବିଜେଡି ଯୁବ ନେତା ହିମାଂଶୁ ଶେଖର ବରାଡ, ସାମାଜିକ କର୍ମୀ ସୁଖବିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ମୁଁ ହିରୋ,ମୁଁ ଓଡିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ସିନାପାଲି, ୬।୧୦

ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ପାଢ଼ିଙ୍କୁ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ନେଇ ଶନିବାର ସିଆର୍‌ସିସି ହୃଦାନନ୍ଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦୀଶ ପ୍ରସାଦ ଖମାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିନାପାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ଭାବଗ୍ରାହୀ ପଣ୍ଡା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାଞ୍ଚଳ ନାଏକ, ସ୍ଥାନୀୟ ବିଇଓ ଅଫିସ୍‌ର ମୁଖ୍ୟକିରାଣୀ କମଳଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# କେସିଙ୍ଗା କଲେଜରେ ଛାତ୍ର ଅଶାନ୍ତି, ନିର୍ବାଚନ ବାତିଲ



କେସିଙ୍ଗା ମହାବିଦ୍ୟାଳୟ ପରିସର ମଧ୍ୟରେ ଛାତ୍ରୀଛାତ୍ରଙ୍କ ଗଣଧାରଣା ।

କେସିଙ୍ଗା,୬।୧୦(ଡି.ଏନ.ଏ.)

କେସିଙ୍ଗା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ତେଜନା ଦେଖା ଦେବାରୁ ଶନିବାର ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଥିବାର ଜଣାପଡିଛି । କେସିଙ୍ଗା ମହାବିଦ୍ୟାଳୟରେ ଲିଙ୍ଗଡୋ କମିଶନଙ୍କ ନିମୟ ଉଲଂଘନ ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ମନରେ ଉତ୍ତେଜନା ଦେଖା ଦେଇଥିଲା। ଉପସ୍ଥାନ କମ୍ ଥିବା ଛାତ୍ରୀଛାତ୍ରଙ୍କୁ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା । ଏଥିରେ ମହାବିଦ୍ୟାଳୟର ଛାତ୍ର ସଂସଦର ସଭାପତି ପ୍ରାର୍ଥୀ ଅବିନାଶ କରୁଆଁଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ପ୍ରିନ୍ସପାଲଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିଥିଲେ । ଏ ବିଷୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ସାହାଙ୍କ ନିକଟରେ ଅଭିଯୋଗ କରିଥିଲେ । ଯୁକ୍ତ ୩ୟ ବର୍ଷ କଳା ଛାତ୍ର ରାଜେଶ ସେଠୀ, ଶମ୍ଭୁନାଥ ସାହୁ ଯୁକ୍ତ ୩, ୨ୟ ବର୍ଷର ଛାତ୍ର ଯୁକ୍ତ ୩, ୨ୟ ବର୍ଷର ଛାତ୍ର କମଳଲୋଚନ ନାଏକଙ୍କ ଉପସ୍ଥାନ ୭୫ପ୍ରତିଶତରୁ ବହୁତ କମ ଥିବାରୁ ସେମାନଙ୍କୁ କିପରି ନାମାଙ୍କନ ପତ୍ର ଦାଖଲ କରିବାକୁ ଅନୁମତି ଦିଆଗଲା । ଏ ନେଇ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ କଲେଜ ପରିସର ମଧ୍ୟରେ ଶନିବାର ବିଭିନ୍ନ ସ୍ଲୋଗାନ ଦେଇ ବାଣ ଫୁଟାଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ ଗୃହରୁ ବର୍ଜନ କରି ଧାରଣା ଦେଇଥିଲେ । ପ୍ରିନ୍ସପାଲଙ୍କ ଅଭିଯୋଗ କ୍ରମେ କେସିଙ୍ଗା ଏସଡିପିଓ, ଥାନାଧିକାରୀ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବୁଝା ସୁଝା କରିଥିଲେ । କିନ୍ତୁ ଏଥିରେ ଉତ୍ତେଜିତ ହୋଇ ନିର୍ବାଚନ ବାତିଲ କରିବା ପାଇଁ ଜିଦ ଧରିଥିଲେ । ପ୍ରିନ୍ସପାଲଙ୍କ ନେତୃତ୍ୱରେ ଏକ ଜରୁରୀ ବୈଠକ ବସି ଲିଙ୍ଗଡୋ କମିଶନଙ୍କ ନିୟମ ଭୁଲଥିବା ଦର୍ଶାଇ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରିବା ପାଇଁ ନୋଟିଫିକେସଶନ୍ କରିବାରୁ ଛାତ୍ରୀଛାତ୍ର ବୃନ୍ଦ ଗଣଧାରଣାରୁ ଓହରି ଯାଇଥିଲେ । ନିର୍ବାଚନ ବାତିଲ ପରେ ଉତ୍ୟକ୍ତ ଛାତ୍ରମାନେ ପ୍ରିନ୍ସପାଲ ଓ ସଦର ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

# ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ

ଖଡିଆଳ, ୬।୧୦ (ଡି.ଏନ.ଏ)

ଦିନକୁ ଦିନ ଜଙ୍ଗଲ ଲୋପ ପାଇବାକୁ ବସିଲାଣି ଯାହା ଫଳରେ ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀମାନେ ସହରାଭିମୁଖୀ ହୋଇ ପଡିଛନ୍ତି । ଯାହା ଦ୍ୱାରା ଅନେକ ସମୟରେ ବନ୍ୟପ୍ରାଣୀମାନଙ୍କ ଆକ୍ରମଣ ଶୀକାର ହୋଇ ଜନଜୀବନ ନଷ୍ଟ ହେବାରେ ଲାଗିଛି । ପ୍ରତିକାର କରିବାକୁ ହେଲେ ଜଙ୍ଗଲର ସୁରକ୍ଷା ନିତାନ୍ତ ଆବଶ୍ୟକ ଏଥିପ୍ରତି ସଚେତନ ହୋଇ ଜଙ୍ଗଲର ସୁରକ୍ଷା ଦିଗରେ ଆଗେଇ ଆସିବାର ସମୟ ହୋଇଛି । ଜଙ୍ଗଲର ସୁରକ୍ଷା ହେବା ସହ ବନ୍ୟପ୍ରାଣୀ ମଧ୍ୟ ସୁରକ୍ଷିତ ରହିପାରିବେ । ଏଥିସହ ଏକ ସୁସ୍ଥ ପରିବେଶ ବାତାବରଣ ହୋଇ ପାରିବ ବୋଲି ଶନିବାର ଖଡିଆଳ ବନଖଣ୍ଡ ପକ୍ଷରୁ ସ୍ଥାନୀୟ ରାଜା ଏଟି ହାଇସ୍କୁଲ ପରିସରରେ ଅନୁଷ୍ଠିତ ୬୪ତମ ବନ୍ୟପ୍ରାଣୀ ସପ୍ତାହରେ ମତପ୍ରକାଶ ପାଇଛି । ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସବିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ବନ ସଂରକ୍ଷକ ମିହିର ପଟ୍ଟନାୟକ ମୁଖ୍ୟଅତିଥି, ରେଞ୍ଜ ଅଧିକାରୀ ସନାନନ୍ଦ ସୁନାନୀ, ଶିକ୍ଷକ ସୁରବିଜୟ ତାଣ୍ଡି ପ୍ରମୁଖ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷାର ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏଥି ସହ ପରେ ସ୍କୁଲର ଏନସିସି କ୍ୟାଡେଟ, ସ୍କାଉଟ ଗାଇଡ ସମେତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ସାମିଲ ହୋଇ ହାତରେ ପ୍ଲାକାର୍ଡ ଧରି ବନ୍ୟପ୍ରାଣୀମାନଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରାଯାଇଥିଲା । ବନ୍ୟପ୍ରାଣୀଙ୍କ ସୁରକ୍ଷା ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ ହୋଇ ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ତମନ୍ନା ବିଶି, ମହମ୍ମଦ ଆଦିର ଦ୍ୱିତୀୟ ଓ ବନିତା ଜଗତ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ପୁରସ୍କୃତ କରାଯାଇଥିଲା ।




୬୪ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଯୋଗଦେଇଥିବା ଅତିଥିଗଣ।

## ଜ୍ଞାନ ତରଫରୁ ଜିଲାପାଳଙ୍କୁ ଦାବିପତ୍ର



ଜିଲା ପ୍ରଶାସନ ତରଫରୁ ଦାବିପତ୍ର ଗ୍ରହଣ କରାଯାଉଛି।

ନୂଆପଡା ଅଫିସ,୬।୧୦

ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଖବରଦାତାମାନଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରୁଛନ୍ତି । ଏଥିପାଇଁ ଖବରଦାତାମାନଙ୍କ ମଧ୍ୟରେ ଭୟର ବାତାବରଣ ରହୁଛି । ନିଜକୁ ସୁରକ୍ଷିତ ମଣୁ ନ ଥିବା ଖବରଦାତାମାନେ ଗଣତନ୍ତ୍ରରେ କିପରି ନିଜର ଲେଖନୀ ଚାଳନା କରିପାରିବେ । ତେଣୁ କରି ସେମାନଙ୍କୁ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବାକୁ ନୂଆପଡା ଜର୍ଣ୍ଣାଲିଷ୍ଟ ଆସୋସିଏଶନ ତରଫରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଜିଲାର ବିଭିନ୍ନ ପ୍ରାନ୍ତରୁ କାର୍ଯ୍ୟରତ ଖବରଦାତାମାନେ ଠୁଳ ହୋଇ ପ୍ରତୀକାତ୍ମକ ଗଣଧାରଣା ଦେଇଥିଲେ । ଏହାପରେ ଜିଲାପାଳଙ୍କ ତରଫରୁ ଏଷ୍ଟାବ୍ଲିଷ୍ଟମେଣ୍ଟ ଅଧିକାରୀ ଦେବେନ୍ଦ୍ର ରାଉତ ଧାରଣାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ । ଏଥିରେ ଖବରଦତାମାନଙ୍କ ସୁରକ୍ଷା, ପୁରୀରେ ଖବରଦାତାଙ୍କୁ ହୋଇଥିବା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ଆଦି ଦାବି ରହିଛି । ଏଥିରେ ଆସୋସିଏଶନର ସଭାପତି ମାୟାଧର ସରାଫ, ରାଜ୍ୟ ପ୍ରତିନିଧି ଘନଶ୍ୟାମ ଭୋଇ, ଜାତୀୟ ପ୍ରତିନିଧି ଖୁଟୁରାମ ସୁନାନୀ, ଶୁଭ୍ରାଂଶୁ ନାଏକ, ରତନ କେତକୀ, ସୁଶାନ୍ତ କର, ଅଶ୍ୱିନୀ ପାଣିଗ୍ରାହୀ, ସତ୍ୟ ସାମଲ, ସଞ୍ଜୀବ ପାଣଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ ।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

ନୂଆପଡା ଅଫିସ,୬।୧୦

ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଜିଲାପ୍ରଶାସନ ତରଫରୁ ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା ସଭାପତିତ୍ୱ କରିଥିବାବେଳେ ଜିଲାପାଳ ଡା. ପୋମା ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିବାବେଳେ ସେମାନଙ୍କର ସାମାଜିକ ନିରାପତା ପାଇଁ ସରକାର କ'ଣ ସବୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସେ ଉପରେ ଜିଲାପାଳ ମାର୍ଗ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବିଭାଗର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।



ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ଜିଲାପାଳଙ୍କ ଗହଣରେ ବରିଷ୍ଠ ନାଗରିକଗଣ।

## ବନ୍ୟପ୍ରାଣୀ ସପ୍ତାହ ପାଳନ

ବଲାଙ୍ଗୀର ଅଫିସ, ୬।୧୦

ବଲାଙ୍ଗୀର ଖୁଜେନପାଲି ଆନନ୍ଦ ନିକେତନ ସ୍ଥିତି ବିଶ୍ୱାତ୍ମ ବିଦ୍ୟା ମନ୍ଦିର ପରିସରରେ ଜିଲାସ୍ତରୀୟ ୬୪ତମ ବନ୍ୟପ୍ରାଣୀ ସପ୍ତାହ ଶନିବାର ପାଳନ କରାଯାଇଛି। ବିଶ୍ୱାତ୍ମ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ରେଞ୍ଜ ଅଫିସର ବିଜୟ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେପ ବିଶ୍ୱାତ୍ମ ଚେନତା ପରିଷଦ ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ସମ୍ପାଦକ ନବୀନ କୁମାର ବେଦବାକ, ପ୍ରଧାନ ଆଚାର୍ଯ୍ୟ ବିନୟ କୁମାର ନାଏକ ଯୋଗଦାନ କରି ବନ୍ୟପ୍ରାଣୀ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ବନ୍ୟପ୍ରାଣୀଙ୍କ ସୁରକ୍ଷା ବିଷୟରେ ଛାତ୍ରୀ ପ୍ରଣୀତା ପଟେଲ ଓ ସଲୋନୀ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସଂଯୋଜକ ସମ୍ବିତ କୁମାର ପରିଚାଳନା କରିଥିଲେ । ଶେଷର ବିଦ୍ୟାଳୟର ପ୍ରକୃତିବନ୍ଧୁ ଶିକ୍ଷକ ସଞ୍ଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା।

# ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ

ନୂଆପଡା ଅଫିସ,୬।୧୦

- ୬୪ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ
- ଯୋଗଦେଲେ ଶତାଧିକ ଛାତ୍ରୀଛାତ୍ର
- ରାଲିରେ ବୁଲି ସଚେତନ କଲେ

ଆମ ଚାରି ପଟେ ପରିବେଷ୍ଟନୀ ଘେରି ରହିଛି । ବହୁପ୍ରାଚୀନ କାଳରୁ ମଣିଷ ଏବଂ ବନ୍ୟପ୍ରାଣୀଙ୍କର ସମ୍ପର୍କ ରହି ଆସିଛି । ଏହା ଫଳରେ ଏକ ସନ୍ତୁଳନ ରହି ଆସିଛି। ଦିନକୁ ଦିନ ଜଙ୍ଗଲ ନଷ୍ଟ ହେବାରେ ଲାଗିଥିବାରୁ ବନ୍ୟପ୍ରାଣୀମାନେ ଆମଠାରୁ ଦୂରେଇ ଯାଉଥିବା ଦେଖାଯାଉଛି । ସେମାନେ ଆମର ଚୀର ସହଚର । ସେମାନଙ୍କର ସୁରକ୍ଷା କରିବା ଏବଂ ସୁରକ୍ଷିତ ଜାଗାରେ ରଖିବା ଆମର ପରମ କର୍ତ୍ତବ୍ୟ ବୋଲି ମତ ପ୍ରକାଶ ପାଇଛି। ୬୪ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବକ୍ତାମାନେ ଯୋଗଦେଇ ଏହି ମତ ରଖିଛନ୍ତି।

ସ୍ଥାନୀୟ ଟାଉନୱାର୍ଡସ୍ଥିତ କଣାଭଏଁରା ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ କମାର ପାଢୀ ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ସରପଞ୍ଚ ଲଳିତା ସୁରଜ ମୁଖ୍ୟ ଅତିଥି, ବିଶେଷ ଅତିଥିଭାବେ ଫରେଷ୍ଟର ଗୋପାଳ ମହାନନ୍ଦ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କର ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା। ଏମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ଆମର କର୍ତ୍ତବ୍ୟ ଉପରେ ବକ୍ତାମାନେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ବନ୍ୟପ୍ରାଣୀଙ୍କ ସଂଖ୍ୟା ଦିନକୁ ଦିନ କମିଯାଉଥିବାବେଳେ ଆମ ଚାରିପଟୁ ସେମାନେ ଉଭାନ ହୋଇଯାଉଥିବାରୁ ବକ୍ତାମାନେ ଦୁଃଖ ପ୍ରକାଶ କରିଥିଲେ । ମଣିଷ ଦିନକୁ ଦିନ ହିଂସ୍ର ହୋଇବସୁଥିବାରୁ ଏହାର ପ୍ରଭାବ ପରିବେଶ ଉପରେ ପଡୁଥିବା ପରିଲକ୍ଷିତ ହେଉଛି । ଏହା ଦ୍ୱାରା ଜୈବ ଅସନ୍ତୁଳନ ଘଟୁଛି । ଏଥିପାଇଁ ସମସ୍ତଙ୍କ ମଧ୍ୟରେ ସଚେତନତା ବୃଦ୍ଧି ହେବା ଆବଶ୍ୟକ । ଏଥିପାଇଁ ସରକାରୀ ସ୍ତରରେ ବହୁ ବିଧ କାର୍ଯ୍ୟକ୍ରମ ସବୁ ହେଉଛି । ଏହି ଧାରାକୁ ଆମକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବା ଅତି ଜରୁରୀ ବୋଲି ଅତିଥିମାନେ କହିଥିଲେ । ଏହି କାର୍ଯ୍ୟକ୍ରମକୁ ସଭାପତି ପାଢୀ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଦେଓସିଂ ବିଶ୍ୱାଳ, ସୁଧିର ଦିକ୍ଷୀତ, ମହେଶରାମ ପଟେଲ, ଫରେଷ୍ଟର କେଶବ ଦଣ୍ଡସେନା, କନ୍ଦର୍ପ ସୁନାନୀ, ଫରେଷ୍ଟ ଗାର୍ଡ ପ୍ରେମ ତାଣ୍ଡି, ଟିକି ଦେଇ ଶବର, ସଦନ ମାଝୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଗୋପାଳ ମହାନନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ।



ଛାତ୍ରୀଛାତ୍ରମାନେ ରାଲିରେ ସଚେତନତା ବାର୍ତ୍ତା ଦେଉଛନ୍ତି।



ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।

–ସେନେକା



## ସଂକ୍ଷେପରେ



### ମା' ହୀରାନୀଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ

## ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ପ୍ରିୟଙ୍କା, ଅମିତ ଓ ରଙ୍କମଣି

ଲାଞ୍ଜିଗଡ଼,୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରସ୍ଥିତ ମା' ହୀରାନୀଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଯାଇଛି। ଦ୍ୱିତୀୟ ବର୍ଷ ପାଇଁ ନିର୍ବାଚନ ହୋଇଥିବା ବେଳେ ବିଭିନ୍ନ ପଦବୀ ପାଇଁ ପ୍ରତିଯୋଗୀ ନ ମିଳିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି। ସୂଚନାନୁଯାୟୀ ଛାତ୍ର ସଂସଦର ସଭାପତି ଭାବେ ପ୍ରିୟଙ୍କା ଗୁପ୍ତା, ଉପ ସଭାପତି ଭାବେ ଅମିତ କୁମାର ସାହୁ, ସାଧାରଣ ସମ୍ପାଦକ ଭାବେ ରଙ୍କମଣି ବେହେରା, ସହ ସମ୍ପାଦକ ଭାବେ ଧର୍ମେନ୍ଦ୍ର ସାହୁ, ଡିଏସ୍ଏ ସମ୍ପାଦକ ଭାବେ ହେମନ୍ତ କୁମାର ନାୟକ, ନାଟ୍ୟ ସମ୍ପାଦକ ଭାବେ ରଶ୍ମିତା ବାରିକ, ଶ୍ରେଣୀଗୃହ ସମ୍ପାଦକ ଭାବେ ପ୍ରୀତମ କୁମାର ବେହେରା ନିର୍ବାଚିତ ହୋଇଛନ୍ତି। ସମସ୍ତ ଛାତ୍ର ପ୍ରତିନିଧି ବିଜେଡି ସମର୍ଥିତ ହୋଇଥିବା ବେଳେ ନିର୍ବାଚିତ ପ୍ରତିନିଧିମାନଙ୍କୁ ବିଧାୟକ ବଳଭଦ୍ର ମାଝି, ଛାତ୍ର ବିଜେଡି ସଭାପତି ଦେବାଶିଷ ରଞ୍ଜନ ବିଶି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# କଳାହାଣ୍ଡିରେ ବଢୁଛି ଦାଦନ ସମସ୍ୟା

**ପୁଣି ଜଣେ ନିଖୋଜ, ସ୍ତ୍ରୀ ପ୍ରଶାସନର ଦ୍ୱାରସ୍ଥ**

- ଫେଲ ମାରୁଛି ସରକାରୀ ଯୋଜନା
- ଦାଦନ ମୃତ୍ୟୁରେ ମିଳୁନି ସରକାରୀ ସହାୟତା
- ଖୁବଶୀଘ୍ର ଉଦ୍ଧାର କରାଯିବ: ଶ୍ରମ ଅଧିକାରୀ

ଭବାନୀପାଟଣା, ୬।୧୦(ଡି.ଏନ୍.ଏ.)

ଶନିବାର ଅପରାହ୍ନ ପ୍ରାୟ ୨ଟା ୩୦ମିନିଟ ସମୟରେ ନିଜ ଦୁଇ ଝିଅ ଓ ଦୁଇ ପୁଅଙ୍କୁ ଧରି ଏସ୍ପି ଓ ଜିଲାପାଳଙ୍କ ନିକଟରେ ପହଞ୍ଚିଥିଲେ ଥୁ.ରାମପୁର ବ୍ଲକ ଅନ୍ତର୍ଗତ ପୋଖରୀଗୁଡା ଗ୍ରାମର ଫୁଲେଇ ମାଝୀ(୩୦) । ଏସ୍ପି ଓ ଜିଲାପାଳଙ୍କ ନିକଟରେ ଲିଖିତ ଗୁହାରୀ କରିଛନ୍ତି ଯେ, ତାଙ୍କର ସ୍ୱାମୀ ଦୁତିଆ(୪୦) ଗ୍ରାମର ପ୍ରଦୀପ ନାଏକ, ବଗୁଲା ନାଏକ ଓ ମନସର ନାଏକଙ୍କ ସହ ଦାଦନ ଖଟିବାକୁ କେରଳ ଯାଇଥିଲେ। କେରଳର ତ୍ରିଶୁଳ ସାକଟାନ ଥମ୍ପୁର ପ୍ରାଇଭେଟ ବସଷ୍ଟାଣ୍ଡ ନିକଟରେ ଥିବା ଆୟୁଷ ହୋଟେଲରେ ୧୭ଜୁଲାଇ ୨୦୧୭ରୁ କାମ କରିବା ଆରମ୍ଭ କରିଥିଲେ। ହେଲେ ସେମାସର ୩୦ତାରିଖରେ ମୋ ସ୍ୱାମୀ କପଡା କିଣିବାକୁ ଯାଇ ଆଉ ଫେରି ନ ଥିଲେ। ପ୍ରଦୀପ, ବଗୁଲା ଓ ମନସର ଅନେକ ଖୋଜାଖୋଜି କରି ନ ପାଇବାରୁ ଅଗଷ୍ଟ ୧୫ତାରିଖ ଦିନ ଫୁଲେଇ ମାଝୀ ଫୋନ୍ ଦ୍ୱାରା ଜଣାଇଥିଲେ । ମୁଁ ଓ କିଛି ଗ୍ରାମବାସୀ ଥୁ. ରାମପୁର ଥାନାକୁ ଯାଇ ଜଣାଇଥିଲେ। କିନ୍ତୁ ମୋ ସ୍ୱାମୀଙ୍କ ଖୋଜ ଖବର ଏ ପର୍ଯ୍ୟନ୍ତ ନ ମିଳିବାରୁ ଶନିବାର ବାଧ ହୋଇ ଜିଲାପାଳ ଓ ଏସ୍ପିଙ୍କୁ ଭେଟି ନିଖୋଜ ସ୍ୱାମୀଙ୍କୁ ଖୋଜିବା ପାଇଁ ନିବେଦନ କରିବା ସହ ଛୋଟ ଛୋଟ ଦୁଇ ଝିଅ ଓ ଦୁଇ ପୁଅଙ୍କୁ ନେଇ କିଭଳି ଚଳିବି ବୋଲି ଚିନ୍ତାରେ ଘାରି ହୋଇଥିବା ସେ କହିଛନ୍ତି।



ନିଖୋଜ ସ୍ୱାମୀଙ୍କ ଉଦ୍ଧାର ପାଇଁ ସ୍ତ୍ରୀ ଫୁଲେଇ ମାଝୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ସରକାର ଯୋଜନା ପରେ ଯୋଜନା କରୁଥିଲେ ମଧ୍ୟ ଦାଦନ ଦୂରିକରଣ ପାଇଁ କୌଣସି ବି ଯୋଜନା ସହାୟକ ହୋଇପାରୁନି । ଫଳରେ ପ୍ରତ୍ୟେକ ବର୍ଷ ଦାଦନ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ପେଟପାଟଣା ପାଇଁ ଅନେକ ଲୋକ ଜିଲା ତଥା ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ବିଶେଷ କରି ଯୁବକମାନେ ଦାଦନ ଯାଉଥିବା ଦେଖିବାକୁ ମିଳୁଛି । ବେରୋଜଗାର ସମସ୍ୟା, ଶିକ୍ଷିତ ଯୁବକ ଗୋଷ୍ଠୀଙ୍କ ପାଇଁ କାମଧନ୍ଦା ଅଭାବ ହେତୁ ସେମାନେ ରାଜ୍ୟ ବାହାର ଗୁଜୁରାଟ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ପରି ରାଜ୍ୟକୁ ଯାଇ କଠିନ ପରିଶ୍ରମ କରୁଛନ୍ତି । ତେବେ ଅଧିକାଂଶ ସମୟରେ ସେଠାରେ ଅନେକ ଶ୍ରମିକ ମୃତ୍ୟୁର ଶିକାର ହେଉଥିବା ଦେଖିବାକୁ ମିଳୁଛି । ତନ୍ମଧ୍ୟରୁ କିଏ ମେସିନରେ କଟି ମରି ଯାଉଛି ତ କିଏ ପରିଶ୍ରମ ଜନିତ ଜ୍ୱରରେ ପଡି ମୃତ୍ୟୁ ମୁଖରେ ପଡୁଛି। ଆଉ କିଏ ଛାତରୁ ପଡି ମରି ଯାଉଛି ତ କିଏ ନିର୍ଯାତନାର ବି ଶିକାର ହେଉଛି । ତଥାପି ପେଟ ପୋଷିବା ପାଇଁ ଦାଦନ ଯିବାକୁ ବାଧ ହେଉଛନ୍ତି । ତେବେ ଦାଦନର ମୃତ୍ୟୁରେ ସରକାରୀ ସହାୟତା ମିଳିପାରୁ ନାହିଁ। ଏଥିପାଇଁ ଶ୍ରମ ବିଭାଗରେ ପଞ୍ଜୀକରଣ ମଧ୍ୟ କରାଯାଉ ନାହିଁ। ତେଣୁ ଏ ଦିଗରେ ସରକାର ବିକଳ୍ପ ବ୍ୟବସ୍ଥା କଲେ ଯୁବପିଢି ଦାଦନ ଖଟିବାକୁ ଯିବେ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଆଜିର ଏହି ଘଟଣା ପ୍ରମାଣିତ କରୁଛି ଯେ କଳାହାଣ୍ଡି ଜିଲାରୁ ପ୍ରତି ବର୍ଷ ଶହ ଶହ ଦାଦନ ଅନ୍ୟ ରାଜ୍ୟକୁ ଯାଉଥିବାବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ସମସ୍ତ ଯୋଜନା କଳାହାଣ୍ଡି ଜିଲାରେ ଫେଲ ମାରିଛି । ପ୍ରଶାସନର ଦ୍ୱାରସ୍ଥ ହେଲା ପରେ ମଧ୍ୟ ଦାଦନ ଯିବା କୌଣସି ସୁଫଳ ପାଉ ନାହାନ୍ତି । ଏ ସମ୍ପର୍କରେ ବାରମ୍ବାର ଜିଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟ ଓ ଜିଲାପାଳଙ୍କଠାରେ ଗୁହାରୀ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ଫଳରେ କଳାହାଣ୍ଡିରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଦାଦନ ଖଟିବାକୁ ବହୁ ଶ୍ରମିକ ବିଭିନ୍ନ ରାଜ୍ୟକୁ ଯାଉଛନ୍ତି । ଏହି ଘଟଣା ନେଇ ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାଏକଙ୍କୁ ପଚାରିବାରୁ ଏ ବିଷୟରେ ମୁଁ ଜାଣି ନଥିଲି ୨ରୁ ୩ଦିନ ହେବ ଶୁଣୁଛି। ଖୁବ୍ଶୀଘ୍ର ଉଦ୍ଧାର କରାଯିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

## ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ

କଲମପୁର,୬।୧୦(ଡି.ଏନ.ଏ.)

ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ ହୋଇଥିବାବେଳେ ଶନିବାର କଳାହାଣ୍ଡି ଜିଲା କଲମପୁର ବ୍ଲକରେ ବ୍ଲକସ୍ତରୀୟ ଓଡିଶା ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ ଅଧ୍ୟକ୍ଷତା କରିଥିବାବେଳେ ପୂର୍ବତନ ମନ୍ତ୍ରୀ ତଥା ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଡିଓ ହେମସାଗର ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅତିରିକ୍ତ ବିଡିଓ ଗୋପାଳ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ବେହେରାଙ୍କ ସମେତ ବ୍ଲକ ଅନ୍ତର୍ଗତ ସମିତି ସଭ୍ୟ ଏବଂ ସରପଞ୍ଚମାନେ ମଞ୍ଚାସୀନ ଥିଲେ। ରାଜ୍ୟଖାଦ୍ୟ ସୁରକ୍ଷା ଯୋଜନାରେ ୯୩୫ଜଣଙ୍କୁ ନୂତନ ରାଶନ କାର୍ଡ ବିଧାୟକ ସିଂଦେଓ ପ୍ରଦାନ କରିଥିଲେ । ଯାହା ଫଳରେ ବ୍ଲକର ୯୩୫ଟି ପରିବାରର ୩୪୪୨ଜଣ ହିତାଧିକାରୀ ଉପକୃତ ହେବେ । ଏହାସହ ୨୭ଜଣଙ୍କୁ ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

### ଚିକିତ୍ସା ଲାଗି ଟଁକା ବାଧକ୍

## ମୁର୍‌ତୁ ଲାଗି ଭଗବାନକୁଁ ଡାକୁଛନ୍ ପୁତୁନି

କର୍ଲାମୁଣ୍ଡା,୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ବୋରପଦର ପଁନ୍ଚେତ ସଦରରେ ଦେଖିବାକେ ମିଲିଛେ ଗୁଟେ ଦୁଖର ଘଟ୍ନା। ଇ ଗାଁର ଝନେ ୭୫ ବଛରିଆ ବୁଢ଼ୀ ପୁତୁନି ସାହୁ। କେହେନ୍ସି କାରନ୍ରୁ ବହୁତ୍ ଦିନ୍ ହେଲା ତାକର ଭୁଜ୍ନି ଗୋଡ୍ ଜଂଘ୍ ଫୁଲି ଯାଇଛେ, ହେଲେ ଟଁକା ପଏସା ଅଭାବ୍ରୁ ଚିକିତ୍ସା କରେଇ ନାଇଁପାରବାର। ଯେନ୍ଥିରଲାଗି ସେ ସବୁବେଲେ ଭଗବାନକୁଁ ମୋତେ ଯେତେ ଜଲ୍ଦି ହେବା ମରନ୍ ଦେ ବଲି ଆକୁଲେ ଡାକୁଥିବାର କହିଛନ୍। ତାକର ଦୁଇ ପୁଓ ଥିଲେ ବି ମା'ର ଚିକିତ୍ସା ଲାଗି କେହି କିଛି ନାଇଁ କରବାର, ଯେନ୍ଥିରଲାଗି ପୁତୁନି ମୁର୍‌ତୁ ସଂଗେ ଯୁଝୁଛନ୍ ବଲି ଗାଁବାସୀ କହିଛନ୍। ପରଶାସନ ପୁତୁନି ଉପ୍ରେ ଦୁରୁଷ୍ଟି ଦେଇ ତାହାକୁ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ଦାବୀ କରିଛନ୍।



ନିସାହା ବୁର୍ଧା ପୁତୁନି ସାହୁ।

### ଆୟୁଷ୍ମାନ ଭାରତ ଯୋଜନା ଓଡିଶାରେ ଲାଗୁ କରିବା ଉଦ୍ଦେଶ୍ୟ

## ଭାଜପାର ଦସ୍ତଖତ ଅଭିଯାନ

ଜୁନାଗଡ,୬।୧୦(ଡି.ଏନ୍.ଏ)

ଆୟୁଷ୍ମାନ ଭାରତ ଯୋଜନା ଓଡିଶାରେ ଲାଗୁ କରାଇବାକୁ ଉଦ୍ଦେଶ୍ୟ ନେଇ ଭାଜପାର ଦସ୍ତଖତ ଅଭିଯାନ ଓ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାଜପା ଜିଲା ସାଧାରଣ ସମ୍ପାଦକ ତଥା ଜିଲା ଯୁବମୋର୍ଚ୍ଚା ପ୍ରଭାରୀ ରୁପେଶ ଜୈନଙ୍କ ନେତୃତ୍ୱରେ ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରଭାରୀ ବସନ୍ତ ପୁରୋହିତଙ୍କ ଉପସ୍ଥିତିରେ ଶୁକ୍ରବାର ଟିଟିଗୁଡା, କଳିଆକୁଣ୍ଡଲ, ପିଲିକିଆ, ଆଟିଗାଁ, ବଣିଜରା, ରାଜପୁର, ଦାସିଗାଁ, ମୁଣ୍ଡରାଗୁଡା, ଟିଳକପୁର, ଟିଲଗୁଡା ଆଦି ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନାକୁ ଓଡିଶାରେ ଲାଗୁ କରି ନ ଥିବା ହେତୁ ଜିଲା ସମ୍ପାଦକ ରୁପେଶ ଜୈନ ନିଜ ବକ୍ତବ୍ୟ ମାଧ୍ୟମରେ କଡା ସମାଲୋଚନା କରିଥିଲେ। ଶୀଘ୍ର ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରନ୍ତୁ ବୋଲି ସେ କହିଥିଲେ। ଏହି ସମୟରେ ଦାସିଗାଁ ମଣ୍ଡଳ ସମ୍ପାଦକ, ରାଧେ ନାଗ, ଅଂଶୁମାନ ଯୋଷୀ, ଗଜାନନ ଲହଜଲ ପ୍ରମୁଖଙ୍କ ସମେତ ସ୍ଥାନୀୟ ମଣ୍ଡଳମାନଙ୍କର ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ।



ଭାଜପାର ଦସ୍ତଖତ ଅଭିଯାନ ଓଜନ ସଚେତନତା କାର୍ଯ୍ୟକ୍ରମ ।

## ରୋଗପୋକ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ବିଶେଷଜ୍ଞ ଦଳ

କୋକସରା,୬।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଏବେ ଧାନ ଚାଷରେ ରୋଗପୋକର ପ୍ରାଦୁର୍ଭାବ ବ୍ୟାପକ ମାତ୍ରାରେ ଦେଖିବାକୁ ମଳିଛି । ରୋଗପୋକ ଚିନ୍ତାରେ ଚାଷୀ ମୁଣ୍ଡରେ ଚଡକ ପଡିଥିବାବେଳେ କୃଷି ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ରିହାତି ମୂଲ୍ୟରେ କୀଟନାଶକ ଔଷଧ ସୁରଭି କେନ୍ଦ୍ରରେ ମିଳୁ ନ ଥିବା ବେଳେ ଖୋଲା ବଜାରରୁ ଚଢା ଦରରେ କୀଟନାଶକ ଔଷଧ ପ୍ରୟୋଗ କଲେ ମଧ୍ୟ ଧାନ ଚାଷରେ ରୋଗପୋକ ନିୟନ୍ତ୍ରଣ ହୋଇପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ଲକ କୃଷି ବିଭାଗ ତଥ୍ୟ ଅନୁସାରେ କୋକସରା ବ୍ଲକରେ ୧୯୩୨୭ ହେକ୍ଟର ଜମିରେ ସ୍ୱଳ୍ପ ମିଆଦି ଧାନ ସହ ଦୀର୍ଘ ମିଆଦି ଧାନ ଚାଷ ହୋଇଛି। ସେଥି ମଧ୍ୟରୁ ୨୦୩୦ହେକ୍ଟର ଧାନ ଚାଷରେ ମହିଷାରୋଗ, ମାଟିଆ ଗୁଣ୍ଡିପୋକ, କାଣ୍ଡବିନ୍ଧା, ପତ୍ରପୋଡା, ପତ୍ରମୋଡା ଓ ଚକଡାରୋଗ ଆକ୍ରାନ୍ତ ଥିବା କୃଷି ଅଧିକାରୀ ସୂଚନା ଦେଇଛନ୍ତି । ତେବେ ଶୁକ୍ରବାର ଜିଲା କୃଷିବିଭାଗର ଏକ ପ୍ରତିନିଧି ଦଳ ରୋଗପୋକ ଅନୁଧ୍ୟାନ ପାଇଁ କୋକସରା ବ୍ଲକର ଗୋଟୋମୁଣ୍ଡା, ପୋଡାଗୁଡା ଓ କୋକସରାରେ ପହଞ୍ଚି ନାମକୁ ମାତ୍ର କେତେ ଜଣ ଚାଷୀଙ୍କ ଜମି ପରିଦର୍ଶନ କରିଥିବା ଜଣାପଡିଛି । ଚାଷୀମାନେ ସରକାରୀ ସୁରଭି କେନ୍ଦ୍ରରେ ସବସିଡି ଧାର୍ଯ୍ୟମୂଲ୍ୟରେ ଆଜି ପର୍ଯ୍ୟନ୍ତ କୀଟନାଶକ ଔଷଧ ମିଳୁ ନ ଥିବା ଅଭିଯୋଗ କରିଥିଲେ । ଏହି ପ୍ରତିନିଧି ଦଳରେ ଜିଲା କୃଷି ଉପନିର୍ଦ୍ଦେଶକ ପ୍ରହ୍ଲାଦ ସାହୁ, ଜିଲା କୃଷି ଅଧିକାରୀ ଜଗନ୍ନାଥ ନନ୍ଦ, ପିପିଓ ସୋମନାଥ ରଣା, ଧର୍ମଗଡର କୃଷି ବିଦ ଚିତ୍ତରଞ୍ଜନ ଶତପଥୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ତପନ ଦାସ ଓ କୋକସରା ବ୍ଲକ କୃଷି ଅଧିକାରୀ ଘନଶ୍ୟାମ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି ବିଶେଷଜ୍ଞ ଦଳ।

### ପ୍ରଥମ ଭବାନୀପାଟଣା ଟାଉନ ଫୁଟବଲ୍ ଲିଗ୍ ୫ମ ଦିବସ

## ସୋନା ଏଫ୍‌ସି, ଗୁଡ ମର୍ଣ୍ଣିଂ ଦଳ ମ୍ୟାଚ୍ ଡ୍ର

ଭବାନୀପାଟଣା,୬।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କ୍ରୀଡା ସଂଘ ପକ୍ଷରୁ ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ପ୍ରଥମ ଭବାନୀପାଟଣା ଟାଉନ ଫୁଟବଲ୍ ଲିଗ୍‌ର ଶନିବାର ଅନୁଷ୍ଠିତ ୫ମ ଦିନ ମ୍ୟାଚ ସୋନା ଏଫ୍‌ସି ଓ ଗୁଡ ମର୍ଣ୍ଣିଂ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଜିର ମ୍ୟାଚରେ ଲଙ୍ଗ ଜମ୍ପ ଓ ୪୦୦ ମିଟର ଦୌଡରେ ରାଜ୍ୟରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳୀ କିଶୋର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜିଲା କ୍ରୀଡା ସଂଘର ଉପସଭାପତି ସୁରେନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ଯୁଗ୍ମ ସମ୍ପାଦକ ସୁନୀଲ ବେହେରା, ଭିକାରୀ ଚରଣ ମିଶ୍ର, କାଳିପ୍ରସାଦ ପଟ୍ଟନାୟକ, ଫୁଟବଲ୍ ସମ୍ପାଦକ ଅବଦୁଲ କାଦର, କ୍ରୀଡା ସମ୍ପାଦକ ଶମ୍ଭୁପ୍ରସାଦ ରାଉତ, ଅନ୍ୟତମ ସଭ୍ୟ ଚକ୍ରଧର ସେଠୀ, ଆଲୋକ ପଟ୍ଟନାୟକ, ଅଜୟ ପଟ୍ଟନାୟକ, ରବି କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ରାଶନକାର୍ଡ ବଣ୍ଟନ

ଭବାନୀପାଟଣା,୬।୧୦(ଡି.ଏନ୍.ଏ.)

ସ୍ଥାନୀୟ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ନୂତନ ରାଶନକାର୍ଡ ବଣ୍ଟନ କରାଯାଇଛି। ଏହି ଯୋଜନା ଅନ୍ତର୍ଗତ ସଦର ବ୍ଲକ ଓ ଭବାନୀପାଟଣା ପୌରପରିଷଦର ଯୋଗ୍ୟ ହିତାଧିକାରୀମାନଙ୍କୁ ଆନୁଷ୍ଠାନିକ ଭାବେ ନୂତନ କାର୍ଡ ବଣ୍ଟନ ସହ ଚଳିତ ମାସରୁ ପ୍ରତ୍ୟେକ ହିତାଧିକାରୀ କି.ଗ୍ରା ପ୍ରତି ୧ଟଙ୍କାରେ ଚାଉଳ ପାଇବାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଘୋଷଣା କରାଯାଇଛି। ସଦର ବ୍ଲକ ଅଧ୍ୟକ୍ଷା ସନ୍ତୋଷୀନି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଡ ବଣ୍ଟନ ସମାରୋହରେ ମୁଖ୍ୟ ଅତିଥିଭାବେ ସଦର ବିଧାୟକ ଅନାମ ନାଏକ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ପୌରପରିଷଦ ଅଧ୍ୟକ୍ଷ ଆଦିତ୍ୟ ନନ୍ଦ, ଉପାଧ୍ୟକ୍ଷା ସବିତା ପ୍ରଧାନ ଏବଂ ସଦର ବିଡିଓ ପ୍ରଭାସ ଦଣ୍ଡସେନା ଯୋଗଦେଇ ଯୋଗ୍ୟ ବିବେଚିତ ହିତାଧିକାରୀମାନଙ୍କୁ ରାଶନକାର୍ଡ ବଣ୍ଟନ କରିଥିଲେ। ଏଥିରେ ଅତିଥିମାନେ କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ହିତାଧିକାରୀଙ୍କୁ ଚିହ୍ନଟ କରି ରାଜ୍ୟସରକାର ରାଜ୍ୟଖାଦ୍ୟସୁରକ୍ଷା ଯୋଜନା କାର୍ଯ୍ୟକାରୀ କରି ଗରିବମାନଙ୍କ ମୁହଁରେ ହସ ଫୁଟାଇବାକୁ ଉଦ୍ୟମ କରିଥିବାରୁ ରାଜ୍ୟସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଦର ବ୍ଲକ ଜରିଆରେ ୨୫୭୫ଜଣ ହିତାଧିକାରୀ ଏହି ଯୋଜନାରୁ ରାଶନକାର୍ଡ ପାଇବା ପାଇଁ ଦରଖାସ୍ତ କରିଥିବାବେଳେ ସେଥି ମଧ୍ୟରୁ ୨୦୬୦ଜଣ ହିତାଧିକାରୀ ଯୋଗ୍ୟବିବେଚିତ ହୋଇଥିବା ଏବଂ ୧୬୪୬ଜଣ ହିତାଧିକାରୀଙ୍କୁ ଶନିବାର ପ୍ରଥମ ଦଫାରେ ରାଶନକାର୍ଡ ବଣ୍ଟନ କରାଯାଇଥିଲା। ଅନ୍ୟ ୪୧୪ଜଣ ହିତାଧିକାରୀଙ୍କ ଆଧାରକାର୍ଡ ସହ ନାମ ତାଲିକା ମେଳ ଖାଉ ନ ଥିବାରୁ ଅଧିକ ତଦନ୍ତ କରି ଆଗାମୀ ୧୦ତାରିଖ ଦିନ ବାକି ରାଶନକାର୍ଡ ବଣ୍ଟନ କରାଯିବ ବୋଲି ଘୋଷଣା କରିଥିଲେ। ପିଇଓ ଛବି ସାହୁ ଏଥିରେ ସ୍ୱାଗତ ଭାଷଣ ଦେଇଥିଲେ। ଯୋଗାଣ ନିରୀକ୍ଷକ ସଦରବ୍ଲକ ସନ୍ତୋଷ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ ଅବସରରେ ମଞ୍ଚାସୀନ ଅତିଥି।

## କିରାଣିଙ୍କ ବଦଳି ବାତିଲ୍ ଦାବିରେ ପ୍ରତିବାଦ, ଧାରଣାରେ ଶିକ୍ଷକ

କୋକସରା,୬।୧୦(ଡି.ଏନ.ଏ.)

କୋକସରା ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଥିବା ମୁଖ୍ୟ କିରାଣୀ ସନ୍ତୋଷ କୁମାର କାନୁନଗୋଙ୍କୁ ଜିଲା ମୁଖ୍ୟ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବଦଳି ହୋଇଛି। ସେପଟେ ଏହାକୁ ନେଇ ବ୍ଲକର ପ୍ରାଥମିକ ବର୍ଗର ସମସ୍ତ ଶିକ୍ଷକମାନେ କିରାଣୀଙ୍କ ବଦଳି ପ୍ରତ୍ୟାହୃତ ଦାବିରେ ଜିଲା ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ଦେଇଥିଲେ । ସେଥିରେ ଉଲ୍ଲେଖ ରହିଛି, ବ୍ଲକ ଶିକ୍ଷା ବିଭାଗରେ ଥିବା କିଛି ଅନ୍ୟ ଗୋଷ୍ଠୀ ଶିକ୍ଷକମାନଙ୍କ ପ୍ରରୋଚନାରେ ପଡି ବ୍ଲକ ଶିକ୍ଷାଧିକାରୀଙ୍କ ସୁପାରିଶ କ୍ରମେ କିରାଣୀଙ୍କ ବଦଳି କରାଯାଇଛି । ଅନ୍ୟ ପଟେ କିରାଣୀଙ୍କ ବଦଳିକୁ ନେଇ ଏବେ ହରିପୁର ରୋଡ କଟକ ଶିକ୍ଷକ ସଂଘର ଛତ୍ରଛାୟା ତଳେ କୋକସରା ବ୍ଲକର ସମସ୍ତ ବର୍ଗର ଶିକ୍ଷକ ସଂଘ ଯୋଗ ଦେଇଥିବାବେଳେ ଶନିବାର କୋକସରାଠାରେ ଏକ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶିକ୍ଷକମାନେ କୋକସରା ବ୍ଲକଠାରେ ଏକ ରାଲିରେ ବାହାରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଫିସ ସମ୍ମୁଖରେ ପହଞ୍ଚି ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶିକ୍ଷକମାନଙ୍କ ଦାବିକୁ ସମର୍ଥନ ଜଣାଇ କୋକସରା ବ୍ଲକ ଅଧ୍ୟକ୍ଷା ସବ୍ୟାରାଣୀ ବାଗ ଓ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ତଥା ଯୁବ ଆଇନଜୀବୀ ଦିଗମ୍ବର ଦୁରିଆ ମଧ୍ୟ ଏହି ପ୍ରତିବାଦ ସଭାରେ ଯୋଗ ଦେଇଥିଲେ। ଶିକ୍ଷକମାନଙ୍କ ପ୍ରତି ଅନ୍ୟାୟ ହୋଇଥିବା ସହ ବ୍ଲକର ଅନ୍ୟ ଗୋଷ୍ଠୀର କିଛି ଶିକ୍ଷକ ପାଠ ପଢାଇବା ବଦଳରେ ରାଜନିତୀ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ । ସେହିପରି କଳାହାଣ୍ଡି ଜିଲା ପେନସନ ଭୁକ୍ତ ଯୋଜନା ସଭାପତି ସତ୍ୟବାନ ପାଣିଗ୍ରାହୀ, ବ୍ଲକ ଶିକ୍ଷା ବିଭାଗରେ କିଛି ଶିକ୍ଷକମାନେ ଶାସକ ଦଳର ରାଜନୈତିକ ନେତାଙ୍କ ପ୍ରଚ୍ଛଦ ପଟରେ ରହି ଦୁର୍ନୀତି ଓ ଅନ୍ୟାୟକୁ ପ୍ରଶ୍ରୟ ଦେଉଛନ୍ତି, ଗତ କିଛି ବର୍ଷ ମଧ୍ୟରେ ପିଲାଙ୍କ ଖାଇବା ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳକୁ ମଧ୍ୟ ହରିଲୁଟ କରିଛନ୍ତି । ଏହି ଗୁମର ଖୋଲିବା ଭୟରେ ଜାଣିଶୁଣି ମୁଖ୍ୟ କିରାଣୀଙ୍କୁ ବଦଳି କରାଯାଇଛି ବୋଲି ଅଭିଯୋଗ କରିଥିଲେ। ସେହିପରି ହରିପୁର ରୋଡ କଟକ ସଂଘ ବ୍ଲକ ସମ୍ପାଦକ ଭୁରିଶ୍ରବା ଜାଳ ମଧ୍ୟ ବ୍ଲକ ଶିକ୍ଷାଧିକାରୀ କିଛି ଶିକ୍ଷକ ଓ କିଛି ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ ନିର୍ବାହ କରୁଥିବା ଅଭିଯୋଗ ଆଣିଥିଲେ । ଏହି ପ୍ରତିବାଦ ସଭାରେ କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଏକ୍ସକ୍ୟାଡର ଶିକ୍ଷକ, ଏନପିଏସ, ଓଜେଟିସି, ଜେଟି, ଏଟି, ଏବଂ ହରିପୁର ରୋଡ କଟକ ସଂଘ ସାମିଲ ଥିବା ବେଳେ ସଂଘ ସମୂହର କର୍ମକର୍ତ୍ତା ନିର୍ମଳ ପୂର୍ଣ୍ଣଚନ୍ଦ୍ର ନାଏକ, ଗଗନ ବିହାରୀ ପଟ୍ଟନାୟକ, ଈଶ୍ୱର ପ୍ରସାଦ ଅଗସ୍ତି, ପଞ୍ଚାନନ ମାଝି, ରଞ୍ଜିତ ଖମାରୀ, ଦୁର୍ଲ୍ଲଭ ପୁଝାରୀ, ମଦନଲାଲ ନାଏକ, ତ୍ରିନାଥ ପଣ୍ଡା, ସୁଶାନ୍ତ ପଣ୍ଡା, ସନାତନ ପଣ୍ଡା, ପ୍ରେମଲାଲ ସାହୁ, ଅଜିତ ସାହୁ, ଭୁଜରାଜ ଦୁର୍ଗା, ଅଭିଳାଶ ଚନ୍ଦ୍ର ସାହୁ, ଦେବି ସିଂ ମାଝି ପ୍ରମୁଖ ଉପସ୍ଥିତ ଥିବା ବେଳେ ଶିକ୍ଷକ ବୈକୁଣ୍ଠ ଜାଳ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଏକ ଦାବିପତ୍ର କୋକସରା ଏବିଇଓ ବିଜୟ ବାରିକ ଓ ତୋଫାନ ମାଝିଙ୍କୁ ଜିଲା ଶିକ୍ଷାଧିକାରିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।




କିରାଣୀଙ୍କ ବଦଳି ପ୍ରତ୍ୟାହୃତ ଦାବିରେ ପ୍ରାଥମିକ ବର୍ଗର ଶିକ୍ଷକମାନଙ୍କ ଧାରଣା।

ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ସ୍କ୍ରାପ୍ କାରବାର, ୨ କୋର୍ଟଚାଲାଣ

ରାଉରକେଲା ଅଫିସ,୬।୧୦-ଆର୍ଏସ୍ପି ପରିସରରୁ ଏକ ପୁରୁଣା ସ୍କ୍ରାପ କାରବାର ଘଟଣାରେ ଶନିବାର ୨ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏଥିରେ ଜଣେ ବରିଷ୍ଠ ଅଧିକାରୀ ଅନ୍ତର୍ଭୁକ୍ତ ଥିବା ବେଳେ ଆଉ ଜଣେ କ୍ରେନ ଅପରେଟର ଥିବା ସୂଚନା ମିଳିଛି। ତେବେ ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଟାଙ୍ଗରପାଲି ଥାନା ପୋଲିସ କହିଛି।

### ମାରପିଟ ଘଟଣାରେ ୪ ଗିରଫ

ରାଉରକେଲା ଅଫିସ,୬।୧୦- ଏସଟିଆଇ ଏରିଆ-୫୧ ଅଞ୍ଚଳରେ ଥିବା ଏକ ରେଷ୍ଟୁରାଣ୍ଟରେ ଖାଇସାରିବା ପରେ ବିଲ୍ ପ୍ରଦାନକୁ ନେଇ ଗତ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ମାରପିଟ ଘଟଣାରେ ରଘୁନାଥପାଲି ଥାନା ପୋଲିସ ଶନିବାର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସିଭିଲ ଟାଉନଶିପ ଅଞ୍ଚଳର ଧୀରଜ ଚୌଧୁରୀ, ଜଗଦା ଅଞ୍ଚଳର ସୋନୁ ଚୌଧୁରୀ, ବନ୍ଧମୁଣ୍ଡା ଅଞ୍ଚଳର ବିନୟ ମିଶ୍ର ଓ ଆମ୍ବାଗାନ ଅଞ୍ଚଳର ଦୀପକ ସାହା। ଏମାନେ ସମ୍ପୃକ୍ତ ରେଷ୍ଟୁରାଣ୍ଟରେ ଖାଇ ସାରିବା ପରେ ବିଲ ଦେବାକୁ ନେଇ କ୍ୟାଶିୟରଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ଏହା ମାରପିଟର ରୂପ ନେଇଥିଲା। କିଛି ସମୟ ପରେ ଘଟଣାସ୍ଥଳରେ ଏମାନଙ୍କର ଅନ୍ୟ ୧୦ଜଣ ସାଥୀ ପହଞ୍ଚି ଲଙ୍କାକାଣ୍ଡ ସୃଷ୍ଟି କରିଥିଲେ। ରେଷ୍ଟୁରାଣ୍ଟ କର୍ମଚାରୀ ଓ କ୍ୟାଶିୟରଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ। ଏନେଇ ରଘୁନାଥପାଲି ଥାନାରେ ଅଭିଯୋଗ ପରେ ଶନିବାର ସମ୍ପୃକ୍ତ ୪ ଯୁବକଙ୍କୁ ଗିରଫ କରାଯାଇଛି।


ଓସିଏଲ୍ ଜନଶୁଣାଣିକୁ ନେଇ ବିଧାୟକ ଜର୍ଜ ତିର୍କୀ ଅନ୍ୟ ପ୍ରତିନିଧିଙ୍କ ସହ ଦାବିପତ୍ର ପ୍ରଦାନ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟକୁ ଆସିଛନ୍ତି।

# କାରଖାନା କର୍ତ୍ତୃପକ୍ଷଙ୍କୁ ପ୍ରଶାସନର ଅନୁକମ୍ପା

## ■ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷଙ୍କ ଚଞ୍ଚକତା ବରଦାସ୍ତ କରାଯିବନି

ରାଉରକେଲା ଅଫିସ,୬।୧୦

ଓସିଏଲ୍ ଇଣ୍ଡିଆ ଜନଶୁଣାଣି ନେଇ ଶନିବାର ଆଦିବାସୀ ପ୍ରତିନିଧିମାନେ ସେକ୍ଟର-୫ସ୍ଥିତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ଘେରିବା ସହ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାବାସୀଙ୍କ ହର୍ତ୍ତାକର୍ତ୍ତା ହେଉଛନ୍ତି ରାଜ୍ୟପାଳ। ତାଙ୍କ ସହମତି ବିନା ଜିଲା ପ୍ରଶାସନ ଏଠି ମେରି ରାୟ ଶାସନ ଚଳାଇଛି ବୋଲି ଅଭିଯୋଗ ହୋଇଛି। ରାଜଗାଙ୍ଗପୁରଠାରେ ଥିବା ଓସିଏଲ୍ କାରଖାନା କର୍ତ୍ତୃପକ୍ଷଙ୍କ ହାତବାରିଶୀ ସାଜିଛନ୍ତି ସରକାରୀ ଅଧିକାରୀ। ନିଜ ଉଦ୍ୟୋଗ ସମ୍ପ୍ରସାରିତ କରିବାକୁ ନିଷ୍ପତ୍ତି ନେଇଥିବା କର୍ତ୍ତୃପକ୍ଷ ଗ୍ରାମ ସଭା ନ ଡାକି ମନଇଚ୍ଛା ଜନଶୁଣାଣି ଆୟୋଜନ କରିବାକୁ ଅପଚେଷ୍ଟା କରୁଛନ୍ତି। ଫଳରେ ଅଯଥା ବିବାଦ ସୃଷ୍ଟି ହେଉଛି ବୋଲି ଶନିବାର ସମ୍ପୃକ୍ତ ଆଦିବାସୀ ପ୍ରତନିଧି ମଣ୍ଡଳୀ ପ୍ରକାଶ କରିଛନ୍ତି। ରାଜ୍ୟପାଳ ଓ ଜାତୀୟ ଜନଜାତି କମିଶନଙ୍କ ନିର୍ଦ୍ଦେଶକୁ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଣାଦେଖା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ। ସେ କହିଥିଲେ, ସମ୍ବିଧାନ ଗଣ୍ଡି ଭିତରେ ସମସ୍ତ କାର୍ଯ୍ୟ କରାଯିବା କଥା। ଏହାର ଅର୍ଥ ନୁହେଁ ଜୋର ଯା'ର ମୁଲକ ତା'ର ହୋଇଯିବ। ଏହାକୁ ସମ୍ପୃକ୍ତ ଅଞ୍ଚଳବାସୀ କେବେ ବରଦାସ୍ତ କରିବେନି। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲା ସମ୍ବିଧାନର ୫ମ ଅନୁସୂଚୀର ଏକ ଅଂଶ। ଏହାର ହର୍ତ୍ତାକର୍ତ୍ତା ହେଉଛନ୍ତି ରାଜ୍ୟପାଳ। ତାଙ୍କ ନିର୍ଦ୍ଦେଶକୁ ଯେତେବେଳେ ଅଣାଦେଖା କରାଯାଉଛି ସେଠି ନିରୀହ ଆଦିବାସୀ କାହାକୁ ଗୁହାରି କରିବେ ବୋଲି ତିର୍କୀ ପ୍ରଶ୍ନ ଉଠାଇଛନ୍ତି। ଜାଣିଶୁଣି ନିୟମ ଉଲ୍ଲଂଘନ କରାଯାଇ ଜନଶୁଣାଣି କରାଗଲା। ଲୋକେ ଉତ୍ତେଜିତ ହୋଇ ରାସ୍ତାରୋକୋ କଲେ। ଏହା ଦ୍ୱାରା ନିରୀହ ଜନତା ହନ୍ତସନ୍ତ ହେଲେ। ଏଥିପାଇଁ ଦାୟୀ କିଏ ବୋଲି ତିର୍କୀ ପ୍ରଶ୍ନ କରିଛନ୍ତି। ଶେଷରେ ଗତ ୪ତାରିଖ ଭୋର ସମୟରେ କର୍ତ୍ତୃପକ୍ଷ ମୁଣ୍ଡ ନୋଇଁବାରୁ ଆନ୍ଦୋଳନରୁ ଓହରି ଯାଇଥିଲେ ସ୍ଥାନୀୟ ବାସିନ୍ଦା। ଏହି ଘଟଣା ଯୋଗୁ ୫ଟି ଗାଁ ଲୋକେ ଯେଉଁ ମାନସିକ ଯନ୍ତ୍ରଣା ପାଇଲେ ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ପ୍ରତିନିଧି ମଣ୍ଡଳୀ ପ୍ରକାଶ କରିଛନ୍ତି। ଏନେଇ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ହେଁ କିଛି ଫଳ ମିଳିନି। ବାରମ୍ବାର ଜନଶୁଣାଣି ଆଳରେ ସମ୍ପୃକ୍ତ ଅଞ୍ଚଳରେ ଅଶାନ୍ତିର ମଞ୍ଜି ବୁଣାଯାଉଛି। ଆଗାମୀ ଦିନରେ ଏନେଇ ଜିଲା ପ୍ରଶାସନ ଉଚିତ ପଦକ୍ଷେପ ନେଉ ଓ ଜନଶୁଣାଣି ବାତିଲ ହେଲା ବୋଲି ବିଧିବଦ୍ଧ ଭାବେ ଘୋଷଣା କରାଯାଉ ବୋଲି ଅନୀଲ ମିଞ୍ଜ, ଲିଟୁ ମିଞ୍ଜ, ସିପ୍ରିୟାନ କିରୋ, ଲେଥା ତିର୍କୀ, ହାଲୁ ମୁଣ୍ଡାରୀ, ପାସ୍କଲ ମିଞ୍ଜ, ହାରାନ ବାଗେ, ସୁଶିଲ ଲାକ୍ରା, ଅଜିତ ଟପୋ, ଧାରୁଆ ଖାଲକୋ, ସୋନୁ ବଡ଼ାଇକ, ସାବିତ୍ରୀ ଭୂମିଜ ଓ ବାନ୍ଦେ ଓରାମ ପ୍ରମୁଖ ପ୍ରକାଶ କରିଛନ୍ତି।

# କର୍ଣ୍ଣାଟକରେ ଶ୍ରମିକ ନିର୍ଯାତିତ

## ■ ତଦନ୍ତ ଦାବି କଲା ହିନ୍ଦ୍ ମଜଦୁର ସଭା

ରାଉରକେଲା ଅଫିସ,୬।୧୦

ହିନ୍ଦ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ଼ ଜିଲା ଶ୍ରମିକ ସଭା ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି ଏକ ବିବୃତିରେ କହିଛନ୍ତି ଯେ ଗତ ୪ମାସ ପୂର୍ବେ ଆର୍ଏସ୍ପିରେ କାମ ନ ପାଇ ନିଯୁକ୍ତି ଆଶାରେ କର୍ଣ୍ଣାଟକ ବେଲାରି ଜିଲା ଅନ୍ତର୍ଗତ ହସପେଟ ଥାନା ଅଧୀନ ଦେନାପୁର ଯାଇଥିବା ଶ୍ରମିକ ସେଠାରେ ନିର୍ଯାତନାର ଶିକାର ହୋଇ ରାଉରକେଲା ଫେରି ଆସିଛନ୍ତି। ଏବେ ନିଜ ବକେୟା ପ୍ରାପ୍ୟ ପାଇବାକୁ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି। ସେଠାକାର ଏକ ଘରୋଇ ଇସ୍ପାତ ଉଦ୍ୟୋଗରେ ମୋଟା ଅଙ୍କର ଦରମା ଲୋଭ ଦେଖାଇ ଏମାନଙ୍କୁ କର୍ଣ୍ଣାଟକ ନିଆଯାଇଥିଲା। ଏଥିରେ ବୈଷୟିକ ଦକ୍ଷତା ସମ୍ପନ୍ନ ତଥା ଅଭିଜ୍ଞ କର୍ମଚାରୀ ନରେନ ଆଚାର୍ଯ୍ୟ, ବଇନାଥ ନାୟକ, ଛୋଟେଲାଲ ଯାଦବ, ବୃନ୍ଦାବନ ତରାଇ ଓ ଦେବେନ୍ଦ୍ର ନାୟକ ପ୍ରମୁଖ ସାମିଲ ଥିଲେ। ଏମାନଙ୍କୁ ଦୈନିକ ୮ଘଣ୍ଟା ପରିବର୍ତ୍ତେ ୧୪ଘଣ୍ଟା କାମରେ ଲଗାଯାଉଥିଲେ ମଧ୍ୟ ଓଭର ଟାଇମ୍ ବାବଦ ପାରିଶ୍ରମିକ ପ୍ରଦାନ କରାଯାଉ ନ ଥିଲା। ପ୍ରତିବାଦ କଲେ ନିର୍ଯାତନା ଦିଆଯାଉଥିଲା। ଶେଷରେ ଗତ ୩୦ ତାରିଖରେ ଏମାନଙ୍କୁ ସମ୍ପୃକ୍ତ କମ୍ପାନୀ କାମରୁ ବାହାର କରିଦେଇଛି। ପାଉଣା ନ ପାଇ ଭୋକ ଉପାସରେ ଅତି କଷ୍ଟରେ ଏମାନେ ରାଉରକେଲା ଫେରିଛନ୍ତି। ଏନେଇ ଶ୍ରମିକନେତା ମହାନ୍ତିଙ୍କ ନେତୃତ୍ୱରେ ଶ୍ରମିକମାନେ ଶନିବାର ସ୍ଥାନୀୟ ଉପଶ୍ରମ ସଂସ୍ଥାପକଙ୍କ ରାଉରକେଲା କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ନ୍ୟାୟ ଦାବି କରିଛନ୍ତି। କମ୍ପାନୀ ହଡ଼ପ କରିଥିବା ପ୍ରାପ୍ୟ କିପରି ଫେରି ପାଇବେ ସେ ନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ବାହାରେ ଏହି ଶ୍ରମିକଙ୍କୁ ଅକଥନୀୟ ଯନ୍ତ୍ରଣା ଦିଆଯାଇଥିବା ମହାନ୍ତି ଅଭିଯୋଗ କରିବା ସହ ରାଜ୍ୟ ସରକାର ଏନେଇ ତଦନ୍ତ କରିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। କ୍ଷୋଭ ପ୍ରକାଶ କରି ମହାନ୍ତି କହିଛନ୍ତି ଯେ ରାଉରକେଲାରେ ନିର୍ମାଣାଧୀନ ହଟ୍ ଷ୍ଟ୍ରିପ ମିଲରେ ରାଜ୍ୟ ବାହାରୁ ସହସ୍ରାଧିକ ଶ୍ରମିକ ଆସି କାମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କୁ କାମ ଦିଆଯାଉନି। ଫଳରେ ଭୋକ ବିକଳରେ ଆଜି ଅନେକ ଶ୍ରମିକ ରାଜ୍ୟ ବାହାରକୁ ଯାଇ ଏଭଳି ନିର୍ଯାତନାର ଶିକାର ହେଉଛନ୍ତି। ଏନେଇ ଜିଲା ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଶ୍ରମମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ ଏକ ବିବୃତିରେ ଜଣାଇଛନ୍ତି। ଏହି ପ୍ରତିନିଧି ଦଳରେ ଶିବଚରଣ ବୋଇତି, ହରେକୃଷ୍ଣ ପାଢ଼ୀ ଓ ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ମୁକ୍ତିକାନ୍ତ, ଗୋପାଳଙ୍କ ଅନଶନକୁ ସମର୍ଥନରେ କ୍ୟାଣ୍ଡେଲ ଶୋଭାଯାତ୍ରା

ରାଉରକେଲା ଅଫିସ,୬।୧୦

ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ପୂର୍ବ ସ୍ଥିତି ଫେରାଇ ଆଣିବା ସହ ଏଠାରେ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ନେଇ ଅନଶନ ଆରମ୍ଭ କରିଥିବା ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ ଓ ଯୁବ ଜାଗୃତି ମଞ୍ଚ ଆବାହକ ଗୋପାଳ ଜେନାଙ୍କ ଅନଶନକୁ ସମର୍ଥନ ଜଣାଇ ଶନିବାର ପ୍ରଫୁଲ୍ଲ କଂସାରୀଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ମହିଳା, ପୁରୁଷ ସାମିଲ ହୋଇଥିଲେ। ଶୋଭାଯାତ୍ରା ଆମ୍ବାଗାନ ଛକ ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟରୁ ବାହାରି ଅନଶନସ୍ଥଳରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଆଇନଜୀବୀ ସଦାନନ୍ଦ ସାହୁ, ଇଂ ରାମପୁକାର ସିଂ, ଶ୍ରମିକନେତା ଦିଗମ୍ବର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମୁକ୍ତିକାନ୍ତ ଓ ଗୋପାଳଙ୍କ ଅନଶନ ଯଥାର୍ଥ ବୋଲି ଏହି ଅବସରରେ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ବାଗ, ରାଜେଶ ସାହୁ, କାର୍ତ୍ତିକ ନାୟକ, ଅରୁଣ ଜୟପୁରିଆ ପ୍ରମୁଖ ଉପସ୍ଥିତ ଥିଲେ।



ମୁକ୍ତିକାନ୍ତ ଓ ଗୋପାଳଙ୍କ ଅନଶନକୁ ସମର୍ଥନ ଜଣାଇ ଅନୁଷ୍ଠିତ କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ସହରବାସୀ।


ରାଜ୍ୟ ସମାବେଶ ପାଇଁ ମଧୁବୈଶ୍ୟ ସମାଜ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ମଧୁବୈଶ୍ୟ ସମାଜର ପ୍ରାଦେଶିକ ସମାବେଶ ପ୍ରସ୍ତୁତି

ରାଉରକେଲା ଅଫିସ,୬।୧୦

ସେକ୍ଟର-୪ ହିଲ୍ ଭିଉଠାରେ ମଧୁ ବୈଶ୍ୟ (ଗୁଡ଼ିଆ) ସମାଜ ପକ୍ଷରୁ ଶନିବାର ଏହାର ପ୍ରାଦେଶିକ ମହାସଭା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ସୁରେନ୍ଦ୍ର ନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଡିସେମ୍ବର ୨୫ ଓ ୨୬ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଏହି ସମାବେଶ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ରାଉରକେଲା ସହରରୁ ଗୁଡ଼ିଆ ପରିବାର କିପରି କଟକ ସମାବେଶରେ ଯୋଗଦେବେ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ମଧୁବୈଶ୍ୟ ସମାଜର ରାଜ୍ୟ ଉପସଭାପତି ସୁନୀଲ ସାହୁ, ଯୁବ ସଙ୍ଗଠନ ସଭାପତି ବିନୋଦ ସାହୁ, ସାଧାରଣ ସମ୍ପାଦକ ପ୍ରଶାନ୍ତ ସାହୁ, ଯୁଗ୍ମ ସମ୍ପାଦକ ଭୀମସେନ ସାହୁ, ହୃଷୀକେଶ ସାହୁ, କୈଳାସ ସାହୁ, ଅର୍ଜୁନ ସାହୁ, ଦିଲୀପ ସାହୁ ଓ ଧରଣୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁରେନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅନ୍ୱେଷା ପକ୍ଷରୁ ବିଶ୍ୱ ଗୁରୁ ଦିବସ

ରାଉରକେଲା ଅଫିସ,୬।୧୦

ସାମାଜିକ ଅନୁଷ୍ଠାନ ଅନ୍ୱେଷା ପକ୍ଷରୁ ବିଶ୍ୱ ଗୁରୁ ଦିବସ ସେକ୍ଟର-୫ ଭଞ୍ଜ ଭବନଠାରେ ପାଳିତ ହୋଇଛି। ଅନୁଷ୍ଠାନର କର୍ମକର୍ତ୍ତା ରାଜେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଉମାକାନ୍ତ ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ନିଜ ବକ୍ତବ୍ୟରେ ପଣ୍ଡା କହିଥିଲେ, ଜ୍ଞାନର ପ୍ରବକ୍ତା ହେଉଛନ୍ତି ଗୁରୁ। ଭାରତୀୟ ସଂସ୍କୃତିରେ ବ୍ୟାସଦେବ ହେଉଛନ୍ତି ପ୍ରଥମ ଗୁରୁ ଓ ତାଙ୍କ ସ୍ଥାନ ସର୍ବାଗ୍ରେ ରହି ଆସିଛି। ବିଶ୍ୱ ଦରବାରରେ ଆମେ ଯାହାଙ୍କ ପାଇଁ ନିଜ ପରିଚୟ ସୃଷ୍ଟି କରିପାରିଛେ ସେ ହେଉଛନ୍ତି ଗୁରୁ। ଏଣୁ ଗୁରୁ ସାକ୍ଷାତ ପରଂବ୍ରହ୍ମର ଯଥାର୍ଥତା ଶିଷ୍ୟମାନେ ବୁଝିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଖ୍ୟାତି ସମ୍ପନ୍ନ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସୋମନାଥ ମିଶ୍ର, ପ୍ରଫେସର ଜେ.କେ. ରାଓ, ଧନେଶ୍ୱର ବେହେରା, ମଞ୍ଜୁ ମୁଖାର୍ଜୀ, ମଞ୍ଜୁଳା ରାୟ, ପ୍ରତାପ ରାୟ, ଲକ୍ଷ୍ମଣ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପୁଲିନ ରାଉତରାୟ ଓ ମୀନାକ୍ଷୀ ରାଉତରାୟ ସମବେତ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନ ସଭାନେତ୍ରୀ କଳ୍ପନା ଶତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦିକା ରଶ୍ମିତା ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏମ୍.ଏସ୍. କର, ଆର୍.କେ. ସିଂ, ଝୁନୁ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପି.ପି. ମଣ୍ଡଳ ଧନ୍ୟବାଦ ପ୍ରଦାନ କରିଥିଲେ।


ଅନ୍ୱେଷା ପକ୍ଷରୁ ବିଶ୍ୱ ଗୁରୁ ଦିବସ ପାଳନ ଅବସରରେ ବରିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ■ ସାର୍ବଜନୀନ ଦୁର୍ଗା ପୂଜା, ଜିଲା ପ୍ରଶାସନ ପକ୍ଷରୁ ସମନ୍ୱୟ ବୈଠକ

# ଶୃଙ୍ଖଳା ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ

ରାଉରକେଲା ଅଫିସ,୬।୧୦

କେନ୍ଦ୍ରୀୟ ପୂଜା କମିଟି ସଭାପତି ତଥା ରାଉରକେଲା ଅତିରିକ୍ତ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଶନିବାର ଉଦିତନଗର ଆଇଟିଡିଏ କନଫରେନ୍ସ ହଲରେ ସାର୍ବଜନୀନ ଦୁର୍ଗୋତ୍ସବ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍ପି ଡ. ଉମାଶଙ୍କର ଦାଶ, ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର, ବରିଷ୍ଠ ପୋଲିସ ଅଧିକାରୀ ଏସ୍.କେ. ପାଠୀ, ପି.କେ. ମହାପାତ୍ର, ପଦ୍ମିନୀ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ସମସ୍ତ ଥାନା ଅଧିକାରୀଙ୍କ ସମେତ ଆର୍ଏମ୍ସି, ଆର୍ଏସ୍ପି, ରାସ୍ତା, ପାନୀୟ ଜଳ, ଅଗ୍ନିଶମ, ବିଜୁଳି ଆଦି ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏମାନଙ୍କ ବ୍ୟତୀତ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତା ଚୌଧୁରୀ ବିଜୟ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତା ମଧ୍ୟ ବୈଠକରେ ଯୋଗଦେଇଥିଲେ। ଆସନ୍ତା ପାର୍ବଣକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ସେମାନଙ୍କ ସମସ୍ୟା ଜିଲା ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସ୍ୱେରେଜ କାର୍ଯ୍ୟ ଜାରି ରହିଥିବା ବେଳେ ସହରର ଅନେକ ସ୍ଥାନରେ ବୃହତ ଗର୍ତ୍ତ ସୃଷ୍ଟି ହୋଇଥିବା ବିଭାଗୀୟ ଅଧିକାରୀଙ୍କ ନଜରକୁ ଅଣାଯାଇଥିଲା। ଏହାକୁ ତୁରନ୍ତ ବାଲି ଓ ମାଟି ଫିଲିଂ କରା ନ ଗଲେ ଶ୍ରଦ୍ଧାଳୁ ସମସ୍ୟାର ସମ୍ମୁଖୀନ ହେବେ ବୋଲି କହିଥିଲେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିନିଧି। ସେହିଭଳି ଅନେକ ସ୍ଥାନରେ ବିଜୁଳି ତାର ରାସ୍ତା ଉପରେ ଝୁଲି ରହିଥିବା ବେଳେ ପିଏଚ୍ଡି ପାଇପ ଫାଟି ରାସ୍ତାରେ ପାଣି ଭାସୁଛି ବୋଲି ଅଭିଯୋଗ ହୋଇଥିଲା। ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ କେନ୍ଦ୍ରୀୟ ପୂଜା କମିଟି ଅଧ୍ୟକ୍ଷା ତଥା ଏଡିଏମ୍ ବାନାର୍ଜୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଉ କେତେକ ପୂଜା କମିଟି କର୍ମକର୍ତ୍ତା ଅଭିଯୋଗ କରିଥିଲେ ଯେ ବିଧି ଅନୁସାରେ କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ କରାଗଲା ନାହିଁ। ଏନେଇ ଆଗୁଆ ପଦକ୍ଷେପ ନିଆଯାଇଥିଲେ ଅଧିକ ଗ୍ରହଣୀୟ ହୋଇ ପାରିଥାନ୍ତା। ତଥାପି ପୁରୁଣା କମିଟିରେ ଆଉ କିଛି ନୂଆ କର୍ମକର୍ତ୍ତାଙ୍କୁ ସାମିଲ କରିବାକୁ ବୈଠକରେ ଦାବି କରାଯାଇଥିଲା। ମେଳଣ ଉତ୍ସବକୁ ଦିନରୁ ଆରମ୍ଭ କରାଗଲେ ପଡ଼ିଆକୁ ସଂଖ୍ୟାବହୁଳ ମେଢ଼ ଆସିବା ସହ ଶ୍ରଦ୍ଧାଳୁ ଶାନ୍ତିପୂର୍ଣ୍ଣ ଦର୍ଶନ କରିପାରନ୍ତେ ବୋଲି ଜଣେ କର୍ମକର୍ତ୍ତା ପ୍ରସ୍ତାବ ଦେଇଥିଲେ। ଦିନବେଳା ମେଳଣ ଆୟୋଜନ କରାଗଲେ ପ୍ରତ୍ୟେକ ଦୃଷ୍ଟିରୁ ଏହା ଶୃଙ୍ଖଳିତ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଏସ୍ପି ଡ. ଦାଶ କହିଥିଲେ, ସାର୍ବଜନୀନ ଦୁର୍ଗୋତ୍ସବକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ହେଲେ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କ ସହଯୋଗ ରହିବା ଆବଶ୍ୟକ। ବିଳମ୍ବିତ ରାତି ପର୍ଯ୍ୟନ୍ତ ମାଇକ ନ ବଜାଇବା, ଧାର୍ଯ୍ୟ ସମୟ ପୂର୍ବରୁ ଆବଶ୍ୟକୀୟ ଅନୁମତି ଯୋଗାଡ଼ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ସାର୍ବଜନୀନ ଦୁର୍ଗା ପୂଜା ପାଳନ ନେଇ ସମସ୍ତେ ମିଳିମିଶି କାମ କରିବା ଉଚିତ ବୋଲି ଏଡିଏମ୍ ବାନାର୍ଜୀ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ଆହ୍ୱାନ ଦେଇ କହିଥିଲେ। ଏଥିରେ ବିଭିନ୍ନ ପୂଜା ଓ ନାଗରିକ କମିଟି ପକ୍ଷରୁ ସୁଦାମ ଦାସ, ନିହାର ରାୟ, ସୁନାକର ନାୟକ, ଶ୍ରୀଚରଣ ସାମଲ, ମନୋଜ ଘଡ଼ାଇ, ପ୍ରଦୀପ ମହାପାତ୍ର, ପ୍ରଭାସ ଜେନା, ଏସ୍. ମାରୋଠିଆ ଓ ବିଶ୍ୱନାଥ ଦେ ପ୍ରମୁଖ ଯୋଗଦେଇଥିଲେ।


ଦୁର୍ଗା ପୂଜା ନେଇ ଜିଲା ପ୍ରଶାସନ ପକ୍ଷରୁ ପାନପୋଷ ଆଇଟିଡିଏ ହଲରେ ଆୟୋଜିତ ବୈଠକରେ ମଞ୍ଚାସୀନ ଅତିଥି।



ମୁଁ ମନୁଷ୍ୟ ପ୍ରକୃତିକୁ ସନ୍ଦେହ କରିବି ନାହିଁ। ଜଣକ ପ୍ରତି ସୁବ୍ୟବହାର କଲେ ଓ ବନ୍ଧୁଭାବାପନ୍ନ ହେଲେ ସେ ଅବଶ୍ୟ ତା'ର ଯଥାର୍ଥ ପ୍ରତିଦାନ ଦେବ।

- ମହାତ୍ମା ଗାନ୍ଧୀ



# ମାଳ ଓ ବେର୍ଣ୍ଣା ଜମି ଫାଟି ଆଁ

ବଡ଼ଗାଁ, ୬।୧୦ (ଡି.ଏନ.ଏ)

ପ୍ରତିବର୍ଷ ସ୍ୱଳ୍ପ କିମ୍ବା ଅନିୟମିତ ବର୍ଷା ଓ ରୋଗପୋକ ଯୋଗୁ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ଚାଷୀ କ୍ଷତିଗ୍ରସ୍ତ ହୋଇ ଆସୁଛନ୍ତି। ହେଲେ ସରକାରୀ କଳର ଉଦାସୀନତା ଯୋଗୁ ସେମାନେ କୃଷି ବୀମା ପାଇବାରୁ ବଞ୍ଚିତ ହେଉଛନ୍ତି। କିଛି ବର୍ଷ ହେଲା ଏଭଳି ପରିସ୍ଥିତିରେ ମଧ୍ୟ ଚାଷୀ ଅଣ୍ଟା ସଳଖାଇ ବିଲକୁ ଯିବା ଛାଡି ପାରୁନାହାନ୍ତି। ଚାଷ ପେଟପାଟଣାର ମୁଖ୍ୟ ମାଧ୍ୟମ ହୋଇଥିବାରୁ ଲୋକେ ଚାଷ କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଚାଷୀମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବିଶେଷକରି କ୍ଷୁଦ୍ର ବା ନାମମାତ୍ର ଚାଷୀ ସର୍ବାଧିକ କ୍ଷତି ସହୁଛନ୍ତି। ଗତବର୍ଷ ମରୁଡିର ମାଡ ସହିଥିବା ଚାଷୀ ଚଳିତବର୍ଷ ମଧ୍ୟ କ୍ଷତିରେ ପଡିବା ଆଶଙ୍କା ଦୃଢୀଭୂତ ହେଲାଣି। ଚଳିତବର୍ଷ ବଡ଼ଗାଁ ଅଞ୍ଚଳରେ ଚାଷୀମାନେ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଚାଷ ଠିକ୍ ହେବ ଆଶା କରାଯାଉଥିଲା। ହେଲେ ସେପ୍ଟେମ୍ବର ୧୫ ତାରିଖରୁ ବର୍ଷା ବନ୍ଦ ହୋଇଗଲା ପରେ ମାଳ (ଉଚ୍ଚଜମି) ଓ ବେର୍ଣ୍ଣା (କମଉଚ୍ଚ) ଜମି ଫାଟି ଆଁ କଲାଣି। ଧାନରେ କ୍ଷୀର ନେଲାବେଳେ ପାଣି ଅଭାବ ଯୋଗୁ ଫୁଟି ନ ପାରି ପତ୍ର ହଳଦିଆ ଦେଖାଗଲାଣି। ଅଧିକାଂଶ ମାଳ ଓ ବେର୍ଣ୍ଣା କିସନ ଜମିରେ ଧାନ ଫୁଟି ପାରୁ ନାହିଁ। ଜମିରେ ପାଣି ନ ଥିବାରୁ ଘାସ ମଧ୍ୟ ଉପାଡି ହେଉନାହିଁ। ଫଳରେ ମାଳ ଓ ବେର୍ଣ୍ଣା ଜମିର ଚାଷ ଉପରୁ ଚାଷୀମାନେ ଅମଳ ଆଶା ଛାଡି ଦେଇଛନ୍ତି। ସପ୍ତାହେ ମଧ୍ୟରେ ବର୍ଷା ନ ହେଲେ ମାଳ ଓ ବେର୍ଣ୍ଣା ଜମିର ଚାଷ ଜଳିଯିବା ସହ ବାହାଲ ଜମିର ଚାଷ ମଧ୍ୟ ନଷ୍ଟ ହୋଇଯିବ ବୋଲି ଚାଷୀଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଅଞ୍ଚଳର କେତେକ ଚାଷୀଙ୍କୁ ଏହା ଉପରେ ପଚାରିବାରେ ମାଳ ଓ ବେର୍ଣ୍ଣା ଜମିର ଚାଷରୁ କିଛି ମିଳିବ ସେ ଆଶା ଆଉ ନାହିଁ। ବିଲକୁ ଗଲେ ଦୁଃଖ ଲାଗୁଛି। ତେଣୁ ଜମିକୁ ଯାଉନାହିଁ ବୋଲି କହିଛନ୍ତି। ଯେଉଁ ବ୍ୟକ୍ତିଙ୍କ ବିଲ ନିକଟରେ ପୋଖରୀ, ନାଳ ଆଦି ଜଳାଶୟ ଅଛି, ସେମାନେ ବେର୍ଣ୍ଣା ଓ ବାହାଲ ଜମିର ଚାଷରେ ପମ୍ପ ଦ୍ୱାରା ପାଣି ଦେଉଛନ୍ତି। ଏନେଇ ବଡଗାଁ, ଦାଣ୍ଡଜମରା, ଜରଙ୍ଗଲୋଇ, ଫୁଲବାରୀ ସରପଞ୍ଚ ଯଥାକ୍ରମେ ଶୁଶିଲା ଡନସନା, ସରିତା ଲାକ୍ରା, ଟଙ୍କଧର ନାଏକ, ଅହଲ୍ୟା ଲାକ୍ରାଙ୍କ ସହିତ କେତେକ ଜନ ପ୍ରତିନିଧିଙ୍କୁ ପଚାରିବାରେ ଜମି ଫାଟି ଗଲାଣି ଓ ପତ୍ର ହଳଦିଆ ଦେଖାଗଲାଣି ବୋଲି କହିଛନ୍ତି। ମାଳ ଓ ବେର୍ଣ୍ଣା ଜମିରୁ ଅମଳ ହେବ ନାହିଁ। ବାକି ଥିବା ବାହାଲ ଜମି କେଉଁଠି କେମିତି ଓଦା ଅଛି। ୫ରୁ ୭ ଦିନ ମଧ୍ୟରେ ବର୍ଷା ନ ହେଲେ ସେ ମଧ୍ୟ ନଷ୍ଟ ହୋଇଯିବ କହିଛନ୍ତି। ଏ ସମ୍ପର୍କରେ ଅଞ୍ଚଳର କେତେକ ଚାଷୀ ବଡ଼ଗାଁ କୃଷି ବିଭାଗ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। କୃଷି ବିଭାଗ ଅଧିକାରୀ ମଧ୍ୟ ଚାଷ ନଷ୍ଟ ହୋଇଯିବାର ଆଶଙ୍କା କରିଛନ୍ତି।



ବଡ଼ଗାଁ ବ୍ଲକର ଭୋଇପାଲି ଗାଁ ନିକଟ ମାଳ ଜମି ଫାଟି ଆଁ କରିଛି।

**ବଡ଼ଗାଁ ବ୍ଲକ**

- ବାହାଲ ଜମିର ଚାଷ ମଧ୍ୟ ନଷ୍ଟ ହୋଇଯିବା ଆଶଙ୍କା
- ମରୁଡ଼ି ଆଶଙ୍କାରେ ଅଞ୍ଚଳର ଚାଷୀଙ୍କ ଚିନ୍ତା ବଢ଼ିଲା
- କୃଷି ବିଭାଗ ଅଧିକାରୀଙ୍କୁ ଲିଖିତ ଜଣାଇଲେ ଚାଷୀ

**ସେମାନେ ଯାହା କୁହନ୍ତି...**



ମାଳ, ବେର୍ଣ୍ଣା ଜମିରୁ କିଛି ମିଳିବ ସେ ଆଶା ଛାଡି ଦେଇଛୁ। ବାହାଲ ଜମି ମଧ ଶୁଖି ଯାଇଛି। ୪ରୁ ୫ ଦିନ ମଧରେ ବର୍ଷା ନ ହେଲେ ସେ ମଧ ଯିବ। ଗରିବ ଚାଷୀଙ୍କ ଉପରେ ଚଡ଼କ ପଡିଛି। ସରକାର ବର୍ତ୍ତମାନ ଠାରୁ ସର୍ଭେ କରି ଚାଷୀଙ୍କୁ ସହଯୋଗ ନ କଲେ ଚାଷୀଙ୍କ ଅଣ୍ଟା ଭାଙ୍ଗିଯିବ।

-କିଶୋର ସୁନ୍ୟାନୀ, କୁରେଇବଗା



ଆମ ପଞ୍ଚାୟତର ସମସ୍ତ ମାଳ, ବେର୍ଣ୍ଣା ଜମିର ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବାହାଲ ଜମିରେ ମଧ ପାଣି ନାହିଁ। ସପ୍ତାହେ ମଧରେ ବର୍ଷା ନିହାତି ଦରକାର, ନ ହେଲେ ଚାଷୀ ବିଲରୁ ମୁଠାଏ ଧାନ ମଧ ପାଇବ ନାହିଁ। ଲଘୁଚାପ ବର୍ଷା ୯ ତାରିଖ ହେବ କୁହାଯାଉଛି। ଏହା ଆମ ପଟେ ନ ହେଲେ ବାହାଲ ଜମିର ଚାଷ ଜଳିଯିବ।

-ସଚ୍ଚିନ୍ଦ୍ର ପଟେଲ, ଭୋଇପାଲି



ପାଣିର ଅଭାବ ଯୋଗୁ ମାଳ, ବେର୍ଣ୍ଣା ଜମିରୁ ଆମଦାନୀ ହେବ ନାହିଁ। ଉଠାଜଳସେଚନ ବ୍ୟବସ୍ଥା ନ ଥିବାରୁ ଚାଷ ବଞ୍ଚାଇରଖି ହେଉନି। ଗତବର୍ଷର ମରୁଡି ପରେ ଚଳିତବର୍ଷ ମଧ ମରୁଡିର ମାଡ ଚାଷୀ ସହିବ। ସରକାର ତଦନ୍ତ କରି ଚାଷୀଙ୍କୁ ସହଯୋଗ ନ କଲେ ପାଣି ଅଭାବ ଯୋଗୁ ମରୁଡିରେ ପଡୁଥିବା ଚାଷୀକୁଳ ଭାସିଯିବେ।

-ଲୁଲୁ ପାଣିଗ୍ରାହୀ, ବଡଗାଁ



ବର୍ଷା ହେଉନାହିଁ। ଫଳରେ ଧାନ କିଆରି ଫାଟି ଗଲାଣି। ଧାନ ଫୁଟି ପାରୁନାହିଁ। ଅଳ୍ପ ଦିନ ମଧରେ ବର୍ଷା ନ ହେଲେ ଚାଷୀ ବିଲକୁ ଯିବା ଛାଡିଦେବେ। ଯାହାର ପାଣି ବ୍ୟବସ୍ଥା ଅଛି କିମ୍ବା ପାଖରେ ନାଳ, ପୋଖରୀ ଅଛି ସେମାନେ ଚାଷ ବଞ୍ଚାଇବାକୁ ପ୍ରାଣପଣେ ଚେଷ୍ଟା ଚଳାଇଛନ୍ତି। ଏବେ ଠାରୁ ସରକାର ଚାଷର ସ୍ଥିତି ଉପରେ ନଜର ଦେଇ ଚାଷୀଙ୍କୁ ସହଯୋଗ କରିବା ଆବଶ୍ୟକ।

-ବିକ୍ରମ ଟପ୍ପୋ, ସରପଞ୍ଚ, ସାହାଜବାହାଲ

## ସଂକ୍ଷେପରେ

### ଜିଲାସ୍ତରୀୟ ବିଶ୍ୱ ବଧିର ଦିବସ ପାଳିତ

ସୁନ୍ଦରଗଡ, ୬।୧୦ (ଡି.ଏନ୍.ଏ) ଜିଲା ପ୍ରଶାସନ ,ଭିନ୍ନକ୍ଷମ ଓ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ବିକାଶ ଭବନଠାରେ ଜିଲାସ୍ତରୀୟ ବିଶ୍ୱ ବଧୀର ଦିବସ ପାଳିତ ହୋଇଯାଇଛି। ଓଡିଶା ସରକାରଙ୍କ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିତିନ୍ ଚନ୍ଦ୍ରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ସମାରୋହକୁ ଉଦଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଶ୍ରବଣବାଧିତ ବ୍ୟକ୍ତିମାନଙ୍କୁ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ସହିତ ସୁନିଶ୍ଚିତ କରାଇବାକୁ ପ୍ରେରଣା ଦେଇଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁଗ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ଦିଲ୍ଲୀପ କୁମାର ଷଡଙ୍ଗୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ବିଶିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ କୁମାର ପ୍ରଧାନ ଏହି ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ଏହି ବ୍ୟକ୍ତି ମାନେ ବ୍ୟବହାର କରୁଥିବା ଭାଷା ଏକ ସାର୍ବଜନୀନ ଭାଷା, ଯାହକି ସମଗ୍ର ପୃଥିବୀରେ ଏକ ନିର୍ଦ୍ଦିଷ୍ଟ ଭାଷା ସମସ୍ତ ପ୍ରକାର ବ୍ୟକ୍ତି ବୁଝିପାରନ୍ତି। ତାହା ହେଉଛି ସାଙ୍କେତିକ ଭାଷା। ଏହି ଅବସରରେ ଶ୍ରବଣବାଧିତ ୨୫ଜଣଙ୍କୁ ଶ୍ରବଣ ପରୀକ୍ଷା କରାଯାଇ ୪୯ଟି ପୋଗ୍ରାମମେବୁଲ ଡିଜିଟାଲ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ସକାଳେ ପ୍ରାତଃ ସମୟରେ ଜିଲାର ବିଭିନ୍ନ ସ୍ଥାନରୁ ତଥା ବନ୍ଧପାଲିସ୍ଥିତ ସାର୍ଥକ ବିଦ୍ୟାଳୟର ପ୍ରାୟ ୩୫୦ଜଣ ଶ୍ରବଣ ବାଧିତ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଅବସରରେ ସେମାନଙ୍କ ମଧ୍ୟରେ ଡ୍ରଇଂ, ଝୋଟି ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ, ସ୍ୱତନ୍ତ୍ର ବିଦ୍ୟାଳର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସର୍ବଶିକ୍ଷା ଅଭିଯାରେ ସମସ୍ତ ବିଆରଟି ତଥା ଜିଲା ବଧୀର ସଂଘର ଉପସଭାପତି ମହେଶ୍ୱର ପଟେଲ, ସାଧାରଣ ସମ୍ପାଦକ ଦିଲୀପ ପଟେଲ, ରମେଶ ଚାନ୍ଦ ଆଚାର୍ଯ୍ୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସାଙ୍କେତିକ ଭାଷାରେ ପ୍ରକାଶ କୁମାର ତିଓାରୀ ବାଖ୍ୟା କରିଥିଲେ । ଶେଷରେ ସାର୍ଥକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ ।

### ରାଜ୍ୟପାଳଙ୍କ ସୁନ୍ଦରଗଡ଼ ଗସ୍ତ

ସୁନ୍ଦରଗଡ଼ , ୬।୧୦ (ଡି.ଏନ୍.ଏ.)

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଙ୍ଗଳବାର ସୁନ୍ଦରଗଡ଼ ଜିଲା ଗସ୍ତରେ ଆସୁଥିବା ଜଣାଯାଇଛି। ସେ ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟରେ ଯୋଗଦେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ପୂର୍ବାହ୍ନରେ ଡିଆରଡିଏର ପ୍ରଗତି ମଣ୍ଡପଠାରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ। ପରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର କାର୍ଯ୍ୟକ୍ରମରେ ଯୋଗ ଦେବେ। ସେଠାରୁ କିରେଇ ପଞ୍ଚାୟତ ଯାଇ ପଞ୍ଚାୟତ ପ୍ରତିନିଧି, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସହ ଆଲୋଚନା କରିବେ।

### ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ସୁନ୍ଦରଗଡ଼ , ୬।୧୦ (ଡି.ଏନ୍.ଏ.)

ସାନପତ୍ରାପାଲି ୟୁଥ କ୍ଲବ ଆନୁକୂଲ୍ୟରେ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା ବିଜେଡିର ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ସୁନ୍ଦରଗଡ଼ ନଗରପାଳ ବେଣୁଧର ତାଣ୍ଡିଆ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା କୃଷକ ବିଜେଡିର ସାଧାରଣ ସମ୍ପାଦକ ସୁନୀଲ କୁମାର ମହାପାତ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଆଖପାଖ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଫୁଟବଲ ଦଳ ଭାଗ ନେଇଛନ୍ତି। ଆୟୋଜକ ୟୁଥ କ୍ଲବର କର୍ମକର୍ତ୍ତା ଫୁଙ୍ଗନ ରଉତିଆ, ଶଶୀଧର ବାଗ୍, ଅଶୋକ ପ୍ରଧାନ, ଭୁବନ ସା, ଲଳିତ ଭୈଷାଁଲ, ଖଡୁ ସୁନାନୀ, ହୀରାଧର ରଉତିଆ, ପିଣ୍ଟୁ ରଉତିଆ, ରଞ୍ଜନ ବାଗ୍, ଦୀପକ ଚିତା ଓ କାଳିଆ ସାହୁ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଛନ୍ତି।

## ଜିଲା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବୀରମିତ୍ରପୁର ପୌରପାଳିକା ପରିଦର୍ଶନ

# ସହରୀକରଣଯୋଜନାରସମୀକ୍ଷା

କୁଆଁରମୁଣ୍ଡା,୬।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ନଗର ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ମାର୍ସେଲ ଏକ୍କା ଶନିବାର ବୀରମିତ୍ରପୁର ପୌରପାଳିକା ପରିଦର୍ଶନ କରିଛନ୍ତି। ଏହି ଅବସରରେ ପୌରପାଳିକାର ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ସହରୀକରଣ ଯୋଜନାଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଅନୁଷ୍ଠିତ ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ମାର୍ସେଲ ଏକ୍କା ସଭାପତିତ୍ୱ କରିଥିଲେ। ଉନ୍ନତି ଯୋଜନାରେ ପୌରପାଳିକାର ୱାର୍ଡ ପିଛା ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ, ଆହାର କେନ୍ଦ୍ରର କାର୍ଯ୍ୟକାରିତା ସମୀକ୍ଷା, ପ୍ରତ୍ୟେକ ୱାର୍ଡକୁ ସ୍ଲମ ମୁକ୍ତ ପାଇଁ ଭୂମିହୀନମାନଙ୍କୁ ଜମିପଟ୍ଟାର ସୁବନ୍ଦୋବସ୍ତ ସହ ପକ୍କା ଘର ନିର୍ମାଣ ପାଇଁ ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ବ୍ୟବସ୍ଥା, ସ୍ୱଚ୍ଛ ଭାରତ ମିଶନ ଜରିଆରେ ବ୍ୟକ୍ତିଗତ ଶୌଚାଳୟଠାରୁ ଆରମ୍ଭ କରି ଗୋଷ୍ଠୀ ଶୌଚାଳୟ ନିର୍ମାଣ, ଜୀବିକା ମିଶନ ଜରିଆରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ମାଧ୍ୟମରେ ସ୍ୱଳ୍ପ ସୁଧରେ ଋଣ ପ୍ରଦାନ ଇତ୍ୟାଦି ବିଷୟରେ ସମୀକ୍ଷା କରିଥିଲେ। ପୌରପାଳିକା ୯ନମ୍ବର ୱାର୍ଡ ବ୍ୟତୀତ ଅନ୍ୟ ୧୩ଟି ୱାର୍ଡରେ ଥିବା ଭୂମିହୀନ ପରିବାର ସରକାରଙ୍କ ସ୍ଲମମୁକ୍ତ ମିଶନକୁ ଗ୍ରହଣ କରିଛନ୍ତି। ମାତ୍ର ୯ ନମ୍ବର ୱାର୍ଡର ଭୂମିହୀନମାନେ ଏହି ବ୍ୟବସ୍ଥାରେ ସାମିଲ ହେଲେ ସରକାରଙ୍କର ଘରଡିହ ଜମିପଟ୍ଟା, ବିଦ୍ୟୁତିକରଣ, ଗୃହ ଜଳଯୋଗାଣ ଓ ରାସ୍ତାଘାଟ ଆଲୋକୀକରଣର ସୁବନ୍ଦୋବସ୍ତ କାର୍ଯ୍ୟ କରାଯିବ। ଏଣୁ ୯ନମ୍ବର ୱାର୍ଡର ଭୂମିହୀନମାନେ ଏହି ସରକାରୀ ସୁବିଧାରୁ ଯେଭଳି ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ପୌରପାଳିକା ଅଧିକାରୀମାନେ ଯତ୍ନବାନ ହେବା ପାଇଁ ପିଡି ଏକ୍କା ଏହି ଅବସରରେ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ବୀରମିତ୍ରପୁର ପୌରପାଳିକା ଏମ୍‌ଇ ରାଜେଶ କୁମାର ଜେନା, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ସାହୁ, ମଙ୍ଗଳ ବିଭାଗ ଅଧିକାରୀ ଅନ୍ତର୍ଯାମୀ ବେହେରା, ଗୋଷ୍ଠୀ ସଙ୍ଗଠିକା ସାଗରିକା କିରୋ, ଜଳ ଓ ପରିମଳ ନିରୀକ୍ଷକ ଫିଲମୋନ ସାମାଦ, ରଂଜିତ ରାଉତ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।



ସୁନ୍ଦରଗଡ଼ ଜିଲା ନଗର ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ବୀରମିତ୍ରପୁର ପୌରପାଳିକା କାର୍ଯ୍ୟାଳୟରେ ସହରୀକରଣ ଯୋଜନାର ସମୀକ୍ଷା କରୁଛନ୍ତି।

## ନିୟମିତ ମିଳୁନି ପାରିଶ୍ରମିକ

# ପାରିଶ୍ରମିକ ମାଗିଲେ ମିଳୁଛି ଧମକ

ସୁନ୍ଦରଗଡ଼, ୬।୧୦ (ଡି.ଏନ୍.ଏ)

ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ଥାୟୀ ଭାବେ କାର୍ଯ୍ୟରତ ୧୬ଜଣ କର୍ମଚାରୀଙ୍କୁ ନିୟମିତ ଭାବେ ଦରମା ମିଳୁ ନ ଥିବା ଅଭିଯୋଗ ହୋଇଛି। ସୁଲଭ ଇଣ୍ଟରନ୍ୟାସନାଲ ନାମକ ଏହି ଠିକା ସଂସ୍ଥା ଦ୍ୱାରା ଚିକିତ୍ସାଳୟର ବିଭିନ୍ନ କାର୍ଯ୍ୟର ନିୟୋଜିତ ଏହି କର୍ମଚାରୀମାନଙ୍କୁ ଦୈନିକ ୧୩୦ଟଙ୍କା ହାରରେ ମାସିକ ୩୪୦୦ଟଙ୍କା ଲେଖାଏଁ ପାରିଶ୍ରମିକ ମିଳିଥାଏ। ମାତ୍ର ଏହି ପାରିଶ୍ରମିକ ନିୟମିତ ଭାବେ ମିଳୁ ନାହିଁ। ଗତ ୫ମାସ ହେବ ଏହି ପାରିଶ୍ରମିକ ନ ମିଳିବାରୁ ସମ୍ପୃକ୍ତ କର୍ମଚାରୀମାନଙ୍କୁ ପରିବାର ପ୍ରତିପୋଷଣ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ପୂର୍ବରୁ ଏହି ସଂସ୍ଥାର ସ୍ଥାନୀୟ ପରିଚାଳକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏପରିକି ପୂର୍ବରୁ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଆଲୋଚନା ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏହା ସତ୍ତ୍ୱେ ମଧ୍ୟ ଗତ ନୂଆଁଖାଇରେ ମଧ୍ୟ ଦରମା ପ୍ରଦାନରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଆଗକୁ ପୂଜା ଆସୁଥିବା ବେଳେ ବକେୟା ଦରମା ପ୍ରଦାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରଯାଉ ନ ଥିବା ଯୋଗୁ ଏହି କର୍ମଚାରୀମାନେ କାଉନସିଲର ଡା ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଚିକିତ୍ସାଧାରୀ ଦିଲ୍ଲୀପ କୁମାର ଷଡଙ୍ଗୀ ଓ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧାରୀ ଡଃ ପଙ୍କଜ କୁମାର ପଟେଲଙ୍କ ସହିତ ଆଲୋଚନା କରି ଶିଘ୍ର ଦରମା ପ୍ରଦାନ ପାଇଁ ଦାବି କରିଥିଲେ । ମାତ୍ର ଏ ଦିଗରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ କୌଣସି ପଦକ୍ଷେପ ନେବାକୁ ମୁଖ୍ୟ ଚିକିତ୍ସାଧିକାରୀ ମନା କରିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବିଜେଡି ମହିଳା ସମାବେଶ

ଲେଫ୍ରିପଡା,୬।୧୦ (ଡି.ଏନ.ଏ)

ରାଜ୍ୟରେ ଆଗକୁ ନିର୍ବାଚନ ରହିଥିବାରୁ ରାଜନୈତିକ ଦଳ ମଧ୍ୟରେ ଜନସାଧାରଣଙ୍କ ନିକଟତର ହେବାକୁ ପ୍ରୟାସ କରାଯାଉଛି। ବିଜେଡି ପକ୍ଷରୁ ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଛୋଟବଙ୍ଗାଠାରେ ଶନିବାର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଜିଲା ସଭାପତି ମଙ୍ଗଳା କିଷାନ, ରାଜମାତା ପଦ୍ମିନୀ ଶେଖର ଦେଓ, ମହିଳା ନେତ୍ରୀ ମୀନତୀ ଦେବତା, ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର କମିଟି ଉପାଧ୍ୟକ୍ଷା କୁସୁମ ଟେଟେ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇଥିଲେ। ସମାବେଶରେ ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥାପନ କରି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ସମସ୍ତେ ବର୍ଷିଥିଲେ। ଅନ୍ୟପକ୍ଷରେ ସମାବେଶରେ ଅଞ୍ଚଳର ବିଭିନ୍ନ କର୍ମୀ ମହଲରେ ଅଶାନ୍ତି ଦେଖାଦେଇଥିଲା।

**କର୍ମୀ ମହଲରେ ଅଶାନ୍ତି**

ବିଭିନ୍ନ କର୍ମୀଙ୍କୁ ସମାବେଶ ପାଇଁ ଡକାଯାଇ ନ ଥିବାରୁ ଦଳୀୟ କର୍ମୀ କୋଣଠେସା ଭାବେ ଉପସ୍ଥିତ ରହି ଦଳୀୟ ନେତୃତ୍ୱ ଦିଗରେ ଅଙ୍ଗୁଳି ନିର୍ଦ୍ଦେଶ କରି ଗଣମାଧ୍ୟମକୁ ବିବୃତି ପ୍ରଦାନ କରିଥିଲେ। ନିଜ ନାମ ଗୁଡିକ ଗୋପନ ରଖିବାକୁ ପ୍ରକାଶ କରିଥିଲେ। ଅପର ପକ୍ଷରେ ବିଜେଡି ଦଳୀୟ କନ୍ଦଳ ଅଶାନ୍ତ ରୂପ ନେଉଥିବା ବେଳେ ଆଗାମୀ ଦିନରେ ଏହା କିଭଳି ରୂପ ନେଉଛି ତାହା ଦେଖିବାକୁ ବାକି ରହିଛି।



ଲେଫ୍ରିପଡ଼ା ବ୍ଲକ୍ ଛୋଟବଙ୍ଗାଠାରେ ବିଜେଡିର ମହିଳା ସମାବେଶ।

## ଓସିଏଲର ଚୂନପଥର ଖଣି ପରିବେଶ ମଞ୍ଜୁରିକୁ ବିରୋଧ

# ଧାରଣାରେ ବସିଲେ ଜର୍ଜ ସମର୍ଥକ

ସୁନ୍ଦରଗଡ଼, ୬।୧୦ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଲାଞ୍ଜିବେର୍ଣ୍ଣା ଠାରେ ଥିବା ଓସିଏଲ୍‌ର ଚୂନପଥର ଖଣିର କ୍ଷମତା ବୃଦ୍ଧି ପାଇଁ ଖଣି ସମ୍ପ୍ରସାରଣକୁ ବିରୋଧ କରାଯାଉଛି। ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ଏବଂ ତାଙ୍କ ସମର୍ଥକମାନେ ଗତ ୩ତାରିଖରେ ପ୍ରଶାସନ ପକ୍ଷରୁ ହେବାକୁ ଥିବା ଜନଶୁଣାଣିକୁ ବିରୋଧ କରି ଭଣ୍ଡୁର କରିଦେଇଥିଲେ। ପୁଣି ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। ଜନଶୁଣାଣିକୁ ସ୍ଥଗିତ ରଖାଯାଇଥିବା ନେଇ ସେତେବେଳେ ପ୍ରଶାସନ ପକ୍ଷରୁ ଏହି ଜନଶୁଣାଣିକୁ ଅସିଦ୍ଧ ଘୋଷଣା କରିଥିଲେ। ସେମାନଙ୍କୁ ଲିଖିତ ପ୍ରତିଶ୍ରୁତି ଦେବାକୁ ଦାବି କରି ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଚୂନଖଣି ସମ୍ପ୍ରସାରଣ କାର୍ଯ୍ୟକୁ ବିରୋଧ କରୁଥିବା ଶତାଧିକ ଆଦିବାସୀ ମହିଳା ପୁରୁଷ ସୁନ୍ଦରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ନ ପାଇ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ବାରନ୍ଦାରେ ଧାରଣାରେ ବସିଥିଲେ। ପ୍ରଶାସନ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା ପହଞ୍ଚି ଏହି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ଏଥିରେ ସନ୍ତୁଷ୍ଟ ନ ହୋଇ ଲିଖିତ ପ୍ରତିଶ୍ରୁତି ଦାବି କରିଥିଲେ। ହେଲେ ପ୍ରକଳ୍ପ ନିର୍ଦ୍ଦେଶକ ବେହେରା ଅସହାୟତା ପ୍ରକାଶ କରିବାରୁ ଆନ୍ଦୋଳନକାରୀମାନେ ନିଜ ଜିଦ୍‌ରେ ଅଟଳ ରହି ଧାରଣାରେ ବସିରହିଥିଲେ। ପରେ ଅପରାହ୍ନରେ ଅତିରିକ୍ତ ଜିଲାପାଳ ଭାସ୍କରଚନ୍ଦ୍ର ତୁରୁଗ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା ପରେ ଆସନ୍ତା ୧୧ ତାରିଖରେ ଜିଲାପାଳଙ୍କ ଉପସ୍ଥିତିରେ ଏ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ ଏବଂ ସେ ପର୍ଯ୍ୟନ୍ତ କୌଣସି ପ୍ରକାର ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ ନ କରିବାକୁ ଅନୁରୋଧ କରିବା ପରେ ଆନ୍ଦୋଳନକାରୀମାନେ ଧାରଣାରୁ ଉଠିଥିଲେ।



ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୭ ଅକ୍ଟୋବର, ୨୦୧୮



ମନରେ କ୍ରୋଧ ଜାତ ହେଲା ମାତ୍ରକେ ପରିଣାମ
କ'ଣ ହେବ ସେ ବିଷୟରେ ଚିନ୍ତାକର।
- କନ୍‌ଫୁସିୟସ



## ସଂକ୍ଷେପରେ

### ଖୁନ୍ତାମାଳରେ ପ୍ରଧାନମନ୍ତ୍ରୀ ଏଲ୍‌ପିଜି କାର୍ଯ୍ୟକ୍ରମ

ଲଇକେରା,୬।୧୦(ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ଖୁନ୍ତାମାଲ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ପ୍ରଧାନମନ୍ତ୍ରୀ ଏଲ୍‌ପିଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସିଏସ୍‌ସି ପରିଚାଳକ ଗାନ୍ଧୀରାମ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ମହିଳାମାନଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ଡେମୋ ପ୍ରଦର୍ଶନ କରାଯାଇଥିଲା। ୪୫୩ ମହିଳା ହିତାଧିକାରୀ ଯୋଗଦେଇ ବିଭିନ୍ନ ସୁବିଧା, ଅସୁବିଧା ସମ୍ପର୍କରେ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଅଷ୍ଟମୀ ଜୟପୁରିଆ, ସମ୍ମାନିତ ଅତିଥି ଭାବେ ଆଇଓସିଏଲ୍ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ଲଇକେରା ଇଣ୍ଡିଆନ ଗ୍ୟାସ ବିତରକ ନବୀନ ସାହୁ, ପାକେଲପଡ଼ା ସିଏସ୍‌ସି ପରିଚାଳକ ଅଚ୍ୟୁତାନନ୍ଦ ପଟେଲ, ଏକାଦଶିଆ ରଣା ପ୍ରମୁଖ ଯୋଗଦେଇଥିଲେ। ବାବୁଛିପିଡିହି ସିଏସ୍‌ସିର ଭିଏଲ୍‌ଇ ସଞ୍ଜୀବ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଝାରସୁଗୁଡ଼ା ଜିଲାରେ ସମ୍ଭାବ୍ୟ ମରୁଡ଼ି ସ୍ଥିତି

# ପାଣି ନାହିଁ, ଚାଷଜମି ଫାଟି ଆଁ କଲାଣି

ଝାରସୁଗୁଡ଼ା ଅଫିସ,୬।୧୦

ଅପେକ୍ଷାକୃତ କମ୍ ବର୍ଷା ଯୋଗୁ ଝାରସୁଗୁଡ଼ା ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାର ୫ଟି ବ୍ଲକରେ ଏହି ପରିସ୍ଥିତି ଚାଷୀଙ୍କୁ ଚିନ୍ତାରେ ପକାଇଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ବର୍ଷା ଉଭାନ୍ ହୋଇ ଯାଇଥିବା ବେଳେ ଚାଷଜମି ଫାଟି ଆଁ କଲାଣି। ଝାରସୁଗୁଡ଼ା ବ୍ଲକର ଅନେକ ଅଞ୍ଚଳରେ ଆସନ୍ନ ମରୁଡ଼ି ପରିସ୍ଥିତି ବୋଲି ଚାଷୀ ଅଭିଯୋଗ କଲେଣି। ଏହାକୁ ଦୃଷ୍ଟିରେ ରଖି ଜିଲା କୃଷି ବିଭାଗ ପରିସ୍ଥିତିର ସମୀକ୍ଷା କରିବାକୁ ମଧ୍ୟ ପଦକ୍ଷେପ ଗ୍ରହଣ କରିଛି। କୃଷି ବିଭାଗ ତରଫରୁ ଜମିର ଆର୍ଦ୍ରତା ରିପୋର୍ଟ ସଂଗ୍ରହ କରିବାକୁ ପ୍ରତି ବ୍ଲକକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟ ଆଧାରରେ ମରୁଡ଼ି ପରିସ୍ଥିତି ଆକଳନ ଓ ଘୋଷଣା କରାଯାଇ କ୍ଷତିପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି।

ସେପ୍ଟେମ୍ବର ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା ଧାନ ଚାଷ ପାଇଁ ବିପଦ ସାଜିଛି। ଏହି ମାସରେ ସ୍ୱାଭାବିକ ବର୍ଷା ୨୧୦.୭ ମି.ମି ରେକର୍ଡ ରହିଥିବା ବେଳେ ଚଳିତବର୍ଷ ମାତ୍ର ୧୨୨.୨୬ ମି.ମି ବର୍ଷା ହୋଇଛି। ଯାହା ଧାନ ଫସଲକୁ କ୍ଷତିଗ୍ରସ୍ତ କରିଛି। ସଦର ବ୍ଲକ କୋଇଲଗାରେ ୧୫୦ ଏକର, ବାଘିଆବେର୍ଣ୍ଣାରେ ୧୫୦ ଏକର, ଲୋଇସିଂରେ ୧୦୦ଏକର, ଠେକସପୁରରେ ୧୦୦ ଏକର, ତିଲେଇମାଲରେ ୧୫୦ ଏକର, ବଲଙ୍ଗିବାହାଲରେ ୫୦ ଏକର, ନିକ୍ରିମାଲରେ ୧୦୦ ଏକର, ଭୋଇମୁଣ୍ଡାରେ ୮୦ ଏକର ଜମିରେ ପାଣି ନାହିଁ। କେତେକ ସ୍ଥାନରେ ଚାଷ ଜମି ଫାଟି ଆଁ କଲାଣି। ଦିନେ କିମ୍ବା ଦୁଇଦିନରେ ବର୍ଷା ନ ହେଲେ ମରୁଡ଼ି ସୁନିଶ୍ଚିତ। କେତେକ ସ୍ଥାନରେ ଫସଲର ଅବସ୍ଥା ଏପରି ହେଲାଣି ଯେ ସେଠାରେ ବର୍ଷା ହେଲେ ବି ମରୁଡ଼ି ନିଶ୍ଚିତ। ବର୍ତ୍ତମାନ ଧାନରେ ଫୁଲ, ଫଳ ଧରିବା ସମୟ ହୋଇଥିବାରୁ ବର୍ଷା ନିତାନ୍ତ ଆବଶ୍ୟକ। ଏପରିସ୍ଥଳେ ବର୍ଷା ଅଚାନକ ଉଭାନ ହୋଇଯିବାରୁ ଧାନ ଫୁଲ ଫୁଟିବା ସମ୍ଭବ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି। ସେହିପରି ଲଇକେରା, କିର୍ମିରା ଏବଂ କୋଲାବିରା ବ୍ଲକରେ ହଜାରେରୁ ଅଧିକ ହେକ୍ଟର ଚାଷଜମି ଫସଲ ୨୫%ରୁ ଅଧିକ ନଷ୍ଟ ହୋଇସାରିଥିବା ସୂଚନା ମିଳିଛି। ଏ ବାବଦରେ ଜିଲା କୃଷି ଉପନିର୍ଦ୍ଦେଶକ ପୁଷ୍ପେଶ ପୂଜାରୀ କୁହନ୍ତି, ଜିଲାରେ ବର୍ଷାଭାବ ଯୋଗୁ ଉପୁଜିଥିବା ସ୍ଥିତି ଜନିତ ରିପୋର୍ଟ ସଂଗ୍ରହ କରାଯାଉଛି। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ।



ଝାରସୁଗୁଡ଼ା ବ୍ଲକରେ ଚାଷଜମି ଫାଟି ଆଁ କରିଛି।

# ବଏଲ ଯାତ୍ରା ବିବାଦର ସାମୟିକ ସମାଧାନ

କୋଲାବିରା,୬।୧୦(ଡି.ଏନ୍.ଏ.)

କୋଲାବିରାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପ୍ରସିଦ୍ଧ ବଏଲ ଯାତ୍ରାକୁ ନେଇ ଲାଗି ରହିଥିବା ବିବାଦର ସାମୟିକ ସମାଧାନ ହୋଇଛି। ୨୦୦୪ରୁ ସେବାୟତମାନେ ଏହି ଯାତ୍ରାକୁ ବନ୍ଦ କରିଦେଇଥିଲେ। ତେବେ ପୁନର୍ବାର ଏହାକୁ ଆରମ୍ଭ କରିବାକୁ ପ୍ରଶାସନ ଜରିଆରେ ଗ୍ରାମବାସୀଙ୍କ ସହାୟତା ଲୋଡ଼ିଛନ୍ତି। ଗତ ଦୁଇବର୍ଷ (୨୦୧୬ ଏବଂ ୨୦୧୭) ଗ୍ରାମବାସୀ ମନ୍ଦିର ପରିସରରୁ କାଳିଶି ବାହାର କରି ଗ୍ରାମ ପରିକ୍ରମା କରାଇଥିଲେ। ଏହାକୁ ନେଇ ସେବାୟତ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତ ସୃଷ୍ଟି ହୋଇଥିଲା। ତେବେ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଶୃଙ୍ଖଳିତ ଭାବେ ଯାତ୍ରା ସମ୍ପନ୍ନ କରିଥିଲା। ଲୋକଙ୍କ ଧାର୍ମିକ ଭାବନାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଚଳିତବର୍ଷ ମଧ୍ୟ ପ୍ରଶାସନ ପକ୍ଷରୁ ତ୍ରିପାକ୍ଷିକ ବୈଠକ ଆହୁତ କରାଯାଇଥିଲା। ଝାରସୁଗୁଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ଆଚାର୍ଯ୍ୟ, କୋଲାବିରା ତହସିଲଦାର ସଞ୍ଜୀବ କୁମାର ପଟେଲ ଓ କୋଲାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସେବାୟତ, ଏବଂ ଗ୍ରାମବାସୀଙ୍କୁ ନେଇ ମଙ୍ଗଳବାର ବୈଠକ ବସିଥିଲା। ବୈଠକରେ କିଛି ପୁରୁଣା ବିବାଦ ସମ୍ପର୍କରେ ଆଲୋଚନା କରାଯିବା ପରେ ଚଳିତବର୍ଷ କିପରି ଶାନ୍ତିଶୃଙ୍ଖଳାର ସହ ଯାତ୍ରା ହୋଇପାରିବ ସେ ନେଇ ଗ୍ରାମବାସୀ ଏବଂ ସେବାୟତଙ୍କ ମତାମତ ଲୋଡ଼ାଯାଇଥିଲା। ସେବାୟତମାନେ ଯାତ୍ରା କରିବାକୁ ଦାବି ରଖିବା ସହ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ। ତେବେ ଗ୍ରାମବାସୀଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବାକୁ ବୈଠକରେ ଉପସ୍ଥିତ ଗ୍ରାମବାସୀଙ୍କ ପ୍ରତିନିଧି ବୀରେନ୍ଦ୍ର କୁମାର ମହାପାତ୍ର ଗୋଟିଏ ଦିନ ସମୟ ନେଇଥିଲେ। ଗୁରୁବାର ପୁଣି ବୈଠକ ବସିଥିଲା ଓ ଗ୍ରାମବାସୀ ସେବାୟତଙ୍କ ଦାବିରେ ସହମତ ହୋଇଥିଲେ। ବୈଠକରେ ଗ୍ରାମବାସୀଙ୍କ ପକ୍ଷରୁ ଗୋବିନ୍ଦ ଚନ୍ଦ୍ର ଭୋଇ, ଅଶୋକ ବେହେରା, ତେଜରାଜ ସାହୁ, ନରୋତ୍ତମ ପୁରୋହିତ, ଅଶୋକ ସିଂ, ସୁରେନ୍ଦ୍ର ଟଣକାର, ଭରତଚନ୍ଦ୍ର ସାହୁ, ଶୁଭେନ୍ଦୁ କୁମାର ଦାସ, ବିନୋଦ ବିହାରୀ ହୋତା, ବଦ୍ରିପ୍ରସାଦ ରଣା, ସେବାୟତଙ୍କ ପକ୍ଷରୁ ଟ୍ରଷ୍ଟ ସଭାପତି ଦଶରଥ ରାୟ, ପଞ୍ଚାନନ ରାୟ, ପ୍ରେମସେନ ରାୟ, ସମରେନ୍ଦ୍ର ରାୟ, ଭବାନୀ ରାୟ,ସୁଶାନ୍ତ ରାୟ ପ୍ରମୁଖ ଯୋଗଦେଇଥିଲେ।



କଂଗ୍ରେସ ପ୍ରତିନିଧି ରେଲୱେ ମହାପ୍ରବନ୍ଧକଙ୍କ ସହ ଆଲୋଚନା କରୁଛନ୍ତି।

## ରେଲୱେ ମହାପ୍ରବନ୍ଧକଙ୍କ ଝାରସୁଗୁଡ଼ା ଗସ୍ତ

# କଂଗ୍ରେସ ପକ୍ଷରୁ ଦାବି ଉପସ୍ଥାପନ

ଝାରସୁଗୁଡ଼ା ଅଫିସ, ୬।୧୦

ଦକ୍ଷିଣ-ପୂର୍ବ ରେଳପଥ ମହାପ୍ରବନ୍ଧକ ପୂର୍ଣ୍ଣେନ୍ଦୁ ଭୂଷଣ ମିଶ୍ର ଶନିବାର ଦିନିକିଆ ଝାରସୁଗୁଡ଼ା ଗସ୍ତରେ ଆସି ଫେରିଯାଇଛନ୍ତି। ଏହି ଗସ୍ତ ସମୟରେ ସେ ସଦ୍ୟ ଉଦ୍‌ଘାଟିତ ଝାରସୁଗୁଡ଼ା-ସରଡେଗା ରେଳଲାଇନ୍ ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ। ସୁନ୍ଦରଗଡ଼ରୁ କୋଇଲା ପରିବହନ ପାଇଁ ଏହି ରେଳଲାଇନ୍ ଜରୁରୀ ହୋଇଥିବା ବେଳେ ଏହାକୁ ତୁରନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବା ଦିଗରେ ଅନୁଧ୍ୟାନ କରି ମିଶ୍ର ଫେରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ମିଶ୍ରଙ୍କୁ ସାକ୍ଷାତ କରି ଝାରସୁଗୁଡ଼ାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟତଃ ଚୌକିପଡ଼ା ଓଭରବ୍ରିଜ୍ ନିର୍ମାଣ, ରେଳବାଇ ଜମିରେ ରାସ୍ତା ନିର୍ମାଣ, ଷ୍ଟେଶନରେ ଦ୍ୱିତୀୟଶ୍ରେଣୀ ପ୍ରତୀକ୍ଷାଳୟ, ନାଗାବଳୀ ଏକ୍ସପ୍ରେସକୁ ଝାରସୁଗୁଡ଼ା ଯାଏ ସମ୍ପ୍ରସାରଣ କରିବାକୁ ଦାବି କରାଯାଇଥିଲା। କଂଗ୍ରେସ ପ୍ରତିନିଧି ପିଣ୍ଟୁ ପାଢ଼ୀ, ସରିତା ଅଗ୍ରୱାଲ, ପୱନ ସିଂ, ସତୀଶ ନଲ୍ଲ, କିଶୋରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଶନକାର୍ଡ ବଣ୍ଟନ

କୋଲାବିରା,୬।୧୦ (ଡି.ଏନ୍.ଏ.)

କୋଲାବିରା ବ୍ଲକ ୯ ପଞ୍ଚାୟତର ୨୭୪୮ ହିତାଧିକାରୀଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଶନକାର୍ଡ ପ୍ରଦାନ ପାଇଁ ଚିହ୍ନଟ କରାଯାଇଛି। ଶନିବାର ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ୯୦ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ବାହୁକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ବିଜୟ କୁମାର ସଏ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ଉଦିତନାରାୟଣ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷା ଡୋଲାବତୀ ଭଇଁଷା, ଏମ୍‌ପିଙ୍କ ପ୍ରତିନିଧି ତୁଲାରାମ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦୁଇଦିନ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ ବୋଲି କୁହାଯାଇଛି। ଏପିଓ ସୁନୟନା ବେହେରା, ବ୍ଲକ ଯୋଗାଣ ଅଧିକାରୀ ଦୀପ୍ତିଲତା ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଝାରସୁଗୁଡ଼ା ଷ୍ଟେଶନରେ ସାନିଟାରି ନାପ୍‌କିନ ଭେଣ୍ଡିଂ ମେଶିନ

ଝାରସୁଗୁଡ଼ା ଅଫିସ,୬।୧୦

ମହିଳା ସଶକ୍ତୀକରଣ କ୍ଷେତ୍ରରେ କାମ କରୁଥିବା 'ସଙ୍ଗିନୀ' ଅନୁଷ୍ଠାନ ପକ୍ଷରୁ ଅକ୍ଟୋବର ୨ ତାରିଖରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପରିସରରେ ସାନିଟାରି ନାପ୍‌କିନର ଭେଣ୍ଡିଂ ମେଶିନ ସ୍ଥାପନ କରାଯାଇଥିବା ବେଳେ ଶନିବାର ଝାରସୁଗୁଡ଼ା ରେଲୱେ ଷ୍ଟେଶନରେ ଏହି ମେଶିନ ସ୍ଥାପନ କରାଯାଇଛି। ଏହାକୁ ଦକ୍ଷିଣ-ପୂର୍ବ ରେଳପଥ କୋଲକାତା ଡିଭିଜନ ଜେନେରାଲ ମ୍ୟାନେଜରଙ୍କ ସ୍ତ୍ରୀ ରଶ୍ମିରେଖା ମିଶ୍ର ଉଦ୍‌ଘାଟନ କରିଛନ୍ତି। ୫ଟଙ୍କିଆ କଏନ ବ୍ୟବହାର କରି ଏହି ଭେଣ୍ଡିଂ ମେଶିନରୁ ମହିଳାମାନେ ସାନିଟାରି ନାପ୍‌କିନ ହାସଲ କରିପାରିବେ। ମାସିକ ଧର୍ମ ସମୟରେ ଯାତ୍ରା କରୁଥିବା ମହିଳା ରେଳଯାତ୍ରୀଙ୍କ ପାଇଁ ଏହି ସୁବିଧା ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଉଦ୍‌ଘାଟନୀ ଅବସରରେ ସଙ୍ଗିନୀର ସଦସ୍ୟା ସରିତା ଅଗ୍ରୱାଲ, ପଦ୍ମା ନାଏକ, ପ୍ରେମଲତା ସାକୁନିଆ, ଅନୁପମା ଅଗ୍ରୱାଲ, ମୀରା ଗୋରେ, କିଶୋରୀ ସାହୁ, ବେଲାଦେବୀ ଥାପ୍ପା, ଲକ୍ଷ୍ମୀ ଥାପ୍ପାଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ସଙ୍ଗିନୀ ସଦସ୍ୟା।

## ବିଜୁ ଯୁବବାହିନୀ ପକ୍ଷରୁ 'ନିଶାକୁ ନା' କାର୍ଯ୍ୟକ୍ରମ

ଲଇକେରା,୬।୧୦ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ପାକେଲପଡ଼ାଠାରେ ବିଜୁ ଯୁବବାହିନୀ ପକ୍ଷରୁ ନିଶାକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ମୋହନ କିଷାନ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ନିମସାଗର ପାନଙ୍କ ନେତୃତ୍ୱରେ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରି ନିଶା ସେବନର ଭୟାବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲା। ବିଜୁ ଯୁବବାହିନୀର ଦୀପକ ପ୍ରଧାନ, ରୂପେଶ ପାଢ଼ୀ, ଆକାଶ ମରେହୀ, ମନୋଜ ମାଝି ଏଥିରେ ଯୋଗଦେଇଥିଲେ।

# ପଞ୍ଚାୟତ ରାସ୍ତାକୁ ପିଏମ୍‌ଜିଏସ୍‌ୱାଇରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ

ଲଖନପୁର,୬।୧୦ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କତରବଗା ପଞ୍ଚାୟତ ରାଜୀବ ଭବନରେ ଶନିବାର ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଗୋବିନ୍ଦ ଦଣ୍ଡସେନା, ଜିଲା ପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ, ସଭ୍ୟା ରଞ୍ଜୁ ମଲ୍ଲିକ, ସହକାରୀ ନିର୍ବାହୀଯନ୍ତ୍ରୀ ହରିବନ୍ଧୁ ସାହୁ, ଜିପିଇଓ ଗିରେନ୍ଦ୍ର ପଟେଲ, ଆର୍‌ଡି ସହକାରୀ ଯନ୍ତ୍ରୀ ଅମିର ସେଠୀ, କନିଷ୍ଠଯନ୍ତ୍ରୀ ଦୋଳଗୋବିନ୍ଦ ଭୋଇ, ଦେବାନନ୍ଦ ମହନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ନୀତିନିୟମରେ କେତେକ ପରିବର୍ତ୍ତନ କରାଯାଇ ଏହାକୁ ପିଏମ୍‌ଜିଏସ୍‌ୱାଇ-୨ କରାଯାଇଛି। ଏଥିରେ ବ୍ଲକ ଅଞ୍ଚଳର କେତେକ ପଞ୍ଚାୟତ ରାସ୍ତାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏଥିପାଇଁ ସରକାର ପଞ୍ଚାୟତ ସମିତି ମାଧ୍ୟମରେ ପିଆର୍‌ଆଇ ସଦସ୍ୟଙ୍କ ମତାମତ ଗ୍ରହଣ କରି ସେ ସବୁକୁ ଅନୁଧ୍ୟାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ବଳରେ ପଞ୍ଚାୟତ ସମିତି ବୈଠକ ଆହ୍ୱାନ କରାଯାଇଥିଲା। ଏହି ଯୋଜନାରେ ଲଖନପୁର ବ୍ଲକର ୧୨ କିଲୋମିଟର ରାସ୍ତା ନିର୍ମାଣ ହୋଇପାରିବ ବୋଲି ବିଭାଗୀୟ ବ୍ୟବସ୍ଥା ରହିଛି। ପରେ ପରିସ୍ଥିତିକୁ ଅନୁଧ୍ୟାନ କରି ଅଧିକ ରାସ୍ତା ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ରହିଛି। ଏହି ଆଧାରରେ ବ୍ଲକର ପିଆର୍‌ଆଇ ସଦସ୍ୟମାନେ ନିଜ ପଞ୍ଚାୟତ ରାସ୍ତାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହାକୁ ଅନୁଧ୍ୟାନ କରାଯିବା ପରେ କେଉଁ ରାସ୍ତା ହେବ ଆଉ କେଉଁ ରାସ୍ତା ହେବନାହିଁ ସେ ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ଦଣ୍ଡସେନା କହିଛନ୍ତି। ବୈଠକରେ ସରଣ୍ଡାମାଲ ସମିତିସଭ୍ୟ ଦେବାନନ୍ଦ ପ୍ରଧାନ, ସରପଞ୍ଚ ପାର୍ବତୀ ବେହେରା, ଚାରପାଲି ସରପଞ୍ଚ ପ୍ରଦୀପ ବିଶ୍ୱାଳ, କତରବଗା ସରପଞ୍ଚ ରୋହିତ ଧୁରୁଆ, ସୁନାରୀ ସରପଞ୍ଚ ଅକ୍ଷୟ ସାହୁ, ରମ୍ପେଲା ସରପଞ୍ଚ ରୀତାଞ୍ଜଳି ନାୟକ, ତିଲିଆ ସରପଞ୍ଚ ଠଣସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସକାଳ ପୂର୍ବାହ୍ନ ସାଢ଼େ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବୈଠକ ଚାଲିଥିଲା। ତେବେ ଏଥିରେ ପିଏମ୍‌ଜିଏସ୍‌ୱାଇ ରାସ୍ତା ବ୍ୟତୀତ ଅନ୍ୟ କୌଣସି ବିଭାଗ ଉପରେ ଆଲୋଚନା ହୋଇ ନ ଥିଲା।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି।

# ବନ୍ୟପ୍ରାଣୀ ସପ୍ତାହ ପାଳନ

ଝାରସୁଗୁଡ଼ା ଅଫିସ,୬।୧୦

ଝାରସୁଗୁଡ଼ା ଜିଲା ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସ୍ଥାନୀୟ ପିକେଏସ୍‌ଏସ୍ କଲେଜରେ ବନ୍ୟପ୍ରାଣୀ ସପ୍ତାହ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ ବନ ସଂରକ୍ଷକ ଓମ୍‌ପ୍ରକାଶ ସିଂ, ସମ୍ମାନିତ ଅତିଥି ଭାବେ ଡିଏଫ୍‌ଓ ସୁଶାନ୍ତ କୁମାର, ଏସିଏଫ୍ ପି.କେ. ଧଳ, ଏଡିଏମ୍‌ଓ ଡି. ପଟେଲ, ତାପସ ରାୟଚୌଧୁରୀ, ଆଶିଷ ଶୁକ୍ଳା, ମଧୁସୂଦନ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଗଣେଶ ମିର୍ଦ୍ଧାଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ବିଜୁ ପଟ୍ଟନାୟକ ଆୱାର୍ଡ ପ୍ରଦାନ କରାଯାଇଥିଲା। ଇକୋକ୍ଲବ ସଂଯୋଜକ ପ୍ରହ୍ଲାଦ ନାଏକ ସଭା ସଞ୍ଚାଳନ କରିଥିବା ବେଳେ ଅଧ୍ୟାପିକା ମନ୍ଦାକିନୀ ଶତପଥୀ ସ୍ୱାଗତ ଭାଷଣ ଏବଂ କଲେଜ ଅଧ୍ୟକ୍ଷ ଏସ୍.କେ. ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ଜଙ୍ଗଲ ସଂରକ୍ଷଣ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ କାମ କରୁଥିବା ଅବସରପ୍ରାପ୍ତ କୁଳପତି ତଥା ଅନରାରି ୱାଇଲ୍ଡ ଲାଇଫ୍ ୱାର୍ଡେନ୍ ପ୍ର. ଧ୍ରୁବରାଜ ନାଏକଙ୍କୁ ବନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି।




ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି।

# ବେଲପାହାଡ଼ରେ ପ୍ରସ୍ତୁତି ଜୋରଦାର

ବେଲପାହାଡ଼, ୬।୧୦ (ଡି.ଏନ୍.ଏ.)

ଆସୁଛି ଶାରଦୀୟ ଦୁର୍ଗା ପୂଜା। ଏଥିପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରସ୍ଥିତ ୩ ଦୁର୍ଗା ମଣ୍ଡପରେ ଜୋରଦାର ପ୍ରସ୍ତୁତି ଚାଲିଛି। ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ନିୟୋଜିତ ଶିଳ୍ପୀମାନେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି। କାରିଗରମାନେ ଦିନରାତି ଆକର୍ଷଣୀୟ ମଣ୍ଡପ ଓ ତୋରଣ ନିର୍ମାଣରେ ବ୍ୟସ୍ତ ଅଛନ୍ତି। ଏବେ ବାଉଁଶ ବନ୍ଧେଇ କାର୍ଯ୍ୟ ଚାଲିଛି। ଏହାପରେ ଦର୍ଶକଙ୍କୁ ଆକର୍ଷିତ କଲା ଭଳି ବିଭିନ୍ନ କାରୁକାର୍ଯ୍ୟ ସାମଗ୍ରୀ ବ୍ୟବହାର କରାଯାଇ ଭିନ୍ନ ଭିନ୍ନ ଆକୃତିର ତୋରଣ ନିର୍ମାଣ କରାଯିବ। ପୂର୍ବବର୍ଷ ଭଳି ଚଳିତବର୍ଷ ବେଲପାହାଡ଼ ଷ୍ଟେଶନ, ଫାଟକ, ଜୁବୁଲି ହଲ୍ ଓ ଗୁମାଡେରା ବଜାରରେ ପାଞ୍ଚ ଦିବସୀୟ ଦୁର୍ଗା ପୂଜା ଆୟୋଜିତ ହେବ।

ଆସନ୍ତା ୧୫ ତାରିଖରୁ ପୂଜା ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହେବ। ୧୫ ତାରିଖ ମହାଷଷ୍ଠୀ ତିଥିରେ ବିଲ୍ୱାଧିବାସ ପରେ ୧୭ ତାରିଖ ମହାଷ୍ଟମୀ ପୂଜା ଦିନ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପାରମ୍ପରିକ ଓଷା ଭାଇ ଜିଉଁତିଆ ପୂଜା ଅନୁଷ୍ଠିତ ହେବ। ଚଳିତବର୍ଷ ଜୁବୁଲି ହଲ୍ ପରିସରରେ ହେବାକୁ ଥିବା ଟାଟା ରିଫ୍ରାକ୍ଟୋରିଜ କର୍ମଚାରୀ ପୂଜା କମିଟିରେ ମାନସ ରଞ୍ଜନ ପାଢ଼ୀ, ଗୁମାଡେରା ବଜାର ପୂଜା କମିଟିରେ ବ୍ରଜକିଶୋର ସିଂହଦେଓ, ବେଲପାହାଡ଼ ଫାଟକ ପୂଜା କମିଟିରେ ପ୍ରଚଣ୍ଡ ଜୟସ୍ୱାଲ ଓ ଷ୍ଟେଶନ ପୂଜା କମିଟିରେ ଅନୀଲ ଅଗ୍ରୱାଲ ସଭାପତି ରହିଛନ୍ତି। ଟିଆର୍‌ଏଲ, ଷ୍ଟେଶନ ଓ ଫାଟକ ପୂଜା କମିଟି ପକ୍ଷରୁ ଏଥର ପୂଜା ସମୟରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ରାଜ୍ୟର ତିନୋଟି ନାମିଦାମି ଅପେରା ଆୟୋଜନ କରାଯାଇଛି। ଏଥିପାଇଁ କମିଟିଗୁଡ଼ିକ ପକ୍ଷରୁ ଟିକେଟ ବିକ୍ରି କରାଯାଇ ଅର୍ଥ ଆଦାୟ କରାଯିବ। ଏଥିଯୋଗୁ ଏବେଠୁ ସହରର ବିଭିନ୍ନ ଛକଗୁଡ଼ିକରେ ପ୍ରସିଦ୍ଧ କଳାକାରମାନଙ୍କ ପଟୋଥିବା ବଡ଼ ବଡ଼ ହୋର୍ଡିଂ ଲାଗିସାରିଲାଣି। ସାର୍ବଜନୀନ ମଣ୍ଡପଗୁଡ଼ିକରେ ଆଉ ୮ ଦିନ ପରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହେବାକୁ ଥିବାବେଳେ ଆସନ୍ତା ମଙ୍ଗଳବାରଠାରୁ ବାଟମଙ୍ଗଳା ମନ୍ଦିର ଓ ନବଦୁର୍ଗା ମନ୍ଦିରରେ ମା'ଙ୍କ ପୂଜା ଆରମ୍ଭ ହେବ। ଏଥିପାଇଁ ମନ୍ଦିର ସାଜସଜା ଓ ପୂଜା ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି।

## ଆସୁଛି ଶାରଦୀୟ ଦୁର୍ଗା ପୂଜା

